# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୬/୨୦୨୨ (୧୬ ପୃଷ୍ଠା) Bhubaneswar, Monday, September 26/2022 Page 16 ₹ 7.00 ★★★★★★

୪୮ଶ ଭାଗ ୩୦୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 302




## କୁଲଦୀପ ଯାଦବଙ୍କ ହ୍ୟାଟ୍ରିକ୍

ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ କୁଲଦୀପ ଯାଦବ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

୧୪

୧୨

## ପିଲାଙ୍କୁ ନେଇ ଯତ୍ନବାନ୍

ବଲିଉଡ୍ ନାୟିକା ସନୀ ଲେଓନ ଅନେକ ଥର ଟ୍ରୋଲ୍ ହେବା ଯୋଗୁ ଘରେ ସୋସିଆଲ ମିଡିଆ ବ୍ୟବହାର କରୁ ନ ଥିବା କହିଛନ୍ତି।






**ସ୍ୱାଧୀନତା ପାଇଁ ସଂଗ୍ରାମ:** ଦୁର୍ଗାପୂଜା ପୂର୍ବରୁ ସ୍ୱାଧୀନତା ସଂଗ୍ରାମର ୭୫ ବର୍ଷ ପୂର୍ତ୍ତି ଥିମ୍‌କୁ ନେଇ କୋଲକାତାର ଏକ ମଣ୍ଡପକୁ ସଜ୍ଜିତ କରାଯାଇଛି।

# ହାତୀ ଆକ୍ରମଣ:ଓଡ଼ିଶାରେ ସର୍ବାଧିକ ଜୀବନହାନି

■ଗତ ୩ ବର୍ଷରେ ୩୨୨ଜଣଙ୍କ ମୃତ୍ୟୁ ଘଟିଛି
■ବିଭିନ୍ନ କାରଣରୁ ୨୪୫ ହାତୀଙ୍କ ଜୀବନ ଯାଇଛି

ନୂଆଦିଲ୍ଲୀ, ୨୫।୯

ଓଡ଼ିଶାରେ ହାତୀ-ମଣିଷ ଲଢ଼େଇ ଶେଷ ହେବା ଭଳି ମନେ ହେଉନାହିଁ। ଏଥିଯୋଗୁ ବ୍ୟାପକ ଧନଜୀବନ ଓ ଫସଲ ହାନି ଘଟୁଛି। ରାଜ୍ୟରେ ଗତ ୩ ବର୍ଷ ଅର୍ଥାତ୍ ୨୦୧୯-୨୦ରୁ ୨୦୨୧-୨୨ ଯାଏ ହାତୀ ଆକ୍ରମଣରେ ୩୨୨ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ଦେଶରେ ସର୍ବାଧିକ। ଏହି ସମୟ ମଧ୍ୟରେ ଦେଶରେ ହାତୀ ଆକ୍ରମଣରେ ୧୫୭୮ଜଣଙ୍କ ପ୍ରାଣହାନି ଘଟିଛି। କେବଳ ମଣିଷ ନୁହେଁ, ବିଭିନ୍ନ କାରଣରୁ ହାତୀମୃତ୍ୟୁ ମଧ୍ୟ ଚିନ୍ତାଜନକ ରହିଛି। ପ୍ରାଣୀପ୍ରେମୀମାନଙ୍କ କହିବାନୁଯାୟୀ, ଓଡ଼ିଶାରେ ଘଞ୍ଚ ଜଙ୍ଗଲ ଉଜୁଡୁଥିବା ଯୋଗୁ ବନ୍ୟପ୍ରାଣୀଙ୍କ ବାସସ୍ଥାନ, ଖାଦ୍ୟ ଓ ପାନୀୟ ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ତାହାର କୁପରିମାଣ ସ୍ୱରୂପ ମଣିଷଙ୍କୁ ବହୁମୂଲ୍ୟ ଦେବାକୁ ପଡୁଛି। ବନ୍ୟପ୍ରାଣୀ ମଧ୍ୟ ନିଶ୍ଚିହ୍ନ ହେବାକୁ ଲାଗିଲେଣି। ପାର୍ଲାମେଣ୍ଟର ଗତ ଅଧିବେଶନରେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ସୂଚନା ଅନୁଯାୟୀ ହାତୀ ଆକ୍ରମଣରେ ଓଡ଼ିଶାରେ ୨୦୧୯-୨୦ରେ ୧୧୭ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୨୦୨୦-୨୧ ଏବଂ ୨୦୨୧-୨୨ରେ ଯଥାକ୍ରମେ ୯୩ ଏବଂ ୧୧୨ଜଣ ଲୋକ ପ୍ରାଣ ହରାଇଛନ୍ତି। ତେବେ ଏହି ୩ ବର୍ଷ ମଧ୍ୟରେ ଓଡ଼ିଶାରେ ୨୪୫ ହାତୀଙ୍କ ଜୀବନ ଯାଇଛି। ସେଥିମଧ୍ୟରେ ୨୦୧୯-୨୦ରେ ୮୨, ୨୦୨୦-୨୧ରେ ୭୭ ଏବଂ ୨୦୨୧-୨୨ରେ ୮୬ଟି ହାତୀଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଡିଭିଜନରେ ସର୍ବାଧିକ ୩୫, କେନ୍ଦୁଝର ଡିଭିଜନରେ ୨୧, ଅନୁଗୋଳ ଡିଭିଜନରେ ୧୨,



ଦେବଗଡ଼ ଓ ଆଠମଲିକ ଡିଭିଜନରେ ୧୧ ଲେଖାଏ ଏବଂ ବାଲେଶ୍ୱର, କଳାହାଣ୍ଡି(ଦକ୍ଷିଣ) ଓ ଖୋର୍ଦ୍ଧା ଡିଭିଜନରେ ୧୦ ଲେଖାଏ ହାତୀମୃତ୍ୟୁ ଘଟିଛି। ଶିକାର, ବିଦ୍ୟୁତ୍ ଆଘାତ, ଟ୍ରେନ୍ ଧକ୍କା ଏବଂ ସଡ଼କ ଦୁର୍ଘଟଣା ଆଦି କାରଣରୁ ଏହି ବୃହଦାକାୟ ଜୀବ ପ୍ରତି-ବିପଦ ଘନଉଛି। ଗତ ଦଶନ୍ଧି (୨୦୧୨-୧୩ରୁ ୨୦୨୧-୨୨)ରେ ରାଜ୍ୟରେ ମୋଟ ୭୮୪ ହାତୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ତଥ୍ୟ କହୁଛି। ☞ପୃଷ୍ଠା-୪

## କଟକରେ ଆଜି ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ୍ ମଣିପାଲ ଟାଇଗର୍ସ ବନାମ ଭିଲ୍‌ୱାରା କିଙ୍ଗ୍ସ

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୧୬)









# ଗେହଲଟ୍ ଗୋଷ୍ଠୀର ୯୨ ବିଧାୟକଙ୍କ ଇସ୍ତଫା

■ରାଜସ୍ଥାନ କଂଗ୍ରେସରେ କ୍ଷମତା ଲଢ଼େଇ
■ପାଇଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଇ ନ ଦେବା ପାଇଁ ଚାପ

ଜୟପୁର/ନୂଆଦିଲ୍ଲୀ,୨୫।୯

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଶିବିରରେ ରବିବାର ରାତିରେ ହାଇଡ୍ରାମା ଦେଖିବାକୁ ମିଳିଛି। ଗେହଲଟ୍ ମୁଖ୍ୟମନ୍ତ୍ରୀ ପଦରେ ଥାଇ କଂଗ୍ରେସ ଅଧ୍ୟକ୍ଷ ହୁଅନ୍ତୁ ବୋଲି ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ଗେହଲଟ୍ ଗୋଷ୍ଠୀର ୯୨ ବିଧାୟକ କଂଗ୍ରେସ ହାଇକମାଣ୍ଡଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ସମୂହ ଇସ୍ତଫା ଦେଇଛନ୍ତି। ସେମାନେ ବିଧାନସଭା ବାଚସ୍ପତି ସି.ପି. ଜୋଷୀଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଫଳରେ ୨୦୦ ଆସନ ବିଶିଷ୍ଟ ରାଜ୍ୟ ବିଧାନଭାରେ ବିଧାୟକଙ୍କ ସଂଖ୍ୟା ୧୦୮କୁ ଖସିଛି। ଏଥିସହ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ମଧ୍ୟ ୫୫କୁ ହ୍ରାସ ପାଇଛି। ଗୃହରେ ଭାଜପା ବିଧାୟକଙ୍କ ସଂଖ୍ୟା ହେଉଛି ୭୦। କଂଗ୍ରେସ ବିଧାୟକମାନେ ସରକାର ଭାଙ୍ଗିବାକୁ ଏପରି ଉଦ୍ୟମ କରିଛନ୍ତି କି ବୋଲି ପ୍ରଶ୍ନ କରାଯିବାରୁ ଜଣେ ଏମ୍‌ଏଲ୍‌ଏ କହିଛନ୍ତି, ଆମେ ଗେହଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଦେଖିବାକୁ ଚାହୁଁ। କେନ୍ଦ୍ରୀୟ ନେତୃତ୍ୱ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ସର୍ତ୍ତରେ ତାଙ୍କୁ ରିହାତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ରାଜ୍ୟରେ ରାଜନୈତିକ ସଙ୍କଟ ସୃଷ୍ଟି କରିଛି।



ଅଶୋକ ଗେହଲଟ୍

ଅକ୍ଟୋବାର ୧୭ରେ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ। ବିରୋଧୀ ଦଳର ସର୍ବୋଚ୍ଚ ପଦ ଅଳଙ୍କୃତ କରିବା ଦୌଡ଼ରେ ମଧ୍ୟ ସେ ଆଗୁଆ ଅଛନ୍ତି। କିନ୍ତୁ ଦଳର ମଙ୍ଗ ଧରିବା ପାଇଁ ନାମାଙ୍କନପତ୍ର ଦାଖଲ ପୂର୍ବରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିବ। ଗେହଲଟ୍ ଚୌକି ଛାଡ଼ିବା ପରେ ତାଙ୍କ ସ୍ଥାନରେ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ପୂର୍ବତନ ସଭାପତି ତଥା ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍‌ଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରାଯିବା ନେଇ ଆଲୋଚନା ଚାଲିଥିବାବେଳେ ତାଙ୍କ ନାମ ଘୋଷଣା ପୂର୍ବରୁ ରବିବାର ଉଭୟ ଜୟପୁର ଓ ଦିଲ୍ଲୀରେ ମାରାଥନ ବୈଠକ ବସିଛି। ମାତ୍ର ଦୁଇଟି ରାଜ୍ୟରେ ସୀମିତ ରହିଯାଇଥିବା ସର୍ବପୁରାତନ ଦଳ ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ସୁଦୃଢ଼ କରି ନୂଆ ଅଧ୍ୟକ୍ଷ ବାଛିବାକୁ ଯାଉଥିବାବେଳେ ଉତ୍ତର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନ୍ୟାୟ୍ୟ ଆଶା କ୍ଷୀଣ

# ଆଜି ପୃଥିବୀର ନିକଟତର ହେବ ବୃହସ୍ପତି

■୬ ଦଶନ୍ଧି ପରେ ପ୍ରଥମ ବିରଳ ଦୃଶ୍ୟ

ୱାଶିଂଟନ୍, ୨୫।୯

ସୌରମଣ୍ଡଳର ବୃହତ୍ତମ ଗ୍ରହ ବୃହସ୍ପତି ପ୍ରାୟ ୬ ଦଶନ୍ଧି ପରେ ସୋମବାର ପୃଥିବୀର ସବୁଠୁ ନିକଟତର ହେବାକୁ ଯାଉଛି। ୧୯୬୩ ପରେ ଏହି ବିଶାଳକାୟ ଗ୍ରହକୁ ଜ୍ୟୋତିର୍ବିଜ୍ଞାନୀମାନେ ରାତିସାରା ପାଖରୁ ଦେଖିପାରିବେ ବୋଲି ଆମେରିକୀୟ ମହାକାଶ ସଂସ୍ଥା ନାସା ପକ୍ଷରୁ କୁହାଯାଇଛି। ଏହି ସମୟରେ ବୃହସ୍ପତି ସୂର୍ଯ୍ୟଙ୍କ ଠିକ୍ ବିପରୀତ ଦିଗରେ ରହିବ। ବୃହସ୍ପତି ଏଭଳି ଦିଗ ବଦଳାଇବା ସ୍ଥିତିକୁ ବୈଜ୍ଞାନିକ ଭାଷାରେ 'ଅପୋଜିଶନ' କୁହାଯାଏ। ଅପୋଜିଶନ ଯୋଗୁ ବୃହସ୍ପତି ପୃଥିବୀ ପୃଷ୍ଠରୁ ପ୍ରତୀୟମାନ ହେବ। ସାଧାରଣ ବାଇନାକୁଲାରରେ ମଧ୍ୟ ଏହି ଦୃଶ୍ୟକୁ ଦେଖିହେବ। ବୃହସ୍ପତି ପାଇଁ ଅପୋଜିଶନ ଏକ ସାଧାରଣ ପ୍ରକ୍ରିୟା। ପ୍ରତି ୧୩ ମାସରେ ଏହି ଗ୍ରହ ସୂର୍ଯ୍ୟଙ୍କ ବିପରୀତ ଦିଗକୁ ଆସିଥାଏ। ଅପୋଜିଶନ ସ୍ଥିତିରେ



ଥିବାବେଳେ ବୃହସ୍ପତି ଅନ୍ୟ ଦିନଗୁଡ଼ିକ ତୁଳନାରେ ଅଧିକ ବଡ଼ ଏବଂ ଉଜ୍ଜ୍ୱଳ ଦେଖାଯାଏ। ହେଲେ ୧୯୯୩ ମସିହା ପରଠାରୁ ପ୍ରଥମ ଥର ପାଇଁ ବୃହସ୍ପତି ପୃଥିବୀର ସବୁଠୁ ନିକଟତର ହେବାକୁ ଯାଉଛି। ପୃଥିବୀରୁ ଏହି ଗ୍ରହର ଦୂରତା ୬୦୦ ନିୟୁତ ମାଇଲ୍ ବା ପ୍ରାୟ ୯୬,୫୬,୦୬, ୪୦୦ କିଲୋମିଟର। ତେବେ ସୋମବାର ତାହା ପ୍ରାୟ ୩୬୭ ନିୟୁତ ମାଇଲ ବା ୫୯,୦୬,୨୯,୨୪୮ କିଲୋମିଟର ଦୂରତାକୁ ହ୍ରାସ ପାଇବ। ୧୯୬୩ରେ ମଧ୍ୟ ବୃହସ୍ପତି ପ୍ରାୟ ସମାନ ଦୂରତାରୁ ପ୍ରତୀୟମାନ ହୋଇଥିଲା। ଟେଲିସ୍କୋପ୍‌ରେ ☞ପୃଷ୍ଠା-୪

# ସିରିଜ ଜିତିଲା ଭାରତ

## ଅଷ୍ଟ୍ରେଲିଆ ୬ ଉଇକେଟରେ ପରାସ୍ତ

ହାଇଦ୍ରାବାଦ, ୨୫।୯

ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ସିରିଜ ବିଜୟୀ ହୋଇଛି ଭାରତ। ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବଙ୍କ ଦୃଢ଼ ବ୍ୟାଟିଂ ଏବଂ ଶତକୀୟ ଭାଗୀଦାରି ବଳରେ ଭାରତ ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୨-୧ରେ ଜିତିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୧୮୭ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୯.୫ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ସୂର୍ଯ୍ୟକୁମାର ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଅକ୍ଷର ପଟେଲ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଟି୨୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହାଥିଲା ୪ର୍ଥ ସର୍ବାଧିକ ରନ ଚେଜ୍। ପୂର୍ବରୁ ୨୦୧୩ରେ ୨୦୨, ୨୦୧୬ରେ ୧୯୮ ଏବଂ ୨୦୧୬ରେ ୧୯୮ ରନକୁ ସଫଳତାର ଚେଜ୍ କରିଥିଲା ଟିମ୍ ଇଣ୍ଡିଆ। ୨୦୨୧ଠାରୁ ଏପର୍ଯ୍ୟନ୍ତ ଭରତ ମୋଟ ୧୪ଟି ଟି୨୦ ମ୍ୟାଚରେ ରନଚେଜ୍ କରିବା କ୍ଷେତ୍ରରେ ୧୩ଟିରେ ବିଜୟୀ ହୋଇଛି ଏବଂ ମାତ୍ର ଗୋଟିଏରେ ହାରିଛି।




**ଛାତ୍ରଙ୍କ ଦ୍ୱାରା ବହି ବସ୍ତା ବୁହାଇ ୨ପ୍ରଧାନ ଶିକ୍ଷକ ନିଲମ୍ବିତ**

ବିହାର ସମଷ୍ଟିପୁର ଜିଲାର ସ୍କୁଲ ଛାତ୍ରଙ୍କ ମୁଣ୍ଡରେ ବହି ବସ୍ତା ବୁହାଇବା ଯୋଗୁ ଦୁଇଟି ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ହନୁମାନନଗର ମିଡିଲ୍ ସ୍କୁଲ ହେଡ୍‌ମାଷ୍ଟର ଇନ୍‌ଚାର୍ଜ ସୁଚିତ୍ରା ରେଖା ରାୟ ଓ ନାରାୟଣପୁର ପ୍ରଧାନ ଶିକ୍ଷକ ସୁରେଶ ପାଶୱାନ। ସରକାରୀ କାର୍ଯ୍ୟାଳୟରୁ ବହି ବସ୍ତା ମୁଣ୍ଡେଇ ସ୍କୁଲକୁ ଆଣିବା ଲାଗି ପ୍ରଧାନ ଶିକ୍ଷକ ଛାତ୍ରଙ୍କୁ ବାଧ କରୁଥିବା ଖବର ପ୍ରକାଶ ପାଇଛି। ଘଟଣାର ଭିଡିଓ ଇଣ୍ଟରନେଟ୍‌ରେ ବହୁଳ ପ୍ରସାର ହେବା ପରେ ଉଚ୍ଚାଧିକାରୀ ଦୁଇଟିଯାକ ସ୍କୁଲର ହେଡ୍‌ମାଷ୍ଟରଙ୍କୁ ନିଲମ୍ବନ କରିଛନ୍ତି।

## ସଂକ୍ଷେପରେ

### ହସ୍ପିଟାଲରେ ନିଆଁ ଲାଗି ଡାକ୍ତର, ୨ ପିଲାଙ୍କ ମୃତ୍ୟୁ

**ତିରୁପତି,୨୫।୯:** ଆନ୍ଧ୍ରପ୍ରଦେଶର ତିରୁପତି ନିକଟ ରେନିଗୁଣ୍ଟାଠାରେ ରବିବାର ଏକ ଘରୋଇ ହସ୍ପିଟାଲ୍‌ରେ ନିଆଁ ଲାଗି ଜଣେ ୪୫ ବର୍ଷୀୟ ଡାକ୍ତର ଓ ତାଙ୍କର ଦୁଇ ପିଲାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଡାକ୍ତର ରବିଶଙ୍କର ରେଡ୍ଡୀ, ତାଙ୍କ ଝିଅ କାର୍ତ୍ତିକ(୮) ଏବଂ ପୁଅ ଭାରତ(୧୨)। ଅଗ୍ନିଶମ କର୍ମଚାରୀମାନେ ଡାକ୍ତରଙ୍କ ସ୍ତ୍ରୀ ଡ. ଅନନ୍ତ ଲକ୍ଷ୍ମୀ ଏବଂ ମା' ରମା ସୁବାମ୍ମାଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଅନ୍ୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତର ରେଡ୍ଡୀ ତାଙ୍କ ବାସଭବନକୁ ଘରୋଇ ହସ୍ପିଟାଲ ଭାବେ ବ୍ୟବହାର କରୁଥିଲେ। ତଳ ମହଲାରେ ହସ୍ପିଟାଲ ଚାଲିଥିବାବେଳେ ପ୍ରଥମ ଓ ଦ୍ୱିତୀୟ ମହଲାରେ ଡାକ୍ତରଙ୍କ ପରିବାର ରହୁଥିଲେ।

### ୟୁପିରେ ପ୍ରବଳ ବର୍ଷା: ୩୬ ମୃତ

**ନୂଆଦିଲ୍ଲୀ,୨୫।୯:** ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ଓ ବଜ୍ରପାତରେ ୩୬ ଜଣଙ୍କ ମୃତ୍ୟୁ ଘଟିଛି। କାନ୍ଥ ଭୁଶୁଡ଼ି ୨୪ ଜଣଙ୍କ ଜୀବନ ଯାଇଥିବାବେଳେ ବଜ୍ରପାତରେ ୧୨ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟରେ ୫ ଦିନ ମଧ୍ୟରେ ବଜ୍ରାଘାତରେ ୩୯ ଜଣଙ୍କ ମୃତ୍ୟୁ ଘଟିଲାଣି। ଘଡ଼ଘଡ଼ି ବର୍ଷାବେଳେ କିପରି ସୁରକ୍ଷିତ ରହିବେ, ସେଥିପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପୀକରଣ ଯୋଗୁ ଅଧିକ ବଜ୍ରପାତ ହେଉଥିବା ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟର ମହାନିର୍ଦ୍ଦେଶକ ସୁନିତା ନାରାୟଣ କହିଛନ୍ତି।

### ଆଟର୍ନି ଜେନେରାଲ ପଦକୁ ଫେରିବେନି ରୋହତଗୀ

**ନୂଆଦିଲ୍ଲୀ, ୨୫।୯:** ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଆଟର୍ନି ଜେନେରାଲ ପଦକୁ ଫେରିବା ନେଇ କେନ୍ଦ୍ରର ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି। ବର୍ତ୍ତମାନର ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କ କାର୍ଯ୍ୟକାଳ ଆସନ୍ତା ୩୦ରେ ଶେଷ ହେବ।



୯୧ ବର୍ଷୀୟ ବେଣୁଗୋପାଳଙ୍କ କାର୍ଯ୍ୟକାଳ ପୂର୍ବରୁ ଅନେକ ଥର ବଢ଼ାଯାଇଥିବାବେଳେ ନିଯୁକ୍ତି ଅବଧି ବୃଦ୍ଧି ନ କରିବାକୁ ସେ କେନ୍ଦ୍ରକୁ କହିଥିଲେ। ଏଥିଯୋଗୁ ପୂର୍ବତନ ଆଟର୍ନି ଜେନେରାଲ (୨୦୧୪-୧୭) ରୋହତଗୀଙ୍କୁ ପୁଣିଥରେ ଏହି ପଦ ସମ୍ଭାଳିବା ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଥିଲେ।

### ମହିଳାଙ୍କୁ ଗଣବଳାତ୍କାର

**ହାଇଦ୍ରାବାଦ,୨୫।୯:** ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲା ଅନ୍ତର୍ଗତ ଜାହିରାବାଦ ସହରରେ ଜଣେ ବିବାହିତା ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସିକନ୍ଦରାବାଦର ୨୪ ବର୍ଷୀୟା ମହିଳାଙ୍କୁ ଶୁକ୍ରବାର ରାତିରେ ଜାହିରାବାଦ ସହର ନିକଟ ଡିଡ୍‌ଗି ଗ୍ରାମରେ କେତେଜଣ ଅଜଣା ବ୍ୟକ୍ତି ବଳାତ୍କାର କରିବା ପରେ ଅଟୋରିକ୍ସାରେ ଆଣି ରାସ୍ତାକଡ଼ରେ ପକାଇଦେଇ ଚାଲିଯାଇଥିଲେ। ଶନିବାର ସକାଳେ ସ୍ଥାନୀୟ ଲୋକେ ପୀଡ଼ିତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପାଇ ପୋଲିସକୁ ଜଣାଇବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବୟାନ ରେକର୍ଡ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ରିସର୍ଟ ଭାଙ୍ଗି ପ୍ରମାଣ ନଷ୍ଟ



ଅଙ୍କିତା ହତ୍ୟା ମାମଲା

**ରଷିକେଶ, ୨୫।୯**

ଉତ୍ତରାଖଣ୍ଡର ପୌଡ଼ି ଜିଲା ରଷିକେଶ ନିକଟରେ ୧୯ ବର୍ଷୀୟା ରିସେପ୍‌ସନିଷ୍ଟ ଅଙ୍କିତା ଭଣ୍ଡାରୀଙ୍କ ହତ୍ୟା ଗୁମର ଫିଟିବା ପରେ ଅନେକ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ ଆର୍ଯ୍ୟ ନିଜ ରିସର୍ଟରେ ଦେହବେପାର ଚଳାଇଥିଲେ। ସେ ଏହି ଅନୈତିକ କାର୍ଯ୍ୟରେ ଅଙ୍କିତାଙ୍କୁ ସାମିଲ ହେବା ପାଇଁ ବାଧ କରିଥିଲେ। ଅଙ୍କିତା ପ୍ରତିବାଦ କରିବାରୁ ପୁଲକିତ ନିଜ ସହଯୋଗୀମାନଙ୍କ ସହ ମିଶି ତାଙ୍କୁ ଏକ ବ୍ୟାରେଜକୁ ଠେଲି ହତ୍ୟା କରିଥିଲେ। ହତ୍ୟାର ୬ ଦିନ ପରେ ଶନିବାର ମୃତଦେହ ଚିଲ୍ଲା ବ୍ୟାରେଜରୁ ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ଅଙ୍କିତାଙ୍କ ମା'ବାପାଙ୍କୁ ହସ୍ତାନ୍ତର କରିବାବେଳେ ସେମାନେ ଶେଷକୃତ୍ୟ ସମ୍ପନ୍ନ କରିବାକୁ ମନା କରିଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏବଂ ପୋଲିସ ମହାନିର୍ଦ୍ଦେଶକ ଅଶୋକ କୁମାରଙ୍କ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ରବିବାର ଅଙ୍କିତାଙ୍କ ଅନ୍ତିମ ସତ୍କାର କରାଯାଇଛି।

ଇତିମଧ୍ୟରେ ପୋଲିସ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ ଅଙ୍କିତାଙ୍କ ପରିବାର ପକ୍ଷରୁ ସାଙ୍ଘାତିକ ଅଭିଯୋଗ ଅଣାଯାଇଛି। ଯେଉଁ 'ବନାନ୍ତର' ରିସର୍ଟରେ ଝିଅକୁ ହତ୍ୟା କରାଯାଇଥିଲା, ସେଠାରେ ଅନେକ ପ୍ରମାଣ ମହଜୁଦ ଥିଲା। ସେହି ପ୍ରମାଣ ଆଧାରରେ ଅଭିଯୁକ୍ତ ପୁଲକିତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିଥାଆନ୍ତା। କିନ୍ତୁ ପ୍ରଭାବଶାଳୀ ରାଜନେତା ବିନୋଦଙ୍କ ଇଙ୍ଗିତରେ ରିସର୍ଟକୁ ଜାଳି, ଭାଙ୍ଗି ସବୁ ପ୍ରମାଣ ନଷ୍ଟ କରିଦିଆଯାଇଛି ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି।

ଦେବଭୂମି ନାମରେ ପରିଚିତ ଉତ୍ତରାଖଣ୍ଡରେ ଅନ୍ୟ ରାଜ୍ୟଗୁଡ଼ିକ ଭଳି ବର୍ବର, ନୃଶଂସ କାଣ୍ଡ ଘଟିବା ଆଶା କରାଯାଇ ନ ଥାଏ। ତେବେ ଶାସକ ଦଳର ଜଣେ ନେତାଙ୍କ ପୁଅ ଭିଆଇଥିବା ହତ୍ୟାକାଣ୍ଡ ଏହି ଧାରଣାକୁ ଭୁଲ ପ୍ରମାଣିତ କରିଛି। ଏହି ବହୁଚର୍ଚ୍ଚିତ ମାମଲାର ତଦନ୍ତ ଭାର ହାତକୁ ନେଇଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ପ୍ରମାଣ ସଂଗ୍ରହରେ ଲାଗିଥିବାବେଳେ ରିସର୍ଟ ଭଙ୍ଗାଯିବା ଘଟଣା ଯାଞ୍ଚକୁ ଦୁର୍ବଳ କରିପାରେ ବୋଲି କୁହାଯାଉଛି। ଏସ୍‌ଆଇଟି ନିକଟରେ ଏବେ ବଳିଷ୍ଠ ପ୍ରମାଣ ହାତେଇବା ପାଇଁ ରହିଛି କେବଳ ହ୍ୱାଟ୍‌ସଆପ୍ ଚାଟ୍। ଅଙ୍କିତା ମୃତ୍ୟୁ ପୂର୍ବରୁ ନିଜ ସାଙ୍ଗମାନଙ୍କୁ ପଠାଇଥିବା ହ୍ୱାଟ୍‌ସଆପ୍ ମେସେଜରେ ଲେଖିଥିଲେ, ରିସର୍ଟର ଅତିଥିମାନଙ୍କୁ 'ସ୍ପେଶାଲ ସର୍ଭିସ୍' ଦେଇ ଆପ୍ୟାୟିତ କରିବା ପାଇଁ ପୁଲକିତ ତାଙ୍କୁ ବାଧ କରିଥିଲେ। ଏସ୍‌ଆଇଟିର ନେତୃତ୍ୱ ନେଉଥିବା ଡିଆଇଜି ପି.ଆର୍. ଦେବୀ କହିଛନ୍ତି, ରିସର୍ଟର ସମସ୍ତ କର୍ମଚାରୀଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଛି। ସମସ୍ତଙ୍କ ବୟାନ ରେକର୍ଡ କରାଯିବ। ଅଙ୍କିତାଙ୍କ ହ୍ୱାଟ୍‌ସଆପ୍ ମେସେଜରୁ ଅଧିକ ତଥ୍ୟ ମିଳିବା ନେଇ ସେ ଆଶାବାଦୀ।

### ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ହେଉ: ପ୍ରିୟଙ୍କା

ଅଙ୍କିତାଙ୍କ ହତ୍ୟାକାରୀମାନଙ୍କୁ ଆଇନର କାଠଗଡ଼ାକୁ ଟାଣି ତ୍ୱରିତ ଦଣ୍ଡବିଧାନ ସକାଶେ ଫାଷ୍ଟଟ୍ରାକ୍ କୋର୍ଟରେ ସେମାନଙ୍କ ବିଚାର କରାଯାଉ ବୋଲି ରବିବାର କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦାବି କରିଛନ୍ତି। ଉତ୍ତରାଖଣ୍ଡ ପ୍ରଶାସନ ଲୋକ ଦେଖାଣିଆ କାମ କରୁଛି। ପ୍ରମାଣ ନଷ୍ଟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଇତିମଧ୍ୟରେ ସୋସିଆଲ ମିଡିଆରେ ହାଶ୍‌ଟ୍ୟାଗ୍ ଜଷ୍ଟିସ୍ ଫର୍ ଅଙ୍କିତା ଟ୍ରେଣ୍ଡ କରୁଛି। ଅଙ୍କିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରବିବାର ନୂଆଦିଲ୍ଲୀରେ ଏଏପିର ମହିଳା କର୍ମୀମାନେ ବିକ୍ଷୋଭ କରିଛନ୍ତି। ସେହିପରି ଉତ୍ତରାଖଣ୍ଡର ଶ୍ରୀନଗର ଅଞ୍ଚଳରେ ମଧ୍ୟ ବିକ୍ଷୋଭ ବେଳେ ରାସ୍ତାରୋକୋ କରାଯାଇଛି।

## ୟୁଏନ୍‌ଏସ୍‌ସିରେ ଭାରତର ସ୍ଥାୟୀ ସଦସ୍ୟତାକୁ ରୁଷିଆର ସମର୍ଥନ

**ଜାତିସଂଘ,୨୫।୯**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ଏବଂ ବ୍ରାଜିଲ୍‌ର ପ୍ରାର୍ଥିତ୍ୱକୁ ରୁଷିଆ ସମର୍ଥନ ଜଣାଇଛି। ଅନ୍ତର୍ଜାତୀୟ ସ୍ତରରେ ଉଭୟ ଦେଶର ପ୍ରଭାବ ରହିଥିବା ମସ୍କୋ କହିଛି। ଜାତିସଂଘ ସାଧାରଣ ସଭାର ୭୭ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ଶନିବାର ୟୁଏନ୍‌ଏସ୍‌ସିରେ ଭାରତର ସ୍ଥାୟୀ ସଦସ୍ୟତାକୁ ସମର୍ଥନ ଜଣାଇଥିଲେ। ସୁରକ୍ଷା ପରିଷଦ ଅଧିକ କୂଟନୈତିକ ହେବା ଆବଶ୍ୟକ। ଏଥିରେ ଆଫ୍ରିକା, ଏସିଆ ଏବଂ ଦକ୍ଷିଣ ଆମେରିକା ଦେଶଗୁଡ଼ିକରୁ ପ୍ରତିନିଧିତ୍ୱ ରହିବା ଆବଶ୍ୟକ ବୋଲି ଲାଭରୋଭ୍ କହିଥିଲେ।

## ବାଂଲାଦେଶରେ ବୋଟ୍ ବୁଡ଼ି ୨୪ ମୃତ

**ଢାକା,୨୫।୯:** ବାଂଲାଦେଶର ପଞ୍ଚଗଡ଼ ଜିଲାରେ ରବିବାର ଏକ ବୋଟ ଦୁର୍ଘଟଣାରେ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ନିଖୋଜ ହୋଇଯାଇଛନ୍ତି। ବୋଟ୍‌ରେ ୭୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଥିଲେ। ସେମାନେ ଏକ ମନ୍ଦିର ଦର୍ଶନରେ ଯାଉଥିବାବେଳେ କରାଟୋୟା ନଦୀ ମଝିରେ ବୋଟ୍‌ଟି ହଠାତ୍ ଓଲଟି ପଡ଼ି ବୁଡ଼ିଯାଇଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ସୋନିଆଙ୍କୁ ଭେଟିଲେ ଲାଲୁ-ନୀତୀଶ

### ୨୦୨୪ ପାଇଁ ପ୍ରସ୍ତୁତି

**ନୂଆଦିଲ୍ଲୀ, ୨୫।୯:** ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବ ରବିବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ବିରୋଧୀଙ୍କ ଏକ ପ୍ରୟାସ ରୂପେ ଏହାକୁ ଦେଖାଯାଉଛି।

କେତେକ ରାଜ୍ୟରୁ କଂଗ୍ରେସ ଓ ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟରେ ରହିଥିବା ମତଭେଦ ଦୂର କରିବା ପାଇଁ ବିରୋଧୀ ଏକତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ସୋନିଆଙ୍କ ୧୦ ଜନପଥ ବାସଭବନରେ ନୀତୀଶ ଓ ଲାଲୁ ତାଙ୍କ ସହ ଆଲୋଚନା କରିଛନ୍ତି। ପ୍ରାୟ ୬ ବର୍ଷ ପରେ ୩ ଦଳ ମଧ୍ୟରେ ଏହା ହେଉଛି ପ୍ରଥମ ବୈଠକ। ଲାଲୁ କହିଛନ୍ତି, କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଶେଷ ପରେ ଭାଜପାକୁ ହରାଇବା ପାଇଁ ସବୁ ବିରୋଧୀ ଦଳ ଏକାଠି ହେବୁ। ଦେଶକୁ ଆଗେଇ ନେବା ପାଇଁ ବିରୋଧୀ ହାତ ମିଳାଇବା ଜରୁରୀ ବୋଲି ନୀତୀଶ କହିଛନ୍ତି।



## ୧୫ କୋଟି ଠକିଥିବା ୨ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କର୍ମଚାରୀ ଗିରଫ

**ନୂଆଦିଲ୍ଲୀ,୨୫।୯(ପି.ଟି.)**

ବିଭିନ୍ନ ରାଜ୍ୟକୁ କୋଭିଡ୍ ଟିକା ପରିବହନ କାମ ଠିକା ଦେବା ନାଁରେ ଲୋକଙ୍କଠାରୁ ୧୫ କୋଟି ଟଙ୍କା ଠକିବା ଅଭିଯୋଗରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୨ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଭିଯୁକ୍ତ ହରମେନ୍ ସଭେରୱାଲ(୪୩), ଗୋବିନ୍ଦ ତୁଲ୍‌ସିଆନ୍(୫୨), ଦିପ୍ରାନ୍ ତିୱାରୀ(୩୨), ତ୍ରିଲୋକ ସିଂ(୫୩) ଏବଂ ମୃତ୍ୟୁଞ୍ଜୟ ରାୟ(୪୪)ଙ୍କୁ ଗିରଫ କରିଛି। ସିଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ମଲ୍ଟି ଟାସ୍କିଂ ଷ୍ଟାଫ୍ ଭାବେ ସ୍ଥାୟୀ ନିଯୁକ୍ତି ପାଇଥିବାବେଳେ ତିୱାରୀ ଠିକା ନିଯୁକ୍ତି ପାଇଥିଲେ। ଏସ୍‌ଏସ୍‌ବିରୁ ଡେପୁଟେଶନରେ ଆସିଥିବା ରାୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିସେପ୍ସନ ଅଫିସର ଭାବେ ନିର୍ମାଣ ଭବନରେ କାର୍ଯ୍ୟ କରୁଥିଲେ।

## ଭଗତ ସିଂଙ୍କ ନାମରେ ହେବ ଚଣ୍ଡିଗଡ଼ ବିମାନବନ୍ଦର

### ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା

**ନୂଆଦିଲ୍ଲୀ,୨୫।୯ (ପି.ଟି.)**

ସେପ୍ଟେମ୍ବର ୨୮ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂଙ୍କ ଜନ୍ମବାର୍ଷିକୀ ହୋଇଥିବାରୁ ଅମୃତ ମହୋତ୍ସବରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଚଣ୍ଡିଗଡ଼ ବିମାନବନ୍ଦର ଭଗତ ସିଂଙ୍କ ନାମରେ ନାମିତ କରାଇବା ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଘୋଷଣା କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏହାକୁ ସ୍ୱାଗତ କରିଛନ୍ତି। ପଞ୍ଜାବର ଦୀର୍ଘଦିନର ଦାବି ପୂରଣ ହେଲା ବୋଲି ମାନ୍ କହିଛନ୍ତି। ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ଚଣ୍ଡିଗଡ଼ ବିମାନବନ୍ଦର



ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜଳବାୟୁ ପରିବର୍ତ୍ତନ ସାମୁଦ୍ରିକ ପରିବେଶ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ବେଳାଭୂମିରେ ଆବର୍ଜନା ଓ ବର୍ଜ୍ୟବସ୍ତୁ ଫିଙ୍ଗାଯାଉଥିବାରୁ ପ୍ରଧାନମନ୍ତ୍ରୀ ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଦୀର୍ଘବର୍ଷ ପରେ ଭାରତକୁ ଚିତାବାଘ ଫେରିଥିବାରୁ ଏହା ୧୩୦ କୋଟି ଦେଶବାସୀଙ୍କୁ ଗର୍ବିତ କରିଛି। ଏକ ଟାସ୍କଫୋର୍ସ ସେମାନଙ୍କର ତଦାରଖ କରୁଛନ୍ତି। ଲୋକମାନଙ୍କୁ ଚିତା ଦେଖିବା ଲାଗି କେବେ ଅନୁମତି ମିଳିବ ତାହା ଟାସ୍କଫୋର୍ସ ରିପୋର୍ଟ ଆଧାରରେ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଚିତାଗୁଡ଼ିକର ନାମକରଣ ଲାଗି ମାଇଁଗଭ୍ ପ୍ଲାଟ୍‌ଫର୍ମରେ ଏକ ପ୍ରତିଯୋଗିତାର ଆୟୋଜନ କରାଯିବ,ଯେଉଁଥିରେ ଜନସାଧାରଣ ସାମିଲ ହୋଇ ସେମାନେ ଚିନ୍ତା କରୁଥିବା ନାମ ପ୍ରସ୍ତାବ ରଖିପାରିବେ। ଏହି ଅବସରରେ ମୋଦି ଭାଜପାର ଆଦର୍ଶ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୬ ଅଫିସରଙ୍କ ବିରୋଧରେ ହତ୍ୟା ମାମଲା

### ବାୟୁସେନା କ୍ୟାଡେଟ୍ ମୃତ୍ୟୁ ଘଟଣା

**ବେଙ୍ଗାଲୁରୁ,୨୫।୯**

ବାୟୁସେନା ପାଇଁ ପ୍ରଶିକ୍ଷଣ ନେଉଥିବା ଜଣେ ୨୭ ବର୍ଷୀୟ କ୍ୟାଡେଟ୍‌ଙ୍କ ମୃତଦେହ ଶନିବାର ଜଲାହଲ୍ଲିସ୍ଥିତ ଏୟାରଫୋର୍ସ ଟେକ୍‌ନିକାଲ କଲେଜ କ୍ୟାମ୍ପସ୍‌ରୁ ମିଳିଥିଲା। ଏହି ଘଟଣାରେ ବାୟୁସେନାର ୬ ଜଣ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଘଟଣାର କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଥିବାବେଳେ ପ୍ରଶିକ୍ଷାର୍ଥୀ କ୍ୟାଡେଟ୍ ଅଙ୍କିତ କୁମାର ଝା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏୟାର



ଅଙ୍କିତ କୁମାର ଝା

କମୋଡର, ୱିଙ୍ଗ୍ କମାଣ୍ଡର ଏବଂ ଗ୍ରୁପ୍ କ୍ୟାପ୍‌ଟେନ୍ ଆଦି ର୍‍ୟାଙ୍କ୍‌ର ଅଫିସରମାନେ ତାଙ୍କୁ କ୍ରମାଗତ ଭାବେ ହଇରାଣ କରିବା ସହ ନିର୍ଯାତନା ଦେଉଥିଲେ ବୋଲି ଅଙ୍କିତ୍ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି। ଅଙ୍କିତଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ତାଙ୍କୁ ଡ୍ୟୁଟିରୁ ବାହାର କରିଦିଆଯାଇଥିଲା ବୋଲି ତଦନ୍ତକାରୀ ଅଫିସର କହିଛନ୍ତି। ଅଙ୍କିତଙ୍କ ଭାଇ ଅଭିଯୁକ୍ତମାନଙ୍କ ବିରୋଧରେ ଏତଲା ଦାଏର କରିଥିଲେ।

## ମେଲୋନି ହୋଇପାରନ୍ତି ଇଟାଲୀ ପ୍ରଧାନମନ୍ତ୍ରୀ

**ରୋମ, ୨୫।୯:** ନୂଆ ପ୍ରଧାନମନ୍ତ୍ରୀ ପାଇଁ ୟୁରୋପୀୟ ଦେଶ ଇଟାଲୀରେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ଦକ୍ଷିଣପନ୍ଥୀ ନେତ୍ରୀ ତଥା ବ୍ରଦର୍ସ ଅଫ୍ ଇଟାଲୀ(ଏଫ୍‌ଡିଆଇ) ପାର୍ଟିର ଜିଓର୍ଜିଆ ମେଲୋନିଙ୍କ ବିଜୟ ହୋଇପାରେ ବୋଲି ବୁଥ୍‌ଫେରନ୍ତା ମତପ୍ରକାଶ ପାଇଛି। ତେବେ ଜଣେ ଦକ୍ଷିଣପନ୍ଥୀଙ୍କୁ ଇଟାଲୀବାସୀ ନିଜ ନେତା ବାଛିବେ କି ନା ତାହା ଉପରେ ସମଗ୍ର ୟୁରୋପର ନଜର ରହିଛି। ଯଦି ମେଲୋନି ଜିତନ୍ତି ତେବେ ସେ ଇଟାଲୀର ପ୍ରଥମ ପ୍ରଧାନମନ୍ତ୍ରୀ ହେବେ। ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଟାଲୀରେ କୌଣସି ଦକ୍ଷିଣପନ୍ଥୀ ସରକାର ଗଠନ ହେବାକୁ ଯାଉଛି। ମେଲୋନି ଜଣେ ସାମାଜିକକର୍ମୀରୁ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୨ରେ ଗଠନ ହୋଇଥିବା ଏଫ୍‌ଡିଆଇର ସହପ୍ରତିଷ୍ଠାତା ମେଲୋନି ପରେ ଦଳର ଅଧ୍ୟକ୍ଷା ହୋଇଥିଲେ। ୨୦୧୮ରେ ତାଙ୍କ ଦଳକୁ ମୋଟ ଭୋଟ୍‌ର ମାତ୍ର ୪% ମିଳିଥିଲା। ଜଣେ କଠୋର ଦକ୍ଷିଣପନ୍ଥୀ ନେତା ଭାବେ ଲୋକେ ତାଙ୍କୁ ଜାଣନ୍ତି। ସେ ସମଲିଙ୍ଗୀ ସମ୍ପର୍କର ଘୋର ବିରୋଧୀ ଏବଂ ଅଧିକାଂଶ ସମୟରେ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ବିରୋଧରେ ମତ ରଖିଥାନ୍ତି।



## ମହସାଙ୍କ ସମର୍ଥନରେ ମଡେଲ

**ତେହରାନ, ୨୫।୯**

ଇରାନରେ ମହସା ଆମିନିଙ୍କୁ ନ୍ୟାୟ ଦାବି ଏବଂ ହିଜାବ ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଥିବାବେଳେ ବିକ୍ଷୋଭକୁ ସମର୍ଥନ ଜଣାଇଛନ୍ତି ଇରାନୀୟ ସୁପରମଡେଲ ମହଲ୍‌ଗା ଜାବେରୀ। ହିଜାବ ନ ପିନ୍ଧିବାରୁ ଇରାନର ଧର୍ମୀୟ ବ୍ୟାପାର ପୋଲିସ ୨୨ ବର୍ଷୀୟା ଆମିନିଙ୍କୁ ଗିରଫ କରିବା ଏବଂ ବର୍ବରତାରେ ତାଙ୍କ ମୃତ୍ୟୁ ଘଟିବା ଲଜ୍ଜାଜନକ ବୋଲି ଜାବେରୀ କହିଛନ୍ତି। ସେମାନେ ଅନ୍ୟକୁ ଦେଉଥିବା ସ୍ୱାଦ ନିଜେ ଚାଖନ୍ତୁ ବୋଲି ବିକ୍ଷୋଭକାରୀଙ୍କୁ ସମର୍ଥନ କରି ଜାବେରୀ ଲେଖିଛନ୍ତି। ସୋସିଆଲ ମିଡିଆରେ ଏହି ମଡେଲ ଜଣକ ଖୋଲାଖୋଲି ନିଜ ମତ ରଖିବା ପରେ ସମସ୍ତଙ୍କ ପାଇଁ ସେ ଜଣେ ସୁପରଷ୍ଟାର ପାଲଟିଯାଇଛନ୍ତି। ଇସ୍‌ଲାମୀୟ ରାଷ୍ଟ୍ର ଇରାନ ପୋଲିସ ବିରୋଧରେ ଜାବେରୀ ସାହସିକତାର ସହ ମହିଳାଙ୍କ ଅଧିକାର କ୍ଷୁଣ୍ଣ ହେବା ଭଳି କାର୍ଯ୍ୟକଳାପକୁ ନିନ୍ଦା କରିବାକୁ ଅନେକ ପ୍ରଶଂସା କରିଛନ୍ତି। ଫେମିନିଜମ୍ ବା ନାରୀବାଦ ଏବଂ ମାନାବାଧିକାରର ସବୁଠୁ ବଡ଼ ଲଢ଼େଇ ଇରାନରେ ଚାଲିଛି। ଯଦି ତୁମେ ପୃଥିବୀରେ ଅଛ କିନ୍ତୁ ଏସବୁ ଦେଖି ନୀରବ ବସିଛ ତେବେ ମହିଳା ଅଧିକାର ବାବଦରେ କିଛି କହିବା ଅଧିକାର ନାହିଁ ବୋଲି ଜାବେରୀ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି।

> ଆମିନିଙ୍କୁ ଗିରଫ ପରେ ହତ୍ୟା କରିବା ଲଜ୍ଜାଜନକ। ଇରାନ ପୋଲିସ ଅନ୍ୟକୁ ଦେଉଥିବା ସ୍ୱାଦ ନିଜେ ଚାଖୁ।
> **-ଇରାନୀୟ ସୁପରମଡେଲ ମହଲ୍‌ଗା ଜାବେରୀ**



## ୯୧ ପିଅନ ନିଯୁକ୍ତି ପାଇଁ ୨.୨୫ ଲକ୍ଷ ଆବେଦନ

### ଆଶାର୍ଥୀଙ୍କ ମଧ୍ୟରେ ଅନେକ ଇଞ୍ଜିନିୟର, ସ୍ନାତକୋତ୍ତର

**ରାୟପୁର,୨୫।୯**

ଛତିଶଗଡ଼ରେ ପିଅନ ନିଯୁକ୍ତି ପାଇଁ ରବିବାର ୬୫୭ ସେଣ୍ଟରରେ କରାଯାଇଥିବା ଲିଖିତ ପରୀକ୍ଷାରେ ଆଶାର୍ଥୀଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ୯୧ ପିଅନ ପଦ ପାଇଁ ୨.୨୫ ଲକ୍ଷ ପିଲା ଆବେଦନ କରିଥିବା ଜଣାପଡ଼ିଛି। ପଦ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଅଷ୍ଟମ ପାସ୍, ସାଇକେଲ ଚଳାଇପାରୁଥିବା ଏବଂ ଲେଖାପଠା ଜାଣିଥିବା ବ୍ୟକ୍ତିବିଶେଷ ହିଁ ଏହି ପଦ ପାଇଁ ଆବେଦନ କରିପାରିବେ। କିନ୍ତୁ ଏହି ପଦ ପାଇଁ ଅନେକ ଇଞ୍ଜିନିୟର, ସ୍ନାତକୋତ୍ତର ଏବଂ ଉଚ୍ଚଶିକ୍ଷିତ ଯୁବପିଢ଼ି



ଆବେଦନ କରିଛନ୍ତି। ମନୋଜ କୁମାର ପଟେଲ ନାମକ ଜଣେ ବିଏସ୍‌ସି ପାସ୍ କରିଥିବା ଯୁବକ ଭବିଷ୍ୟତରେ ଜଣେ ଉପଜିଲାପାଳ ହେବାର ସ୍ୱପ୍ନ ଦେଖିଥିଲେ। କିନ୍ତୁ ରାଜ୍ୟରେ ବେକାରି ସମସ୍ୟା ବଢ଼ିବା ଯୋଗୁ ସେ ଏବେ ପିଅନ ପଦ ପାଇଁ ଆବେଦନ କରିଛନ୍ତି। ଅଗଷ୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଡାଟା ଅନୁସାରେ ଦେଶରେ ମୋଟ ବେକାରି ହାର ୮.୩% ରହିଥିବାବେଳେ ଛତିଶଗଡରେ ୦.୪% ଯୁବପିଢ଼ି ବେକାର ଅଛନ୍ତି। ରାଜ୍ୟରେ ବଢ଼ିଥିବା ବେକାରି ସମସ୍ୟା ନେଇ ବିରୋଧୀ ଭାଜପା ଶାସକ କଂଗ୍ରେସ ଦଳକୁ ସମାଲୋଚନା କରିଛି। ସରକାର ମିଛ ପ୍ରଘଟ କରିବା ଛଡ଼ା ଆଉ କିଛି କରୁ ନ ଥିବା ଭାଜପା ନେତା ଅଜୟ ଚନ୍ଦ୍ରକାର କହିଛନ୍ତି। ଭାଜପାକୁ ପାଲଟା ଜବାବ୍ ଦେଇ ବରିଷ୍ଠ ମନ୍ତ୍ରୀ ଅମରଜିତ ଭଗତ କହିଛନ୍ତି, ରାଜ୍ୟରେ ୨ କୋଟି ଯୁବପିଢ଼ିଙ୍କୁ ଚାକିରି ଯୋଗାଇ ଦେବା ଲାଗି ନିର୍ବାଚନ ବେଳେ ଭାଜପା ଯେଉଁ ପ୍ରତିଶ୍ରୁତି ଦେଇଥିଲା ସେଥିରେ ସେ ଫେଲ୍ ମାରିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୦୧,୬୮,୪୦୭ | ୬୫,୪୦,୨୧୭ | ୬୦,୦୨,୧୦,୫୮୧ |
| ଭାରତ | ୪,୪୫,୬୮,୧୧୪ | ୫,୨୮,୫୧୦ | ୪,୩୯,୯୫,୬୧୦ |
| ଓଡ଼ିଶା | ୧୩,୩୩,୧୬୮ | ୯୧୯୦(+୫୩) | ୧୩,୨୨,୬୪୯ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ପରୀକ୍ଷା ପାଇଁ ଖାତା ନିଅଣ୍ଟ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜଗୁଡ଼ିକରେ ସୋମବାରଠାରୁ ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। କିନ୍ତୁ ଏବେ କଲେଜଗୁଡ଼ିକରେ ଉତ୍ତର ଖାତାର ଅଭାବ ଦେଖାଯାଇଛି। ତେଣୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝୀ ଏନେଇ ସବୁ ଡିଗ୍ରୀ କଲେଜ ଅଧ୍ୟକ୍ଷମାନଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ଏହି ପରୀକ୍ଷା ପରିଚାଳନା ପାଇଁ କିଛି କଲେଜରେ ଉତ୍ତର ଖାତା ଅଭାବ ଥିବା ଆମ ନଜରକୁ ଆସିଛି। ଯେଉଁସବୁ କଲେଜରେ ଉତ୍ତର ଖାତା ନାହିଁ, ସେମାନେ ନିକଟସ୍ଥ କଲେଜଗୁଡ଼ିକୁ ଯୋଗଯୋଗ କରି ଉତ୍ତର ଖାତା ଆଣନ୍ତୁ। ନିଜ ଭିତରେ ସମସ୍ତେ ସହଯୋଗ କରି ପରୀକ୍ଷା ପରିଚାଳନା କରିବାକୁ ଅଧ୍ୟକ୍ଷମାନଙ୍କୁ ପରୀକ୍ଷା ନିୟନ୍ତ୍ରକ ଅନୁରୋଧ କରିଛନ୍ତି। ତେବେ ଆସନ୍ତା ୨୮ ତାରିଖ ଅର୍ଥାତ୍ ବୁଧବାର ପରଠାରୁ କଲେଜଗୁଡ଼ିକରେ ଉତ୍ତର ଖାତା ପହଞ୍ଚିବ। ଯଦି କୌଣସି କଲେଜ ଉତ୍ତର ଖାତା ବ୍ୟବସ୍ଥା କରି ନ ପାରନ୍ତି, ତେବେ ତୁରନ୍ତ ହ୍ୱାଟ୍ସଆପ୍ ମାଧ୍ୟମରେ ଜଣାଇବାକୁ ମଧ୍ୟ କୁହାଯାଇଛି। ସେପଟେ ବିଶ୍ୱବିଦ୍ୟାଳୟର ଉତ୍ତର ଖାତା ସଙ୍କଟ ନେଇ ଏଭଳି ଚିଠି ପାଇଁ ଶିକ୍ଷାବିତ୍‌ମାନେ ନିନ୍ଦା କରିଛନ୍ତି। ଶିକ୍ଷାବିତଙ୍କ କହିବାନୁସାରେ, ଛାତ୍ରୀଛାତ୍ର ପରୀକ୍ଷା ଫି’ ଦେଉଛନ୍ତି, ଯେଉଁଥିରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପ୍ରସ୍ତୁତ କରାଯାଏ। ତେଣୁ ଉତ୍ତର ଖାତା ନିଅଣ୍ଟ ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ।

# ଗଛ ଉପରେ ଚଢ଼ି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ନ୍ୟାୟ ପାଇଁ ୨୩ ବର୍ଷ ସଂଘର୍ଷ**

■ନବୀନ ନିବାସ ନିକଟରୁ ଉଦ୍ଧାର କଲା ପୋଲିସ

ଭୁବନେଶ୍ୱର,୨୫।୯ (ବ୍ୟୁରୋ)


ଆତ୍ମହତ୍ୟା ଉଦ୍ୟମ କରୁଥିବା ମହିଳାଙ୍କୁ ପୋଲିସ ଗଛରୁ ଓହ୍ଲାଉଛି।

ବର୍ଷେ କି ୨ବର୍ଷ ନୁହେଁ, ଦୀର୍ଘ ୨୩ବର୍ଷ ଧରି ନ୍ୟାୟ ପାଇଁ ପୋଲିସଠାରୁ ଆରମ୍ଭ କରି ଗୃହ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦୌଡ଼ିଲେ। ହେଲେ କେଉଁଠୁ ନ୍ୟାୟ ନ ମିଳିବାରୁ ଶେଷରେ ନିରାଶ ହୋଇ ଜଣେ ମହିଳା ରବିବାର ନବୀନ ନିବାସ ନିକଟ ଏକ ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଭଦ୍ରକ ଜିଲା ହରିପୁର ଗ୍ରାମର ମନୋରମା ବାରିକ। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କମିଶନରେଟ୍ ପୋଲିସ ଓ ଅଗ୍ନିଶମ ବାହିନୀ ନାକେଦମ୍ ହେବା ପରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ତେବେ ମନୋରମା ତାଙ୍କ ସଂଘର୍ଷର କାହାଣୀ ଗଣମାଧ୍ୟମ ଆଗରେ ବର୍ଣ୍ଣନା କରିବା ସହ ଭଦ୍ରକ ଓ କମିଶନରେଟ୍ ପୋଲିସ୍ ଉପରେ ବର୍ଷିଛନ୍ତି। ବଳାତ୍କାର ଉଦ୍ୟମ ବେଳେ ତାଙ୍କୁ ରକ୍ଷା କରିବାକୁ ଯାଇଥିବା ତାଙ୍କ ଭାଇଙ୍କୁ କିପରି ହତ୍ୟା କରାଗଲା, ପୋଲିସ ନ୍ୟାୟ ବଦଳରେ କିପରି ତାଙ୍କ ନାଁରେ ମିଛ ମାମଲା ଲଗାଇ ହଇରାଣ କରିଛି, ସେସମ୍ପର୍କରେ ମନୋରମା ଅଭିଯୋଗ ଆଣିଛନ୍ତି। ମନୋରମାଙ୍କ କହିବାନୁଯାୟୀ, ନବମ ଶ୍ରେଣୀରେ ପଢୁଥିବାବେଳେ ଗାଁର କେତେଜଣ ଲୋକ ତାଙ୍କୁ ବଳାତ୍କାର ଉଦ୍ୟମ କରୁଥିଲେ। ଏହି ସମୟରେ ତାଙ୍କ ଭାଇ ସେମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏହି ସମୟରେ ସେମାନେ ତାଙ୍କ ଆଖିଆଗରେ ଭାଇଙ୍କୁ ହତ୍ୟା କରିଥିଲେ। ଏକମାତ୍ର ସାକ୍ଷୀ ଭାବେ ମନୋରମା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ଫଳରେ ଅଭିଯୁକ୍ତମାନେ ତାଙ୍କୁ ଓ ପରିବାର ଲୋକଙ୍କୁ ବିଭିନ୍ନ ସମୟରେ ହଇରାଣ କଲେ। ପରେ ମନୋରମାଙ୍କ ବିବାହ ହୋଇଯାଇଥିଲା। ହେଲେ ଭାଇ ହତ୍ୟାକାରୀଙ୍କୁ ଜେଲ ପଠାଇବାକୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ବିଚାର ଚାଲିଥିବା ବେଳେ ପୋଲିସ ସହାୟତାରେ ହତ୍ୟାକାରୀମାନେ ମିଛ ମାମଲାରେ ଫସାଇ ଦେଇଥିଲେ। ପୋଲିସ ତାଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଥିଲା। ଏହାପରେ ସେ ଦୋଷମୁକ୍ତ ହୋଇ ଶ୍ୱଶୁର ଘରକୁ ଫେରିବାକୁ ଚାହିଁଥିଲେ। ହେଲେ ତାଙ୍କୁ ଶ୍ୱଶୁର ଘର ଲୋକ ଗ୍ରହଣ କରି ନ ଥିଲେ। ଏପରିକି ଗାଁକୁ ଫେରିବା ପରେ ଅଭିଯୁକ୍ତଙ୍କ ପ୍ରରୋଚନାରେ ଗାଁ ଦାଣ୍ଡରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ତାଙ୍କୁ ବାନ୍ଧି ମୁହଁରେ ଚୂନକାଳି ବୋଳି ଦିଆଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଅଭିଯୋଗ କରିଥିଲେ। କିଛି ଫଳ ନ ମିଳିବାରୁ ନ୍ୟାୟ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଗୁହାରି କରିବାକୁ ନବୀନ ନିବାସ ଆସିଥିଲେ। ହେଲେ ପୋଲିସ ତାଙ୍କୁ ଛାଡ଼ି ନ ଥିଲା। ସବୁଆଡୁ ନିରାଶ ହେବା ପରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ମନୋରମା କହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏୟାରପୋର୍ଟ ଥାନା ପୋଲିସ ମନୋରମାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଏହି ଘଟଣାରେ ମନୋରମାଙ୍କୁ ନ୍ୟାୟ ଦେବାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ସୁବ୍ରତ ଦାଶ। କମିଶନ ଅଭିଯୋଗକୁ ଗ୍ରହଣ କରି ଡାଏରୀ ନମ୍ବର (୧୬୧୦୦/ଆଇଏନ୍/୨୦୨୨) ରୁଜୁ କରିଛନ୍ତି।

# ଚକଡ଼ା ପୋକ ଦମନ ପାଇଁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ଖରିଫ ଧାନରେ ସାଧାରଣତଃ ସେପ୍ଟେମ୍ବର ଓ ଅକ୍ଟୋବରରେ ଚକଡ଼ା ପୋକ ବା ମାଟିମୁଣ୍ଡିଆ ପୋକ ଦେଖାଯାଏ। ତାପମାତ୍ରା ୨୮-୩୦ ଡିଗ୍ରୀ ସେଲସିୟସ ଓ ମଧ୍ୟମ ଧରଣର ବର୍ଷା ତଥା ଅଧିକ ଆର୍ଦ୍ରତା ରହିଲେ ଏହି ପୋକ ଅଧିକ ଲାଗେ। ଅଧିକ ପବନ ହେଲେ ଗୋଟିଏ ବିଲରୁ ଅନ୍ୟ ବିଲକୁ ଚକଡ଼ା ପୋକ ସହଜରେ ଯାଇପାରେ। ତେଣୁ ଏହି ପୋକ ଦମନ ଓ ପରିଚାଳନା ପାଇଁ କୃଷକଙ୍କ ନିମନ୍ତେ ଓୟୁଏଟି ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏହି କୀଟଗୁଡ଼ିକ ଧାନ ଗଛରୁ ରସ ଶୋଷି ଖାଆନ୍ତି। ସାଧାରଣତଃ ଧାନ କିଆରିରେ ମଧ୍ୟଭାଗରୁ ଏହି ପୋକ ଆକ୍ରମଣ ଆରମ୍ଭ ହୁଏ। ପୋକ ଦ୍ୱାରା ଆକ୍ରାନ୍ତ ଧାନ ଗଛର ପତ୍ରଗୁଡ଼ିକ ହଳଦିଆ ହୋଇଯାଏ। କିଆରିରେ ଚକଡ଼ା ଚକଡ଼ା ହୋଇ ଧାନ ଗଛ ମରିଯାଏ। ତେଣୁ ଏଥିରୁ ବର୍ତ୍ତିବା ପାଇଁ ସୁବିଧା ଥିଲେ କିଆରିରୁ ଜଳ ନିଷ୍କାସନ କରନ୍ତୁ ଓ ଦରକାର ପଡ଼ିଲେ ପୁଣି ପାଣି ଭରି କରନ୍ତୁ। ପ୍ରତି ୬ଫୁଟ ଅନ୍ତରରେ ପାହି କରି ଦିଅନ୍ତୁ। ଏହାଦ୍ୱାରା ବୁଦା ମୂଳକୁ ସୂର୍ଯ୍ୟ ଆଲୋକ ଓ ବାୟୁ ଚଳାଚଳ ସହଜ ହେବା ସହିତ କୀଟନାଶକ ପ୍ରୟୋଗ କରିବାରେ ସୁବିଧା ହେବ। ହସ୍ତ ଚାଳିତ ସ୍ପ୍ରେୟର ବ୍ୟବହାର କରୁଥିଲେ ଏକର ପ୍ରତି ୨ଶହ ଲିଟର କୀଟନାଶ ଦ୍ରବଣ ଓ ଶକ୍ତିଚାଳିତ ସ୍ପ୍ରେୟର ବ୍ୟବହାର କରୁଥିଲେ ୬୦-୭୦ଲିଟର କୀଟନାଶକ ଦ୍ରବଣ ସିଞ୍ଚନ କରନ୍ତୁ। ଗୋଟିଏ କୀଟନାଶକକୁ ବାରମ୍ବାର ବ୍ୟବହାର କରନ୍ତୁ ନାହିଁ। ପୋକ ସଂକ୍ରମଣ ହୋଇଥିଲେ ଯବକ୍ଷାରଜାନଜାତୀୟ ସାର ପ୍ରୟୋଗ ନ କରିବାକୁ ପରାମର୍ଶ ଦିଆଯାଇଛି।

LIC ଭାରତୀୟ ଜୀବନ ବୀମା ନିଗମ
LIFE INSURANCE CORPORATION OF INDIA

**ଭାରତୀୟ ଜୀବନ ବୀମା ନିଗମ**
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
"ଜୀବନ ଦୀପ", ଏକ୍ଜିବିଶନ୍ ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ. ୦୬୧୨-୨୫୦୧୧୧୮/୨୫୦୩୦୧୪
ଏକ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

**ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ**

ଭାରତୀୟ ଜୀବନ ବୀମା ନିଗମ ଇସିଜେଡ୍‌ଓ, ପାଟନା ଅଧୀନରେ ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶା ରାଜ୍ୟ ପାଇଁ (୧) ସିଭିଲ୍ କାର୍ଯ୍ୟ (୨) ବୈଦ୍ୟୁତିକ କାର୍ଯ୍ୟ (ଏଲ୍‌ଟି) (୩) ବୈଦ୍ୟୁତିକ କାର୍ଯ୍ୟ (ଏଚ୍‌ଟି) (୪) ୱାଟର୍ ପ୍ରୁଫିଂ ଟ୍ରିଟ୍‌ମେଣ୍ଟ କାର୍ଯ୍ୟ (୫) ଏୟାର୍ କଣ୍ଡିସନିଂ (୬) ବିଲ୍ଡିଂଗୁଡ଼ିକର ଅଗ୍ନି ସତର୍କତା ଏବଂ ଅଗ୍ନି ନିର୍ବାପକ ପ୍ରଣାଳୀ ନିମନ୍ତେ ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି । ଦୟାକରି ଆମର ୱେବ୍‌ସାଇଟ୍ www.licindia.in (ଟେଣ୍ଡର ପୃଷ୍ଠା) ଏବଂ ସିପିପିପି ପୋର୍ଟାଲ୍ ପରିଦର୍ଶନ କରନ୍ତୁ । ଆଗ୍ରହୀ ଏଜେନ୍ସିଗୁଡ଼ିକ ଆମ ୱେବ୍‌ସାଇଟ୍ ତଥା ସିପିପିପି ପୋର୍ଟାଲରୁ ବିବରଣୀ ଡାଉନ୍‌ଲୋଡ୍ କରିପାରିବେ ଏବଂ କାର୍ଯ୍ୟର ଟ୍ରେଡ୍ ଦର୍ଶାଇ ପୂରଣ କରାଯାଇଥିବା ଦରଖାସ୍ତକୁ ତା୨୦।୧୦।୨୦୨୨ରିଖ ୧୫.୦୦ ଘଟିକା କିମ୍ବା ତାହା ପୂର୍ବ ସୁଦ୍ଧା ଦାଖଲ କରିପାରିବେ ।
ଏଲ୍‌ଆଇସି ସହ ପୂର୍ବରୁ ତାଲିକାଭୁକ୍ତ ଠିକାଦାରମାନଙ୍କୁ ମଧ୍ୟ ନୂଆ କରି ଆବେଦନ କରିବାକୁ ପଡ଼ିବ ।
ତାରିଖ: ୨୬।୦୯।୨୦୨୨ ମୁଖ୍ୟ ଯନ୍ତ୍ରୀ

# ଅସୀତ ପୁଣି ଭୁବନେଶ୍ୱର କ୍ଲବ ସଭାପତି

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଭୁବନେଶ୍ୱର କ୍ଲବ୍ ସଭାପତି ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ୍ ତ୍ରିପାଠୀ ପୁଣିଥରେ କ୍ଲବର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅସୀତ ଏବଂ ପୂର୍ବତନ ଗ୍ରାମ୍ୟ ଉନ୍ନୟନ କମିଶନର ସତ୍ୟପ୍ରକାଶ ନନ୍ଦଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନିର୍ବାଚନରେ ମୋଟ୍ ୧୯୫୦ ସଦସ୍ୟଙ୍କ ମଧ୍ୟରୁ ୧୦୫୪ ସଦସ୍ୟ ମତଦାନ


ଅସୀତ୍ ତ୍ରିପାଠୀ

କରିଥିଲେ। ଅସୀତ ୮୫୮ ଖଣ୍ଡ (୮୧.୫%) ଭୋଟ୍ ପାଇଥିବାବେଳେ ପ୍ରତିପକ୍ଷ ସତ୍ୟପ୍ରକାଶ ନନ୍ଦଙ୍କୁ ୬୬୯ ଖଣ୍ଡ ଭୋଟ୍‌ରେ ହରାଇଛନ୍ତି। ସତ୍ୟପ୍ରକାଶଙ୍କୁ ୧୮୯ ଖଣ୍ଡ ଭୋଟ୍ ମିଳିଛି। ମତଦାନ ଲାଗି କ୍ଲବ୍ ପରିସରରେ ୫ଟି ବୁଥ୍ ହୋଇଥିଲା। ଅସୀତଙ୍କ ଟିମ୍‌ରେ ଉପସଭାପତି ପଦ ଲାଗି ମହେନ୍ଦ୍ର ଗୁପ୍ତା, ସମ୍ପାଦକ ପାଇଁ ଦିଲ୍ଲୀପ ରାଉତରାୟ ଏବଂ ଯୁଗ୍ମ ସଚିବ ପଦ ପାଇଁ ଅଶୋକ କୁମାର ମିଶ୍ର ଏବଂ ସତ୍ୟପ୍ରକାଶ ନନ୍ଦଙ୍କ ଟିମ୍‌ରେ ତାପସ ରାୟ ଉପସଭାପତି, ମାନସ ରଞ୍ଜନ ଦାସ ସମ୍ପାଦକ, ଜ୍ୟୋତିର୍ମୟ ମହାନ୍ତି ଯୁଗ୍ମ ସଚିବ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିରେ ମହେନ୍ଦ୍ର ଗୁପ୍ତା ୬୬୨ ଖଣ୍ଡ ଭୋଟ ପାଇ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ୭୨୩ ଖଣ୍ଡ ଭୋଟ୍ ପାଇ ଦିଲ୍ଲୀପ ରାଉତରାୟ ସମ୍ପାଦକ ହୋଇଥିବା ବେଳେ ଅଶୋକ ମିଶ୍ର ୭୫୯ ଖଣ୍ଡ ଭୋଟ ପାଇ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱର କ୍ଲବ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କ୍ଲବ ପରିସରରେ ବାଜା ଓ ବାଣ ଫୁଟାଇ ଅସୀତଙ୍କ ସମର୍ଥକ ଖୁସି ପାଳନ କରିଛନ୍ତି। ଏହି ଅବସରରେ ଅସୀତ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କିଛିଦିନ ମଧ୍ୟରେ କ୍ଲବରେ ଯେଉଁ କାମ ହୋଇଛି ତାହାକୁ କ୍ଲବ ସଦସ୍ୟମାନେ ସମର୍ଥନ କରିଛନ୍ତି। ଏହି କ୍ଲବକୁ ଏବେ ସାମାଜିକ, ସାଂସ୍କୃତିକ ଏବଂ ଅଭିଜ୍ଞ ପ୍ଲାଟଫର୍ମ କରିବାକୁ ଚେଷ୍ଟା କରିବୁ। ଏନେଇ ଦୂରଦୃଷ୍ଟି ଆମ ସମସ୍ତଙ୍କ ରହିଛି। ସମ୍ପାଦକ ଦିଲ୍ଲୀପ ରାଉତରାୟ କହିଛନ୍ତି, ଭୁବନେଶ୍ୱର କ୍ଲବକୁ ଏପରି ନୂତନ ସୋପାନରେ ନେଇ ପହଞ୍ଚାଇବୁ ଯେପରି ଭାରତ ବର୍ଷରେ ତା’ର ଖ୍ୟାତି ରହିବ। ଭୁବନେଶ୍ୱର କ୍ଲବରେ କ’ଣ ହୁଏ ସେନେଇ ଅନେକ ସମୟରେ ଆମେ ଲୋକଙ୍କୁ ଜଣାଇଥାଉ। ଚେଷ୍ଟା କରିବୁ କ୍ଲବର କାର୍ଯ୍ୟକ୍ରମ ଯେପରି ଆଗାମୀ ଦିନରେ ଆହୁରି ପ୍ରଚାର ପ୍ରସାରିତ ହୋଇପାରିବ। ପ୍ରକାଶ ଯେ, ୨୦୨୧ କ୍ଲବ୍ ନିର୍ବାଚନରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କୁ ହରାଇ ଅସୀତ ସଭାପତି ହୋଇଥିଲେ।

# ମା’ ସମଲେଇଙ୍କ ଧବଳମୁଖୀ ବେଶ

ସମ୍ବଲପୁର,୨୫।୯(ବ୍ୟୁରୋ)

ଇଷ୍ଟଦେବୀ ମା’ ସମଲେଇ ଧବଳମୁଖୀ ବେଶରେ ରବିବାର ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶରେ ମା’ଙ୍କୁ ଦର୍ଶନ କରି ଗଙ୍ଗାଦର୍ଶନର ଲାଭ କରିଛନ୍ତି



ଲକ୍ଷାଧିକ ଶ୍ରଦ୍ଧାଳୁ। ଶନିବାର ରାତି ୧୧ଟାରୁ ଏହି ବେଶ ପାଇଁ ପ୍ରସ୍ତୁତି ହୋଇଥିଲା। ପୂଜକମାନେ ମନ୍ଦିର ଗମ୍ଭିରା ସଫା କରିଥିଲେ। ଗୋପୀ ତିଳକ ଓ ଶଙ୍ଖର ମିଶ୍ରଣରେ ଦେବୀଙ୍କୁ ଧବଳମୁଖୀ ବେଶ କରାଯାଇଥିଲା। ମଧ୍ୟ ରାତ୍ରି ସାଢ଼େ ୨ଟାରେ ବେଶ ଶେଷ ହୋଇଥିଲା। ୩ଟାରେ ପୂଜକମାନେ ମହାନଦୀ ସମଲେଇ ଘାଟରେ ସ୍ନାନ କରିଥିଲେ। ପିତ୍ତଳ ପାତ୍ର (ଗରିଆ)ରେ ପାଣି ଆଣି ଦେବୀଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ସମଲେଇଙ୍କୁ ସମ୍ବଲପୁରୀ ଶ୍ୱେତ ପାଟବସ୍ତ୍ର ପରିଧାନ କରାଇଥିଲେ। ପ୍ରାତଃ ୪ଟାରେ ମହାଆଳତି ହୋଇ ଭୁବନେଶ୍ୱରୀଙ୍କ ବିଜମନ୍ତ୍ରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ମୁଗ ଓ ଗୁଡରେ ପ୍ରସ୍ତୁତ (ମୁଗବରା) ଭୋଗ ଲାଗି ହୋଇଥିଲା। ରବିବାର ସକାଳ ୫ଟାରୁ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ, ରାତି ୮ଟାରେ ଆଳତି ଓ ୯ଟାରେ ଅନ୍ନଭୋଗ ଲାଗିଥିଲା। ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ଏହି ବେଶ ଦର୍ଶନ ନିମନ୍ତେ ଭକ୍ତମାନେ ଧାଡି ବାନ୍ଧି ଛିଡା ହୋଇଥିଲେ। ଦର୍ଶନ ପରେ ଭକ୍ତଙ୍କୁ ଦେବୀଙ୍କ ପ୍ରିୟଭୋଗ ମୁଗବରା ପ୍ରସାଦ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ମହାଳୟା ତିଥିରେ ଦେବୀ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ଆସୁଛନ୍ତି। ଏହି ଧବଳମୁଖୀ ବେଶକୁ ଗଙ୍ଗା ଦର୍ଶନ କୁହାଯାଏ। ଭକ୍ତମାନେ ଦର୍ଶନ କଲେ କାର୍ଯ୍ୟସିଦ୍ଧି ହୋଇଥିବା ଲୋକକଥା ରହିଛି। ସମଲେଶ୍ୱରୀ ଦଶହରା ପୂଜା କମିଟି ମନ୍ଦିରରେ ଆଲୋକ ଓ ଫୁଲସଜ୍ଜା କରିଛନ୍ତି। ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ଟ୍ରଷ୍ଟସଭ୍ୟ ପ୍ରଫୁଲ୍ଲ କୁମାର ହୋତା, ହେମନ୍ତ ମିଶ୍ର, ସନ୍ତୋଷ ପୃଷ୍ଟେଠ, ବୀରେନ୍ଦ୍ର ରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମରାଜ ପାଣିଗ୍ରାହୀଙ୍କ ସମେତ ଦଶହରା ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ରହିଥିଲେ।

Ministry of Finance
Government of India

Azadi Ka Amrit Mahotsav

**ଜିଏସ୍‌ଟି ଟିକସଦାତାଙ୍କ ପାଇଁ ଏକ ପରବର୍ତ୍ତୀ-ପିଢ଼ିର ସୁଧାର**

**ଇ-ଇନ୍‌ଭଏସ୍**

୧ ଅକ୍ଟୋବର, ୨୦୨୨ଠାରୁ ପୂର୍ବବର୍ତ୍ତୀ ଯେକୌଣସି ଆର୍ଥିକବର୍ଷରେ ସର୍ବମୋଟ ₹୧୦ କୋଟିର ବାର୍ଷିକ କାରବାର ରହିଥିବା ଟିକସଦାତାଙ୍କ* ପାଇଁ ସାମଗ୍ରୀ କିମ୍ବା ସେବା କିମ୍ବା ଉଭୟର ବି୨ବି ଯୋଗାଣ ଅଥବା ରପ୍ତାନି ନିମନ୍ତେ ଇ-ଇନ୍‌ଭଏସ୍ ଉତ୍ପନ୍ନ କରିବା ବାଧ୍ୟତାମୂଳକ

ଇନ୍‌ଭଏସ୍ ପଞ୍ଜୀକରଣ ପୋର୍ଟାଲ ମାଧ୍ୟମରେ ଉତ୍ପନ୍ନ କରାଯାଇଥିବା ଇ-ଇନ୍‌ଭଏସ୍‌ରେ ଅଦ୍ୱିତୀୟ ଇନ୍‌ଭଏସ୍ ରେଫରେନ୍ସ ନମ୍ବର ରହିଥାଏ

**ଇ-ଇନ୍‌ଭଏସ୍‌ର ଲାଭ**



ଏକ ସମାନ ରୂପରେଖ
ଜିଏସ୍‌ଟି ପୋର୍ଟାଲକୁ ସ୍ୱଚାଳିତ ରିପୋର୍ଟିଂ
ସ୍ୱଚାଳିତ ଇ-ୱେ ବିଲ୍ ସୃଜନ
କମ୍ ଅନୁପାଳନ ବୋଝ
ହ୍ରାସିତ ପ୍ରତିଲିଖନଗତ ତ୍ରୁଟି
ଇନ୍‌ଭଏସ୍‌ର ବାଧାହୀନ ସଞ୍ଚାରଣ
ସ୍ୱଚାଳିତ ଭାବେ ପୂରଣ ହେଉଥିବା ଜିଏସ୍‌ଟି ରିଟର୍ନ
କମ୍ କାଗଜପତ୍ର କାମ

ଅଧିକ ବିବରଣୀ ପାଇଁ, ଦୟାକରି ଅଧିସୂଚନା ନଂ.୧୩/୨୦୨୦-ସେଣ୍ଟ୍ରାଲ ଟ୍ୟାକ୍ସ ତାରିଖ ୨୧।୦୩।୨୦୨୦ଦେଖନ୍ତୁ, ଯାହା ସମୟ ସମୟରେ ସଂଶୋଧିତ ହୋଇଥାଏ ଏବଂ ଶେଷ ସଂଶୋଧନ ହେଉଛି ଅଧିସୂଚନା ନଂ.୧୭/୨୦୨୨- ସେଣ୍ଟ୍ରାଲ ଟ୍ୟାକ୍ସ ତାରିଖ ୦୧।୦୮।୨୦୨୨

*ଛାଡ଼ପ୍ରାପ୍ତ ଟିକସଦାତାଙ୍କ ବର୍ଗ ସମ୍ବନ୍ଧୀୟ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

cbc 15502/13/0012/2223

Central Board of Indirect Taxes and Customs
@cbic_india @cbicindia www.cbic.gov.in @cbic @cbic_india @CBIC INDIA

**ଆଜିର ମନ୍ତବ୍ୟ**

ସମ୍ବିଧାନ ଓ ଗଣତନ୍ତ୍ରର ରକ୍ଷା ଲାଗି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଜେଡିୟୁ,ଅକାଳୀ ଦଳ ଏବଂ ଶିବସେନା ବାହାରି ଆସିଛନ୍ତି। ଭାଜପା ଦେଶବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ସବୁଠୁ ମିଛୁଆ ଦଳ।

**-ତେଜସ୍ୱୀ ଯାଦବ, ବିହାର ଉପମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସୁଦର୍ଶନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦିଲ୍ଲୀରେ ନାବାଳକଙ୍କୁ ଗଣବଳାତ୍କାର

### ଗୁପ୍ତାଙ୍ଗରେ ରଡ୍ ପୂରାଇଦେଲେ ୪ ଅଭିଯୁକ୍ତ

ନୂଆଦିଲ୍ଲୀ, ୨୫ା୯: ଦିଲ୍ଲୀରେ ଜଣେ ୧୨ ବର୍ଷୀୟ ବାଳକଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ୪ ଅଭିଯୁକ୍ତ ଅତି ନୃଶଂସ ଭାବେ ନାବାଳକଙ୍କ ଗୁପ୍ତାଙ୍ଗରେ ରଡ୍ ପୂରାଇ ତାଙ୍କୁ ମରିବା ପାଇଁ ଛାଡ଼ିଦେଇଯିବା ଘଟଣା ଚାଞ୍ଚଲ୍ୟ ଖେଳାଇଛି। ଏ ନେଇ ଦିଲ୍ଲୀ ମହିଳା କମିଶନ(ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିଓ୍ୱାଲ ରବିବାର ଟୁଇଟ୍ କରିଛନ୍ତି। ଦିଲ୍ଲୀରେ ଏଣିକି ବାଳକମାନେ ବି ସୁରକ୍ଷିତ ନୁହଁନ୍ତି ବୋଲି ସେ ଲେଖିଛନ୍ତି। ଏ ନେଇ ଡିସିଡବ୍ଲ୍ୟୁ ଥାନାରେ ଏତଲା ଦେବାପରେ ମାମଲା ରୁଜୁ ହୋଇଛି। ପୋଲିସ ଜଣଙ୍କୁ ଗିରଫ କରିଥିବାବେଳେ ଆଉ ୩ ଜଣ ଫେରାର ଅଛନ୍ତି। ଘଟଣାଟି ଗତ ୧୮ ତାରିଖର ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିବା ସହ ସଙ୍କଟାପନ୍ନ ଅବସ୍ଥାରେ ରାସ୍ତାରେ ଛାଡ଼ିଦେଇଥିଲେ। ଏବେ ତାଙ୍କ ଅବସ୍ଥା ଗୁରୁତର ରହିଛି।

## ଅଙ୍ଗନୱାଡି ଶିଶୁକୁ ବଳାତ୍କାର, ଅବସରପ୍ରାପ୍ତ ଶିକ୍ଷକ ଗିରଫ

**ଫୁଲବାଣୀ ଅଫିସ, ୨୫ା୯**

ଫୁଲବାଣୀ ସଦର ଥାନା ଅଞ୍ଚଳର ଏକ ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ୪ ବର୍ଷର ଏକ ଶିଶୁକନ୍ୟାକୁ ସେହି ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୁବର୍ଣ୍ଣ ମଲ୍ଲିକ। ଗତ ୨୨ ତାରିଖରେ ଶିଶୁକନ୍ୟାଟି ଘର ପାଖରେ ଖେଳୁଥିଲା। ତାଙ୍କ ମା' ଘର ପଛ ପାଖରେ କାମ କରୁଥିଲେ। ଏହାର ସୁଯୋଗ ନେଇ ସୁବର୍ଣ୍ଣ ଝିଅଟିକୁ ଘରକୁ ଡାକି ବଳାତ୍କାର କରିବା ସମୟରେ ମା' ଦେଖି ପାଟି କରିଥିଲେ। ସୁବର୍ଣ୍ଣ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ଝିଅର ମା' ଥାନାରେ ଅଭିଯୋଗ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ନାଇବ ବଉଳ,**
**ମାଛ ଖାଇବ ଶେଉଳ।**

ବଉଳ ଫୁଲଟି ସାଧାରଣତଃ ବାସଯୁକ୍ତ ସୁନ୍ଦର ଫୁଲ। ଠିକ୍ ସେହିପରି ଶେଉଳ ମାଛ ଖାଇବାକୁ ଖୁବ୍ ରୁଚିକର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଫିରି ଫିରି ବରଷା
ପର ଘରେ ମାଗଣା ରୁଷା
ଏ ସବୁ ତ ଲୋକହସା।

ସାଧାରଣତଃ ରାଗରୁଷା ବା ମାନ ଅଭିମାନ ନିଜ ଲୋକଙ୍କ ଉପରେ କରାଯାଉଥିବା ବେଳେ ପର ଉପରେ ରୁଷିବା ଆଦୌ ଶୋଭା ପାଇନଥାଏ। କାରଣ ପର ଘରେ ରୁଷିଲେ ନିଜ ଗୁମର ପ୍ରକାଶ ପାଇବା ଦ୍ୱାରା ଲୋକହସା ହେବାକୁପଡ଼ିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## ମହିଳା ପୌର କର୍ମଚାରୀଙ୍କୁ ହତ୍ୟା

**ବଲାଙ୍ଗୀର ଅଫିସ,୨୫ା୯**

ବଲାଙ୍ଗୀର ସହର ରାଜୀବନଗର ଅଞ୍ଚଳରେ ଶୁକ୍ରବାର ରାତିରେ ଦୁଇଜଣ ଅଧ୍ୟାପକଙ୍କୁ ମରଣାନ୍ତକ ଆକ୍ରମଣ କରିବାର ୨୪ଘଣ୍ଟା ନ ପୂରଣୁ ରାଜୀବନଗର-ବିଜାଖମନ ରାସ୍ତାରେ ପୌରସଂସ୍ଥାର ଜଣେ ମହିଳା ସଫେଇ କର୍ମଚାରୀଙ୍କୁ ହତ୍ୟା କରାଯାଇଛି। ମୃତା ମହିଳା କର୍ମଚାରୀ ଜଣକ ଅଷ୍ଟମୀ ବକୁଲ (୩୦)। ବିଜାଖମନ ରାସ୍ତାକଡ ବୁଦା ଭିତରେ ରକ୍ତାକ୍ତ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ରବିବାର ସକାଳୁ ଦେଖିବାକୁ ମିଳିଥିଲା। ମୃତଦେହ ପାଖରେ ଏକ ଲେଡି ସାଇକେଲ ପଡିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ଅଷ୍ଟମୀ ପୌରସଂସ୍ଥାର ଆବର୍ଜନା ସଂଗ୍ରହ କରୁଥିବା ଗାଡି ଚଳାଉଥିଲେ। ସଫେଇ ଗାଡିକୁ ଚଳାଇ ମହିଳା ସ୍ୱାବଲମ୍ବନର ବାର୍ତ୍ତା ଦେଉଥିବା ଏହି ମହିଳାଙ୍କୁ ମ୍ୟୁନିସିପାଲିଟି ୱେଷ୍ଟ ମ୍ୟାନେଜମେଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିକଟରେ ହତ୍ୟା କରାଯାଇଛି। ଏହି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ଗାଡି ରଖି ଫେରୁଥିବାବେଳେ ଶନିବାର ସନ୍ଧ୍ୟାରେ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। କିଏ ଓ କେଉଁ କାରଣରୁ ଅଷ୍ଟମୀଙ୍କୁ ମାରିଲା ତାହା ଜଣାପଡିନାହିଁ।

# ପୋର୍ଟାଲ ଖୋଲିଛି, ଇନ୍‌ଭେଷ୍ଟର୍ସ ନାହାନ୍ତି

**ଭୁବନେଶ୍ୱର,୨୫ା୯(ବ୍ୟୁରୋ)**

- ■ଆଜି ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ଅଧିକାରୀ, ଇନ୍‌ଭେଷ୍ଟର୍ସଙ୍କ ବୈଠକ
- ■ସ୍କ୍ରାପିଂ ସେଣ୍ଟର ଲାଗି ସରକାର ଯୋଗାଇ ଦେବେ ୧୦ ଏକର ଜମି
- ■ଗାଡ଼ି ମାଲିକଙ୍କ ଲାଗି ରହିଛି ଟ୍ୟାକ୍ସରେ ଛାଡ଼ ପାଇବା ସୁବିଧା

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ରାଜ୍ୟସ୍ତରୀୟ ରେଜିଷ୍ଟ୍ରେଶନ ଭେଇକିଲ ସ୍କ୍ରାପିଂ ଫାସିଲିଟି(ଆର୍‌ଭିଏସ୍‌ଏଫ୍) ଘୋଷଣା ପାଇଁ କୁହଯାଇଛି। ଏଥିଲାଗି ମନ୍ତ୍ରଣାଳୟ ପକ୍ଷରୁ ଏକ ଗେଜେଟ୍ ନୋଟିଫିକେଶନ ଜାରି କରାଯାଇଛି। ଓଡ଼ିଶାରେ ୨୦ ବର୍ଷରୁ ଅଧିକ ୧୪.୭୪ଲକ୍ଷ ନନ୍ ଟ୍ରାନ୍ସପୋର୍ଟ ଏବଂ ୧୫ ବର୍ଷରୁ ଅଧିକ ୩.୬୩ ଲକ୍ଷ ଟ୍ରାନ୍ସପୋର୍ଟ ଗାଡ଼ି ରହିଛି। ସେଗୁଡିକ ସ୍କ୍ରାପିଂ କରାଯିବ। ଏହାକୁ ସ୍କ୍ରାପିଂ କରିବା ଲାଗି ଇନଭେଷ୍ଟର୍ସଙ୍କୁ ରାଜ୍ୟ ସଡ଼କ ପରିବହନ ବିଭାଗ ଆମନ୍ତ୍ରଣ କରିବା ଲାଗି ସବୁ କାମ ସରିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ନ୍ୟାଶନାଲ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲରେ ପୂର୍ବରୁ ରାଜ୍ୟ ସରକାର ଆକ୍ଟିଭ ଅଛନ୍ତି। ଏହି ପୋର୍ଟାଲ୍‌ରେ ଓଡ଼ିଶା ସମେତ ୯ଟି ରାଜ୍ୟରେ ସ୍କ୍ରାପିଂ ସେଣ୍ଟର ଲାଗି ଆବେଦନ କରିବାକୁ ଇନ୍‌ଭେଷ୍ଟର୍ସମାନଙ୍କ ପାଇଁ ସୁବିଧା ରହିଥିଲେ ସୁଦ୍ଧା ଓଡ଼ିଶା ପାଇଁ ଜଣେ ହେଲେ ବି ଆବେଦନ କରି ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏଭଳିସ୍ଥିତିରେ ଇନ୍‌ଭେଷ୍ଟର୍ସମାନଙ୍କ ସନ୍ଦେହ ଦୂର କରିବା ଲାଗି ସୋମବାର ମନ୍ତ୍ରଣାଳୟ ଅଧିକାରୀ, ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ୭ ଇନଭେଷ୍ଟର୍ସଙ୍କ ମଧ୍ୟରେ ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ ହେବ। ଏଥିରେ ସେମାନଙ୍କ ସନ୍ଦେହ ଦୂର କରିବା ଲାଗି ଚେଷ୍ଟା କରାଯିବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ପରିବହନ ଏବଂ ଶିଳ୍ପ ବିଭାଗ ଏହି କାର୍ଯ୍ୟ ମିଳିତ ଭାବେ କରିବେ। ନନ୍ ଟ୍ରାନ୍ସପୋର୍ଟ ଗାଡ଼ିକୁ ଯେଉଁ ମାଲିକମାନେ ସ୍କ୍ରାପିଂ କରିବେ ସେମାନଙ୍କୁ ଏକ ସାର୍ଟିଫିକେଟ ମିଳିବ। ଏହାସହ ସେମାନଙ୍କୁ ନୂଆ ଗାଡ଼ି କିଣିଲେ ତାଙ୍କ ଫାଷ୍ଟ ଟାଇମ୍ ଟ୍ୟାକ୍ସ ଉପରେ ୨୫ ପ୍ରତିଶତ ଛାଡ଼ ମିଳିବ। ଟ୍ରାନ୍ସପୋର୍ଟ ଗାଡ଼ି ଯେଉଁମାନେ ସ୍କ୍ରାପିଂ କରିବେ ସେମାନଙ୍କୁ ୮ ବର୍ଷ ପର୍ଯ୍ୟନ୍ତ ୧୫ ପ୍ରତିଶତ ଟ୍ୟାକ୍ସ ଛାଡ଼ କରାଯିବ। ଏହାସହ ନୂଆ ଗାଡ଼ି କିଣିବା ସମୟରେ ସେମାନେ ଗାଡ଼ିର ମୂଲ୍ୟ ଉପରେ ୫ ପ୍ରତିଶତ ଛାଡ଼ ପାଇବେ। ଏନେଇ ଅଟୋ ମୋବାଇଲ ଡିଲରମାନଙ୍କ ପାଇଁ ଏକ ଆଡଭାଇଜରି ଜାରି କରାଯିବ। ସ୍କ୍ରାପିଂ ସେଣ୍ଟର ଲାଗି ୧୦ ଏକର ଜମିର ଆବଶ୍ୟକତା ଥିବାବେଳେ ରାଜ୍ୟ ସରକାର ଏହା ଯୋଗାଇଦେବେ। ଇଡ୍‌କୋ ତରଫରୁ ଯେଉଁ ଇନଭେଷ୍ଟର୍ସ ଏଥିପାଇଁ ଆସିବେ ତାଙ୍କୁ ଜମି ୧୦ ଏକର ମିଳିବ। ଏହାସହ ଇନଭେଷ୍ଟର୍ସମାନଙ୍କୁ ଆହୁରି ଅନ୍ୟାନ୍ୟ ସୁବିଧା ମଧ୍ୟ ରାଜ୍ୟ ସରକାର ଯୋଗାଇଦେବେ ବୋଲି ଜଣାପଡ଼ିଛି। ଇଲେକ୍ଟ୍ରିସିଟି ଉପରେ ସେମାନଙ୍କୁ ସବ୍‌ସିଡି ପ୍ରଦାନ କରାଯିବ। ଯେଉଁ ଗାଡିକୁ ସେମାନେ ସ୍କ୍ରାପିଂ କରିବେ ଏବଂ କିଣିବେ ତାହା ଉପରେ ଲାଗୁଥିବା ଏସ୍‌ଜିଏସ୍‌ଟିରୁ କିଛି ପ୍ରତିଶତ ମଧ୍ୟ ଛାଡ଼ କରାଯିବ। ଏହାସହ ଏହି ସ୍କ୍ରାପିଂ ସେଣ୍ଟର ଲାଗି ଯେଉଁ ମେଶିନାରି ସେମାନେ କିଣିବେ କେନ୍ଦ୍ର ସରକାର ତା' ଉପରେ ସବ୍‌ସିଡି ଅର୍ଥ ମଧ୍ୟ ସରକାର ଯୋଗାଇଦେବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଧନ ସ୍ଥାନରେ ମଙ୍ଗଳ ଗ୍ରହ ଅବସ୍ଥାନ କରି ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରି ନେବାରେ ଚେଷ୍ଟା କରିବେ। ଅବଶ୍ୟ ଏଥିପାଇଁ ଧାରକରଜ କରାଇଦେବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଦିନ ମଧ୍ୟରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇ ପାରନ୍ତି।

**ବୃଷ**
ଲାଲ ଗ୍ରହ ମଙ୍ଗଳ ରାଶିରେ ମାନସିକ ସ୍ଥିତିକୁ ଉତ୍ତେଜନାପ୍ରବଣ କରାଇପାରନ୍ତି। କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇ ବ୍ୟସ୍ତତା ଅନୁଭବ କରିବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ**
ନିଚାଭିମୁଖୀ ରବିଙ୍କ କୁପ୍ରଭାବରୁ ପଡ଼ୋଶୀ କିମ୍ବା ଆତ୍ମୀୟଙ୍କ ସହ ସମ୍ପର୍କ ହ୍ରାସ ଘଟିବ। ଜମିଜମା ସମ୍ପର୍କିତ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଆର୍ଥିକ ଅନଟନ ଲାଗିରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ**
ରାଶ୍ୟାଧିପ ଭାଗ୍ୟସ୍ଥାନକୁ ଦୃଷ୍ଟି ଦେଉଥିବାରୁ କୌଣସି ନୂତନ କାମରେ ହାତ ଦେଇପାରନ୍ତି। ବନ୍ଧୁ କିମ୍ବା ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ**
ରବି ବିଳାସକାରକ ଶୁକ୍ରଙ୍କ ସଂଯୋଗରେ ଥିବାରୁ ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କନ୍ୟା**
ରାଶିରେ ଚତୁଃ ଗ୍ରହ ଏକତ୍ର ସମାବେଶ ହେତୁ ବିଭିନ୍ନ ସମସ୍ୟା ନେଇ ଚିନ୍ତିତ ହେବେ। କର୍ମକ୍ଷେତ୍ରରେ ଧୀରସ୍ଥିର ମନ ନେଇ କାମ କଲେ ସମସ୍ୟା ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା**
ଶୁକ୍ର ନୀଚାଭିମୁଖୀ ହେବାଜନିତ ସ୍ୱାସ୍ଥ୍ୟ ଭଲ ରହୁ ନ ଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତିକରିବ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ବୃଦ୍ଧି ପାଇବ।

**ବିଛା**
ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ମଙ୍ଗଳ ପ୍ରଭାବରୁ ଜମିଜମା କ୍ରୟବିକ୍ରୟ ବିଷୟରେ ଆଲୋଚନା କରିପାରନ୍ତି। ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଶତ୍ରୁଙ୍କ ସକ୍ରିୟତା ବୃଦ୍ଧି ପାଇପାରେ।

**ଧନୁ**
ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଆଜି କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ସହ ଆଦରଣୀୟ ରହିବେ। ରାହୁଙ୍କ ସ୍ଥାନ ସ୍ଥିତିଜନିତ ଆପଣ ଭୁଲ ନିଷ୍ପତ୍ତି ନେଇ ଅନୁତାପ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ପାଇବେ। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ଅଗ୍ରଗତି ଘଟିବ ।

**ମକର**
ଭାଗ୍ୟ ସ୍ଥାନରେ ଏକାଧିକ ଗ୍ରହ ସନ୍ନିବେଶିତ ହେତୁ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ସନ୍ଧ୍ୟା ସମୟରେ ପରିବାର ସହ ସୁଖ ଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗିରହିବ।

**କୁମ୍ଭ**
ମଙ୍ଗଳ ସ୍ୱଗୃହକୁ ଦେଖୁଥିବାରୁ କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ**
ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଅନୁକୂଳ ଗ୍ରହ ପ୍ରଭାବରୁ ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। କଠିନ ଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି । ଅଟକି ରହିଥିବା କାମଟି ଅପରାହ୍ନେ ସମ୍ପନ୍ନ କରିବେ।


# classifieds Everyday 0674-2580101, 2549302

real estate

construction

## SALE

5.700 Acres gharabari projects, 30' road Single Owner, 95 plots immediate registration. sqft.-1050/-. Contact: 9040045759. D-74125

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । Mob.- 9827119799 D-1580

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ନଖରା East College Front, ବାଲିଅନ୍ତାରେ SC/ General plot କିଣି ତୁରନ୍ତ ଘର କରନ୍ତୁ। 9776846524. D-74126

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.-61,00,000.00 onwards. Delivery Shortly. Contact Number-9238315816. D-73976

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1420

Make your dream home with quality construction in affordable price as your choice. For plan approval, structure, Krishna Contech-8249485093, 9438315332. D-73295

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73973

Newly opened full body massage center by expert therapist. 7381172169. D-73648

Newly open Spa positively health benefit with expert. Contact: 7749976301. D-73873

Hearbal full body relax massage by trend ledy therapist. 6371676208. D-73644

Relax, Refresh your body, Mind at Saikrupa Spa with best therapies. 8984068077. D-1543

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ହାତୀ ଆକ୍ରମଣ:ଓଡ଼ିଶାରେ...

ସେଥିମଧ୍ୟରେ ଦୁର୍ଘଟଣାଜନିତ ସଂଖ୍ୟା ୩୬ ରହିଛି। ଏଥିରୁ ୩୦ଟି ହାତୀମୃତ୍ୟୁ ଟ୍ରେନ ଧକ୍କାରେ ଘଟିଛି। ହେଲେ ସରକାରୀ ତଥ୍ୟଠାରୁ ବହୁ ଅଧିକ ହାତୀଙ୍କ ଜୀବନହାନି ଘଟିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। କାରଣ ଗତ ଜୁନ୍ ଏବଂ ଜୁଲାଇରେ କଟକ ଜିଲା ଆଠଗଡ଼ ବନଖଣ୍ଡରେ ୫ ହାତୀଙ୍କ ଗଳିତ ମୃତଦେହ ଏବଂ କଙ୍କାଳ ଠାବ ହୋଇଥିଲା।

ଉପରୋକ୍ତ ସଂଖ୍ୟାରୁ ସ୍ପଷ୍ଟ ହେଉଛି ଯେ, ଓଡ଼ିଶାରେ ହାତୀ-ମଣିଷ ଲଢ଼େଇ କେତେ ଗୁରୁତର। କେବଳ ଜୀବନହାନି ନୁହେଁ, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ହାତୀପଲ ବହୁ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ଉଜାଡ଼ି ଦେଉଛନ୍ତି। ଓଡ଼ିଶା ଏନ୍‌ଭାଇରନମେଣ୍ଟାଲ ସୋସାଇଟିର ସମ୍ପାଦକ ଜୟକୃଷ୍ଣ ପାଣିଗ୍ରାହୀଙ୍କ କହିବାନୁଯାୟୀ ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ହ୍ରାସ ଏବଂ ଲୋକଙ୍କ ଆଚରଣ ଯୋଗୁ ରାଜ୍ୟରେ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଆମ ରାଜ୍ୟରେ ଜଙ୍ଗଲ ରହିଛି। ହେଲେ ଖାଦ୍ୟ ଓ ପାଣି ଅଭାବ ଭଳି ବିଭିନ୍ନ କାରଣରୁ ତାହା ହାତୀଙ୍କ ପାଇଁ ଉପଯୁକ୍ତ ହୋଇ ରହିନାହିଁ। ଫଳରେ ସେମାନେ ଜନପଦମୁହାଁ ହେଉଛନ୍ତି। ଏହାଛଡ଼ା ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ପାଇଁ ବନାଞ୍ଚଳଗୁଡ଼ିକ ମଧ୍ୟରେ ଥିବା ପ୍ରାକୃତିକ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଛି ବୋଲି ପାଣିଗ୍ରାହୀ କହିଛନ୍ତି। ଏଭଳି ପରିସ୍ଥିତିରେ ନିରାକରଣ ଏହା ଯେ, ଜଙ୍ଗଲରେ ହାତୀଙ୍କ ସମସ୍ତ ଆବଶ୍ୟକତା ଉପଲବ୍ଧ ହେବା। ସେହିପରି ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଅନ୍ୟ ଫସଲ ଚାଷ କରିବାକୁ ପ୍ରବର୍ତ୍ତାଇବା ଏବଂ ହାତୀଙ୍କ ସହ କିଭଳି ଆଚରଣ କରାଯିବା ଉଚିତ ସେନେଇ ସେମାନଙ୍କୁ ଶିଖାଇବାକୁ ହେବ।

ହାତୀଙ୍କ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଗତ ଜୁଲାଇ ୧୯ରେ ବିଧାନସଭାରେ ଲିଖିତ ଜବାବ ଦେଇଥିଲେ। ୧୪ଟି ହାତୀ କରିଡର ଏବଂ ୩ଟି ହାତୀ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ହାତୀମୃତ୍ୟୁ ରୋକିବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟ ସରକାର ଗତ ୩ ବର୍ଷ ମଧ୍ୟରେ ଓଡ଼ିଶାର ଜଙ୍ଗଲଗୁଡ଼ିକରେ ହାତୀଙ୍କ ପାଇଁ ୪୦୨ ପୋଖରୀ ଖୋଳିଥିବାବେଳେ ୪୨୬ ପୋଖରୀର ପୁନରୁଦ୍ଧାର କରିଥିବା ମନ୍ତ୍ରୀ କହିଥିଲେ। ସେହିପରି ହାତୀ ଶିକାର ରୋକିବା ଲାଗି ୧୭୨୫ଜଣଙ୍କୁ ନେଇ ଗଠିତ ୩୪୩ଟି ଆଣ୍ଟି ପୋଚିଂ ସ୍କ୍ୱାଡ୍‌କୁ ଯୋଜନାବଦ୍ଧ ଭାବେ ନିର୍ଦ୍ଦିଷ୍ଟ ସ୍ଥାନରେ ମୁତୟନ କରାଯାଇଛି। ଡ୍ରୋନ୍ ଏବଂ ୱାଚ୍‌ଟାୱାର ସହାୟତାରେ ହାତୀଙ୍କ ବାସସ୍ଥାନ, ଚଳପ୍ରଚଳ ଏବଂ ଶିକାରୀଙ୍କ ଉପରେ କଡ଼ା ନଜର ରଖାଯାଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

ଅନ୍ୟପକ୍ଷରେ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ଅଧୀନରେ ଏକ କ୍ରାଇମ୍ ସେଲ୍ ପ୍ରତିଷ୍ଠା କରିଛନ୍ତି, ଯାହାକି ଗୁରୁତ୍ୱପୂର୍ଣ୍ଣ ବନ୍ୟପ୍ରାଣୀ ମାମଲାଗୁଡ଼ିକର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ କରୁଛି। ବନ୍ୟପ୍ରାଣୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ୩୫ ସ୍ଥାନର ରେଳପଥ ଏବଂ ୪୯ ସ୍ଥାନର ହାଇୱେରେ ଓଭରପାସ୍ କିମ୍ବା ଅଣ୍ଡରପାସ୍ ନିର୍ମାଣ ନିମନ୍ତେ ପ୍ରସ୍ତାବ ରହିଥିଲା। ସେଥିମଧ୍ୟରୁ ୧୧ଟି ହାଇୱେ ଅଣ୍ଡରପାସ୍ ନିର୍ମାଣ ସରିଥିବାବେଳେ ୧୫ ସ୍ଥାନରେ କାର୍ଯ୍ୟ ଚାଲିଛି। ସେହିପରି ରାଜ୍ୟ ସରକାର ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ରାଶି ୩ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି।ରହିଥିଲା। ସେଥିମଧ୍ୟରୁ ୧୧ଟି ହାଇୱେ ଅଣ୍ଡରପାସ୍ ନିର୍ମାଣ ସରିଥିବାବେଳେ ୧୫ ସ୍ଥାନରେ କାର୍ଯ୍ୟ ଚାଲିଛି। ସେହିପରି ରାଜ୍ୟ ସରକାର ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ରାଶି ୩ ଲକ୍ଷରୁ ୪ ଲକ୍ଷ ଟଙ୍କା ବୃଦ୍ଧି କରିଛନ୍ତି।

## ଗେହଲଟ୍ ଗୋଷ୍ଠୀର...

ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ରାଜସ୍ଥାନରେ କ୍ଷମତା ପରିବର୍ତ୍ତନର ସୁଯୋଗ ସୃଷ୍ଟି ହୋଇଛି। କାରଣ 'ଭାରତ ଯୋଡ଼ୋ ଯାତ୍ରା'ରେ ଥିବା ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉଦୟପୁର ଚିନ୍ତନ ଶିବିର ନିଷ୍ପତ୍ତି ଅନୁସାରେ ଗେହଲଟ୍‌ଙ୍କ ଆଗରେ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ସର୍ତ୍ତ ରଖିସାରିଛନ୍ତି। କୁହାଯାଉଛି, ଗେହଲଟ୍ କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ହେବା ପୂର୍ବରୁ ହିଁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ଏପରି ସ୍ଥଳେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ରୂପେ ହାଇକମାଣ୍ଡଙ୍କ ପ୍ରଥମ ପସନ୍ଦ ହେଉଛନ୍ତି ସଚିନ ପାଇଲଟ୍, ଯିଏକି ପୂର୍ବରୁ ଏକାଧିକ ଥର କ୍ଷମତାର ଶୀର୍ଷକୁ ଯାଉ ଯାଉ ରହିଯାଇଥିଲେ। ଅନ୍ୟପକ୍ଷେ ୨୦୨୦ ଜୁଲାଇରେ ନିଜ ୧୮ ଅନୁଗତଙ୍କୁ ନେଇ ପାଇଲଟ୍ ବିଦ୍ରୋହୀ ସାଜିଥିବାବେଳେ ରାଜ୍ୟର କଂଗ୍ରେସ ସରକାରଙ୍କୁ ଯେଉଁ ୧୦୨ ବିଧାୟକ ସମର୍ଥନ କରିଥିଲେ, ସେମାନଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ଗେହଲଟ୍ ଗୋଷ୍ଠୀ ଦାବି କରିଛନ୍ତି। ଗେହଲଟ୍ ଶିବିରର ୫୬ ବିଧାୟକ ରବିବାର ବୈଠକରେ ଏନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଗେହଲଟ୍‌ଙ୍କ ଜୟପୁର ବାସଭବନରେ ଅନୁଷ୍ଠିତ ବିଧାୟକ ଦଳ ବୈଠକ ପୂର୍ବରୁ ତାଙ୍କ ଘନିଷ୍ଠ ମନ୍ତ୍ରୀ ଶାନ୍ତି ଧରିୱାଲଙ୍କ ଘରେ ଆଉ ଏକ ମିଟିଂ ହୋଇଥିଲା। ଉକ୍ତ ବୈଠକରେ ଗେହଲଟ୍‌ଙ୍କ ଟିମ୍‌ର ୧୬ ମନ୍ତ୍ରୀ ସାମିଲ ହୋଇଥିଲେ। ସେପଟେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ କେ.ସି. ବେଣୁଗୋପାଳ, ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ରାଜସ୍ଥାନ ପ୍ରଭାରୀ ଅଜୟ ମାକେନ୍ ଜୟପୁରରେ ପହଞ୍ଚି ଦଳୀୟ ବିଧାୟକମାନଙ୍କ ସହ ବିଚାରବିମର୍ଶ କରିଛନ୍ତି। ଏହି କେନ୍ଦ୍ରୀୟ ନେତାମାନଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବା କଥା, ଯାହାକି ଗେହଲଟ୍‌ଙ୍କ ସମର୍ଥକମାନଙ୍କ ଇସ୍ତଫା ଯୋଗୁ ହୋଇପାରି ନାହିଁ। ବିଧାନସଭାରେ କଂଗ୍ରେସର ୧୦୦ ବିଧାୟକ ଥିବାବେଳେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ୬ ଏମ୍‌ଏଲ୍‌ଏ ଶାସକ ଦଳରେ ସାମିଲ ହୋଇଛନ୍ତି। ସେହିପରି ସ୍ୱାଧୀନ ୧୩ ବିଧାୟକଙ୍କ ମଧ୍ୟରୁ ୧୨ ଜଣ ଗେହଲଟ୍‌ଙ୍କୁ ସମର୍ଥନ କରୁଛନ୍ତି। ୨୦୧୮ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ସୁନିଶ୍ଚିତ କରିଥିବା ପାଇଲଟ୍ ରାହୁଲଙ୍କ ଘନିଷ୍ଠ ହୋଇଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। କାରଣ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପୂର୍ବ ସଫଳତା ଦୋହରାଇବାକୁ ହେଲେ ଯୁବପିଢ଼ିଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ପଡ଼ିବ। ଗେହଲଟ୍‌ଙ୍କ ନିଜ ସହର ଯୋଧପୁରରେ ଦେଖିବାକୁ ମିଳିଥିବା ପୋଷ୍ଟରଗୁଡ଼ିକରେ ପାଇଲଟ୍‌ଙ୍କ ସମର୍ଥନରେ ସ୍ଲୋଗାନ ଲେଖାଯାଇଛି 'ନୂଆ ଯୁଗର ପ୍ରସ୍ତୁତି'। ଗତ ନିର୍ବାଚନରେ ତତ୍କାଳୀନ ବସୁନ୍ଧରା ରାଜେ ସରକାରରେ ମନ୍ତ୍ରୀ ଥିବା ୟୁନୁସ୍ ଖାନ୍‌ଙ୍କୁ ଟୋଙ୍କ ଆସନରେ ୫୪,୧୭୯ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଥିବା ପାଇଲଟ୍ ଏଥର ମୁଖ୍ୟମନ୍ତ୍ରୀ ହୋଇପାରିବେ ନା ପୁଣି ନିରାଶ ହେବେ ତାହା ସମୟ କହିବ।

## ଆଜି ପୃଥିବୀର ନିକଟତର...

କୌଣସି ଉଚ୍ଚ ଏବଂ ଶୁଷ୍କ ସ୍ଥାନରୁ ଅନ୍ଧାରରେ ବୃହସ୍ପତିକୁ ଦେଖିହେବ। ଉଚ୍ଚକୋଟୀର ଟେଲିସ୍କୋପ୍ ଜରିଆରେ ବୃହସ୍ପତି ଚାରିପଟେ ବୁଲୁଥିବା ଉପଗ୍ରହ ମଧ୍ୟରୁ ୩ କିମ୍ବା ୪ଟିକୁ ମଧ୍ୟ ଦେଖାଯାଇପାରିବ ବୋଲି ନାସାରେ ଗବେଷକ ଆଦମ କୋବେଲସ୍କି କହିଛନ୍ତି। ବଡ ଟେଲିସ୍କୋପରେ ବୃହସ୍ପତିର ଗ୍ରେଟ୍ ରେଡ୍ ସ୍ପଟ୍ ଏବଂ ବ୍ୟାଣ୍ଡକୁ ମଧ୍ୟ ଦେଖିହେବ।

ପୃଥିବୀ ସୂର୍ଯ୍ୟ ଚାରିପଟେ ସମ୍ପୂର୍ଣ୍ଣ ପରିକ୍ରମା ପାଇଁ ୩୬୫ ଦିନ ସମୟ ନେଇଥାଏ। ବୃହସ୍ପତି ୪୩୩୩ ଦିନରେ ସୂର୍ଯ୍ୟଙ୍କ ଚାରିପଟେ ଥରେ ଘୂର୍ଣ୍ଣନ କରିଥାଏ। ବୃହସ୍ପତିର ଉପଗ୍ରହ ୟୁରୋପାରେ ବରଫ ସମୁଦ୍ର ରହିଥିବା ନାସା ବୈଜ୍ଞାନିକ ଦାବି କରୁଥିବାବେଳେ ସେଠାରେ ଜୀବନ ଧାରଣ କରିବା ଭଳି ପରିବେଶ ରହିଥିବା ସେମାନେ ଆଶା କରୁଛନ୍ତି। ଏ ଦିଗରେ ଅଧିକ ଗବେଷଣା ପାଇଁ ନାସା ୨୦୨୪ ଅକ୍ଟୋବରରେ ୟୁରୋପା କ୍ଲିପର ସ୍ପେସ୍‌କ୍ରାଫ୍ଟ ପଠାଇବାକୁ ଯୋଜନା କରିଛି।

**ସୀମାନ୍ତ ଜଙ୍ଗଲରୁ ଟିଫିନ ବୋମା ଜବତ: ଅଳ୍ପକେ ବର୍ତ୍ତିଲେ ଯବାନ**

ମାଲକାନଗିରି,୨୫।୯(ସ୍ୱ.ପ୍ର.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଭୋଥଲି ଜଙ୍ଗଲରୁ ରବିବାର ଯବାନମାନେ ଟିଫିନ ବୋମା ଜବତ କରିଛନ୍ତି। ଯବାନମାନଙ୍କୁ ଟାର୍ଗେଟ କରି ମଓବାଦୀମାନେ ଏହାକୁ ଜଙ୍ଗଲରେ ପୋତିଥିଲେ। ଭୋଥଲି ଜଙ୍ଗଲକୁ ଡିଆରଜି, ଡିଭିଏଫ, ଆଇଟିଭି ଯବାନମାନେ ମିଳିତ କୋମ୍ବିଂ ଅପରେସନରେ ଯାଇଥିଲେ। ଜଙ୍ଗଲ ରାସ୍ତାରେ ଯାଉଥିବା ବେଳେ ହଠାତ ସେମାନଙ୍କ ମେଟାଲ ଡିଟେକ୍ଟରରୁ ସାଇରନ ବାଜି ଉଠିଥିଲା। ଯବାନମାନେ ସତର୍କତାର ସହ ଜଙ୍ଗଲରେ ଖୋଜି ମାଟି ତଳେ ପୋତା ଯାଇଥିବା ୭ କିଲୋ ଓଜନର ଏହି ଟିଫିନ ବୋମାକୁ ଉଦ୍ଧାର କରି ନିଷ୍କ୍ରିୟ କରିଦେଇଥିଲେ।

# ଧନୀ ସ୍ୱାଧୀନ, ଗରିବ ପରାଧୀନ: ତଥାଗତ

## ସ୍ୱାଧୀନତାର ପରିସୀମା ଓ ପରିଭାଷା ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ପ୍ରଫେସର ମଧୁସୂଦନ ପତି, ସଭାପତି ପ୍ରଫେସର ଶିବପ୍ରସାଦ ନନ୍ଦ ଓ ସଂଯୋଜକ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ।

**ବଲାଙ୍ଗୀର ଅଫିସ,୨୫।୯**

ଯୁଗ ଯୁଗରୁ ସ୍ୱାଧୀନତାର ପରିସୀମା ଓ ପରିଭାଷାକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା ଚାଲିଛି। ଯେଉଁମାନଙ୍କୁ ଖାଦ୍ୟ ପାଇଁ ଚିନ୍ତା କରିବାକୁ ପଡ଼େନାହିଁ ସେମାନଙ୍କ ପିଲାଙ୍କୁ ଖାଦ୍ୟ କେଉଁଠୁ ଆସେ ବୋଲି ପ୍ରଶ୍ନ କଲେ ରିଲାଏନ୍ସ ଫ୍ରେଶ୍ କିମ୍ବା କେଉଁ ଦୋକାନରୁ ଖାଦ୍ୟ ଆସୁଛି ବୋଲି କହନ୍ତି। ଯେଉଁମାନଙ୍କ ଘରେ ଟ୍ୟାପ୍ ଲାଗିଛି, ଏପଟେ ମୋଡ଼ିଦେଲେ ଥଣ୍ଡା ପାଣି ଓ ସେପଟେ ମୋଡ଼ିଦେଲେ ଗରମ ପାଣି ବାହାରୁଛି ସେମାନଙ୍କ ପାଖରେ ସ୍ୱାଧୀନତା ରହିଛି। ଯେଉଁମାନେ ତିନି କିଲୋମିଟର ଚାଲିକରି ଯାଉଛନ୍ତି, ନଦୀ ବାଲିରେ ଚୁଆ ଖୋଳି ପାଣି ଆଣୁଛନ୍ତି ସେମାନଙ୍କ ପାଖରେ ସ୍ୱାଧୀନତା ନାହିଁ। ଖାଦ୍ୟ ଖାଇବା ଲୋକେ ଚାଷୀଙ୍କ ସଂଘର୍ଷ ବୁଝନ୍ତି ନାହିଁ। ଚାଷୀକୁ ତା'ର ଶ୍ରମ ଓ ଶସ୍ୟର ମୂଲ୍ୟ ମିଳେନାହିଁ। ଏଥିରୁ ବୁଝାପଡୁଛି ଯେ, ଧନୀ ସ୍ୱାଧୀନ ଓ ଗରିବ ପରାଧୀନ। ବଲାଙ୍ଗୀର କ୍ରାନ୍ତି-ଜାଗୃତି କମିଟି ପକ୍ଷରୁ ରବିବାର ପୃଥ୍ୱୀରାଜ ହାଇସ୍କୁଲ ସେଣ୍ଟେନାରି ହଲ୍‌ଠାରେ ଅନୁଷ୍ଠିତ 'ସ୍ୱାଧୀନତାର ପରିସୀମା ଓ ପରିଭାଷା' ଶୀର୍ଷକ ଆଲୋଚନାଚକ୍ରରେ ଏହା କହିଛନ୍ତି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ। କମିଟି ସଭାପତି ଡ. ଶିବପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକ ସତପଥୀ ଆହୁରି କହିଥିଲେ, ସ୍ୱାଧୀନତା ଏକ ସିଦ୍ଧାନ୍ତ। ଏହାକୁ ଯିଏ ବିକ୍ରି କରିପାରିଲା ସିଏ ବଡ଼ ନେତା ହୋଇପାରିଲା। କାରଣ ସ୍ୱାଧୀନତା ସିଦ୍ଧାନ୍ତର ବି ଗ୍ରାହକ ଅଛନ୍ତି। ଧର୍ମ ହେଉଛି ସ୍ୱାଧୀନତା ସଙ୍କୁଚିତ କରିବାର ଆଉ ଏକ ପ୍ରମୁଖ ମାଧ୍ୟମ।

ଅନ୍ୟତମ ଆଲୋଚକ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ତାଙ୍କ ବକ୍ତବ୍ୟରେ ପାଶ୍ଚାତ୍ୟ ଏବଂ ପ୍ରାଚ୍ୟ ବିଚାରରେ ସ୍ୱାଧୀନତାର ପରିଭାଷା ଓ ପରିସୀମା ବିଷୟରେ ଏକ ତାତ୍ତ୍ୱିକ ଆଲୋଚନା କରିଥିଲେ। ସମ୍ବିଧାନରେ ଯେଉଁ ଭ୍ରାତୃତ୍ୱ ଶବ୍ଦର ବ୍ୟାଖ୍ୟା କରାଯାଇଛି ତାହା ବଡ଼ ଗୁରୁତ୍ୱପୂର୍ଣ୍ଣ। ଏହା ଜରିଆରେ ଆମେ ସମ୍ବିଧାନର ନ୍ୟାୟ ଓ ସମାନତାକୁ ଠିକ୍ ଭାବେ ବୁଝିପାରିବା ବୋଲି କହିଥିଲେ। ପ୍ରକୃତରେ ଆର୍ଥିକ ସ୍ୱାଧୀନତା ବିନା ସ୍ୱାଧୀନତାର କିଛି ମୂଲ୍ୟ ନାହିଁ ବୋଲି ସେ କହିଥିଲେ। ଆଲୋଚକଙ୍କ ବକ୍ତବ୍ୟ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ର କମିଟି ସଂଯୋଜକ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ବୀରେନ୍ଦ୍ର କୁମାର ଝାଙ୍କର ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଶିକ୍ଷାବିତ୍ ପ୍ରାଣବନ୍ଧୁ ନାୟକ, ଟିକେଶ୍ୱର ଗୁରୁ, ଗୁରୁଶ୍ରୀ ଘାସିରାମ ମିଶ୍ର, କିଶୋର ରଥ ଓ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ପିଏମ୍‌ଜିଏସ୍‌ୱାଇ କାମକୁ ଠିକାଦାରଙ୍କ ଅନାଗ୍ରହ

- ମାଓବାଦୀ ଭୟ ରୋକିଛି ରାସ୍ତା ନିର୍ମାଣ
- ଠିକାଦାରଙ୍କୁ ଉତ୍ସାହିତ ପାଇଁ ଓଡ଼ିଶାକୁ ଛତିଶଗଡ଼ର ଚିଠି

**ଯାଜପୁର ଅଫିସ,୨୫।୯**

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ଦୀର୍ଘଦିନ ହେଲା ସକ୍ରିୟ ରହିଛନ୍ତି। ବିଭିନ୍ନ ସମୟରେ ବଡ଼ ହିଂସା ଘଟାଇ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ଏଭଳିସ୍ଥିତିରେ ଉଭୟ ରାଜ୍ୟର ସରକାର ସୀମାନ୍ତ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ରାସ୍ତା ନିର୍ମାଣ ନେଇ ଚିନ୍ତାରେ ପଡ଼ିଛନ୍ତି। ଛତିଶଗଡ ସରକାର ଓଡ଼ିଶା ସୀମାନ୍ତ କୁକର-ଅମାମୋରା-ଚିଣ୍ଡୋଲା ରାସ୍ତା ଏବଂ ଶିବନାରାୟଣପୁର-ପଣ୍ଡ୍ରିପାଣି-ସିକାସେର ରାସ୍ତା ନିର୍ମାଣ କରିବାକୁ ଟେଣ୍ଡର ଆହ୍ୱାନ କରିଛନ୍ତି। ଏଥିପାଇଁ ୨୪ ଥର ଟେଣ୍ଡର ଡକାଯାଇଥିଲେ ହେଁ କୌଣସି ଠିକାଦାର ଭାଗ ନେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଓଡ଼ିଶାର ଠିକାଦାରମାନେ ମଧ୍ୟ ମୁହଁ ମୋଡ଼ି ଦେଇଛନ୍ତି। ଏନେଇ ଛତିଶଗଡ଼ର ମୁଖ୍ୟ ଶାସନ ସଚିବ ଅମିତାବ ଜୈନ ୧୩।୭।୨୦୨୨ରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ରଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଉକ୍ତ ପତ୍ରରେ ସଚିବ ଜୈନ ଦର୍ଶାଇଛନ୍ତି ଯେ, କୁକର-ଅମାମୋରା ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇସାରିଛି ଏବଂ ସ୍ଥାନୀୟ ପୋଲିସ ଅଧିକାରୀ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ୨୪ ଥର ପଦକ୍ଷେପ ନିଆଯାଇଥିଲେ ହେଁ କୌଣସି ଠିକାଦାର ଏହି ରାସ୍ତା ନିର୍ମାଣ କରିବାକୁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଉନାହାନ୍ତି। ତେଣୁ ଛତିଶଗଡ଼ ସରକାର ଉପରୋକ୍ତ ରାସ୍ତା କାର୍ଯ୍ୟକୁ ଭାଗ ଭାଗ କରି ପୁଣି ଟେଣ୍ଡର ଆହ୍ୱାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଏଥିରେ ଭାଗନେବାକୁ ଓଡ଼ିଶା ଠିକାଦାରମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ସେହିପରି ଶିବନାରାୟଣପୁର- ପଣ୍ଡ୍ରିପାଣି ରାସ୍ତା ନିର୍ମାଣ କରିବାକୁ ବଜେଟ ଜରିଆରେ ମଞ୍ଜୁର ହେବ। ତେଣୁ ଉଭୟ ସରକାରଙ୍କ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟ ପାଇଁ ସୁରକ୍ଷା ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ଉକ୍ତ ପତ୍ରରେ ଦର୍ଶାଯାଇଛି। ଏହାକୁ ଭିତ୍ତିକରି ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୪।୯।୨୦୨୨ରେ ଛତିଶଗଡ଼ ସରକାରଙ୍କ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ କାର୍ଯ୍ୟରେ ଭାଗନେବା ନିମନ୍ତେ ରାଜ୍ୟ ଠିକାଦାରମାନଙ୍କୁ ଉତ୍ସାହିତ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




# ହାତୀପଲ ଧସ୍ତାଧସ୍ତି: ଚାପି ହୋଇ ଛୁଆ ହାତୀ ମୃତ


ମୃତ ହାତୀଛୁଆ

**କପ୍ତିପଦା,୨୫।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳର ନଟୋ ସଂରକ୍ଷିତ ଜଙ୍ଗଲର କଟୁରିଆ-ଶାଣଦେଇଠାରେ ହାତୀପଲ ମଧ୍ୟରେ ଧସ୍ତାଧସ୍ତି ହୋଇ ଏକ ଛୁଆହାତୀର ମୃତ୍ୟୁ ହୋଇଛି। ଛୁଆହାତୀ ବୟସ ୪ରୁ ୫ ମାସ ହେବ। ଖବରପାଇ ବନବିଭାଗ ପହଞ୍ଚି ମୃତଦେହ ଜବତ କରିଛି।

ଦୁଇଦିନ ପୂର୍ବେ ଏହି ଘଟଣା ଘଟିଥିବା ବନବିଭାଗ ସୂଚନା ଦେଇଛି। ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ, ଏଆର୍‌ସିସିଏଫ୍ ଟି. ଅଶୋକ କୁମାର,ଏସିଫ୍ ଦିଲ୍ଲୀପ ବାରିକ ଘଟଣାର ଅନୁଧ୍ୟାନ କରିଛନ୍ତି। କପ୍ତିପଦା ପ୍ରାଣୀ ଚିକିତ୍ସାଧିକାରୀ ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାହାକୁ ପୋତି ଦିଆଯାଇଥିଲା। କପ୍ତିପଦା ରେଞ୍ଜ ଅଧିକାରୀ ଅଚ୍ୟୁତାନନ୍ଦ ଦାସ, ବନପାଳ ଅବିନାଶ ଗିରି, ଶରତ ବନପାଳ ଦୀପକ କୁମାର ପାତ୍ର, ନଟୋ ବନପାଳ ଶିରିଶ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

**ବରୀ,୨୫।୯(ଡି.ଏନ୍.ଏ.)**

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା କଳାମାଟିଆ ଗ୍ରାମର ଜଣେ ୬ ବର୍ଷୀୟା ନାବାଳିକାଙ୍କ ରବିବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଦିଲୀପ ଧଳଙ୍କ ଝିଅ ଭାଗ୍ୟଲକ୍ଷ୍ମୀ ଧଳ। ନାବାଳିକା ତାଙ୍କ ଘର ନିକଟରେ ଖେଳୁଥିବାବେଳେ ଗୋଡ଼ ଖସିଯିବାରୁ ସେଠାରେ ଥିବା ପୋଖରୀରେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ସଦସ୍ୟମାନେ ଚାରିଆଡ଼େ ଖୋଜାଖୋଜି କରିଥିଲେ, ହେଲେ ପାଇ ନ ଥିଲେ। ଶେଷରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ନାବାଳିକାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।




# ୧୬ ଜିଲାରେ ଖୋଲିବ ୩୪ ସିଭିଲ ଜଜ୍ କୋର୍ଟ

**କଟକ ଅଫିସ,୨୫।୯**

ରାଜ୍ୟର ୧୬ଟି ଜିଲାରେ ୩୪ ନୂତନ ସିଭିଲ ଜଜ୍ କୋର୍ଟ (ଜୁନିୟର ଡିଭିଜନ) ତଥା ଜେଏମ୍‌ଏଫ୍‌ସି ପ୍ରତିଷ୍ଠା ହେବ। ଏଥିପାଇଁ ଉକ୍ତ ଜିଲାଗୁଡ଼ିକର ଜିଲା ଓ ସେସନ୍ସ ଜଜ୍‌ମାନଙ୍କୁ ଅକ୍ଟୋବର ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ କୋର୍ଟ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ସ୍ୱରୂପ ଡାଏସ୍ ସହିତ କୋର୍ଟ ହଲ୍, ସାକ୍ଷ୍ୟ କୋଠରି, ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ହାଜତ, ଟଏଲେଟ୍, ଅଫିସ, ପ୍ରିଜାଇଡିଂ ଅଧିକାରୀଙ୍କ ଚ୍ୟାମ୍ବର ସହିତ ବାସଗୃହ (ସରକାରୀ କିମ୍ବା ବେସରକାରୀ) ବ୍ୟବସ୍ଥା ସମ୍ପର୍କରେ ରିପୋର୍ଟ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ରହିଛି। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

ବାଲେଶ୍ୱର ଜିଲାର ଔପଦା, ଖଇରା, ବରଗଡ଼ ଜିଲାର ଗାଇସିଲଟ, ପାଇକମାଳ, ବିଜେପୁର, ଭଦ୍ରକ ଜିଲାର ବନ୍ତ, କଟକ ଜିଲାର ନିଶ୍ଚିନ୍ତକୋଇଲି, ଡମପଡ଼ା, ମାହାଙ୍ଗା, ଗଞ୍ଜାମ ଜିଲାର ବେଲଗୁଣ୍ଠା, ଯାଜପୁର ଜିଲାର ବରିପାଲ, ସୁକିନ୍ଦା, ବିଞ୍ଝାରପୁର, ଝାରସୁଗୁଡ଼ା ଜିଲାର ଲାଇକେରା, କିରିମିରା, କଳାହାଣ୍ଡି ଜିଲାର ଗୋଲମୁଣ୍ଡା, ଲାଞ୍ଜିଗଡ଼, କନ୍ଧମାଳ ଜିଲାର ରାଇକିଆ, ଚକାପାଦ, କେଉଁଝର ଜିଲାର ଘଟଗାଁ, ଖୋର୍ଦ୍ଧା ଜିଲାର ବୋଲଗଡ଼, ବେଗୁନିଆ, ବାଲିଅନ୍ତା, ବାଲିପାଟଣା, କୋରାପୁଟ ଜିଲାର ନନ୍ଦପୁର, ନାରାୟଣପାଟଣା, ବୈପାରୀଗୁଡ଼ା, ନୟାଗଡ଼ ଜିଲାର ଗଣିଆ, ପୁରୀ ଜିଲାର କୃଷ୍ଣପ୍ରସାଦ, କାକଟପୁର, ରାୟଗଡ଼ା ଜିଲାର ଚନ୍ଦ୍ରପୁର, ମୁନିଗୁଡ଼ା ଓ ସୁନ୍ଦରଗଡ଼ ଜିଲାର କୋଇଡା(ବଣାଇ), ଲହୁଣିପଡ଼ାରେ ନୂତନ ସିଭିଲ ଜଜ୍ କୋର୍ଟ ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି।



# ନ୍ୟାୟ ଆଶା କ୍ଷୀଣ

ଉତ୍ତରାଖଣ୍ଡ ଋଷିକେଶର ଏକ ରିସର୍ଟରେ କାମ କରୁଥିବା ରିସେପ୍‌ସନିଷ୍ଟ ୧୯ ବର୍ଷୀୟା ଅଙ୍କିତା ଭଣ୍ଡାରୀଙ୍କ ମୃତଦେହ ଏକ ବ୍ୟାରେଜ ନିକଟରୁ ମିଳିବା ପରେ ପାଉରି ଗଡ଼ୱାଲ ଅଞ୍ଚଳରେ ଲୋକେ ଭୟଙ୍କର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ସମ୍ପୃକ୍ତ ଭାଜପାର ପୂର୍ବତନ ମନ୍ତ୍ରୀ ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ ଆର୍ଯ୍ୟଙ୍କ ସମେତ ୩ ଜଣଙ୍କୁ ଇତିମଧ୍ୟରେ ଗିରଫ କରାଯାଇଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଭାଜପା ବାପ ଓ ପୁଅଙ୍କୁ ଦଳରୁ ବହିଷ୍କାର କରିଛି। ଉଲ୍ଲେଖ କରାଯାଇପାରେ ଯେ, ଉକ୍ତ ଭନନ୍ତରା ରିସର୍ଟର ମାଲିକ ହେଉଛନ୍ତି ପୁଲକିତ ଆର୍ଯ୍ୟ। ସେଠାରେ ଅତିଥିମାନଙ୍କ ପାଇଁ ଗଣିକାବୃତ୍ତି କରିବାକୁ ଅଙ୍କିତାଙ୍କୁ ବାଧ୍ୟ କରାଯାଉଥିଲା ବୋଲି ଏବେ ଜଣାପଡ଼ିଛି। ଅଙ୍କିତା ତାଙ୍କ ସାଙ୍ଗଙ୍କ ନିକଟକୁ କରିଥିବା ହ୍ୱାଟ୍ସଆପ୍ ବାର୍ତ୍ତାରୁ ଏହି ବିଷୟ ଜଣାପଡ଼ିବା ପରେ ଏଥିରେ ପୁଲକିତ ଆର୍ଯ୍ୟ ଓ ରିସର୍ଟର ମ୍ୟାନେଜରଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେଉଛି।

ଅଙ୍କିତା ଅନୈତିକ କାର୍ଯ୍ୟ କରିବାକୁ ଅମଙ୍ଗ ହେବାରୁ ତାଙ୍କୁ ପାଣିକୁ ଠେଲି ହତ୍ୟା କରାଯାଇଥିବାର ଅନେକ ପ୍ରମାଣ ମିଳିଛି। ତେବେ ବର୍ତ୍ତମାନ ଯେଉଁ ବିଷୟଟି ବିଷମ ସ୍ଥିତି ସୃଷ୍ଟି କରିଛି, ତାହା ହେଉଛି ପୋଲିସ ଓ ପ୍ରଶାସନର ଭୂମିକା। ଉତ୍ତ୍ୟକ୍ତ ଲୋକଙ୍କ ପ୍ରତିବାଦ ଦେଖି ପାଉରି ପ୍ରଶାସନ ରିସର୍ଟର କିଛି ଅଂଶ ଭାଙ୍ଗି ଦେଇଥିଲେ। କୁହାଯାଉଛି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ତତ୍‌କ୍ଷଣାତ୍ ପଦକ୍ଷେପ ନିଆଯାଇଥିଲା। ହେଲେ ଏବେ ଜଣାପଡ଼ିଛି ଯେ, ରିସର୍ଟର ଯେଉଁ ଅଂଶ ଭଙ୍ଗାଯାଇଛି ସେହି କୋଠରିରେ ଅଙ୍କିତା ରହୁଥିଲେ। ତେଣୁ ଶତ ପ୍ରତିଶତ ସନ୍ଦେହ ଉପୁଜିଛି ଯେ ଫୋରେନ୍‌ସିକ୍ ପ୍ରମାଣ ନଷ୍ଟ କରିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଛି ଯେ, ଭଙ୍ଗା ଯାଇଥିବା ଅଂଶ ବେଆଇନ ଥିଲା। ଏଠାରେ ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, କେବଳ ଅଙ୍କିତା ରହୁଥିବା କୋଠରି କ'ଣ ବେଆଇନ ଥିଲା। ଯଦି ତାହା ଥିଲା ତେବେ ପୂର୍ବରୁ କାହିଁକି ଏଭଳି ନିଷ୍ପତ୍ତି ନିଆଯାଇ ନ ଥିଲା। ଓଡ଼ିଆରେ ଢଗ ଅଛି–ବିଲେଇ ଆଖିବୁଜି କ୍ଷୀର ପିଏ। ଅର୍ଥାତ୍ ପ୍ରଶାସନର ଜାଣତରେ ସେହି ରିସର୍ଟରେ ସବୁକିଛି ବେଆଇନ କାର୍ଯ୍ୟ ହେଉଥିବା ଯେ କେହି ଅନୁମାନ କରିପାରୁଥିବେ। ଇତିମଧ୍ୟରେ ଅଙ୍କିତାଙ୍କ ପିତା ତାଙ୍କ ଝିଅର ମୃତଦେହ ପୋଷ୍ଟମର୍ଟମ୍‌ର ଅନ୍ତିମ ରିପୋର୍ଟ ନ ମିଳିବା ଯାଏ ଅନ୍ତ୍ୟେଷ୍ଟି କରିବେ ନାହିଁ ବୋଲି ଅଡ଼ି ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏମ୍ସ ଋଷିକେଶ ପକ୍ଷରୁ ଏହି ପୋଷ୍ଟମର୍ଟମ କାର୍ଯ୍ୟ ତଦାରଖ କରାଯାଉଛି।

> **ନା ଯେ କେବଳ ପୋଲିସ ଓ ପ୍ରଶାସନରେ ଭାବମୂର୍ତ୍ତିକୁ ଏହା କ୍ଷୁଣ୍ଣ କରେ, ତାହା ଅପରାଧୀଙ୍କୁ ବେଆଇନ କାର୍ଯ୍ୟ କରିବାର ଦମ୍ଭ ଦେଇଥାଏ। ମାତାପିତା ରାଜନୀତିରେ କୌଣସି ବଡ଼ ପଦପଦବୀରେ ଥିଲେ, ପିଲାଙ୍କୁ ଲାଗେ ଯେ ସେମାନେ ଯାହା କିଛି ଚାହିଁବେ କରିପାରିବେ।**

ଭାରତବର୍ଷରେ ବିଭିନ୍ନ ଅପରାଧ ଓ ବେଆଇନ କାର୍ଯ୍ୟରେ ପୋଲିସ ଓ ପ୍ରଶାସନର ସମ୍ପୃକ୍ତି ରହୁଥିବା ଦେଖାଯାଉଛି। କୁହାଯାଇଥାଏ ପୋଲିସର ବିନା ସହଯୋଗରେ ସାଧାରଣ ଅପରାଧଟିଏ ମଧ୍ୟ ଘଟିପାରିବ ନାହିଁ। ଏହାର ଅନେକ ଉଦାହରଣ ଦେଶବ୍ୟାପୀ ଘଟୁଥିବା ଅପରାଧରୁ ଜଣାପଡୁଛି। ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରିରେ ଭାଜପାର କେନ୍ଦ୍ର ମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ ଆଶିଷ ମିଶ୍ରା କୃଷକଙ୍କ ଉପରେ ଗାଡ଼ି ମଡ଼ାଇ ୪ ଜଣଙ୍କୁ ହତ୍ୟା କରିବା ବିଷୟ ସମସ୍ତେ ଜାଣନ୍ତି। ଏହି ଘଟଣାର ଭିଡିଓ ପ୍ରମାଣ ଥିବା ସତ୍ତ୍ୱେ ଆଶିଷଙ୍କୁ ଗିରଫ କରିବାକୁ ବହୁଦିନ ଲାଗି ଯାଇଥିଲା। ନା ଯେ କେବଳ ପୋଲିସ ଓ ପ୍ରଶାସନରେ ଭାବମୂର୍ତ୍ତିକୁ ଏହା କ୍ଷୁଣ୍ଣ କରେ, ତାହା ଅପରାଧୀଙ୍କୁ ବେଆଇନ କାର୍ଯ୍ୟ କରିବାର ଦମ୍ଭ ଦେଇଥାଏ। ମାତାପିତା ରାଜନୀତିରେ କୌଣସି ବଡ଼ ପଦପଦବୀରେ ଥିଲେ, ପିଲାଙ୍କୁ ଲାଗେ ଯେ ସେମାନେ ଯାହା କିଛି ଚାହିଁବେ କରିପାରିବେ। ଏହି ଅବସ୍ଥା କେବଳ ଉତ୍ତରପ୍ରଦେଶ ବା ଉତ୍ତରାଖଣ୍ଡରେ ସୀମିତ ନୁହେଁ। ଦେଶର ଚାରିଆଡ଼େ ଏଭଳି ଉଦାହରଣ ଖୋଜିଲେ ଅନେକ ମିଳିବ। ଉତ୍ତରାଖଣ୍ଡ ମାମଲାର ତଦନ୍ତ ଫାଷ୍ଟଟ୍ରାକ୍ କୋର୍ଟରେ ହେବା ଦରକାର ବୋଲି ଅଙ୍କିତାଙ୍କ ପିତା ଏବେ ଦାବି କରିଛନ୍ତି। ସ୍ଥିତିକୁ ପ୍ରଶମନ କରିବା ଲାଗି ଉତ୍ତରାଖଣ୍ଡ ସରକାର ସ୍ୱତନ୍ତ୍ର ତଦନ୍ତ ଟିମ୍ (ଏସ୍ଆଇଟି) ଗଠନ କରିଛନ୍ତି। କିନ୍ତୁ ବାସ୍ତବରେ ଏହି ତଦନ୍ତର ଗତି କେଉଁଆଡ଼େ ଯିବ ଭଲ ଭାବେ ବୁଝି ହେଉଛି। ଅତୀତରେ ଏହିଭଳି ଅନେକ ଘଟଣାକୁ ପ୍ରଶାସନ ଚପେଇ ଦେବାରେ ସକ୍ଷମ ହୋଇଛି। କେବଳ ଲୋକଙ୍କ କ୍ରୋଧକୁ ଟାଳିବା ଲାଗି ସରକାର ଏହିପରି ଉପରଠାଉରିଆ ପଦକ୍ଷେପ ନେଇଥାଆନ୍ତି। ପୁଣି କିଛି ଦିନ ଗଡ଼ିଯିବା ପରେ ଜନସାଧାରଣ ତାହାକୁ ଭୁଲି ଯାଇଥାଆନ୍ତି। ଏ ଦେଶରେ ରାଜନେତା–ପ୍ରଶାସନ ଯଦି କୌଣସି ଘଟଣାକୁ ସମାଧି ଦେବାକୁ ଚାହିଁବେ, ସାଧାରଣ ଲୋକ ଅସହାୟ ହୋଇ ରହିବେ। ଅନ୍ୟପକ୍ଷରେ ବର୍ତ୍ତମାନର ସୂଚନା ଯୁଗରେ ସବୁ ଖବର ତତ୍‌କ୍ଷଣାତ୍ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଉତ୍ତରାଖଣ୍ଡ ଘଟଣାରେ ଘୋର ପ୍ରତିବାଦ ହେଉଥିବାରୁ କିଛି ସମୟ ଏହି ବିଷୟ ଲୋକଲୋଚନରେ ରହିବ। କିନ୍ତୁ ଥରେ ଗଣମାଧ୍ୟମର ଦୃଷ୍ଟି ଆଢୁଆଳକୁ ଏହା ଚାଲିଗଲେ ତଦନ୍ତ ପ୍ରକ୍ରିୟା ମନ୍ଥର ହେବା ଥୟ। ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ଘଟଣାରେ ଗୁଜରାଟ ସରକାର ଯେଉଁଭଳି ଭାବେ ସବୁ ଦୋଷୀଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରିଦେଲେ, ତାହା ନ୍ୟାୟ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଥିଲା। ଏଭଳି ବହୁ ଆଲୋଚିତ ଘଟଣାସବୁର ପ୍ରକ୍ରିୟାକୁ ବାଟବଣା କରିଦିଆଯାଉଥିବା ବେଳେ ସାଧାରଣ ଘଟଣାରେ ଲୋକଙ୍କୁ ନ୍ୟାୟ ମିଳିବା ଆଶା କ୍ଷୀଣ।

# ପ୍ରାଥମିକ ଶିକ୍ଷା ଓ ମଧ୍ୟାହ୍ନଭୋଜନ



ଡ. ଲକ୍ଷ୍ମଣ ସାହୁ

ଶିକ୍ଷା ହେଉଛି ଦେଶର ମୂଳଦୁଆ। ଭାରତର ନବ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାଠାରୁ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ୧୯୯୦ ବିଶ୍ୱ ସମ୍ମିଳନୀରେ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ଘୋଷଣା କରାଗଲା। ସରକାର ଏହାକୁ ଆଖି ଆଗରେ ରଖି ୧୯୯୫ ଅଗଷ୍ଟ ୧୫ରୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯୋଜନା ଆରମ୍ଭ କରିଥିଲେ। ଏହା ମଧ୍ୟରେ 'ଚଲୋ ସ୍କୁଲ ଚଲୋ' ଠାରୁ 'ବେଟି ବଚାଓ , ବେଟି ପଢ଼ାଓ' ଭଳି ଅନେକ ସ୍ଲୋଗାନ୍ ଦିଆଯାଇଛି। ମନରେ ପ୍ରଶ୍ନ ଉଠେ, ଭାରତରେ ପ୍ରାଥମିକ ଶିକ୍ଷାର ସର୍ବୋତ୍ତମ ବ୍ୟବସ୍ଥା ଫଳପ୍ରଦ ହୋଇଛି କି? ଏହାର ଅସମ୍ପୂର୍ଣ୍ଣ ଉତ୍ତର କେବଳ ଚଟାଣରେ ଗଡୁଛି। ପ୍ରାଥମିକ ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ କରିବାର ଲକ୍ଷ୍ୟ କ'ଣ ହୋଇପାରେ ?

କୋଭିଡ୍–୧୯ର ଦୁଇ ବର୍ଷ ବିଦ୍ୟାଳୟଗୁଡ଼ିକୁ ବଡ଼ ଆଘାତ ଦେଇଛି। ବଡ଼ କଥା ହେଉଛି, ୨୦୨୦ ମାର୍ଚ୍ଚ ୧୪ରେ ମଧ୍ୟାହ୍ନଭୋଜନ ଯୋଜନା ଉପରେ ପ୍ରତିବନ୍ଧକ ଲାଗିଥିଲା। ବିଦ୍ୟାଳୟକୁ ପଢ଼ିବାକୁ ଆସୁଥିବା ପିଲାମାନଙ୍କ ପାଇଁ ଏହା ବଡ଼ ସମସ୍ୟା ଥିଲା। ବର୍ତ୍ତମାନ ମଧ୍ୟାହ୍ନଭୋଜନ ଯୋଜନା ପୁଣି ଥରେ ଚାଲିଛି। କିନ୍ତୁ ଖାଦ୍ୟ ମାଧ୍ୟମରେ କେତେ ପିଲା ବିଦ୍ୟାଳୟକୁ ଫେରି ଆସିଛନ୍ତି, ତାହା ସଠିକ ଅନୁସନ୍ଧାନ ହେଉନାହିଁ। ଏହି ଯୋଜନା ଯୋଗୁ ଛଅରୁ ଚଉଦ ବର୍ଷ ବୟସର ଅର୍ଥାତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ବାର କୋଟି ପିଲା ଅନ୍ତର୍ଭୁକ୍ତ ଥିବା ଆକଳନ କରାଯାଇଛି। ସୂଚନାଯୋଗ୍ୟ, ସରକାରୀ ତଥା ଅଣ–ସରକାରୀ ବିଦ୍ୟାଳୟ ସମେତ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଏକରୁ ଅଷ୍ଟମ ଶ୍ରେଣୀର ଛାତ୍ରମାନଙ୍କୁ ସରକାର ମଧ୍ୟାହ୍ନଭୋଜନ ଯୋଗାଉଛନ୍ତି। ୨୦୨୧ରେ ଏହାର ନାମ (PM) ପିଏମ୍ ପୁଷ୍ଟିକର ଯୋଜନାରେ ପରିବର୍ତ୍ତିତ କରାଯାଇଥିଲା। ଲକ୍ଷ୍ୟ ଥିଲା, ଅଧିକରୁ ଅଧିକ ପିଲା ବିଦ୍ୟାଳୟକୁ ଆସିପାରିବେ। କୁହାଯାଇପାରେ କେତେକାଂଶରେ ଏହି ଯୋଜନା ସଫଳ ହୋଇଛି। କିନ୍ତୁ ବାସ୍ତବରେ ସଫଳତା ଯେତିକି ଆକଳନ କରାଯାଏ, ତାହା ସଠିକ୍ ନୁହେଁ। ଆକଳନ ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସରକାରଙ୍କ ଦାୟିତ୍ୱ। କହିବାବାହୁଲ୍ୟ, ଯୋଜନା ଯେତେ ଶକ୍ତିଶାଳୀ ବା ପ୍ରଭାବଶାଳୀ ହେଉନା କାହିଁକି, ଏହାର କାର୍ଯ୍ୟକାରିତା ନିଶ୍ଚିତ ହେବା ଉଚିତ୍। ରିପୋର୍ଟରେ ଦର୍ଶାଯାଇଛି, ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଉଥିବାବେଳେ ଘରୋଇ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଉଛି। ରିପୋର୍ଟ ଅନୁଯାୟୀ, ୨୦୧୮–୧୯ରେ ଦେଶରେ ପଚାଶ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟ ବନ୍ଦ ରହିଥିଲା। ମଧ୍ୟାହ୍ନ ଭୋଜନ ଯୋଜନା ସତ୍ତ୍ୱେ ପିଲାମାନଙ୍କ ବିଦ୍ୟାଳୟ ଛାଡ଼ିବା ପ୍ରକ୍ରିୟା ବନ୍ଦ ହୋଇନାହିଁ। ୟୁନେସ୍କୋର ସଦ୍ୟତମ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, କରୋନା ମହାମାରୀ ହେତୁ ପିଲାଙ୍କ ସ୍କୁଲ ଛାଡ଼ିବା ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଛି। ୧୯୯୭–୯୮ ସୁଦ୍ଧା ଦେଶର ସବୁ ରାଜ୍ୟରେ ମଧ୍ୟାହ୍ନଭୋଜନ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ୨୦୧୪–୧୫ରେ ଏହି ଯୋଜନା ଏଗାର ଲକ୍ଷ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିଲା। ଆକଳନରୁ ଜଣାପଡ଼ିଛି, ଏଥିରେ ଦଶ କୋଟି ପିଲା ଉପକୃତ ହେଉଛନ୍ତି। ୨୦୧୧ରେ ଯୋଜନା ଆୟୋଗ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଭାରତରେ ସ୍କୁଲ ସଂଖ୍ୟା ୧୫ ଲକ୍ଷ ଥିଲା। ଶିକ୍ଷାର ପ୍ରଗତିଶୀଳ ବିକାଶକୁ ଦେଖିଲେ ବୁଝିହେବ ଯେ, ଏକ ଦଶନ୍ଧି ପରେ ଏହି ସଂଖ୍ୟା ଆହୁରି ଅଧିକ ହୋଇଥାଆନ୍ତା। ଭାରତ ଭଳି ବିଶାଳ ଦେଶରେ ଯେତିକି ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ସମ ପରିମାଣରେ ଅଶିକ୍ଷିତ ଅଛନ୍ତି। ଫଳତଃ ଯୋଜନାଗୁଡ଼ିକର ମୂଲ୍ୟ ବହୁତ ଲମ୍ବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଶିକ୍ଷା, ଦାରିଦ୍ର୍ୟ ତଥା ଆର୍ଥିକ ପ୍ରତିବନ୍ଧକ ମଧ୍ୟରେ ଖୁବ୍ କ୍ୱଚିତ୍ ବୃଦ୍ଧି ପାଇଥାଏ। ପ୍ରସଙ୍ଗ ଯେ ପ୍ରଥମରୁ ପଞ୍ଚମ ଶ୍ରେଣୀର ସମସ୍ତ ପିଲାଙ୍କୁ ପ୍ରତିଦିନ ୧୦୦ ଗ୍ରାମ୍ ଶସ୍ୟ, ଡାଲି, ପନିପରିବା ଦିଆଯାଉଥିବା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କୁ ୧୫୦ ଗ୍ରାମ୍ ସମାନ ଖାଦ୍ୟ ସାମଗ୍ରୀ ଦିଆଯାଉଛି। ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ କ୍ୟାଲୋରି, ପ୍ରୋଟିନ୍ ବ୍ୟତୀତ ଆଇରନ୍ ଫୋଲିକ୍ ଏସିଡ୍ ପରି ମାଇକ୍ରୋନ୍ୟୁଟ୍ରିଏଣ୍ଟସ ଯୋଗାଇବା। ସୂଚନାଯୋଗ୍ୟ, ମଧ୍ୟାହ୍ନ ଭୋଜନ ଯୋଜନା କେବଳ ଏକ ଯୋଜନା ନୁହେଁ, ବରଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁଯାୟୀ ଏହା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀର ପିଲାମାନଙ୍କର ଏକ ଆଇନଗତ ଅଧିକାର। ପ୍ରାଥମିକ ଶିକ୍ଷା ବିସ୍ତାର ତଥା ନବୀକରଣ ପାଇଁ ୧୯୫୭ରେ ସରକାରଙ୍କ ଦ୍ୱାରା ଅଲ୍ ଇଣ୍ଡିଆ ପ୍ରାଥମିକ ଶିକ୍ଷା ଆୟୋଗ ଗଠନ କରାଯାଇଥିଲା।



୧୯୬୫ରେ ରାଷ୍ଟ୍ରୀୟ ଶିକ୍ଷା ଆୟୋଗ ରିପୋର୍ଟରେ ଦର୍ଶାଯାଇଛି, ଶିକ୍ଷା ବ୍ୟବସ୍ଥାରେ କୌଣସି ଭେଦଭାବ ନ ରଖି ପ୍ରତ୍ୟେକ ଧର୍ମ, ଜାତି ଓ ଲିଙ୍ଗର ପିଲାଙ୍କୁ ସମାନ ଗୁରୁତ୍ୱ ଦିଆଯାଇଛି। ଏହି ଆୟୋଗ ଯୋଗୁ ଜାତୀୟ ଶିକ୍ଷା ନୀତି ୧୯୬୮ ସାମ୍ନାକୁ ଆସିଲା। ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ କରିବା ପାଇଁ ଏଠାରେ ଠୋସ୍ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ନ୍ୟାଶନାଲ ପଲିସି ଅଫ୍ ଏଜୁକେଶନ ୧୯୮୬ରୁ ଶିକ୍ଷାଗତ ପରିବେଶରେ ଏକ ନୂତନ ଧାରଣା ସୃଷ୍ଟି ହୋଇଥିବାବେଳେ ୧୯୮୫ର ଅପରେଶନ ବ୍ଲାକ ବୋର୍ଡ ମୌଳିକ ସୁବିଧାରେ ପରିପୂର୍ଣ୍ଣ ଥିଲା। ବର୍ତ୍ତମାନ ନୂତନ ଶିକ୍ଷା ନୀତି ୨୦୨୦ ସହିତ ଜଡ଼ିତ। ମାନବିକ ଶିକ୍ଷା କେବଳ ଶିକ୍ଷା ଦ୍ୱାରା ଉପଯୋଗୀ ହୋଇପାରିବ। ବର୍ତ୍ତମାନର ଯୁଗ ହେଉଛି କେବଳ ସୂଚନା ଓ ତଥ୍ୟ ସଂଗ୍ରହ କରିବା। ଏହାର ଉପଯୋଗମୂଳକ ଉପସ୍ଥାପନା ହେଉଛି ଆଜିର ଦୁନିଆରେ ବୁଦ୍ଧିର ପ୍ରମାଣ ଦେବା। ଏଭଳି ପରିସ୍ଥିତିରେ ପିଲାମାନଙ୍କ ଶିକ୍ଷା ଉପରେ କୌଣସି ଆପୋସ ବୁଝାମଣା କରିବା ଠିକ୍ ନୁହେଁ, ଯାହା ସେମାନଙ୍କ ଶିକ୍ଷାକୁ କ୍ଷତିରେ ପହଞ୍ଚାଇ ଦେବ।

ସ୍କୁଲ ମଧ୍ୟାହ୍ନଭୋଜନ ଯୋଜନାରେ କୌଣସି ଘୋଟାଲା କିମ୍ବା ଅବହେଳା ନ ହେବା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏକ କମିଟି ଗଠନ କରିଛି। ଏହି କମିଟି ଜାତୀୟ ସ୍ତରରେ ଯୋଜନା ଉପରେ ତୀକ୍ଷ୍ଣ ନଜର ରଖିଛି। ଯାହା ଫଳରେ ଦେଶର ପ୍ରତ୍ୟେକ ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ଏହା ସତ୍ତ୍ୱେ ଏଥିରେ ଅନେକ ତ୍ରୁଟି ଥିବା ଅଭିଯୋଗ ହେଉଛି। ଅଖାଦ୍ୟ ପରିବେଷଣ ଯୋଗୁ ପିଲାମାନେ ଅସୁସ୍ଥ ହୋଇପଡ଼ିଛନ୍ତି। ଅନେକ ସମୟରେ କେତେକଙ୍କ ମୃତ୍ୟୁ ହେବାର ଦେଖାଯାଉଛି। ଏହି ଯୋଜନାରେ ପିଲାମାନେ ଲାଭ ପାଉଥିବାବେଳେ ଏହାର ଅପବ୍ୟବହାରକୁ ରୋକିବା ସମ୍ଭବ ହୋଇନାହିଁ । ଏହି ଯୋଜନା ପ୍ରାୟ ତିନି ଦଶନ୍ଧି ଧରି ଚାଲିଥିଲେ ମଧ୍ୟ ଆଖିଦୃଶିଆ ଉନ୍ନତି ଆଣିବାରେ ବିଫଳ ହୋଇଛି। ତା' ସତ୍ତ୍ୱେ ମଧ୍ୟାହ୍ନଭୋଜନ ଯୋଜନା ଦ୍ୱାରା ପ୍ରାଥମିକ ଶିକ୍ଷା ସ୍ତରରେ ଉପସ୍ଥାନ ବୃଦ୍ଧି ଘଟିଛି। ଦେଶର ଗରିବ ପୁଷ୍ଟିହୀନ ପିଲାମାନଙ୍କୁ ବିଦ୍ୟାଳୟକୁ ଆସିବାକୁ ଉତ୍ସାହିତ କରାଯାଉଛି ।

ପ୍ରକୃତରେ ମଧ୍ୟାହ୍ନଭୋଜନ ଯୋଜନା ଦେଶର କୋଟି କୋଟି ପିଲାଙ୍କ ଆଶା ଭରସା। ସେମାନେ ଶିକ୍ଷା ଗ୍ରହଣ କରିବା ସହିତ ପେଟର କ୍ଷୁଧା ଆଂଶିକ ନିବାରଣ କରିଥାଆନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଣରେ ଉନ୍ନତି ଘଟିଲେ ଶିକ୍ଷାର ସ୍ତର ନିଃସନ୍ଦେହରେ ବଢ଼ିବ!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ**
**ମୋ: ୯୦୪୦୧୫୧୪୭୫**

# ପୁଞ୍ଜିପତିଙ୍କ ପଳାୟନ କାହିଁକି



ଇପ୍ସିତା ମହାନ୍ତି

ଚଳିତବର୍ଷ ଆଠ ହଜାରରୁ ଊର୍ଦ୍ଧ୍ୱ ପୁଞ୍ଜିପତି ଭାରତ ଛାଡ଼ି ଅନ୍ୟ ଦେଶରେ ବାସ କରିବେ ବୋଲି କୁହାଯାଉଛି। କେବଳ ଭାରତୀୟ ପୁଞ୍ଜିପତି ନୁହନ୍ତି, ଅନ୍ୟତ୍ର ବସତି ପାଇଁ ସାରାଦୁନିଆର ବିଭିନ୍ନ ପ୍ରାନ୍ତର ପୁଞ୍ଜିପତି ଆଜି ବିଦେଶମୁହାଁ ହେଉଛନ୍ତି। ନିଜ ଦେଶର ଶାସନ ବ୍ୟବସ୍ଥା ପ୍ରତି ବୀତସ୍ପୃହ ହୋଇ ନା ପରିବାର ସହ ନିଜେ ଭଲରେ ଜୀବନ ଜିଇବା କାମନାରେ ଏମାନେ ଅନ୍ୟ ଦେଶକୁ ପଳାୟନ କରୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦେଶରେ ବସବାସ ପାଇଁ ପୁଞ୍ଜିପତିଙ୍କୁ ସହାୟତା କରୁଥିବା ହେନ୍‌ଲି ଆଣ୍ଡ ପାର୍ଟନର୍ସ କମ୍ପାନୀ ଦ୍ୱାରା ଜାରି ୨୦୨୨ର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ଅନୁସାରେ ରୁଷ, ୟୁକ୍ରେନ, ଭାରତ ଏବଂ ଚାଇନା ପରି ଦେଶରୁ ବହୁ ସଂଖ୍ୟକ ପୁଞ୍ଜିପତି ଅନ୍ୟ ଦେଶକୁ ପଳାୟନ କରୁଛନ୍ତି।

ଦେଶ ଛାଡ଼ି ଚାଲି ଯାଉଥିବା ଭାରତୀୟ ପୁଞ୍ଜିପତିମାନେ ୟୁରୋପୀୟ ଦେଶ ସମୂହ ପରେ ଦୁବାଇ ଏବଂ ସିଙ୍ଗାପୁରରେ ବସତି ପ୍ରତି ଅଧିକ ଆଗ୍ରହୀ ରହିଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ପୂର୍ବରୁ ଲୋକମାନେ ଆମେରିକା ଅବା ବ୍ରିଟେନ୍‌ରେ ରହିବାର ସ୍ୱପ୍ନ ଦେଖୁଥିଲେ, ବର୍ତ୍ତମାନ କିନ୍ତୁ ଏହି ଧାରାରେ ପରିବର୍ତ୍ତନ ଆସିଛି। ୟୁରୋପୀୟ ସଙ୍ଘରୁ ପ୍ରସ୍ଥାନ ନେବା ପରେ ବ୍ରିଟେନ୍‌ରେ ଟିକସର ମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇଛି, ଯେଉଁଥିପାଇଁ ଭାରତୀୟ ପୁଞ୍ଜିପତିମାନେ ବର୍ତ୍ତମାନ ଏଠାରେ ବସତି ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଆମେରିକାରେ ମଧ୍ୟ ଟିକସର ପରିମାଣ ବଢ଼ିଛି, ତତ୍‌ସହିତ ବିଦେଶୀଙ୍କ ପାଇଁ ରହିଥିବା ନୀତିନିୟମ ଓ କଟକଣା ପୂର୍ବାପେକ୍ଷା ଅଧିକ କଠୋର ହୋଇଛି। ରାଷ୍ଟ୍ରପତି ନିର୍ବାଚନରେ ପରାସ୍ତ ହେବା ପରେ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ ଯୁକ୍ତରାଷ୍ଟ୍ରର ରାଜଧାନୀ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଘଟଣା ବିଶ୍ୱ ଦରବାରରେ ଆମେରିକାକୁ କେବଳ ନିନ୍ଦିତ କରିନାହିଁ ବରଂ ତା'ର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି। ଏହି କାରଣରୁ ସାରାଦୁନିଆର ପୁଞ୍ଜିପତିମାନେ ଏହି ଦୁଇ ଦେଶଠାରୁ ଦୂରତା ରକ୍ଷା କରୁଛନ୍ତି।

ଦୁବାଇ ଏବଂ ସିଙ୍ଗାପୁର ଭଳି ସ୍ଥାନ ଭାରତର କେବଳ ନିକଟବର୍ତ୍ତୀ ତାହା ନୁହେଁ, ଏଠାରେ ସାରାଦୁନିଆର ବୈଷୟିକ ସଂସ୍ଥା ମଧ୍ୟ ରହିଛି। ଅଧିକାଂଶ ନୂତନ ଭାରତୀୟ ପୁଞ୍ଜିପତି ଯୁବ ବର୍ଗର, ଯେଉଁମାନେ ବୈଷୟିକ ଜଗତ ସହ ଜଡିତ। ତେଣୁ ଏମାନେ ଏହି ଦେଶ ଦ୍ୱୟକୁ ପସନ୍ଦ କରିବା ଚକିତ କରୁନାହିଁ। ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ପ୍ରକାଶ ପାଇବା ପରେ ହେନ୍‌ଲି ଆଣ୍ଡ ପାର୍ଟନର୍ସ କମ୍ପାନୀରେ କାର୍ଯ୍ୟରତା ଇପ୍ସିତା ଭୁବାନିଆ ଉକ୍ତ କମ୍ପାନୀର ୱେବ୍‌ସାଇଟ୍‌ରେ ଏହି ସନ୍ଦର୍ଭରେ ଏକ ଲେଖା ଲେଖିଥିଲେ। ସେ କହିଛନ୍ତି, ଦୁବାଇ ଓ ସିଙ୍ଗାପୁରରେ ଉତ୍କୃଷ୍ଟ ଧରଣର ସ୍ୱାସ୍ଥ୍ୟସେବାର ସୁବିଧା ତ ରହିଛି, ପୁଣି ଏଠାକାର ଆଇନଶୃଙ୍ଖଳା ମଧ୍ୟ ଉନ୍ନତମାନର। ଏହି କାରଣରୁ ଦୁବାଇ ଏବଂ ସିଙ୍ଗାପୁର ଭଳି ଭୂଖଣ୍ଡ ଆଜି ଭାରତୀୟ ପୁଞ୍ଜିପତିଙ୍କ ପସନ୍ଦ ତାଲିକାର ଶୀର୍ଷ ସ୍ଥାନରେ ରହିଛି।

ତୁଳନାତ୍ମକ ଭାବେ ସାରାଦୁନିଆର ଦୃଶ୍ୟପଟକୁ ଯଦି ଆଲୋଚନାର ପରିସରକୁ ନେବା, ତେବେ ପରିସଂଖ୍ୟାନ ଅନୁଯାୟୀ ସାରାଦୁନିଆରେ ଅଧିକ ସଂଖ୍ୟକ ରୁଷୀୟ ପୁଞ୍ଜିପତି ହିଁ ବର୍ତ୍ତମାନ ସ୍ୱଦେଶ ଛାଡ଼ିଛନ୍ତି। ହେନ୍‌ଲି ଗ୍ଲୋବାଲ ସିଟିଜେନ୍ସ ରିପୋର୍ଟର ତଥ୍ୟ ଦର୍ଶାଉଛି ଯେ ଚଳିତବର୍ଷର ଶେଷ ସୁଦ୍ଧା ୧୫,୦୦୦ରୁ ଊର୍ଦ୍ଧ୍ୱ ରୁଷୀୟ ଆରବପତି ବା ଅତି ଧନୀବ୍ୟକ୍ତି ବିଶେଷ ଦେଶ ଛାଡ଼ି ଚାଲିଯିବାକୁ ଚାହୁଁଛନ୍ତି। ଏହା ହେଉଛି ବର୍ତ୍ତମାନ ସମୟରେ ରୁଷ ଛାଡୁଥିବା ପୁଞ୍ଜିପତିମାନଙ୍କର ସର୍ବବୃହତ୍ ଚିତ୍ର। ୨୦୧୯ରେ ମଧ୍ୟ ଏହିଭଳି ସମାନ ଧରଣର ଲହରୀ ଦେଖିବାକୁ ମିଳିଥିଲା। ସେତେବେଳେ ୯୫୦୦ ରୁଷୀୟ ପୁଞ୍ଜିପତି ସ୍ୱଦେଶ ଛାଡ଼ି ଚାଲିଯାଇଥିଲେ, ଯାହାର କାରଣ ଥିଲା ମହାମାରୀ କରୋନା। କିନ୍ତୁ ବର୍ତ୍ତମାନର କାରଣ ହେଉଛି ବିଗତ କିଛି ମାସ ଧରି ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ। ଏହି ଯୁଦ୍ଧ ହେତୁ ୟୁକ୍ରେନ୍‌ରୁ ମଧ୍ୟ ୨୮୦୦ ଆରବପତି ଅନ୍ୟ ଦେଶକୁ ଚାଲି ଯାଇଛନ୍ତି। ଏହା ଦ୍ୱାରା ୟୁକ୍ରେନ୍‌କୁ ଅଧିକ ମାତ୍ରାରେ କ୍ଷତି ସହିବାକୁ ପଡ଼ିଛି। ୨୦୧୯ରେ ମଧ୍ୟ ଏଠାରୁ ଆରବପତିଙ୍କ ପଳାୟନର ସୁଅ ଛୁଟିଥିଲା, କିନ୍ତୁ ୨୦୨୨ର ସଂଖ୍ୟା ପୂର୍ବର ସମସ୍ତ ରେକର୍ଡକୁ ଭଙ୍ଗ କରିଛି।

ରୁଷ, ଚାଇନା, ଭାରତ, ହଂକଂ, ବ୍ରାଜିଲ, ୟୁକ୍ରେନ୍, ବ୍ରିଟେନ୍, ମେକ୍ସିକୋ, ସାଉଦି ଆରବ ଏବଂ ଇଣ୍ଡୋନେସିଆ ଭଳି ଦେଶ ୨୦୨୨ର ଶ୍ରେଷ୍ଠ–୧୦ଟି ତାଲିକାରେ ରହିଛନ୍ତି। ଏସବୁ ଦେଶରୁ ଅଧିକ ସଂଖ୍ୟକ ପୁଞ୍ଜିପତି ବର୍ତ୍ତମାନ ସ୍ୱଦେଶ ଛାଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ବିଶ୍ୱ ଉପରେ କରୋନା ଆକ୍ରମଣ ନ କରିବା ପର୍ଯ୍ୟନ୍ତ ଗତ ଏକ ଦଶନ୍ଧି ଧରି ବିଭିନ୍ନ ଦେଶରୁ ପୁଞ୍ଜିପତିଙ୍କ ପଳାୟନ ଜାରି ରହିଥିଲା। ୨୦୨୦ ଏବଂ ୨୦୨୧ରେ ଏଥିରେ ଶିଥିଳତା ଦେଖାଦେଇଥିବା ବେଳେ ବର୍ତ୍ତମାନ ପୁଣିଥରେ ଏହା ଦ୍ରୁତ ଗତିରେ ବଢ଼ି ଚାଲିଛି। ତଥ୍ୟ ଅନୁସାରେ ଚଳିତବର୍ଷର ଶେଷ ସୁଦ୍ଧା ବିଶ୍ୱର ବିଭିନ୍ନ ଦେଶର ୮୮ ହଜାର ଆରବପତି ସ୍ୱଦେଶ ଛାଡ଼ି ଅନ୍ୟ ଦେଶରେ ବସବାସ କରିବେ। ଆକଳନ କହୁଛି ଆସନ୍ତା ବର୍ଷ ଅର୍ଥାତ୍ ୨୦୨୩ରେ ଏହି ସଂଖ୍ୟା ୧.୨୫ ଲକ୍ଷକୁ ଛୁଇଁଯିବ।



ବଡ଼ କଥା ହେଉଛି ଦୁନିଆର ଏତେ ସଂଖ୍ୟକ ପୁଞ୍ଜିପତି ଆମେରିକା କିମ୍ବା ବ୍ରିଟେନ୍‌କୁ ବସବାସ ପାଇଁ ଯାଆନ୍ତି ନାହିଁ। ବରଂ ଏଠାରୁ ପୁଞ୍ଜିପତି ପଳାୟନ କରୁଛନ୍ତି। ୨୦୧୭ ପରେ କେବଳ ବ୍ରିଟେନ୍‌ର ହିଁ ୧୨୦୦୦ରୁ ଊର୍ଦ୍ଧ୍ୱ ପୁଞ୍ଜିପତି ଦେଶ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଭାରତୀୟଙ୍କ ପସନ୍ଦକୁ ବାଦ୍ ଦେଲେ ଅବଶିଷ୍ଟ ବିଶ୍ୱର ଅଧିକାଂଶ ପୁଞ୍ଜିପତିଙ୍କ ପ୍ରଥମ ପସନ୍ଦର ବସତିରେ ସ୍ଥାନ ହେଉଛି ମାଲ୍ଟା, ମରିସସ୍ ଏବଂ ମୋନାକୋ। ଏସବୁ ଦେଶ ପୂର୍ବରୁ ହିଁ ଟ୍ୟାକ୍ସ ଆଶ୍ରୟସ୍ଥଳ ବା ବିଦେଶୀ ପୁଞ୍ଜିପତିଙ୍କ ଭୂସ୍ୱର୍ଗ ଭାବରେ ଅପଖ୍ୟାତି ଅର୍ଜନ କରିଛନ୍ତି। ଏତଦ୍‌ବ୍ୟତୀତ ସଂଯୁକ୍ତ ଆରବ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଇସ୍ରାଏଲ, ସୁଇଜରଲାଣ୍ଡ, ପର୍ତ୍ତୁଗାଲ, ଗ୍ରୀସ୍, କାନାଡ଼ା ଏବଂ ନ୍ୟୁଜିଲାଣ୍ଡ ଆଦି ଦେଶରେ ଦୁନିଆର ବିଭିନ୍ନ ପ୍ରାନ୍ତର ପୁଞ୍ଜିପତିମାନେ ବସବାସ କରିବାକୁ ପସନ୍ଦ କରୁଛନ୍ତି। ଏହିସବୁ ଦେଶଗୁଡ଼ିକ ମଧ୍ୟରୁ ପୁଞ୍ଜିପତିଙ୍କ ପସନ୍ଦ ତାଲିକାରେ ଇସ୍ରାଏଲ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ସିଙ୍ଗାପୁର ଶୀର୍ଷରେ ରହିଛନ୍ତି।

ବସବାସ ପାଇଁ ଏ ସମସ୍ତ ପୁଞ୍ଜିପତି ଖାଲି ହାତରେ କୌଣସି ଦେଶକୁ ଯାଆନ୍ତି ନାହିଁ। ସେମାନେ ସେଠାକୁ ପରିବାର ସହ ନିଜ ସମ୍ପତ୍ତିକୁ ମଧ୍ୟ ସାଙ୍ଗରେ ନେଇଯାଇଥା'ନ୍ତି। ଏହି କାରଣରୁ ପୁଞ୍ଜିପତିମାନେ ଯେଉଁ ଦେଶକୁ ବସବାସ ପାଇଁ ଯାଇଥା'ନ୍ତି, ସେହି ଦେଶର ଧନ ବୃଦ୍ଧି ହୋଇଥାଏ। ପୁଞ୍ଜିପତିଙ୍କ ପଳାୟନର ଏକମାତ୍ର କାରଣ କେବଳ ସ୍ୱଦେଶର ଅତିରିକ୍ତ ଟିକସ ବୋଝ ନୁହେଁ, ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ନିରାପତ୍ତା ମଧ୍ୟ ଅନ୍ୟତମ ପ୍ରମୁଖ କାରଣ। କଡ଼ା ଆଇନ ପ୍ରଣୟନ ସହ ଏହି କ୍ଷେତ୍ରରେ ଭାରତ ଉନ୍ନତି କଲେ ତାହା ପୁଞ୍ଜିପତିଙ୍କ ପଳାୟନ ଦିଗରେ ଯେ କେବଳ ରୋକ ଲଗାଇବାକୁ ସମର୍ଥ ହେବ ତାହା ନୁହେଁ, ବରଂ ଭାରତର ଅର୍ଥନୀତିକୁ ଏହା ଗତି ପ୍ରଦାନ କରିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ– ୬୩୭୦୬୭୯୪୦୫**

## ଏଇ ଭାରତରେ

ଆଗ୍ରାର ଐତିହାସିକ ରାମଲୀଳାରେ ହିନ୍ଦୁ–ମୁସଲମାନ ଏକତାର ବାର୍ତ୍ତା ଉଦାହରଣ ସୃଷ୍ଟି କରୁଛି। ଆଗ୍ରାରେ ରାବଣ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମୂର୍ତ୍ତିଗୁଡ଼ିକ ମଥୁରାର କୋସିକଳାର ମୁସଲମାନ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଏଥର ଆଗ୍ରା ଦୁର୍ଗ ନିକଟ ରାମଲୀଳା ମୈଦାନରେ ୧୦୦ ଫୁଟର ରାବଣ ମୂର୍ତ୍ତି ତିଆରି ଚାଲିଛି। ୨୫ ଦିନ ଧରି ୫ କାରିଗର ମୂର୍ତ୍ତି ତିଆରିରେ ନିୟୋଜିତ ଅଛନ୍ତି। ରାବଣ, କୁମ୍ଭକର୍ଣ୍ଣ ଏବଂ ମେଘନାଦଙ୍କ ମୂର୍ତ୍ତି ପାଇଁ ୨୦,୦୦୫ ବାଉଁଶ, ଏକ କୁଇଣ୍ଟାଲ କାଗଜ ସହିତ ୫୦ କିଲୋଗ୍ରାମ ସୂତା ଏବଂ ଅନ୍ୟାନ୍ୟ ଜିନିଷ ଲାଗିବ। ଶ୍ରୀ ରାମଲୀଳା କମିଟିର ଉପାଧ୍ୟକ୍ଷ ଆନନ୍ଦ ମଙ୍ଗଲ କହିଛନ୍ତି, ଏଠାରେ ଉଭୟ ହିନ୍ଦୁ ଏବଂ ମୁସଲମାନ ଦଶହରାରେ ପାରସ୍ପରିକ ସହଯୋଗରେ ଉତ୍ସବକୁ ପାଳନ କରିଥାନ୍ତି। ମଥୁରାର କୋସି ନିବାସୀ ଜାଫର ଅଲି କୁହନ୍ତି, ପୂର୍ବରୁ ଆମ ପିତୃପୁରୁଷ ରାବଣ ଓ କୁମ୍ଭକର୍ଣ୍ଣଙ୍କ ମୂର୍ତ୍ତି ତିଆରି କରୁଥିଲେ। ଆମେ ପ୍ରାୟ ୧୩୫ ବର୍ଷ ଧରି ପିଢ଼ି ପରେ ପିଢ଼ି ଏହା କରୁଛୁ। ବର୍ଷା ଲାଗି ରହିଛି, ତେଣୁ ମୂର୍ତ୍ତି ତିଆରି କରିବାରେ ସମସ୍ୟା ହେଉଛି। ଏପଟେ ଦଶହରା ମଧ୍ୟ ପାଖେଇ ଆସୁଛି। ଶୀଘ୍ର ଆମେ ଅଧିକ କାରିଗର ଯୋଗାଡ଼ କରି ଧାର୍ଯ୍ୟ ଦିନ ପୂର୍ବରୁ କାମ ଶେଷ କରିବୁ। ଆମ ପାଇଁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମ ସମାନ। ଯେପରି ଆମ ପାଇଁ ଆଲ୍ଲା ଅଛନ୍ତି, ସେହିପରି ଆମ ପାଇଁ ରାମ ମଧ୍ୟ ଅଛନ୍ତି। କାରଣ ଏଠାରେ କାମ କରି ଆମେ ରୋଜଗାର ପାଇଥାଉ, ଯେଉଁ କାରଣରୁ ଆମ ଘରର ଚୁଲି ଜଳେ। ତେଣୁ ଏହା ଆମ ପାଇଁ ଭାଇଚାରା ଛଡ଼ା ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ସେପ୍ଟେମ୍ବର ୧୯୯୭

- ଜେଏମ୍ଏମ୍ ସାଂସଦଙ୍କ ଉତ୍କୋଚ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ସମେତ ୨୦ ଜଣଙ୍କ ନାମରେ ମକଦ୍ଦମା ରୁଜୁ।
- ବିହାରର ଛୋଟି ଗଣ୍ଡକ ନଦୀରେ ଦେଶୀ ନୌକା ବୁଡ଼ି ୨୬ ସ୍କୁଲ୍ ପିଲାଙ୍କ ମୃତ୍ୟୁ।
- ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଇ.ଏସ୍. ଭେଙ୍କଟରାମାୟାଙ୍କ ୭୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ପୁରୁଣା ମେଘ ସହି!
ଆସଇ ନୂଆ ହୋଇ
କରିବି ନୂଆ କଥା ରଚନା।
କହିବି ଜୀବନର
ଗୋପନ କଥା ମୋର
ଲୁଚିଲା ଯେତେ କ୍ଷତ ଶୋଚନା।
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 7 | | 2 | | 1 | 4 |
| | 8 | 6 | 9 | | | | | |
| | | | | | 6 | | | |
| 9 | | | | | | | | |
| | | | 3 | 7 | | | 5 | |
| | | | | | | 2 | 3 | |
| | 2 | | | 3 | 7 | 9 | | |
| 1 | | 5 | 6 | | | 4 | | |
| | 6 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 8 | 3 | 5 | 6 | 2 | 9 | 1 |
| 6 | 2 | 3 | 1 | 9 | 4 | 7 | 5 | 8 |
| 9 | 1 | 5 | 2 | 7 | 8 | 3 | 6 | 4 |
| 1 | 5 | 6 | 9 | 8 | 3 | 4 | 2 | 7 |
| 3 | 9 | 2 | 7 | 4 | 1 | 6 | 8 | 5 |
| 8 | 7 | 4 | 5 | 6 | 2 | 1 | 3 | 9 |
| 5 | 3 | 7 | 4 | 2 | 9 | 8 | 1 | 6 |
| 2 | 8 | 9 | 6 | 1 | 7 | 5 | 4 | 3 |
| 4 | 6 | 1 | 8 | 3 | 5 | 9 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅହିଂସା ରଥ କାହା ପାଇଁ

ମହାଶୟ,

ସ୍ୱାଧୀନତାର ୭୫ ବର୍ଷ ଅତିକ୍ରାନ୍ତ ହୋଇସାରିଛି ; ହେଲେ ସଂଗ୍ରାମୀଙ୍କ ରାମରାଜ୍ୟ ପ୍ରତିଷ୍ଠା ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ଓଡ଼ିଶା ସରକାର ଗାନ୍ଧିଜୀଙ୍କ ନିଶା ନିବାରଣ ନୀତିକୁ ଭୁଲି ଗାଁ–ଗହଳିରେ ଦେଶୀ ବିଦେଶୀ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ଦେଉଛନ୍ତି। ସବୁ ରାଜନୈତିକ ଦଳର ନେତାନେତ୍ରୀଗଣ ଭୋଟ ପାଇଁ ହିଂସାର ମାର୍ଗ ଆପଣାଇବାକୁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଉଛନ୍ତି। ବିଧାନସଭା ଓ ସଂସଦରେ ଜନପ୍ରତିନିଧିମାନେ ପିଟାପିଟି ହେଉଛନ୍ତି। ନେତାନେତ୍ରୀଗଣ ଜନତାଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ କରୁନାହାନ୍ତି। ଏସବୁ ସତ୍ତ୍ୱେ ରାଜ୍ୟବ୍ୟାପୀ ଅହିଂସା ରଥ ବୁଲାଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୃହ ବିଭାଗର ଛୋଟ କର୍ମଚାରୀଗଣ ରଥକୁ ସ୍ୱାଗତ କରୁଛନ୍ତି। ସ୍କୁଲ ପିଲାମାନଙ୍କୁ ବି ଏଥିରେ ସାମିଲ କରାଯାଉଛି। ଏପରି ହେଲେ ଲୋକେ କଦାପି ଗାନ୍ଧୀ କିମ୍ବା ଗୋପବନ୍ଧୁଙ୍କ ପରି ହୋଇଯିବେ ନାହିଁ। ଲୋକେ ଓ ନେତାମାନେ ସେମାନଙ୍କ ଆଚରଣରେ ପରିବର୍ତ୍ତନ ଆଣିଲେ ଅହିଂସା ରଥ ଏବଂ ରାମ ରାଜ୍ୟର ମହତ୍ତ୍ୱ ପ୍ରତିପାଦିତ ହୋଇପାରିବ।

**– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରତ୍ନଭଣ୍ଡାରକୁ ଡର

## ୨୭ରେ ପରିଚାଳନା କମିଟି ବୈଠକ

- ରତ୍ନଭଣ୍ଡାର ପ୍ରସଙ୍ଗ ଆଲୋଚନା ହେବା ନେଇ ଦ୍ୱନ୍ଦ୍ୱ
- କାର୍ଯ୍ୟସୂଚୀରେ ସ୍ଥାନ ପାଇନାହିଁ

ପୁରୀ ଅଫିସ,୨୫।୯

ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହୋଇପଡ଼ିଥିବାରୁ ଏହାର ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ରତ୍ନଭଣ୍ଡାର ଖୋଲାଯିବା ସହ ଏହାର ମରାମତି କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଆସୁଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ନୀରବ ରହିଥିବାବେଳେ ପରିଚାଳନା କମିଟିରେ ଦ୍ୱନ୍ଦ୍ୱ ଦେଖାଦେଇଛି। ଆସନ୍ତା ୨୭ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗ ଆଲୋଚନା ହେଉ ବୋଲି କେତେଜଣ ସଦସ୍ୟ ଚାହୁଁଥିବାବେଳେ ଅନ୍ୟ କେତେଜଣ ଏ ନେଇ ମୁହଁ ଖୋଲିବାକୁ ନାରାଜ। ତେଣୁ ରତ୍ନଭଣ୍ଡାର ଖୋଲାଯିବାକୁ ରାଜ୍ୟ ସରକାର ଏବଂ ପରିଚାଳନା କମିଟି ଏକପ୍ରକାର ଭୟ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

ସୂଚନା ଅନୁଯାୟୀ, ଆଗାମୀ ପରିଚାଳନା କମିଟି ବୈଠକର କାର୍ଯ୍ୟସୂଚୀରେ ଏପର୍ଯ୍ୟନ୍ତ ରତ୍ନଭଣ୍ଡାର ପ୍ରସଙ୍ଗ ସ୍ଥାନ ପାଇପାରିନାହିଁ। ତେଣୁ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହେବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି। ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି,



୨୦୧୮ ମସିହାରେ ଦାଖଲ ହୋଇଥିବା ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟକୁ ଇତିମଧ୍ୟରେ ୪ବର୍ଷ ପୂରିଲାଣି। ଏହାପରେ ଗତ ଅଗଷ୍ଟରେ ଏଏସ୍ଆଇ ପୁଣି ଥରେ ରତ୍ନଭଣ୍ଡାର ସୁରକ୍ଷା ସମ୍ପର୍କିତ ଏକ ଚିଠି ଲେଖି ଏହାର ମରାମତି ଦାବି କରିଛି। ଏଣୁ ଏହି ପ୍ରସଙ୍ଗରେ ଆଗାମୀ ପରିଚାଳନା କମିଟି ବୈଠକଗୁଡ଼ିକରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ରତ୍ନଭଣ୍ଡାର ନିରୀକ୍ଷଣ ଓ ମରାମତି ନେଇ ଆନୁଷଙ୍ଗିକ ପ୍ରସ୍ତୁତି ପାଇଁ କେତେ ସମୟ ଲାଗିବ ସେ ସଂକ୍ରାନ୍ତରେ ଆଲୋଚନା ହେବ। ଏଥିସହ ରତ୍ନଭଣ୍ଡାରରେ ଥିବା ସ୍ୱର୍ଣ୍ଣ ଅଳଙ୍କାର କିଭଳି ଭାବେ ସ୍ଥାନାନ୍ତର କରାଯିବ, ତାହାକୁ ମଧ୍ୟ ଆଲୋଚନାରେ ସାମିଲ କରାଯିବ। ରତ୍ନଭଣ୍ଡାର ଖୋଲାଯିବା ଓ ଏହାର ଚାବି ସମ୍ପର୍କରେ ଦୁଇଟି ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏହି ଦୁଇ ମାମଲା ସଂକ୍ରାନ୍ତରେ ବିଚାରବିମର୍ଶ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ରତ୍ନଭଣ୍ଡାର ସୁରକ୍ଷା ପାଇଁ ପରିଚାଳନା କମିଟି ସଦା ସଜାଗ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ମୁଖ୍ୟତଃ ଗତ ଅଗଷ୍ଟ ୬ ପରିଚାଳନା କମିଟିର ବିବରଣୀ ଦୃଢ଼ୀକରଣ, ମେ ୨୧ ଓ ଜୁନ ୭ ବୈଠକର ବିବରଣୀ ଅନୁପାଳନ, ନୀତି ସମ୍ପର୍କିତ ଆଲୋଚନା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି, ଆଦର୍ଶ ଗୁରୁକୁଳ, ସେବକ ବାସଗୃହ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହେବା ନେଇ ନିଷ୍ପତ୍ତି ହୋଇଛି। ତେବେ ଆଲୋଚନା କାର୍ଯ୍ୟସୂଚୀରେ ରତ୍ନଭଣ୍ଡାର ପ୍ରସଙ୍ଗ ନାହିଁ। ତେଣୁ ଏହା ଉପରେ ଆଲୋଚନା ହେବ କି ନାହିଁ ତାହା କହିବା ସମ୍ଭବପର ନୁହେଁ। ଆଲୋଚନାରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ସାମିଲ କରିବାକୁ ହେଲେ ସଭାପତିଙ୍କ ଅନୁମୋଦନ ଆବଶ୍ୟକ ହେବ। ଏଣୁ କମିଟି ସଦସ୍ୟ ଦାବି କଲେ ଏବଂ ଅଧ୍ୟକ୍ଷ ଅନୁମୋଦନ ଦେଲେ ହିଁ ଏହି ପ୍ରସଙ୍ଗ ନେଇ ଆଲୋଚନା ହୋଇପାରେ। ସେହିପରି କମିଟିର ଅନ୍ୟତମ ସଦସ୍ୟ ମାଧବ ପୂଜାପଣ୍ଡା ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗ ଆଲୋଚନା ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ସେ କହିଛନ୍ତି, ତାହା ଆଲୋଚନା ହୋଇପାରେ ଏବଂ ନ ହୋଇ ବି ପାରେ। ଏବେଠୁ କିଛି କହିହେବନାହିଁ। ଅନ୍ୟପକ୍ଷରେ ଏ ନେଇ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଭିତର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଆସନ୍ତା ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ମାତ୍ର କୌଣସି ଅଡୁଆ ପରିସ୍ଥିତିରେ ପଡ଼ିବା ଆଶଙ୍କାରେ ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବାକୁ ଡରୁଥିବାରୁ ପରିଚାଳନା କମିଟି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏଡ଼ାଇ ଯିବାକୁ ବାଧ୍ୟ ହେଉଛି। ଶ୍ରୀଜଗନ୍ନାଥ ସେନା ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହେବା ଉଚିତ ବୋଲି ସେ କହିଛନ୍ତି। ତେବେ ରତ୍ନଭଣ୍ଡାର ମରାମତି ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍ଆଇ ଲେଖିଥିବା ଚିଠି ଉପରେ ଅନୁଧ୍ୟାନ କରାଯାଉଛି ବୋଲି ଗତ ୨୩ ତାରିଖରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଗଣମାଧ୍ୟମକୁ କହିଥିଲେ।

ସୂଚନାଯୋଗ୍ୟ, ୨୦୧୮ ଏପ୍ରିଲ ୪ ତାରିଖରେ ୧୭ଜଣିଆ ପ୍ରାଧିକୃତ କମିଟି ରତ୍ନଭଣ୍ଡାର ଯାଞ୍ଚ ପାଇଁ ଯିବା ପୂର୍ବରୁ ହାଇକୋର୍ଟ ଏହାର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଥିଲେ। ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ ବୈଷୟିକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ଏହି କମିଟି କହିଥିଲା, ବାହାରୁ ସ୍ଥିତି ଅନୁଧ୍ୟାନ କରାଯାଉଥିବାରୁ ଭିତର ରତ୍ନଭଣ୍ଡାର ସ୍ଥିତି ଅଜଣା। ମାତ୍ର ରତ୍ନଭଣ୍ଡାର କାନ୍ଥ ପ୍ଲାଷ୍ଟର ଦୁର୍ବଳ ରହିଛି। ଫମ୍ପା ଶବ୍ଦ ହେଉଛି। ଭିତର ରତ୍ନଭଣ୍ଡାର ଯିବା ସମ୍ଭବ ନ ହେବାରୁ ବାହାର ରତ୍ନଭଣ୍ଡାର ଯାଞ୍ଚ କରି ଫେରିଛୁ। ଏଣୁ ଭିତର ରତ୍ନଭଣ୍ଡାର ପ୍ରବେଶ ଅନୁମତି ମିଳୁ। ଯାହାଫଳରେ ବୈଷୟିକ ଦୃଷ୍ଟିକୋଣରୁ ରତ୍ନଭଣ୍ଡାରର ଦୁର୍ବଳ ସ୍ଥିତି ସମ୍ପର୍କରେ ଅଧିକ ଜାଣିବା ସହଜ ହେବ। ତେବେ ବୈଷୟିକ କମିଟିର ଏହି ପ୍ରସ୍ତାବକୁ ପରିଚାଳନା କମିଟି ଏଯାବତ୍ କାର୍ଯ୍ୟକାରୀ କରିନାହିଁ।

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ ସିଙ୍ଗିଂ ଟ୍ୟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ଅରୋମିରାକ ମ୍ୟୁଜିକ୍ ଭିଡିଓ ରିଲିଜ୍, ଦି ପ୍ରେସିଡେନ୍ସି, ଇସ୍କନ ନିକଟ, ନୟାପଲ୍ଲୀ, ଅପରାହ୍ନ ୪ଟା।
- ଯୋଗିରାଜ ଶ୍ରୀ ଶ୍ୟାମାଚରଣ ଲାହିଡୀଙ୍କ ଜୀବନ ଚରିତ ଆଧାରିତ ଓଡ଼ିଆ ଅନୁବାଦ ପୁସ୍ତକ ‘ପୁରାଣ ପୁରୁଷ: ଯୋଗିରାଜ ଶ୍ରୀ ଶ୍ୟାମାଚରଣ ଲାହିଡୀ’ ପୁନଃ ସଂସ୍କରଣ ପ୍ରକାଶିତ, ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ଅପରାହ୍ନ ୫ଟା।
- ଶାରଳା ସ୍ମାରକ ପକ୍ଷରୁ ବିଶିଷ୍ଟ ଗବେଷକ ଡ. ଶାନ୍ତନୁ କୁମାର ରଥଙ୍କ ସ୍ମାରକୀ ବକ୍ତୃତା, ଗୀତ ଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।
- ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍‌ଚରର ଆଲୁମ୍ନି, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ନାଟ୍ୟସଂଘ ପକ୍ଷରୁ ଜାତୀୟ ଥିଏଟର ଉତ୍ସବ-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

## ନଦୀ ସୁରକ୍ଷା ପାଇଁ ବାଲେଶ୍ୱରରୁ କଟକ ଯାତ୍ରା




ରବିବାର ମହାନଦୀର କଟକ ଗଡ଼ଗଡିଆଘାଟଠାରେ ପହଞ୍ଚିଥିବା ନଦୀ ସୁରକ୍ଷା ଅଭିଯାନ ଯାତ୍ରା।

କଟକ ଅଫିସ,୨୫।୯

ବାଲେଶ୍ୱରର ସୋନ, ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରୁ ଆରମ୍ଭ ହୋଇଥିବା ନଦୀ ସୁରକ୍ଷା ଯାତ୍ରା ସୁବର୍ଣ୍ଣରେଖା, ବୈତରଣୀ, ଦୟା, ଭାର୍ଗବୀ ଓ ଗଙ୍ଗୁଆ ନାଳ ପରିଦର୍ଶନ କରି ରବିବାର ବିଶ୍ୱ ନଦୀ ଦିବସରେ କଟକଠାରେ ପହଞ୍ଚିଥିଲା। ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ଗବେଷିକା ଡ. ବ୍ରତୀନ୍ଦି ଜେନା, ଲୋକଶକ୍ତି ଅଭିଯାନର କଲ୍ୟାଣ ଆନନ୍ଦ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ମାନସ ପଟ୍ଟନାୟକଙ୍କ ନେତୃତ୍ୱରେ ଗତ ୨୩ ତାରିଖରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। କଟକ ଜିଲା ସର୍ବୋଦୟ ମଣ୍ଡଳ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ମହାନଦୀ ପୂଜନ କମିଟି ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ମହାନଦୀର ଗଡ଼ଗଡିଆ ଘାଟ ନିକଟରେ ଏହି ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଏହି ଯାତ୍ରାରେ ନଦୀ ଆମର ମାଆ: ତାହାର ସୁରକ୍ଷା ଆମର ଦାବି, କର୍ପୋରେଟ୍ ଓ ସରକାରୀ କବ୍‌ଜାରୁ ନଦୀକୁ ମୁକ୍ତ କରିବା, ନଦୀକୁ ପ୍ରଦୂଷଣ ମୁକ୍ତ ରଖିବା ଭଳି ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏହି ଅବସରରେ କଟକ ଜିଲା ସର୍ବୋଦୟ ମଣ୍ଡଳ ସଭାପତି ବିଶ୍ୱଜିତ୍ ସୂର୍ଯ୍ୟବଂଶୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଫୁଲ୍ଲ ସାମନ୍ତରା କହିଥିଲେ, ଆମ ଦେଶରେ ଜଳ ଓ ପରିବେଶ ସୁରକ୍ଷା ପାଇଁ କେତେକ ଆଇନ ରହିଛି। ହେଲେ ସ୍ୱାଧୀନତାର ୭୫ ବର୍ଷ ବିତିଥିଲେ ମଧ୍ୟ ନଦୀ ସୁରକ୍ଷା ପାଇଁ ଅଦ୍ୟାବଧି ଆଇନ ତିଆରି ହୋଇନାହିଁ। ଏହାର ସୁଯୋଗ ନେଇ ସରକାର ଓ କର୍ପୋରେଟ୍ ସଂସ୍ଥାଗୁଡିକ ନଦୀ ଜଳ ଲୁଟିନେବା ସହ ଏହାକୁ ପ୍ରଦୂଷିତ କରିବାରେ ଲାଗିଛନ୍ତି। ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ(ଏନ୍ଏପିଏମ୍) ପକ୍ଷରୁ ଓଡ଼ିଶା ସମେତ ଦେଶର ସମସ୍ତ ନଦୀ ଓ ଜଳ ଉତ୍ସର ସର୍ବେକ୍ଷଣ କରାଯାଇ କେନ୍ଦ୍ର ସରକାରଙ୍କ ପାଖରେ ତଥ୍ୟ ଉପସ୍ଥାପନ କରାଯିବା ପାଇଁ ସ୍ଥିର ହୋଇଛି। ଏଥିସହ ସରକାର ଏକ ଦୃଢ ନଦୀ ସୁରକ୍ଷା ଆଇନ ତିଆରି କରିବା ପାଇଁ ଦାବି କରାଯିବ ବୋଲି ସେ କହିଥିଲେ। ଏହି ଯାତ୍ରାକୁ ଜୟନ୍ତ କୁମାର ଦାସ, ଦୀପାୟନ ପଟ୍ଟନାୟକ, ମିହିର ପ୍ରତାପ ଦାସ, ଜ୍ଞାନରଞ୍ଜନ ସାମନ୍ତରାୟ, ସାଗର ଦାସ, ଅଶ୍ୱିନୀ ମହାରଣା, ଗଙ୍ଗାଧର ବେହେରା, ମହେଶ ରାୟ, ଜ୍ଞାନରଞ୍ଜନ ସାଇଁ, ପ୍ରମୋଦ ଦାସ, ପ୍ରିୟବ୍ରତ ପଟ୍ଟନାୟକ, ଗୌରବ ଜୈନ ପ୍ରମୁଖ ସ୍ୱାଗତ କରିବା ସହ ନଦୀ ଆନ୍ଦୋଳନକୁ ମଜଭୁତ କରିବାକୁ ଘୋଷଣା କରିଥିଲେ।

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ

## ହାଇଦ୍ରାବାଦରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୫।୯ (ବ୍ୟୁରୋ)

ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଯୁବକଙ୍କୁ ହାଇଦ୍ରାବାଦରୁ ଗିରଫ କରିଛି। ସେଠାରୁ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯିବା ପରେ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ଆଶିଷ କର। ତାଙ୍କଠାରୁ ପୋଲିସ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତ ଆଶିଷ ନୟାପଲ୍ଲୀ ଥାନା ଅନ୍ତର୍ଗତ ତ୍ରିନାଥ ନଗର ବସ୍ତିରେ ରହୁଥିଲେ। ୮ ମାସ ପୂର୍ବେ ଆଶିଷ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସାନ ଭଉଣୀଙ୍କୁ ନେଇ ପଳାଇଥିଲେ। ତେବେ ପରବର୍ତ୍ତୀ ସମୟରେ ପ୍ରେମିକା ତଥା ବଡ଼ ଭଉଣୀଙ୍କ ସହ ଭିଡିଓ କଲିଂ କରି କଥାହେବା ସହ ତାଙ୍କର କିଛି ଅଶ୍ଳୀଳ ଫଟୋ ମୋବାଇଲରେ ଉଠାଇ ନେଇ ତାଙ୍କ ଦାଦାଙ୍କ ନିକଟକୁ ପଠାଇ ଦେଇଥିଲେ। ଏ ନେଇ ଯୁବତୀଙ୍କ ବାପା ଜୁନ୍ ୨୬ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ଆଶିଷଙ୍କ ମୋବାଇଲ୍ ଟ୍ରାକ କରି ହାଇଦ୍ରାବାଦର ଜୁବିଲ୍ ହିଲସ୍ ପାର୍କ ଭିୟୁ ଏନ୍‌କ୍ଲେଭ ନିକଟରୁ ବଞ୍ଜାରା ହିଲ୍ ପୋଲିସ ସହାୟତାରେ ତାଙ୍କୁ କାବୁ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭୟ



@ ଗୁଣରାମ



@ ସ୍ୱୟମ



@ ଆଶୀର୍ବାଦ



@ ଚନ୍ଦନ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ।

## ଚିନ୍ତାମଣି ପରିଡ଼ାଙ୍କ ପରଲୋକ



ଭୁବନେଶ୍ୱର,୨୫।୯ (ବ୍ୟୁରୋ): ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦୁର୍ଯ୍ୟୋଧନ ପରିଡ଼ାଙ୍କ ପିତା ଚିନ୍ତାମଣି ପରିଡ଼ାଙ୍କ ରବିବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୮୭ବର୍ଷ ହୋଇଥିଲା। ପୁରୀ ଜିଲା ଡେଲାଙ୍ଗ ଷ୍ଟେଶନ ବଜାର ନିକଟ ହୁମାର ଗ୍ରାମ ନିବାସୀ ଚିନ୍ତାମଣି ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ୩ପୁଅ ଓ ଝିଅ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଦୁର୍ଯ୍ୟୋଧନ ମୁଖାଗ୍ନି ଦେଇଥିଲେ। ଚିନ୍ତାମଣି ଜଣେ ମିଷ୍ଟଭାଷୀ, ଧର୍ମପରାୟଣ ତଥା ସମାଜସେବୀ ଥିଲେ।

## ପୂଜା ଭିଡ଼ ନିୟନ୍ତ୍ରଣ ପାଇଁ ଆଉ ୫ ଟ୍ରାଫିକ୍ ମୋବାଇଲ ବାଇକ୍

ଭୁବନେଶ୍ୱର,୨୫।୯ (ବ୍ୟୁରୋ): ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ରବିବାର ଟ୍ରାଫିକ ପରିଚାନାରେ ଆଉ ୫ଟି ମୋବାଇଲ ବାଇକ ସାମିଲ କରାଯାଇଛି। ଭୁବନେଶ୍ୱରରେ ୨ଟି ଓ କଟକରେ ୩ଟି କାର୍ଯ୍ୟ କରିବ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହାକୁ ଉଦ୍‌ଘାଟନ କରି କହିଲେ, ପୂଜାରେ ଜନସମାଗମ ହେବାର ସମ୍ଭାବନା ଥିବାରୁ ପୋଲିସ ପାଇଁ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ କରିବା ବଡ଼ ଚ୍ୟାଲେଞ୍ଜ ହେବ। ଟ୍ରାଫିକ୍ ମୋବାଇଲ ବାଇକରେ ସାଇରନ ଓ ଲାଇଟ ରହିଛି। ରାତିରେ ଏହି ବାଇକ ଜଣାପଡ଼ିବ। ପୂଜାରେ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ଏହି ବାଇକ ସହାୟକ ହେବ ବୋଲି ସେ କହିଛନ୍ତି।

## ଶିକ୍ଷାନୁଷ୍ଠାନ ହଷ୍ଟେଲରେ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଭୁବନେଶ୍ୱରରେ ଇନ୍‌ଫୋସିଟି ଥାନା ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନର ହଷ୍ଟେଲରେ ରବିବାର ଜଣେ ଛାତ୍ର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୋଲକାତାର ମନୀଷ ସରକାର। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସୋମବାର ପରିବାର ଲୋକ ଆସିଲେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ମନୀଷ ବିବିଏ ଶେଷ ବର୍ଷର ଛାତ୍ର ଥିଲେ। ରବିବାର ସକାଳେ ହଷ୍ଟେଲ ରୁମର କବାଟ ବହୁ ସମୟ ବନ୍ଦ ରହିଥିବାରୁ ଅନ୍ୟ କେତେକ ଛାତ୍ର ସନ୍ଦେହ କରି କବାଟ ବାଡ଼େଇଥିଲେ। କୌଣସି ସ୍ୱର ଶବ୍ଦ ନ ଶୁଭିବାରୁ ହଷ୍ଟେଲର ୱାର୍ଡେନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି କବାଟ ଭାଙ୍ଗି ଘରେ ପଶିବା ପରେ ସେ ଫ୍ୟାନରେ ରଶି ଲଗାଇ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ। ସୂଚନାଯୋଗ୍ୟ, ନିକଟରେ ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ଛାତ୍ର ଆତ୍ମହତ୍ୟା କରିଥିଲେ।

## ଖୋର୍ଦ୍ଧା ଆୟକର ଅଧିକାରୀ ଜେଲ ଗଲେ

- ୫ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ
- ବାସଭବନରେ ପୁଣି ଚଢ଼ାଉ, ଚାଲିଛି ତନାଘନା

ଖୋର୍ଦ୍ଧା ଅଫିସ,୨୫।୯

ଜଣେ ସୁନାଦୋକାନୀଙ୍କଠାରୁ ୫ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଶନିବାର ଖୋର୍ଦ୍ଧା ଆୟକର ଅଧିକାରୀ ସୁମନ ସୁନ୍ଦର ସାହୁ ସିବିଆଇ ହାତରେ ଧରାପଡ଼ିଥିଲେ। ରବିବାର ତାଙ୍କୁ ଗିରଫ କରାଯାଇ ସିବିଆଇ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟ ତାଙ୍କ ଜାମିନ ଆବେଦନ ନାମଞ୍ଜୁର କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ ରବିବାର ମଧ୍ୟାହ୍ନରେ ପୁଣି ଏକ ୫ଜଣିଆ ଟିମ୍ ସାହୁଙ୍କ ବାସଭବନରେ ଚଢ଼ାଉ କରି ଯାଞ୍ଚ ଚଳାଇଛନ୍ତି। ଏହି ଘଟଣାରେ ସିବିଆଇ ପକ୍ଷରୁ ଅଧିକ ତନାଘନା ଜାରି ରହିଛି।



ସୁମନ ସୁନ୍ଦର ସାହୁ

ସିବିଆଇ ସୂଚନା ମୁତାବକ, ଖୋର୍ଦ୍ଧା ମାରୱାଡ଼ିପଟ୍ଟିସ୍ଥିତ ଶାନ୍ତି ସୁନା ଅଳଙ୍କାର ଦୋକାନ ସର୍ଭେ ନ କରିବା ପାଇଁ ମାଲିକଙ୍କଠାରୁ ଆୟକର ଅଧିକାରୀ ସୁମନ ସୁନ୍ଦର ସାହୁ ୩୦ଲକ୍ଷ ଟଙ୍କା ଦାବି କରିଥିଲେ। ଲାଞ୍ଚ ଟଙ୍କା ତୁରନ୍ତ ନ ଦେଲେ, ସେ ଦୋକାନରେ ଚଢ଼ାଉ କରିବେ ବୋଲି ସମ୍ପୃକ୍ତ ମାଲିକଙ୍କୁ ଧମକ ଦେଇଥିଲେ। ଅଭିଯୁକ୍ତ ସାହୁ ଦୁଇଟି କିସ୍ତିରେ ଟଙ୍କା ନେବେ ବୋଲି ରାଜି ହୋଇଥିଲେ। ଏନେଇ ସମ୍ପୃକ୍ତ ସୁନାଦୋକାନ ମାଲିକ ସିବିଆଇ ଭୁବନେଶ୍ୱର କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ସିବିଆଇ ଜାଲ ବିଛାଇଥିଲା। ଶନିବାର ଅପରାହ୍ନରେ ପୂର୍ବ ଯୋଜନା ମୁତାବକ ଅଭିଯୁକ୍ତ ସାହୁ ଶ୍ରୀରାମନଗରସ୍ଥିତ ନିଜ ବାସଭବନରେ ଅଭିଯୋଗକାରୀଙ୍କଠାରୁ ୫ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କୁ ଧରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲେ। ଦୀର୍ଘ ସମୟ ଧରି ଜେରା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସକୁ ନିଆଯାଇଥିଲା।

ସମ୍ବଲପୁରୀ ବସ୍ତ୍ରାଳୟ
gg-15
ମହାଳୟା, ଦଶହରା ଓ କୁମାରପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୨୩।୦୯।୨୦୨୨ରୁ ତା୦୯।୧୦।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/11/0021/2223

ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ଼ (ଗଞ୍ଜାମ)

ବିଜ୍ଞାପନ ସଂଖ୍ୟା:3474 ତାରିଖ:20.09.2022

ଲଘୁ ଖଣିଜ ଦ୍ରବ୍ୟ ନିଲାମ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଶେରଗଡ ତହସିଲ ଇଲାକାରେ ଥିବା ପଥର ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ) ଗୁଡିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୨-୨୩ ଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ୍ www.ganjam.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଶେରଗଡ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ଶେରଗଡଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଥିବା Tender Boxରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା.୧୫.୧୦.୨୦୨୨ ରିଖ ଠାରୁ ତା.୨୬.୧୦.୨୦୨୨ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ। ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ତା.୨୭.୧୦.୨୦୨୨ ରିଖ ପୂର୍ବାହ୍ନ ଘ.୧୧.୦୦ ମି ସମୟରେ ଶେରଗଡ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚୂଡ଼ାନ୍ତ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।

ସୈରାତ ଉତ୍ସର ବିବରଣୀ

| କ୍ରମିକ ନଂ. | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା (ହେକ୍ଟର) | କିସମ | ସରକାରୀ ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) (ଟଙ୍କାରେ) | ସର୍ବନିମ୍ନ ଧାର୍ଯ୍ୟ ଅତିରିକ୍ତ ଦେୟ (ପ୍ରତି ଘନ ମି. (ଟଙ୍କାରେ) | ମୋଟ ସର୍ବନିମ୍ନ ଧାର୍ଯ୍ୟ ରୟାଲିଟି ଦେୟ (ପ୍ରତି ଘନ ମି.) (ଟଙ୍କାରେ) | ବାର୍ଷିକ ଲଘୁଜାତ ଦ୍ରବ୍ୟ (M.G.Q.) ଉତ୍ତୋଳନର ପରିମାଣ | ଦରଖାସ୍ତ ପାଉଣା ରାଶିର ପରିମାଣ (ଟଙ୍କାରେ) | ଅମାନତ (EMD) ରାଶି ବାବଦକୁ ଦେୟ (ଟଙ୍କାରେ) ମୋଟ ବିଜ୍ଞାପିତ ଧାର୍ଯ୍ୟ ରୟାଲିଟି ଦେୟର ୫% |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ଲକ୍ଷ୍ମୀପୁର (ବି) ପଥର ଉତ୍ସ | ଲକ୍ଷ୍ମୀପୁର | ୧୯୮ | ୪୮୧ ୪୮୨ | ୧୨.୨୦୯୯ | ପର୍ବତ | ୧୩୦/- | ୧୦୦/- | ୨୩୦/- | ୨୦,୦୨୫ ଘ.ମି. | ୧,୦୦୦/- | ୨,୩୦,୨୮୮/- |
| ୨ | ଗୋବିନ୍ଦପୁର ପଥର ଉତ୍ସ | ଗୋବିନ୍ଦପୁର | ୬୪୦ | ୫୯୧/ ୨୫ | ୪.୫.୦୦୦ | ପର୍ବତ | ୧୩୦/- | ୧୦୦/- | ୨୩୦/- | ୮୦୬୪ ଘ.ମି. | ୧,୦୦୦/- | ୯୨,୭୩୬/- |

ସ୍ୱା./- ତହସିଲଦାର, ଶେରଗଡ଼

## ଦୀନଦ୍‌ୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ବାଲିଅନ୍ତା,(ଡି.ଏନ୍.ଏ.)- ଜନ ସଂଘ ପ୍ରତିଷ୍ଠାତା ଦୀନଦ୍‌ୟାଲ ଉପାଧ୍ୟାୟଙ୍କ ୧୦୭ତମ ଜୟନ୍ତୀ ରବିବାର ବାଲିଅନ୍ତା ଓ ଭିଙ୍ଗାରପୁର ଭାଜପା ମଣ୍ଡଳ ପକ୍ଷରୁ ପାଳିତ ହୋଇଯାଇଛି। ଉଭୟ ମଣ୍ଡଳର ସଭାପତି ସଞ୍ଜୟ କୁମାର ପରିଜା ଓ ସଞ୍ଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥପୁର ଓ ଭିଙ୍ଗାରପୁରଠାରେ ପୃଥକ ଭାବେ ଏହା ପାଳିତ ହୋଇଛି। ଏଥିରେ ବହୁ ଦଳୀୟ କର୍ମୀ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣାରେ ଦୁଇ ମୃତ

ବାରଙ୍ଗ,୨୫।୯(ଡି.ଏନ୍.ଏ.): ବାରଙ୍ଗ ତହସିଲ କାର୍ଯ୍ୟାଳୟ ନିକଟ ମୁଖ୍ୟରାସ୍ତାରେ ଥିବା ହମ୍ପ୍‌ସରେ ବାଇକ୍‌ରୁ ଖସି ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲାର ମିନତି ଦେଈ। ସୂଚନା ମୁତାବକ, ଏକ ବାଇକ୍(ଓଡି୨୫ ଏମ୍ ୫୯୯୭)ଯୋଗେ ମିନତି ତାଙ୍କ ସମ୍ପର୍କୀୟଙ୍କ ସହ ତ୍ରିଶୂଳିଆପଟୁ ବାଲିକୁଦା ଅଭିମୁଖେ ଯାଉଥିଲେ। ବାରଙ୍ଗ ତହସିଲ କାର୍ଯ୍ୟାଳୟ ନିକଟ ମୁଖ୍ୟରାସ୍ତାରେ ଥିବା ହମ୍ପ୍‌ସରେ ହଠାତ୍ ମିନତି ବାଇକରୁ ଖସିପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ରାସ୍ତାରେ ମାଡ଼ ହୋଇ ରକ୍ତସ୍ରାବ ହୋଇଥିଲା। ଖବର ପାଇ ବାରଙ୍ଗ ପୋଲିସ ପହଞ୍ଚି ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଶନିବାର ରାତିରେ ଏକ କାର୍ (ଓଆର ୦୫-ଏକେ-୫୫୬୬) ଭାରସାମ୍ୟ ହରାଇ ନେତାଜୀ ସୁଭାଷ ବୋଷ୍ ସେତୁର ଫୁଟ୍‌ପାଥ୍‌ରେ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ନୂଆବଜାର ଗଙ୍ଗାମଣ୍ଡିର ସତ୍ୟ ମହାନ୍ତି। ବାରଙ୍ଗ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଚଳାଇଛି।

### ପିତୃ ପକ୍ଷରେ 'ତିଳତର୍ପଣ'

ବାଲକାଟୀ/ପୁରୁଣା ଭୁବନେଶ୍ୱର,୨୫।୯(ଡି.ଏନ୍.ଏ.): ମହାଳୟା ପାଇଁ ରବିବାର ଏକାମ୍ରକ୍ଷେତ୍ରର ବିନ୍ଦୁସାଗର ଏବଂ ଶ୍ରୀରାମନଗର ସୃକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ପାଦଗୟା କୁଣ୍ଡରେ ହଜାର ହଜାର ଶ୍ରଦ୍ଧାଳୁ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି। ତଳବଜାରଠାରୁ ବ୍ରହ୍ମାଘାଟ, ମୋହିନୀଘାଟ, ମଠଘାଟ, ମଧୁବାବୁ ଘାଟ, ଉତ୍ତରେଶ୍ୱର ଘାଟ ସମ୍ମୁଖ ବିନ୍ଦୁସାଗର ରାସ୍ତା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ଏହି କାର୍ଯ୍ୟ ସମ୍ପାଦନା କରିଥିଲେ ବୋଲି କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗ ସଭାପତି ସରୋଜ କାନ୍ତ ମିଶ୍ର କହିଛନ୍ତି। ପିଣ୍ଡଦାନ ପାଇଁ ନିଯୋଗ ପକ୍ଷରୁ ପ୍ରତି ଶ୍ରଦ୍ଧାଳୁଙ୍କଠାରୁ ୫ଟଙ୍କା ଲେଖାଏ ଟିକେଟ କଟାଯାଇଥିଲା। ଏହି ଅର୍ଥ ପିଣ୍ଡଦାନ ପରବର୍ତ୍ତୀ ପରିମଳ ବ୍ୟବସ୍ଥା ଲାଗି ଖର୍ଚ୍ଚ କରାଯିବ। ସେହିପରି ପାଦଗୟା କୁଣ୍ଡରେ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପିଣ୍ଡଦାନ କରିଛନ୍ତି ବୋଲି ବରିଷ୍ଠ ସେବାୟତ ହଳଧର ମଲ୍ଲିଆ କହିଛନ୍ତି। ସେହିଭଳି ଦୟାନଦୀର ତାରକେଶ୍ୱର ଘାଟରେ ରବିବାର ତିଳତର୍ପଣ କାର୍ଯ୍ୟକ୍ରମ କରାଯାଇଛି। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରା ନେତୃତ୍ୱ ନେଇଥିଲେ। ବିଶିଷ୍ଟ ଗ୍ରନ୍ଥକାର ତଥା ଗାନ୍ଧିବାଦୀ ପ୍ରହ୍ଲାଦ ସିଂ, କାପୋକର ସମ୍ପାଦକ ଚିତ୍ତ ରଞ୍ଜନ ମହାନ୍ତି, ନିରଞ୍ଜନ ପଟ୍ଟନାୟକ, ମିଶନ ରକ୍ତଦାନର ପ୍ରମୁଖ ହରପ୍ରସାଦ ମହାପାତ୍ର, ଗୁନୁ ଆଚାର୍ଯ୍ୟ, ସାମାଜିକ କର୍ମୀ ଦୀନବନ୍ଧୁ ସ୍ୱାଇଁ, ରମେଶ ଗୋଛାୟତ, ନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ। ନିଜ ଜୀବନକୁ ସମାଜ ପାଇଁ ସମର୍ପି ଦେଇଥିବା ପ୍ରତ୍ୟେକ ପିତୃପୁରୁଷ ଓ ମାତୃଦେବୀଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଧ୍ୟକ୍ଷ ପାଇକରା ମତ ରଖିଥିଲେ।

# ୪୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

■ବାଲେଶ୍ୱରରୁ ଖୋର୍ଦ୍ଧା ଯାଉଥିଲା, ୩ ଗିରଫ

■ନିଶା କାରବାର ନେଇ ସୂଚନା ଦେବାକୁ ଅପିଲ କଲେ ପୋଲିସ କମିଶନର

ଭୁବନେଶ୍ୱର,(ବ୍ୟୁରୋ)/ ବାଲିଅନ୍ତା,୨୫।୯(ଡି.ଏନ୍.ଏ.)

ବାଲିଅନ୍ତା ଥାନା ପୋଲିସ ୪୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହ ୩ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ଏସ୍.କେ. ମୁନା, ଅଫ୍‌ତାର ହୁସେନ୍ ଓ ଇସମାଲ ଖାନ୍। ସେମାନଙ୍କ ପାଖରୁ ୪୦୦ ଗ୍ରାମ ବ୍ରାଉନସୁଗାର, ୬୦୦ ଟଙ୍କା, ୨ଟି ମୋବାଇଲ୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି। ଏନେଇ ଏକ ମାମଲା (ନଂ. ୩୫୪/୨୨) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ବିକ୍ରି ପାଇଁ ଖୋର୍ଦ୍ଧାକୁ ସ୍କୁଟିରେ ଗଳାବାଟ ଦେଇ ଯାଉଥିଲେ। ଏନେଇ ସୂଚନା ମିଳିବା



ଗିରଫ ୩ ଅଭିଯୁକ୍ତ।

ପରେ ସେମାନଙ୍କୁ ଧରିବା ପାଇଁ ପୋଲିସ ଯୋଜନା କରିଥିଲା। ଶନିବାର ଅପରାହ୍ନ ପ୍ରାୟ ୩ଟାରେ ବାଲିଅନ୍ତା କୁଶଭଦ୍ରା ନଦୀ ବ୍ରିଜ୍ ନିକଟରେ ଚାଲାଣକାରୀଙ୍କୁ ପୋଲିସ ଟିମ୍ କାବୁ କରିଥିଲା।

ରିପୋର୍ଟ ଅନୁଯାୟୀ, ଚଳିତ ମାସର ୨୫ଦିନ ମଧ୍ୟରେ ୯୭୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହି ମାମଲାରେ ୪୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୧୪ଟି ମୋବାଇଲ, ୩୧୦ ଗ୍ରାମ ସୁନା ଅଳଙ୍କାର ଓ ନଗଦ ୨ ଲକ୍ଷ ୭୨ ହଜାର ୨୪୦ ଟଙ୍କା ଜବତ ହୋଇଛି। ସେହିପରି ଚଳିତ ବର୍ଷରୁ ଏଯାବତ୍ ୨ କେଜି ୧୭ ଗ୍ରାମ ବ୍ରାଉନସୁଗାର ଜବତ ସହ ୧୦୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀରେ କହିଛନ୍ତି, ପାର୍ବଣ ଋତୁକୁ ଆଖି ଆଗରେ ରଖି ବିଗତ ୨ ସପ୍ତାହ ଧରି କମିଶନରେଟ ପୋଲିସ ନିଶା ବିରୋଧ ଅଭିଯାନକୁ ବଳବତ୍ତର ରଖିଛି। ବିଶେଷ କରି ପୂଜା ସମୟରେ ବ୍ରାଉନସୁଗାର ଖାଉଥିବା ଲୋକମାନେ ଅପରାଧ ଘଟାଉଥିବାର ନଜିର ରହିଛି। ତେଣୁ ଏହି ସ୍ୱତନ୍ତ୍ର ଅଭିଯାନ ଚାଲିବ। ବେପାର ହେଉଥିବା ଘର ଆବଶ୍ୟକସ୍ଥଳେ ନଷ୍ଟ କରିଛୁ। ତେବେ ଚଢ଼ାଉ ଦ୍ୱାରା ନିଶା କାରବାର ରୋକିବା ସମ୍ଭବପର ନୁହେଁ। ପିଲାମାନେ ବ୍ରାଉନସୁଗାର ଖାଇବା ବେଳେ ପରିବାରଲୋକ ନଜର ଦିଅନ୍ତୁ। ନିଶା କାରବାର ସମ୍ବନ୍ଧରେ ସୂଚନା ଦେଲେ ଆମେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କମିଶନର କହିଛନ୍ତି।





ମହାଳୟା ପାଇଁ ରବିବାର ପୁରୁଣା ଭୁବନେଶ୍ୱରସ୍ଥିତ ବିନ୍ଦୁ ସାଗର କୂଳରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଉଛି (ବାମ)। ପଣ୍ଡିଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

# ଓଡ଼ିଆ ଭାଷାର ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର ଆବଶ୍ୟକ




ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଓଡ଼ିଆ ଭାଷା ଆମ ଜାତିର ପରିଚୟ। ଶାସ୍ତ୍ରୀୟ ମାନ୍ୟତା ପରେ ଭାଷାର ଯେଭଳି ଉନ୍ନତି ହେବା କଥା ସେମିତି ବିଶେଷ ଉନ୍ନତି ପରିଲକ୍ଷିତ ହେଉ ନ ଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରବିବାର ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଓଡ଼ିଆ ଭାଷା ପୃଥିବୀରେ ୧୦ଟି ବହୁଳ ବ୍ୟବହୃତ ଭାଷା ମଧ୍ୟରେ କିପରି ସ୍ଥାନ ପାଇ ପାରିବ' ସେ ନେଇ ଅତିଥିମାନେ ମତ ରଖିଥିଲେ। ବାଣୀବିହାରର ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଗବେଷଣା ଦୃଷ୍ଟିରୁ ଓଡ଼ିଆ ଭାଷା ବିପଦ ସଙ୍କୁଳ ଅବସ୍ଥାରେ ଅଛି ବୋଲି କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ଗବେଷକ ପ୍ରେମାନନ୍ଦ ମହାପାତ୍ର କହିଲେ, ବିଶ୍ୱ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ବିଭାଗ ଖୋଲାଯିବା ସହ ବିଶ୍ୱବ୍ୟାପୀ ଭାଷାର ସୁଦୂର ପ୍ରଚାର ପ୍ରସାର କରିବା ଆବଶ୍ୟକ। ଶାସ୍ତ୍ରୀୟ ଓଡ଼ିଆ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ଗବେଷକ ଦେବାଶିଷ ମହାପାତ୍ର, ଉତ୍କଳ ସମ୍ମିଳନୀ ସଭାପତି ଅଦ୍ୱୈତ କୁମାର ସାମଲ, ଉପସଭାପତି ପଦ୍ମନାଭ ସାମଲ, ଗବେଷକ ଅସିତ୍ ମହାନ୍ତି, ସାହିତ୍ୟିକ କେଦାର ମିଶ୍ର, ଉଷାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ମିଳନୀର ଶାଖା ସଭାପତି ଅଶୋକ ଦାସ ଧନ୍ୟବାଦ ଦେଇଥିଲେ।

# 'ଦୟା, ଗଙ୍ଗୁଆ ଜଳ ପ୍ରଦୂଷଣମୁକ୍ତ କରାଯାଉ'

## ବିଶ୍ୱ ନଦୀ ଦିବସ

ଭୁବନେଶ୍ୱର, ୨୫।୯ (ବ୍ୟୁରୋ)

ବିଶ୍ୱ ନଦୀ ଦିବସ ଅବସରରେ ଲୋକଶକ୍ତି ଅଭିଯାନ ଓ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ଦୟା ନଦୀର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଛି। ରବିବାର ଲୋକଶକ୍ତି ଅଭିଯାନ ପକ୍ଷରୁ ୫ଜଣିଆ ପ୍ରତିନିଧି ଦଳ ଏବଂ ଦୟା ସୁରକ୍ଷା ଅଭିଯାନର ସଦସ୍ୟମାନେ କଣ୍ଟି ସ୍ଥିତ ନଟା ସାହିଠାରେ ଗଙ୍ଗୁଆ ନାଳର ନର୍ଦ୍ଦମା ପାଣି ଦୟା ନଦୀର ଜଳକୁ ପ୍ରଦୂଷିତ କରୁଥିବା ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଦୟା ସୁରକ୍ଷା ଅଭିଯାନ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ ଯୋଗଦେଇ ଦୟା ନଦୀ ଜଳକୁ ନିର୍ମଳ ରଖିବା ଓ ଗଙ୍ଗୁଆ ନାଳର ପ୍ରଦୂଷିତ ଜଳକୁ ବିଶୋଧନ କରିବା ପାଇଁ ରାଜ୍ୟ ସରକାର ଓ ମହାନଗର ନିଗମ ପଦକ୍ଷେପ ନେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଦୟା ନଦୀ ପ୍ରଦୂଷଣ ଦ୍ୱାରା ଉପକୂଳବର୍ତ୍ତୀ ବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଦୟା ଓ ଗଙ୍ଗୁଆ ନଦୀ ପ୍ରାକୃତିକ ଜଳଧାରା ସ୍ଥିତି ବଜାୟ ନ ରଖିଲେ କ୍ରମଶଃ ବିଲୁପ୍ତ ହୋଇଯିବ। ରାଜ୍ୟ ସରକାରଙ୍କ ଜଳ ସଂପଦ, ଜଳସେଚନ ବିଭାଗ ଏବଂ ବିଏମସି ପ୍ରମୁଖ ଚକ୍ରାନ୍ତ କରି ଏହି ନଦୀ ଜଳକୁ ପ୍ରଦୂଷଣ କରି ଲୋକଙ୍କ ଜୀବନ ଓ ଜୀବିକା ସହିତ ଖେଳୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ଏକମାତ୍ର ମାଧ୍ୟମ ହେବ ବୋଲି ସାମନ୍ତରା ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଦେବବ୍ରତ ରାୟ, ସାମାଜିକ କର୍ମୀ ଗଦାଧର ପ୍ରଧାନ, କଲ୍ୟାଣ ଆନନ୍ଦ, ମାନବାଧିକାର କର୍ମୀ ଅରୁଣ ସାମନ୍ତରାୟ, କଣ୍ଟି ସରପଞ୍ଚ ପ୍ରତିନିଧି ଗୋବିନ୍ଦ ବେହେରା, ମାନସ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।



ଶହୀଦନଗରସ୍ଥିତ ଆର୍ଯ୍ୟ ସମାଜଠାରେ ରବିବାର ନବ ମାତୃକା ପୂଜାରେ ଆସିକା ଏମ୍‌ପି ପ୍ରମିଳା ବିଶୋଇଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# 'ଲେଖକମାନେ ପାଠକଙ୍କ ପାଇଁ ସାହିତ୍ୟ ଲେଖନ୍ତୁ'

## 'ଶ୍ରୀଜଗନ୍ନାଥ ସ୍ୱାମୀ' ଲୋକାର୍ପିତ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ପ୍ରଭୁ ପବ୍ଲିକେଶନର ଉଦ୍‌ଘାଟନ ଓ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ପୁସ୍ତକ 'ଶ୍ରୀଜଗନ୍ନାଥ ସ୍ୱାମୀ'ର ଲୋକାର୍ପଣ ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଦାଶ ବେନେହୁର ଯୋଗଦେଇ ପୁସ୍ତକ ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଗବେଷକ ଲେଖକ ଅସିତ୍ ମହାନ୍ତି କହିଛନ୍ତି, ପୁସ୍ତକରେ ଥିବା ୨୨ଟି ପ୍ରବନ୍ଧ ସହଜ ଭାବେ ପାଠ କରିହେବ। ପୁସ୍ତକ ପଢ଼ିଲେ ଜଗନ୍ନାଥଙ୍କ ଉପରେ ଅଧିକ ଜାଣିହେବ। ଲେଖକ ପଣ୍ଡିତ ମିଶ୍ର କହିଛନ୍ତି, ଏହି ପୁସ୍ତକର ରଚୟିତା ମୁଁ ନୁହେଁ ନିଜେ ସ୍ୱୟଂ ଜଗନ୍ନାଥ। ସ୍ୱାଗତ ଭାଷଣ ଦେଇ ପବ୍ଲିକେଶନ(କାନାଡ଼ା)ର ସିଇଓ ପ୍ରଶାନ୍ତ ଭୂୟାଁ ପୁସ୍ତକକୁ ଇଂରାଜୀ, ବେଙ୍ଗଲୀ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦ କରି ଶ୍ରୀ ଜଗନ୍ନାଥଙ୍କ କଥାକୁ ଅଧିକ ବିଶ୍ୱ ବିଦିତ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ଏଥିସହ ଲେଖକମାନେ ପାଠକଙ୍କ ପାଇଁ ସାହିତ୍ୟ ଲେଖନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ପବ୍ଲିକେଶନ(ଆମେରିକା)ର ସିଇଓ ଧୀରେନ୍ଦ୍ର କର ଓଡ଼ିଆ ସାହିତ୍ୟର ଜୟଯାତ୍ରା ହେଉ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପବ୍ଲିକେଶନ(ଭାରତ)ର ସିଇଓ ସରୋଜ ବଳ ପରିଚାଳନା କରିଥିଲେ।



# 'ସ୍ମୃତିରୁ ଖିଏ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୫।୯ (ବ୍ୟୁରୋ)

ଓୟୁଏଟି କୃଷି ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଠାରେ କୃଷି ବୈଜ୍ଞାନିକ ଆସୋସିଏଶନ (ସାସା) ସହଯୋଗରେ ରବିବାର ଓୟୁଏଟି ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଲକ୍ଷ୍ମୀ ନାରାୟଣ କରଙ୍କ ଲିଖିତ ପୁସ୍ତକ 'ସ୍ମୃତିରୁ ଖିଏ' ଉନ୍ମୋଚିତ ହୋଇଛି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ପ୍ରଶାନ୍ତ ନନ୍ଦ ଯୋଗଦେଇ ପ୍ରଫେସର କରଙ୍କ ସହ ଥିବା ପାରିବାରିକ ସମ୍ପର୍କର କେତେକ ସ୍ମରଣୀୟ କଥା ବଖାଣିଥିଲେ। ସାସା ସଭାପତି ପ୍ରଫେସର ମନୋରଞ୍ଜନ ରାୟ, ସମ୍ପାଦକ ଡ. ରବି ପଟ୍ଟନାୟକ ଓ କୃଷି ସମ୍ପ୍ରସାରଣ ଡିନ୍ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ଯୋଗଦେଇ କୃଷି ସମ୍ପ୍ରସାରଣ କ୍ଷେତ୍ରରେ ପ୍ରଫେସର କରଙ୍କ ଅବଦାନ ଅତୁଳନୀୟ ବୋଲି ଉଲ୍ଲେଖ କରିଥିଲେ। ପ୍ରଫେସର କରଙ୍କ ନାତୁଣୀ ତଥା ଓୟୁଏଟି ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ୟାସକବିଙ୍କୁ ମନେ ପକାଇଦେଲା 'ବ୍ୟାସେ ଶୁଣୁଛ'

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ବ୍ୟାସକବି ଫକୀରମୋହନଙ୍କୁ ନେଇ ଚଳଚ୍ଚିତ୍ର 'ବ୍ୟାସେ ଶୁଣୁଛ' ରବିବାର ୟୁଟ୍ୟୁବ୍‌ରେ ରିଲିଜ୍ ହୋଇଛି। ଅଭିନେତା ଦ୍ୱିପନୀତ ମହାପାତ୍ରଙ୍କ ଚମତ୍କାର ଅଭିନୟ ସାଙ୍ଗକୁ ଲେଖକ ସୁମିତ୍ ପଣ୍ଡାଙ୍କ ଲେଖା ବେଶ୍ ମନଛୁଆଁ ହୋଇଛି। ସିଦ୍ଧାର୍ଥ ଗୌତମ ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜକ ସୋମେଶ ମହାପାତ୍ର ଓ ଆଶୁତୋଷ ପଣ୍ଡା ରହିଛନ୍ତି। ସଙ୍ଗୀତରେ ବନି ମହାନ୍ତି ରହିଛନ୍ତି। ରିଲିଜ ହେବାର ଗୋଟିଏ ଦିନ ମଧ୍ୟରେ ହିଁ ଏହାକୁ ବେଶ୍ ଲୋକପ୍ରିୟତା ମିଳିଛି। ପୁଣିଥରେ ବ୍ୟାସ କବିଙ୍କୁ ଦର୍ଶକଙ୍କ ମାନସ ପଟକୁ ଆଣିଛି ଏହି ଚଳଚ୍ଚିତ୍ର। ଲୋକଙ୍କ ଭାବନା ଏବଂ ଓଡ଼ିଆଙ୍କ ମନକୁ ଏହା ଅଧିକ ମାତ୍ରାରେ ଛୁଇଁବ ବୋଲି ଟିମ୍ ପକ୍ଷରୁ ଆଶା କରାଯାଇଛି।

# 'ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଲେଖିକା ତେଜସ୍ୱିନୀ ପଣ୍ଡାଙ୍କ ପୁସ୍ତକ 'ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଲୋକାର୍ପଣ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଯେତେବେଳେ ସାହିତ୍ୟ ପ୍ରତି ଯୁବପିଢ଼ି ଆଗ୍ରହୀ ହେଉ ନାହାନ୍ତି ବୋଲି ଶୁଣିବାକୁ ମିଳୁଥିଲା, ସେହି ସମୟରେ ଲେଖିକା ପଣ୍ଡା ଏହି ନିରାଶତାକୁ ଭାଙ୍ଗିଛନ୍ତି। ବିଭିନ୍ନ ତଥ୍ୟ ସଂଗ୍ରହ କରି ସେ ନିଜର ଭାବ ଓ ଭାଷା ମାଧ୍ୟମରେ ପୁସ୍ତକ ଲେଖିଛନ୍ତି। ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସେ ଭାରତର ରାଷ୍ଟ୍ରପତି ହୁଅନ୍ତୁ ବୋଲି କାମନା କରିଥିଲେ। ମୁଖ୍ୟବକ୍ତା ଭାବେ କଥାକାର ଡ. ହିରଣ୍ମୟୀ ମିଶ୍ର ଯୋଗଦେଇ କହିଛନ୍ତି, ଲେଖିକା ପଣ୍ଡା ପୁସ୍ତକରେ ରାଷ୍ଟ୍ରପତି ମୁର୍ମୁଙ୍କୁ ନେଇ ବିଭିନ୍ନ ସମୟର ବିଭିନ୍ନ ନାମ ବଦଳିବା, ଶିକ୍ଷକତା ଓ ଆଦିବାସୀ ଜୀବନ ପାଖପାଖି ସବୁ ଦିଗକୁ ପୁସ୍ତକରେ ସ୍ଥାନ ଦେଇଛନ୍ତି। ପୁସ୍ତକରୁ ଜଣାପଡୁଛି ସେ ରାଷ୍ଟ୍ରପତିଙ୍କୁ ଅନୁସରଣ କରିବା ସହ ତାଙ୍କ ଦ୍ୱାରା ପ୍ରଭାବିତ ମଧ୍ୟ ହୋଇଛନ୍ତି। ଲେଖିକା ପଣ୍ଡା କହିଛନ୍ତି, ମୋ ବୟସ ମୋଠାରୁ ବଡ଼ ଓ ସାନମାନେ ଦ୍ରୌପଦୀ ମୁର୍ମୁଙ୍କଠାରୁ ପ୍ରେରଣା ପାଆନ୍ତୁ। ସେ ପୁସ୍ତକର ପାଠକୀୟ ସ୍ୱୀକୃତି ଆଶା କରିଛନ୍ତି। ପୁସ୍ତକଟି ଟାଇମପାସ୍ ଦ୍ୱାରା ପ୍ରକାଶିତ ହୋଇଛି। କାର୍ଯ୍ୟକ୍ରମକୁ ଟାଇମପାସ୍‌ର ନିର୍ଦ୍ଦେଶକ ତଥା ଲେଖକ ସରୋଜ ବଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଖିକାଙ୍କ ବାପା, ମା' ଓ ଲେଖକ ମନୋରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ପୁସ୍ତକକୁ ଲୋକାର୍ପଣ କରିଥିଲେ।




ଅତିଥିମାନେ ପୁସ୍ତକ 'ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ'କୁ ଲୋକାର୍ପଣ କରୁଛନ୍ତି।

# ଦୁର୍ଗା ପୂଜାରେ ସର୍ବଧର୍ମ ସମନ୍ୱୟର ବାର୍ତ୍ତା

ଭୁବନେଶ୍ୱର,୨୫।୯(ବ୍ୟୁରୋ)




ମା' ଆସୁଛନ୍ତି। ଚଳଚଞ୍ଚଳ ହୋଇପଡ଼ିଛି ରାଜଧାନୀ। ଚାରିଆଡ଼େ ଖୁସିର ମାହୋଲ। କରୋନା ମହାମାରୀ ଯୋଗୁଁ ୨ ବର୍ଷ ନିରାଡ଼ମ୍ବରରେ ପାଳିତ ହୋଇଥିବା ଦୁର୍ଗାପୂଜା ଚଳିତ ବର୍ଷ ମହାଆଡ଼ମ୍ବରରେ ପାଳନ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଦୌଡ଼ରୁ ବାଦ ପଡ଼ିନି ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ଦୁର୍ଗାପୂଜା କମିଟି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ଅଖଣ୍ଡ ଭାଇଚାରାର ନିଦର୍ଶନ ଦେଖାଉଥିବା ଏହି କମିଟି ଚଳିତ ବର୍ଷ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବହନ କରୁଥିବା ଏକ ଆକର୍ଷଣୀୟ ତୋରଣ ନିର୍ମାଣ କରୁଛି, ଯେଉଁଥିରେ ଦେଖିବାକୁ ମିଳିବ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମ ସଂକେତର ଚିତ୍ର। ଏଥିସହିତ ସମସ୍ତଙ୍କ ଦୁଆର ମୁହଁରେ ପୂର୍ଣ୍ଣ କଳସ ବସିବା ସହିତ ଦୀପ ଜଳା ହେବ। ସହର ଭିତରେ ତିନୋଟି ସମ୍ପ୍ରଦାୟର ମିଳିତ ଭାଇଚାରାକୁ ବଜାୟ ରଖି ୨୦୦୮ ମସିହାରୁ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ମା'ଙ୍କ ପୂଜା ଆରମ୍ଭ କରିଥିଲା। ଆସୋସିଏଶନ୍ ପକ୍ଷରୁ ଚଳିତ ବର୍ଷ ଚାନ୍ଦା ଆଦାୟକୁ ବନ୍ଦ କରିଛି। ମା'ଙ୍କ ମଣ୍ଡପରେ ଏକ ହୁଣ୍ଡି ବସାଯାଇଛି। ସ୍ୱଇଚ୍ଛାରେ ଯିଏ ଯାହା ଦେବ ତାହା ମା'ଙ୍କ ପୂଜାରେ ଲାଗିବ ବୋଲି ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ମଣ୍ଡପକୁ ସଂଯୋଗ କରୁଥିବା ରାସ୍ତାରେ ଏଲଇଡି ଲାଇଟ୍ ଗେଟ୍‌ରେ ଲାଗିବା ସହିତ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯିବ। ୧୪ ଫୁଟର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି କାମ ଜାରି ରହିଛି। ଏହାକୁ କେନ୍ଦ୍ରାପଡ଼ାର କାରିଗର ପ୍ରଫୁଲ୍ଲ କୁମାର ବେହେରା ନିର୍ମାଣ କରୁଛନ୍ତି। ତୋରଣ ଓ ଆଲୋକ ସଜ୍ଜାର ଦାୟିତ୍ୱ ନେଇଛନ୍ତି ଭୁବନେଶ୍ୱରର କାରିଗର ବ୍ରଜ କିଶୋର ସାହୁ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଯୋଜନା ରହିଛି। ଆସୋସିଏଶନ ପକ୍ଷରୁ ପୂଜା ୫ ଦିନ ମଣ୍ଡପ ଓ ଏହାର ଚାରିପାଖ ସଫେଇ କରାଯିବା ସହ ବିଶୋଧନ କରାଯିବ। ସମସ୍ତ ଭକ୍ତଙ୍କ ଘରେ ଚାରା ବଣ୍ଟନ କରାଯିବ। ପାରମ୍ପରିକ ବାଦ୍ୟରେ ଭସାଣି କରି ମା'ଙ୍କୁ ମେଲାଣି ଦିଆଯିବ ବୋଲି କମିଟି ପକ୍ଷରୁ ଜଣାଯାଇଛି।

## ଏମାନେ କ'ଣ କୁହନ୍ତି



"ଆମ ପୂଜାର ବିଶେଷ ସ୍ୱତନ୍ତ୍ରତା ରହିଛି। ନିଆରା ଢଙ୍ଗରେ ଏଠାରେ ପୂଜା ପାଠ କରାଯାଏ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର କରାଯାଏ ନାହିଁ। ପୂଜା ମଣ୍ଡପରେ କୌଣସି ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରାଯାଏ ନାହିଁ। ପୁରୁଷ, ମହିଳା ଓ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି।

**-ଦାମୋଦର ପ୍ରଧାନୀ, ଉପଦେଷ୍ଟା**



"ଚଳିତ ବର୍ଷ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବହନ କରୁଥିବା ତୋରଣ ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଗାଇଡଲାଇନ୍ ପାଳନ କରିବା ସହିତ ଯଥାବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା କରାଯାଇଛି। ପୂଜା ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ। ସ୍ଥାନୀୟ ପୋଲିସର ସହାୟତା ନିଆଯିବ।

**-ପ୍ରକାଶ ଚନ୍ଦ୍ର ବିଜୁଳି, ସଭାପତି**



"ଚଳିତ ବର୍ଷ ପୂଜା ପାଇଁ ଚାନ୍ଦା ଆଦାୟ କରାଯିବ ନାହିଁ। ମଣ୍ଡପରେ ଏକ ହୁଣ୍ଡି ରଖାଯିବ। ଉକ୍ତ ହୁଣ୍ଡିରୁ ଯାହା ଅର୍ଥ ଆଦାୟ ହେବ ସେଥିରେ ମା'ଙ୍କ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସୋସିଏଶନ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯିବ। ଶୃଙ୍ଖଳା ପାଇଁ ପ୍ରଶାସନର ସହାୟତା ନିଆଯିବ।

**-ସରୋଜ କାନ୍ତ ମଲ୍ଲିକ, ସାଧାରଣ ସମ୍ପାଦକ**

## ପୋଖରୀରେ ଗୋଡ଼ ଖସି ଗାଡ଼ି ଚାଳକଙ୍କ ମୃତ୍ୟୁ

ବାରଙ୍ଗ,(ଡି.ଏନ୍.ଏ.): ପୋଖରୀରେ ଗାଧୋଇବା ବେଳେ ଗୋଡ଼ ଖସି ପଥରରେ ମାଡ଼ ହେବାରୁ ରବିବାର ଜଣେ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ବାଇଗଣ ବାଡ଼ିଆ ଗ୍ରାମର ଧନୁର୍ଜୟ ମହନ୍ତ। ଚନ୍ଦକା ଥାନା ଅଧୀନ ଭୋଲା ଗ୍ରାମ ନିକଟ ଏକ ଆପାର୍ଟମେଣ୍ଟରେ ଜଣଙ୍କ ଘରେ ଧନୁର୍ଜୟ ରହି ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ସକାଳେ ସେ ଏହି ଗ୍ରାମ ନିକଟ ପୋଖରୀରେ ଗାଧୋଇବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ତାଙ୍କ ମୁଣ୍ଡ ପଥରରେ ମାଡ଼ ହୋଇ ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

**ମୂର୍ଚ୍ଛନାର ୧୮ତମ ବାର୍ଷିକୋତ୍ସବ**

# ମନ୍ମଥ ମିଶ୍ରଙ୍କୁ ଆଜୀବନ ସାଧନା ସମ୍ମାନ

ଭୁବନେଶ୍ୱର,୨୫ା୯(ବ୍ୟୁରୋ)

ସଙ୍ଗୀତ ଅନୁଷ୍ଠାନ 'ମୂର୍ଚ୍ଛନା'ର ୧୮ତମ ବାର୍ଷିକୋତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସଙ୍ଗୀତକାର ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ମହେନ୍ଦ୍ର ଆଚାର୍ଯ୍ୟଙ୍କୁ 'ସଙ୍ଗୀତକାର ସମ୍ମାନ' ଓ ଗୀତିକାର ଶୀର୍ଷାନନ୍ଦ ଦାସ କାନୁନଗୋଙ୍କୁ 'ଗୀତିକାର ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ସଙ୍ଗୀତ ଓ ସାହିତ୍ୟ କ୍ଷେତ୍ରରେ ଆଜୀବନ ସାଧନା ପାଇଁ ଗାୟକ ମନ୍ମଥ ମିଶ୍ରଙ୍କୁ 'ଆଜୀବନ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ ରଥ, ମୁଖ୍ୟ ବକ୍ତା ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ସରକାରୀ କୋଷାଗାର ଶାଖା)ର ସହାୟକ ମହା ପ୍ରବନ୍ଧକ ସୌରଭ ରଥ ଉପସ୍ଥିତ ଥିଲେ। ଓଡ଼ିଆ ଆଧୁନିକ ସଂଗୀତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସ୍ୱରୂପ ଅର୍ଥ ରାଶି, ଫଳକ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖପତ୍ର 'ମୂର୍ଚ୍ଛନା' ଉନ୍ମୋଚିତ ହୋଇଥିଲା। ପରେ କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସ, ଜୟଶ୍ରୀ ସାହୁ, ଅଜୟ ମହାନ୍ତି, ଚିତ୍ରଭାନୁ ମହାନ୍ତି, ମହେନ୍ଦ୍ର ଆଚାର୍ଯ୍ୟ, ଶତରୂପା, ଅନ୍ୱେଷା ପାଢୀ ଓ ଆର୍ଯ୍ୟ ଆଚାର୍ଯ୍ୟ ପ୍ରମୁଖ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଅଜୟ ମହାନ୍ତି, ଉପସଭାପତି ଗୋଲକ ଚରଣ ମାର୍ଥା, କର୍ମକର୍ତ୍ତା ହେମନ୍ତ ପରମଗୁରୁ, ରବୀନ୍ଦ୍ର ମହାନ୍ତି, ତୁଷାରକାନ୍ତି ଚୌଧୁରୀ, ପ୍ରଣୟ ଜେଠୀ,ଦେବେନ୍ଦ୍ର ସାହୁ ଓ ପୁଷ୍ପମିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କମଲ୍ କିରଣ ସଞ୍ଚାଳନ କରିଥିଲେ।

## 'ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ'

ବାଲିପାଟଣା,୨୫ା୯(ଡି.ଏନ୍.ଏ.)

ପ୍ରତିବର୍ଷ ଭାର୍ଗବୀ ନଦୀର ଅଚ୍ୟୁତପୁର କାଜ ଦେଇ ଧନୁଆଁ ନଦୀରେ ବନ୍ୟା ଜଳ ପ୍ରବେଶ କରି ବାଲିପାଟଣା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର କ୍ଷତି କରୁଛି। ଏହି ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ସାଧାରଣ ଲୋକଙ୍କ ସମସ୍ୟା ବୁଝି ଦୁଃଖସୁଖରେ ସହଯୋଗ କରିବେ। ଆଳିଶୀ ଶାସନ ଗ୍ରାମଠାରେ ବିଜେଡି ସାଂଗଠନିକ ବୈଠକରେ ଯୋଗଦେଇ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ଏହା କହିଛନ୍ତି। ବୈଠକରେ ଉମାଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରତିନିଧି କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


### ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. 3421/LA- I-10/2022· Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବିକ୍ରମଗୁଡା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୨୧ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବିକ୍ରମଗୁଡା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )**

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza- Bikramguda*

| Sl No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Bikramguda | Jayasingh Sagar & Others | SC | 132 | 1502 | Patita | 0.170 | 0.170 |
| | | | | | 1500 | Patita | 0.100 | 0.100 |
| | | | | | 1498 | Patita | 0.400 | 0.010 |
| | | | | | 56 | Atta | 1.080 | 0.700 |
| | | | | 1 | 4 | | | 0.980 |

Land Acquisition Officer
Kalahandi

Superintending Engineer
Kalahandi (R&B) Division



### ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. 3441/LA- I-10/2022· Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଆମ୍ବଗୁଡା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୫୫ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଆମ୍ବଗୁଡା , ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )**

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza- Ambaguda*

| Sl No | Village | Land owner | Category | Khata no | Plotno | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Ambaguda | Abhiram Domb & others | SC | 11 | 697 | Mala | 0.440 | 0.290 |
| | | | | | 698 | Mala | 0.850 | 0.500 |
| | | | | | 701 | Mala | 0.110 | 0.110 |
| | | | | 1 | 3 | | | 0.900 |

Land Acquisition Officer
Kalahandi

Superintending Engineer
Kalahandi (R&B) Division



### ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. 3351/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବେହେରା, ଥାନା-କୋକସରା, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା :- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୪୪ ତା- ୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବେହେରା, ଥାନା-କୋକସରା, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )**

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

**TAHASIL -DHARAMGARH**

**Private land to be posted to general land acquisition for Mouza-Behera**

| Sl. No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Behera | Kunja Goud & Others | OBC | 47 | 660 | Mala | 0.870 | 0.020 |
| 2 | Behera | Dambaru Domb&others | SC | 201 | 1621 | Mala | 0.640 | 0.080 |
| | | | | | 1622 | Mala | 3.530 | 0.620 |
| 3 | Behera | Chidananda PVT LTD | | 278 | 658 | Mala | 1.140 | 0.490 |
| | | | | | 657 | Mala | 0.980 | 0.470 |
| 4 | Behera | Bhikari Domb & Others | SC | 396 | 1639 | Mala | 0.500 | 0.130 |
| 5 | Behera | Murtsi Goud & Others | Obc | 463 | 640 | Mala | 0.440 | 0.010 |
| 6 | Behera | Rajkumar Bishi | OBC | 516 | 1179 | Bema | 0.430 | 0.180 |
| 7 | Behera | Radheshyam Agrawal | OBC | 52 S | 591 | Berna | 1.900 | 0.660 |
| 8 | Behera | Radheshyam Agrawal | OBC | 526 | 629 | Mala | 0.700 | 0.040 |
| 9 | Behera | Satyaram Panigrahi | SC | 619 | 1608 | Berna | 1.500 | 0.180 |
| | | | | | 1609 | Berna | 1.210 | 0.260 |
| | | | | | 1638 | Mala | 0.870 | 0.440 |
| | | | | | 1637 | Mala | 2.070 | 0.190 |
| 10 | Behera | Ude Goud & Others | OBC | 21 | 348 | Berna | 1.190 | 0.790 |
| 11 | Behera | Padman Gainta& others | ST | 179 | 371 | Atta | 0.780 | 0.160 |
| | | | | | 377 | Mala | 11.900 | 2.210 |
| 12 | Behera | ChhatarSahu &Others | OBC | 302/94 | 365 | Berna | 3.640 | 0.060 |
| 13 | Behera | Udhaba Goud & Others | OBC | 302/136 | 368 | Mala | 0.760 | 0.370 |
| | | | | | 369 | Atta | 0.400 | 0.240 |
| | | | | | 370 | Mala | 0.140 | 0.060 |
| 14 | Behera | Batabhadra Sahu | Obc | 278/14 | 351 | Atta | 7.250 | 0.210 |
| | | | | 14 | 22 | | | 7.870 |

Land Acquisition Officer
Kalahandi

Superintending Engineer
Kalahandi (R&B) Division



### ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. 3371/LA- I-10/2022· Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଗଡିଆଜୋର, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୧୦ ତା- ୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଗଡିଆଜୋର, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )**

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza-Gadiajore*

| Sl. No. | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Gadiajore | Ash a kuman Naik & Others | GEN | 18 | 561 | Atta | 1.100 | 0.450 |
| 2 | Gadiajore | Dayanidhi Maii | OBC | 179 | 1312 | Bagayat | 2.840 | 0.950 |
| | | | | | 1333 | Berna | 1.250 | 0.630 |
| | | | | | 1334 | Atta | 0.800 | 0.220 |
| 3 | Gadiajore | Indramani Mali | OBC | 22 | 997 | Atta | 0.480 | 0.480 |
| 4 | Gadiajore | Netranand Naik | OBC | 241 | 543 | Mala | 2.340 | 0.490 |
| S | Gadiajore | Sibanand PVT.LTD M.D. Pramila Agrawal | Gen | 264 | 2645 | Atta | 0.660 | 0.040 |
| | | | | | 2647 | Atta | 2.520 | 0.370 |
| 6 | Gadiajore | Madhusudan Naik | OBC | 318 | 954 | Bahal | 1.560 | 0.290 |
| 7 | Gadiajore | Madhusudan Naik & Others | OBC | 320 | 876 | Gharabari | 0.130 | 0.120 |
| | | | | | 877 | Mala | 0.440 | 0.100 |
| | | | | | 927 | Bahal | 0.060 | 0.060 |
| | | | | | 929 | Bahal | 0.050 | 0.050 |
| | | | | | 931 | Atta | 0.370 | 0.050 |
| | | | | | 932 | Bahal | 0.140 | 0.010 |
| | | | | | 934 | Bahal | 3.630 | 0020 |
| 8 | Gadiajore | Laxmidhar Naik | OBC | 396 | 952 | Mala | 0.990 | 0.900 |
| | | | | | 953 | Bahal | 1.540 | 0.280 |
| 9 | Gadiajore | Sradhakara Maii | OBC | 419 | 928 | Bahal | 0.200 | 0.090 |
| 10 | Gadiajore | Sumitra Naik | OBC | 441 | 1612 | Atta | 0.790 | 0.340 |
| 11 | Gadiajore | Phakir charan Naik | OBC | 267 | 1475 | Atta | 1.000 | 0.190 |
| | | | | 11 | 21 | | | 6.130 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

**ନକଲି ମେଡିସିନ କାରବାର ମାମଲା**

# ୩ ଦିନିଆ ରିମାଣ୍ଡରେ ଆସିଲେ ୨ ବିହାରୀ ଅଭିଯୁକ୍ତ

**କଟକ ଅଫିସ,୨୫।୯**

ଓଡ଼ିଶାକୁ ନକଲି ମେଡିସିନ ଯୋଗାଣ କରୁଥିବା ବିହାରର ୨ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ରବିବାର କଟକରେ ପହଞ୍ଚିଛି। ଅଭିଯୁକ୍ତଦ୍ୱୟ ହେଲେ ବିହାର ରାମପୁର ଶାସ୍ତ୍ରୀନଗରର ଆଲୋକ କୁମାର ମିଶ୍ରା ଓ ହରିଶ କୁମାର। ସେମାନେ ବ୍ୟବହାର କରୁଥିବା ମୋବାଇଲ, ଚେକ୍ ଓ ବିଲ୍ ବହିକୁ ପୋଲିସ ଜବତ କରିଛି। ହରିଶ କୁମାର ରାଞ୍ଚିର ମୂଳ ବାସିନ୍ଦା ହୋଇଥିବାବେଳେ ଏହି କାରବାର ପାଇଁ ଶାସ୍ତ୍ରୀନଗରରେ ରହୁଥିଲେ। ବିହାର ପୋଲିସ ସହାୟତାରେ ସେମାନଙ୍କୁ ଗିରଫ କରାଯାଇ ସେଠାକାର ସ୍ଥାନୀୟ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା। କୋର୍ଟ ୩ ଦିନ ଟ୍ରାଞ୍ଜିଟ୍ ରିମାଣ୍ଡ ଅନୁମତି ଦେଇ ଉଭୟଙ୍କୁ କମିଶନରେଟ୍ ପୋଲିସ ହାତରେ ଛାଡ଼ିଛନ୍ତି। ଟ୍ରାଞ୍ଜିଟ୍ ରିମାଣ୍ଡ ଅବଧି ଶେଷ ହେବା ପରେ ସୋମବାର କଟକ ସଦର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ ବୋଲି ଡିସିପି ପିନାକ ମିଶ୍ର ରବିବାର ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନା ଅନୁଯାୟୀ, ନକଲି ମେଡିସିନ କାରବାର ମାମଲାରେ କଟକ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଡି. ଆର୍. ଡ୍ରଗ୍ସ ଏଜେନ୍ସିର ରାହୁଲ କୁମାର କ୍ୟାଲଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ପଚରାଉଚରାବେଳେ ବିହାରର ଗୟାସ୍ଥିତ ବାଲାଜୀ ଡ୍ରଗ୍ ପଏଣ୍ଟ ଓ ପାଟ୍ନାସ୍ଥିତ ଶ୍ରୀବାଲାଜୀ ଏଜେନ୍ସିଜ୍‌ଠାରୁ ନକଲି ମେଡିସିନ ଆଣୁଥିବା ପୋଲିସ ଜାଣିବାକୁ ପାଇଥିଲା। ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ୪ ଜଣିଆ ପୋଲିସ ଟିମ୍ ଗତ ୨୧ ତାରିଖରେ ବିହାର ଯାଇଥିଲା। ସେମାନଙ୍କ ସହିତ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ୨ ଅଧିକାରୀ ସାମିଲ ଥିଲେ। ଉଭୟ ଜାଗାରେ ତଦନ୍ତ ପରେ ଏଭଳି କୌଣସି ଏଜେନ୍ସି ନ ଥିବା ଜଣାପଡିଥିଲା। ହେଲେ ୨ ବିହାରୀ ଅଭିଯୁକ୍ତ ଆଲୋକ ଓ ହରିଶ ଏହି କାରବାରର ମୁଖ୍ୟ ସୂତ୍ରଧର ଥିଲେ। ଉଭୟ ଶ୍ରୀବାଲାଜୀ ଏଜେନ୍ସିଜ୍, ବାଲାଜୀ ଡ୍ରଗ୍ସ ପଏଣ୍ଟ ଆଦି ବିଭିନ୍ନ ନକଲି ଡ୍ରଗ୍ସ ଏଜେନ୍ସି ଖୋଲି ନକଲି ଇନ୍‌ଭଏସ୍ (ବିଲ୍) ଜରିଆରେ କାରବାର ଚଳାଇଥିଲେ। ଏମାନେ ମେଡିସିନ ନିଜେ ତିଆରି କରୁ ନ ଥିଲେ ବରଂ ଅନ୍ୟଠାରୁ କିଣିଆଣି ବିକ୍ରି କରୁଥିଲେ। କଟକର ଉପରୋକ୍ତ ୨ ଏଜେନ୍ସି ଅଧିକ ଲାଭ ପାଇବା ଆଶାରେ ବଜାର ଦରଠାରୁ କମ୍ ଦାମ୍‌ରେ ଅଭିଯୁକ୍ତ ଦ୍ୱୟଙ୍କଠାରୁ ନକଲି ମେଡିସିନ କିଣୁଥିଲେ। ମେଡିସିନ ନକଲି ବୋଲି ଉକ୍ତ କାରବାରରେ ସମ୍ପୃକ୍ତ ସମସ୍ତେ ଅବଗତ ଥିଲେ। ତେବେ କାହାଠାରୁ ଅଭିଯୁକ୍ତ ଦ୍ୱୟ ମେଡିସିନ କିଣୁଥିଲେ, ତାହା ଉପରେ ଏବେ ପୋଲିସର ନଜର ରହିଛି। ନକଲି ମେଡିସିନ କାରବାର ନିମନ୍ତେ ଏମାନଙ୍କର ଏକ ସୁସଙ୍ଗଠିତ ର୍‍ୟାକେଟ୍ କାମ କରୁଛି, ଯାହା ଜରିଆରେ ଅଭିଯୁକ୍ତ ଦ୍ୱୟଙ୍କୁ କାରବାର ଚଳାଇବା ସହଜ ହେଉଛି। ଅନ୍ୟପକ୍ଷରେ ଏବେ ପୋଲିସର ତଦନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଦୁଇ ଅଭିଯୁକ୍ତଙ୍କୁ ଜେରା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯିବ। ନକଲି ମେଡିସିନ କାରବାର ପାଇଁ ସେମାନଙ୍କର ଏଷ୍ଟିମେଟ୍ କେତେ ଥିଲା, କେତେ ପରିମାଣର ଯୋଗାଣ ହୋଇଛି, କେତେ ଥର ଯୋଗାଣ ହୋଇଛି, ଓଡ଼ିଶାର ୨ ଏଜେନ୍ସି ବ୍ୟତୀତ ଅନ୍ୟ କାହାରିକୁ ଯୋଗାଣ ହୋଇଛି କି ନାହିଁ ଆଦି ଅନେକ ପ୍ରଶ୍ନ ଜେରାବେଳେ ପୋଲିସ ପଚାରିବ। ଏଥିସହ ନକଲି ମେଡିସିନର ଅସଲି ନିର୍ମାତାଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରାଯାଉଛି ବୋଲି ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ପକ୍ଷରୁ ନକଲି ମେଡିସିନ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ କାରବାର ନେଇ ପୁରୀଘାଟ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ସେପ୍ଟେମ୍ବର ୧୦ରେ ପୋଲିସ ୪ ଜଣଙ୍କ ନାମରେ ୨ଟି ଫୌଜଦାରି ମାମଲା (ନଂ. ୨୨୧,୨୨୨/୨୦୨୨) କରିଥିଲା। ଏଥିସହ ତଦନ୍ତ କରି ପ୍ରାଥମିକ ପର୍ଯ୍ୟାୟରେ ସଞ୍ଜୟ ଓ ରାହୁଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଙ୍କର ଆର୍ଥିକ କାରବାର ଉପରେ ତଦନ୍ତ କରାଯାଇ ମୋଟ୍ ୪୦ ଲକ୍ଷ ଟଙ୍କା ସହ ୪ଟି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇଥିଲା। ଗତ ୧୯ ତାରିଖରେ କଟକ ମହତାବ ରୋଡ୍‌ସ୍ଥିତ ଏକ ଟ୍ରାନ୍ସପୋର୍ଟ ଏଜେନ୍ସି ଉପରେ ଚଢ଼ାଉ କରାଯାଇ ପ୍ରାୟ ୫ ଲକ୍ଷ ଟଙ୍କାର ନକଲି ଟେଲ୍‌ମା-୪୦ ମେଡିସିନକୁ ଜବତ କରାଯାଇଥିଲା। ଏହାପରେ ୨୨ ତାରିଖରେ ନିମଚୌଡିସ୍ଥିତ କ୍ୟାଲ ଏଜେନ୍ସି, ନୟାସଡ଼କସ୍ଥିତ ମହାବୀର ପ୍ରସାଦ ଓ ଏମ୍‌ଏଚ୍ ଫାର୍ମାସୀ ଉପରେ ଚଢ଼ାଉ କରାଯାଇ ପ୍ରାୟ ୨୦ ଲକ୍ଷ ଟଙ୍କାର ନକଲି ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ମେଡିସିନ ଜବତ କରାଯାଇଥିଲା।

- ଟାର୍ଗେଟରେ ନକଲି ମେଡିସିନର ଅସଲି ନିର୍ମାତା
- କାମ କରୁଛି ସୁସଙ୍ଗଠିତ ର୍‍ୟାକେଟ୍
- ଡ୍ରଗ୍ସ ଲାଇସେନ୍ସ, ଇନ୍‌ଭଏସ୍ ନକଲି
- ମୋବାଇଲ୍, ଚେକ୍, ବିଲ୍ ବହି ଜବତ


ଓଡିଶା ସରକାର
କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

File No. 3381/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବ୍ରାହ୍ମଣଛେଣ୍ଡିଆ , ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୮୮ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବ୍ରାହ୍ମଣଛେଣ୍ଡିଆ, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*
*Private land to be posted to general land acquisition for Mouza-Brahmancheendia*

| Sl. No. | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Brahmanchhendia | Hemanta Kumar Panda | Gen | 332 | 811 | Bahal | 1.060 | 0.550 |
| | | | | | 810 | Bahal | 0.250 | 0.180 |
| | | | | | 806 | Bahal | 1.630 | 0.250 |
| | | | | | 807 | Bema | 0.320 | 0.230 |
| 2 | Brahmanchhendia | Kishor Ch Mund | Gen | 49 | 21 | Atta | 0.750 | 0.070 |
| | | | | 2 | 5 | | | 1.280 |

Land Acquisition Officer
Kalahandi

Superintending Engineer
Kalahandi (R&B) Division



ଓଡିଶା ସରକାର
କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

File No. 3401/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଥନଟ, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୪୩ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଥନଟ, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*
*Private land to be posted to general land acquisition for Mouza- Thanat*

| Sl.No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Thanat | Dukhalu Mali (bothers) | OBC | 152 | 1537 | Bahal | 0.710 | 0.030 |
| | | | | | 1538 | Bahal | 0.960 | 0.100 |
| | | | | | 1539 | Bahal | 1.080 | 0.810 |
| 2 | Thanat | Labanya Mali & others | 08C | 357 | 1554 | Bahal | 0.500 | 0.190 |
| | | | | | 1549 | Bahal | 2.310 | 0.240 |
| | | | | 2 | 5 | | | 1.370 |

Land Acquisition Officer
Kalahandi

Superintending Engineer
Kalahandi (R&B) Division



ଓଡିଶା ସରକାର
କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

File No. 3361/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-କେନ୍ଦୁଗୁଡା, ଥାନା-କୋକସରା, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୯୯ ତା.୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-କେନ୍ଦୁଗୁଡା, ଥାନା-କୋକସରା, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

**TAHASIL -DHARAMGARH**
**Private land to be posted to general land acquisition for Mouza-Kenduguda**

| SI No | Village | Land owner | Category | Khata No. | Plot No. | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Kenduguda | Chandra Prasad Meher & Others | OBC | 63 | 342 | Patia | 0.370 | 0.060 |
| | | | | | 340 | Atta | 1.740 | 0.020 |
| | | | | | 626 | Atta | 4.900 | 0.050 |
| | | | | 1 | 3 | | | 0.130 |
| | | | | | | | Grand Total | 30.053 |

Land Acquisition Officer
Kalahandi

Superintending Engineer
Kalahandi (R&B) Division



ଓଡିଶା ସରକାର
କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

File No. 3391/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଚିଲଚିଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୫୪ ତା -୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଚିଲଚିଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*
*Private land to be posted to general land acquisition for Mouza-Chilchila*

| SI No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Chilchila | Jalandhar Domb & others | SC | 114 | 1243 | Bahal | 1.550 | 0.390 |
| | | | | | 1234 | Berna | 0.220 | 0.150 |
| | | | | | 1235 | Bahal | 0.660 | 0.190 |
| 2 | Chilchila | Jhirendra Naik | SC | 119 | 1448 | Bahal | 2.020 | 0.570 |
| | | | | | 1450 | Atta | 0.890 | 0.090 |
| | | | | | 1451 | Mala | 0.550 | 0.010 |
| | | | | 3 | 7 | | | 1.400 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

# ସରକାର ପରିବର୍ତ୍ତନ ପାଇଁ ଏକାଠି ହୁଅ: ପାୱାର

**ଫତେହାବାଦ (ହରିୟାଣା), ୨୫।୯ (ପି.ଟି.)**

୨୦୨୪ରେ ସରକାର ବଦଳାଇବାକୁ ହେଲେ ସବୁ ବିରୋଧୀ ଦଳ ଏକାଠି କାମ କରିବା ସମୟ ଆସିଛି ବୋଲି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ରବିବାର କହିଛନ୍ତି। ହରିୟାଣାର ଫତେହାବାଦରେ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି) ପକ୍ଷରୁ ଆୟୋଜିତ ବିଶାଳ ରାଲିକୁ ଉଦ୍‌ବୋଧନ ଦେଇ ପାୱାର କହିଥିଲେ, କୃଷି ଆଇନକୁ ବିରୋଧ କରି ଚାଷୀ ଆତ୍ମହତ୍ୟା କରିବା ସମାଧାନ ନୁହେଁ, ସରକାର ବଦଳାଇବା ଦ୍ୱାରା ପ୍ରକୃତ ସମାଧାନ ଆସିପାରିବ। ରାଲିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଶିରୋମଣି ଅକାଳୀ ଦଳ ନେତା ସୁଖବୀର ସିଂ ବାଦଲ, ଆର୍‌ଜେଡି ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ଅନ୍ୟ ନେତାମାନେ ଯୋଗ ଦେଇଥିଲେ।

କଂଗ୍ରେସ ଓ ବାମଦଳ ସମେତ ସମସ୍ତ ଅଣଭାଜପା ଦଳ ଏକାଠି ହେବା ଲାଗି



ଆଇଏନ୍‌ଏଲ୍‌ଡି ପକ୍ଷରୁ ଆୟୋଜିତ ରାଲିରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିରୋଧୀ ଦଳଗୁଡ଼ିକର ଗୋଟିଏ ସାମ୍ମୁଖ୍ୟ ସମୟର ଆବଶ୍ୟକତା: ନୀତୀଶ

ରାଲିରେ ନୀତୀଶ ଆହ୍ୱାନ ଦେଇଥିଲେ। ସବୁ ବିରୋଧୀ ଦଳକୁ ନେଇ ଗୋଟିଏ ସାମ୍ମୁଖ୍ୟ ଗଢ଼ାଗଲେ ୨୦୨୪ ସାଧାରଣ ନିର୍ବାଚନରେ ଗୈରିକ ଦଳକୁ ନିଶ୍ଚୟ ହରାଇପାରିବା ବୋଲି ସେ କହିଥିଲେ। ତୃତୀୟ ସାମ୍ମୁଖ୍ୟର ପ୍ରଶ୍ନ ଉଠୁନାହିଁ। କଂଗ୍ରେସ ସମେତ ସବୁ ଦଳକୁ ନେଇ ଗୋଟିଏ ଫ୍ରଣ୍ଟ ହେବା ସମୟର ଆବଶ୍ୟକତା ବୋଲି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା କହିଛନ୍ତି। ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନୁହନ୍ତି ବୋଲି ଏହି ଅବସରରେ ନୀତୀଶ ସ୍ପଷ୍ଟ କରିଛନ୍ତି। ରାଲିରେ ତେଜସ୍ୱୀ କହିଥିଲେ, ସମ୍ବିଧାନ ଓ ଗଣତନ୍ତ୍ରର ରକ୍ଷା ଲାଗି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଜେଡିୟୁ, ଅକାଳୀ ଦଳ ଏବଂ ଶିବସେନା ବାହାରି ଆସିଛନ୍ତି। ଭାଜପା ଦେଶବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଆସୁଛି। ଏହା ସବୁଠୁ ମିଛୁଆ ଦଳ ବୋଲି ତେଜସ୍ୱୀ କହିଛନ୍ତି।

# ପଞ୍ଜାବ ଅଚଳାବସ୍ଥା ଦୂର ହେଲା

## ବିଧାନସଭା ଅଧିବେଶନ ଡାକିବାକୁ ରାଜ୍ୟପାଳଙ୍କ ଅନୁମତି

**ନୂଆଦିଲ୍ଲୀ, ୨୫।୯**

ପଞ୍ଜାବ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର ହୋଇଛି। ୨୭ ତାରିଖରେ



ବନୱାରିଲାଲ୍ ପୁରୋହିତ

ତୃତୀୟ ଅଧିବେଶନ ଡାକିବା ଲାଗି ରାଜ୍ୟପାଳ ବନୱାରିଲାଲ୍ ପୁରୋହିତ ଏଏପି ସରକାରଙ୍କ ଆବେଦନକୁ ଅନୁମୋଦନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବ ବୋଲି ରାଜ୍ୟପାଳ ଦେଇଥିବା ପତ୍ରରୁ ଜଣାପଡ଼ିଛି। ଭାଜପା ରାଜ୍ୟରେ ଅପରେଶନ ଲୋଟସ୍ ଚଳାଇଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ତାଙ୍କ ସରକାରର ସଂଖ୍ୟାଗରିଷ୍ଠତା ପ୍ରମାଣ ଦେବା ନିମନ୍ତେ ଗତ ୨୨ ତାରିଖରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଆବେଦନ କରିଥିଲେ। ଏଥିପାଇଁ ନିର୍ଦ୍ଦିଷ୍ଟ ନିୟମ ନ ଥିବା ଦର୍ଶାଇ ରାଜ୍ୟପାଳ ଅଧିବେଶନ ପାଇଁ ଅନୁମତି ଦେଇ ନ ଥିଲେ। ଏଏପି ଏହାର ପ୍ରତିବାଦ କରିବା ସହ ରାଜ୍ୟପାଳଙ୍କ ନିଷ୍ପତ୍ତି ଅଗଣତାନ୍ତ୍ରିକ ବୋଲି କହିଥିଲା। ବନୱାରିଲାଲ୍‌ଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଯିବା ପାଇଁ ଏଏପି ଚେତାବନୀ ଦେଇଥିଲା।

# ଧର୍ମେନ୍ଦ୍ରଙ୍କ ଆତ୍ମହତ୍ୟା ପରେ ବଢ଼ୁଛି ରାଜନୈତିକ ବିରୋଧ

## ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ କଂଗ୍ରେସ, ଭାଜପାର ଦାବି

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ)**

ଗୋପ ବ୍ଲକ ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟାର ସତ୍ୟାସତ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ରବିବାର ପ୍ରଦେଶ କଂଗ୍ରେସର ଉପସଭାପତି ଶିବାନନ୍ଦ ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଡିସିପି ପ୍ରତୀକ ସିଂଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୁରୀ ଜିଲା କଂଗ୍ରେସ ସଭାପତି, ନିମାପଡ଼ାର ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ସେଠୀ ଡିସିପି ସିଂଙ୍କୁ କହିଛନ୍ତି ଯେ, ଧର୍ମେନ୍ଦ୍ର ଆତ୍ମହତ୍ୟା କରିବାର କିଛି ସମୟ ପୂର୍ବରୁ ତାଙ୍କ ମୋବାଇଲର ଫେସ୍‌ବୁକ୍ ପେଜରେ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ପୋଷ୍ଟ କରିଥିଲେ। କିନ୍ତୁ ମୃତ୍ୟୁର ଅଳ୍ପ ସମୟ ଭିତରେ ତାଙ୍କ ଫେସବୁକ ପେଜରୁ ତାହା ଡିଲିଟ୍ ହୋଇଯାଇଛି। ତେଣୁ ଏହି ସମୟ ଭିତରେ ମୋବାଇଲରୁ କିଏ ଓ କାହିଁକି ତାଙ୍କ ପୋଷ୍ଟକୁ ଡିଲିଟ୍ କଲେ ତାହାର ତଦନ୍ତ ହେବା ଦରକାର। ତାଙ୍କ ମୋବାଇଲ ଏହି ସମୟ ମଧ୍ୟରେ କାହା ପାଖରେ ଥିଲା ଏବଂ ତାଙ୍କ ଫେସ୍‌ବୁକ ପେଜ ପୋଷ୍ଟରେ ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ଦୁଇଟି ମୋବାଇଲରେ ବହୁ ଆପତ୍ତିଜନକ ଭିଡିଓ କ୍ଲିପକୁ ସେ ରଖିଛନ୍ତି, ଯାହା ଓଡ଼ିଶାର ପ୍ରତ୍ୟେକ ଜନସାଧାରଣ ନିଶ୍ଚିତ ଜାଣିବା ଉଚିତ ବୋଲି କଂଗ୍ରେସ ଦାବି କରିଛି। ଭୁବନେଶ୍ୱର ଧଉଳି ଥାନାର ତଦନ୍ତକାରୀ ଅଧିକାରୀ ନିମାପଡ଼ା ଅଞ୍ଚଳର ହୋଇଥିବା ବେଳେ ତାଙ୍କର ବହୁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହିତ ସୁସମ୍ପର୍କ ରହିଛି। ତେଣୁ ତାଙ୍କୁ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଦାୟିତ୍ୱରୁ ତୁରନ୍ତ ହଟାଇବାକୁ କଂଗ୍ରେସ ନେତୃବର୍ଗ ଦାବି କରିଛନ୍ତି। ଏହି ଘଟଣାରେ ବିଧାୟକ ତଥା ମନ୍ତ୍ରୀଙ୍କ ସମ୍ପୃକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ତେଣୁ ଏ ଘଟଣାର ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ ଦାବି କରିବା ସହିତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ କଂଗ୍ରେସ ନେତୃବର୍ଗ ଡିସିପିଙ୍କ ନିକଟରେ ଦାବି କରିଛନ୍ତି। ଭାଜପା ପୂର୍ବତନ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ତଦନ୍ତ ପ୍ରକ୍ରିୟାରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ତୁରନ୍ତ ତଦନ୍ତ ପରିସରଭୁକ୍ତ କରାଯାଉ। ମନ୍ତ୍ରୀ ତୁରନ୍ତ ଇସ୍ତଫା ପ୍ରଦାନ କରିବା ସହିତ ତଦନ୍ତର ସାମ୍ନା କରନ୍ତୁ, ଏହା ହିଁ ଭାଜପାର ଦାବି ବୋଲି ସେ କହିଛନ୍ତି। ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଭୁବନେଶ୍ୱର ଭାଜପା ଯୁବ ମୋର୍ଚ୍ଚା ଦଳୀୟ କାର୍ଯ୍ୟାଳୟଠାରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ରାମ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା।

ଓଡିଶା ସରକାର

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No. 3451/LA- I-10/2022· Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ପର୍ଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୭୭ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ପର୍ଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza- Parla*

| SI No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Parla | Gangaram Jhankar | ST | 119/17 | 1919 | Atta Khar i | 0.420 | 0.080 |
| | | | | | 1916 | Bahal | 3.850 | 1.080 |
| 2 | Parte | Ganga Gond | ST | 119/39 | 1926 | Atta | 2.000 | 0.340 |
| | | | | | 1927 | Bahal | 2.330 | 0.710 |
| | | | | | 1929 | Atta | 4.610 | 0.420 |
| 3 | Parla | BabrubahanJal & Others | SC | 45 | 921 | Berna | 1.820 | 0.450 |
| | | | | | 917 | Berna | 1.200 | 0.280 |
| | | | | | 891 | Mala | 6.480 | 0.160 |
| | | | | | 919 | Mala | 1.590 | 1.000 |
| | | | | | 967 | Atta | 4.820 | 1.570 |
| | | | | | 924 | Atta | 3.790 | 0.400 |
| | | | | | 895 | Atta | 0.310 | 0250 |
| | | | | | 929 | Atta | 1.940 | 0.120 |
| | | | | | 920 | Atta | 0.340 | 0.340 |
| | | | | | 916 | Atta | 0.950 | 0.500 |
| | | | | | 922 | Atta | 6.509 | 0820 |
| | | | | | 896 | Atta | 0.950 | 0.330 |
| 4 | Parla | Soda Goud & Others | OBC | 79 | 1796 | Atta | 0.500 | 0.010 |
| 5 | Parla | Bhuja Sahu & Others | OBC | 84 | 1801 | Atta | 0.010 | 0.010 |
| | | | | | 1802 | Berna | 0.540 | 0.120 |
| 6 | Parla | Sabetri Dei & Others | OBC | 102 | 962 | Berna | 0.660 | 0.470 |
| | | | | | 965 | Atta | 1.270 | 0.040 |
| | | | | 6 | 22 | | | 9.500 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

ଓଡିଶା ସରକାର

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No. 3411/LA- I-10/2022· Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଗୋଡଭଞ୍ଜା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୩୨ ତା -୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଗୋଡଭଞ୍ଜା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza- Godbhanja*

| Sl. No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Godbhanja | Maheswar Naik | OBC | 209 | 449 | Berna | 0.100 | 0.040 |
| 2 | Godbhanja | Hari Gond | ST | 271 | 776/968 | Bahal | 0.190 | 0.050 |
| 3 | Godbhanja | Srinibash Agrawal | Gen | 259 | 143 | Atta | 0.240 | 0.033 |
| | | | | 3 | 3 | | | 0.123 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

ଓଡିଶା ସରକାର

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No. 3431/LA- I-10/2022· Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ପିପଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୬୬ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ପିପଲା , ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza- Pipla*

| Sl. No. | Village | Land/ owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Pipla | Dinabandhu Sunani & Others | SC | 108 | 782 | Atta | 0.800 | 0.100 |
| | | | | | 783 | Patita | 0.250 | 0.040 |
| 2 | Pipla | Phulakar Harijan & Others | SC | 166 | 1408 | Mala | 1.310 | 0.230 |
| | | | | 2 | 3 | | | 0.370 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

# ଆସିପାରେ ୧୦୦ ବିଲିୟନ ଡଲାରର ଏଫ୍‌ଡିଆଇ

**ନୂଆଦିଲ୍ଲୀ,୨୫।୯**

ଆସନ୍ତା ୨୦୪୭ ସୁଦ୍ଧା ଭାରତକୁ ବିକାଶଶୀଳ ନୁହେଁ, ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ କେନ୍ଦ୍ର ସରକାର ଦୃଢ଼ତାର ସହ ଲାଗିପଡ଼ିଛନ୍ତି। ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାକୁ ସରକାର ବିଭିନ୍ନ ବାଣିଜ୍ୟିକ ନୀତିନିୟମରେ କୋହଳ ମନୋଭାବ ସହ ଅଧିକ ବିଦେଶୀ ପୁଞ୍ଜି ନିବେଶକୁ ଗୁରୁତ୍ୱ ଦେଉଥିବା ଜଣାପଡିଛି। ଚଳିତ ଆର୍ଥିକବର୍ଷ (୨୦୨୨-୨୩)ରେ ୧୦୦ ବିଲିୟନ ଡଲାର ଭାରତକୁ ଆସିପାରେ ବୋଲି ଆକଳନ କରାଯାଇଛି। ବିଶେଷ କରି ବିଦେଶୀ ପୁଞ୍ଜି ସିଧାସଳଖ ନିବେଶ(ଏଫଡିଆଇ)ମାଧ୍ୟମରେ ଏହାର ପୂରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଅର୍ଥନୀତିରେ ସୁଧାର ଓ ବାଣିଜ୍ୟ କାରବାରରେ ସହଜତା ନିୟମ କାରଣରୁ ଚଳିତ ଆର୍ଥିକ ବର୍ଷରେ ୧୦୦ ବିଲିୟନ ଆମେରିକୀୟ ଡଲାରର ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫଡିଆଇ) ଆସିପାରେ ବୋଲି ନିକଟରେ କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ଏପରି କି ୨୦୨୧-୨୨ରେ ଦେଶ ସର୍ବାଧିକ ୮୩.୬ ବିଲିୟନ ଡଲାରର ବିଦେଶୀ ନିବେଶ ପାଇଛି ବୋଲି ସରକାର ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ୧୦୧ ଦେଶରୁ ଏହି ଏଫଡିଆଇ ଆସିଛି।




## ଅର୍ଥନୀତିର ସୁଧାର ଯୋଗୁ ବୃଦ୍ଧି ପାଇପାରେ ବିଦେଶୀ ପୁଞ୍ଜିନିବେଶ

ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ୫୭ଟି ବିଭାଗରେ ଏହି ସବୁ ପୁଞ୍ଜିନିବେଶ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ କିଛିବର୍ଷ ହେବ ଅର୍ଥନୀତିରେ ସୁଧାର ଓ ବ୍ୟାପାରରେ ସହଜତା କାରଣରୁ ଚଳିତ ଆର୍ଥିକ ବର୍ଷରେ ଭାରତ ୧୦୦ ବିଲିୟନ ଏଫଡିଆଇ ଆଣିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ବିଦେଶୀ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ପାଇଁ କେନ୍ଦ୍ର ସରକାର ସବୁଠାରୁ ସ୍ୱଚ୍ଛ ଓ ଉଦାର ଅର୍ଥନୈତିକ ନିୟମ ପ୍ରଣୟନ କରିଛନ୍ତି। ଯେଉଁଠାରେ ଅଧିକାଂଶ ଏଫଡିଆଇ ସ୍ୱୟଂଚାଳିତ ଭାବେ ନିବେଶ କରିପାରିବେ। ଉକ୍ତ ସୁଧାରରେ କେତେକ ଗାଇଡଲାଇନ୍ସରେ ଉଦାରବାଦୀ ନୀତି, ଅନାବଶ୍ୟକ କଡ଼ା ନିୟମର ଅନୁପାଳନକୁ କମାଇବା, ନିବେଶ ମୂଲ୍ୟ ହ୍ରାସ ଓ ଭାରତରେ ବ୍ୟାପାର ସହଜତା ବଢ଼ାଇବା ଆଦି ଉଲ୍ଲେଖ ରହିଛି ବୋଲି ମନ୍ତ୍ରଣାଳୟ ମତ ପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ ଚଳିତ ଆର୍ଥିକବର୍ଷରେ ଏପ୍ରିଲ-ଜୁନ ପିରିୟଡରେ ଏଫଡିଆଇ ୬% ହ୍ରାସ ପାଇଁ ୧୬.୬ ବିଲିୟନ ଆମେରିକୀୟ ଡଲାର ହୋଇଥିଲା। ସେହିପରି ଖେଳନା ଶିଳ୍ପରେ ଭାରତ ଅଭିବୃଦ୍ଧିକୁ ନେଇ ସୂଚନା ଦେଇ ଶିଳ୍ପ ମନ୍ତ୍ରଣାଳୟ କହିଛି, ୨୦୨୧-୨୨ରେ ଖେଳନା ଆମଦାନୀ ୭୦% ହ୍ରାସ ପାଇ ୧୧୦ ମିଲିୟନ ଆମେରିକୀୟ ଡଲାର (୮୭୭.୮କୋଟି) ହୋଇଛି। ସେହିପରି ରପ୍ତାନି ୬୧% ବୃଦ୍ଧି ହୋଇ ୩୨୬ ମିଲିୟନ ଆମେରିକୀୟ ଡଲାର ହୋଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛନ୍ତି।

# '୫ମ ବୃହତ୍ ଅର୍ଥନୀତି ପାଲଟିଛି ଭାରତ'

**ନୂଆଦିଲ୍ଲୀ,୨୫।୯**

୭୫ ବର୍ଷରେ ଭାରତ ଏକ ଗରିବ ଦେଶରୁ ବିଶ୍ୱର ୫ମ ବୃହତ୍ ଅର୍ଥନୀତିରେ ପରିଣତ ହୋଇପାରିଛି ବୋଲି ଆମେରିକା ଗସ୍ତରେ ଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନିକଟରେ ସ୍ୱତନ୍ତ୍ର 'ଇଣ୍ଡିଆ@୭୫' ସୋ' କେସିଂ ଇଣ୍ଡିଆ-ୟୁଏନ୍ ପାର୍ଟନରଶିପ୍ ଇନ୍ ଆକ୍ସନ' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଅଷ୍ଟାଦଶ ଶତାବ୍ଦୀରେ ବିଶ୍ୱର ମୋଟ ଜିଡିପିରେ ଭାରତର ଯୋଗଦାନ ଏକ ଚତୁର୍ଥାଂଶ ରହିଥିଲା। ବିଂଶ ଶତାବ୍ଦୀ ମଧ୍ୟଭାଗ ସୁଦ୍ଧା ଉପନିବେଶ କାରଣରୁ ଭାରତ ଏକ ଗରିବ ଦେଶ ହୋଇଯାଇଥିଲା ଗତ ୨ ବର୍ଷ ହେବ କୋଭିଡ୍-୧୯ ବିରୋଧରେ ଭାରତ କରିଥିବା ଲଢେଇ ସହ ଅନ୍ୟାନ୍ୟ ସଫଳତା ବିଷୟ ସମ୍ପର୍କରେ ଜୟଶଙ୍କର ବିସ୍ତୃତ ମତ ଉପସ୍ଥାପନା କରିଥିଲେ।

# ଲମ୍ୟାନ ପିଜିଓ୍ୱର ସ୍ୱତନ୍ତ୍ର ଗାର୍ମେଣ୍ଟ ଷ୍ଟୋର ଉଦ୍‌ଘାଟିତ



**କଟକ,୨୫।୯**

କେଓ୍ୱାଲ କିରନ କ୍ଲଥିଂ ଲିମିଟେଡ (କେକେସିଏଲ)ର ସ୍ୱତନ୍ତ୍ର ବ୍ରାଣ୍ଡ 'ଲମ୍ୟାନ ପିଜିଓ୍ୱ ଏବଂ ଇଣ୍ଟିଗ୍ରିଟି'ର ୫ମ ଏକ୍ସକ୍ଲୁସିଭ ଷ୍ଟୋର ସ୍ଥାନୀୟ ବଜ୍ରକବାଟୀ ରୋଡ୍‌ସ୍ଥିତ କ୍ରିଷ୍ଣା ଆକ୍ରେଡଠାରେ ଉଦ୍‌ଘାଟିତ ହୋଇଯାଇଛି। କେକେସିଏଲ୍‌ର ନ୍ୟାଶନାଲ ସେଲ୍‌ସ ମ୍ୟାନେଜର ହିମାଂଶୁ ପନ୍ଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଡେପୁଟି ମ୍ୟାନେଜର ତାପଶ ଚତୁର୍ବେଦୀଙ୍କ ସମେତ ମାଷ୍ଟର ଫ୍ରାଞ୍ଚାଇଜ୍ ଦୀପକ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଅତ୍ୟାଧୁନିକ ୟୁଥ ବ୍ରାଣ୍ଡ ଭାବେ କେକେସିଏଲ୍‌ର ବ୍ରାଣ୍ଡ ବେଶ୍ ପରିଚିତ। ଏହାର ଗୁଣାତ୍ମକ ସାମଗ୍ରୀ ସାଙ୍ଗକୁ ସବୁ ବର୍ଗକୁ ସୁହାଇବା ଭଳି ମୂଲ୍ୟର ପୋଷାକ ଉପଲବ୍ଧ କରାଇଥାଏ। କେକେସିଏଲ୍ ଯୁବପିଢ଼ିଙ୍କ ଚାହିଦାକୁ ଆଖି ଆଗରେ ରଖି ଲମ୍ୟାନ ପିଜିଓ୍ୱ ତା'ର ବ୍ରାଣ୍ଡ ପ୍ରସ୍ତୁତ କରିଥାଏ। ଏହା ଡେନିମ, କ୍ଲବ ଆଣ୍ଡ କାଜୁଆଲ ୱେୟାର ସାଙ୍ଗକୁ ଫ୍ୟାଶନ ବ୍ରାଣ୍ଡ ଉପରେ ଜ୍ୟାକେଟ୍, ଡେନିମ ଆଣ୍ଡ କଟନ ଟ୍ରାଉଜର ଆଦି ସାମଗ୍ରୀ ପ୍ରସ୍ତୁତ କରିଥାଏ। ବଲିଉଡ୍ ଅଭିନେତା ରୋହିତ ସେଟ୍ଟୀ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। କମ୍ପାନୀର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଢେଙ୍କାନାଳର କାଞ୍ଚନ ବଜାରଠାରେ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ କଟକର ତିନିକୋଣିଆ ବଗିଚା, ରାଣୀହାଟ, ସିଡିଏ ସେକ୍ଟର-୮ ଏବଂ ଲିଙ୍କରୋଡ୍‌ଠାରେ ମଧ୍ୟ କମ୍ପାନୀର ବୃହତ୍ ଆଉଟଲେଟ ରହିଛି।

# ଭାରତ ମସଲାକୁ ଜାଗରଣ ଆଚିଭର ଆୱାର୍ଡ

**କଟକ,୨୫।୯**

ମସଲା ଜଗତରେ ମାନ ଏବଂ ଗୁଣବତ୍ତାକୁ ଅକ୍ଷୁଣ୍ଣ ରଖି କ୍ଷୁଦ୍ର ମସଲା ଉତ୍ପାଦନକାରୀ ସଂସ୍ଥା ଭାବେ ବିଶ୍ୱରେ ପହଞ୍ଚିପାରିଥିବା 'ଭାରତ ମସଲା'କୁ ଦୁବାଇରେ ସମ୍ମାନିତ କରାଯାଇଛି। ପୂର୍ବ ଭାରତରେ କ୍ରାଓଜେନିକ ପଦ୍ଧତିରେ ମସଲା ଉତ୍ପାଦନ କରି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଭାରତ ମସଲାକୁ ଏକ୍ସଲେନ୍ସ ଜାଗରଣ ଆଚିଭର ଆୱାର୍ଡ-୨୦୨୨ରେ ସମ୍ମାନିତ କରାଯାଇଛି। ହିନ୍ଦୀ ଖବରକାଗଜ ଦୈନିକ ଜାଗରଣ ପକ୍ଷରୁ ଦୁବାଇରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜୟ ଭାରତ ସ୍ପାଇସେସ୍ ପ୍ରା. ଲିଃ (ଭାରତ ମସଲା)ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍ସର ଗୁଡ୍‌ଉଇଲ ଆମ୍ବାସଡର ସଭାନେତ୍ରୀ ଓମେନ ଆଣ୍ଡ ୟୁଥ୍ ଏମ୍‌ପାଓ୍ୱାରମେଣ୍ଟ ଆସୋସିଏଶନ ତଥା ହେଡ୍ ଅଫ ପ୍ରୋଟୋକଲ ଆଣ୍ଡ ଡିପ୍ଲୋମାସି ଏଏସିଆଇଡି ଲୈଲା ରେହାଲ ଏଇ ଆଫାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଆୱାର୍ଡ ପ୍ରଦାନ କରିଛନ୍ତି। ଅଗଣିତ ଗ୍ରାହକ କିଭଳି ସ୍ୱାସ୍ଥ୍ୟକର ଓ ଉତ୍ତମ ମାନର ସାମଗ୍ରୀ ପାଇପାରିବେ ସେଥିପ୍ରତି କମ୍ପାନୀ ସବୁବେଳେ ଧ୍ୟାନ ଦେଇଆସିଥିବା ପଣ୍ଡା କହିଛନ୍ତି।



ୟୁଇଏର ଗୁଡ୍‌ଉଇଲ ଆମ୍ବାସାଡର ସଭାନେତ୍ରୀ ଓମେନ ଆଣ୍ଡ ୟୁଥ୍ ଏମ୍‌ପାଓ୍ୱାରମେଣ୍ଟ ଆସୋସିଏଶନ ତଥା ହେଡ୍ ଅଫ ପ୍ରୋଟୋକଲ ଆଣ୍ଡ ଡିପ୍ଲୋମାସି ଏଏସିଆଇଡିର ଲୈଲା ରେହାଲ ଏଇ ଆଫାନିଙ୍କଠାରୁ ସୁଶାନ୍ତ କୁମାର ପଣ୍ଡା ପୁରସ୍କାର ଗ୍ରହଣ କରୁଛନ୍ତି।

# ଦିଭିସା ପରିବାର ସହ ଭାବବିନିମୟ କଲେ ଗୁଲସନ



**ନୂଆଦିଲ୍ଲୀ,୨୫।୯**

ଦେଶର ପ୍ରମୁଖ ଘରୋଇ ଔଷଧୀୟ କମ୍ପାନୀ (ଉଦ୍ୟୋଗ) ଦିଭିସା ହର୍ବାଲ କେୟାର ପ୍ରାଇଭେଟ ଲିମିଟେଡର ବ୍ରାଣ୍ଡ ଆମ୍ବାସାଡର ବଲିଉଡ ଅଭିନେତା ତଥା ବ୍ୟାଡମ୍ୟାନ ଭାବେ ଜଣାଶୁଣା ଗୁଲସନ ଗ୍ରୋଭର ନିକଟରେ କମ୍ପାନୀର ଚଣ୍ଡିଗଡ କ୍ୟାମ୍ପସ ପରିଦର୍ଶନରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଗୁଲସନଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏପରି କି ସେ କମ୍ପାନୀର ନୂତନ ଉତ୍ପାଦ ବ୍ୟାଡମ୍ୟାନ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ଏବଂ ଏହାର ଲୋକପ୍ରିୟତା ବିଷୟରେ ମଧ୍ୟ ମତ ପ୍ରକାଶ କରିବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରୁ ପଚାରି ବୁଝିଥିଲେ। ଏହି ଅବସରରେ କମ୍ପାନୀର ସିଏମ୍‌ଡି ସଞ୍ଜୀବ ଜୁନେଜା ଗୁଲସନଙ୍କୁ କମ୍ପାନୀର ଚଣ୍ଡିଗଡସ୍ଥିତ ଦିଭିସା କ୍ୟାମ୍ପସ ଓ କାର୍ଯ୍ୟାଳୟ ବୁଲାଇବା ସହ ଉଭୟଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିଲା। ସେହିଭଳି ଗୁଲସନ ଗ୍ରୋଭର ଉଭୟ କମ୍ପାନୀର ଉତ୍ପାଦ ବ୍ୟାଡମ୍ୟାନ ସାଙ୍ଗକୁ ନିଜର ଚଳଚ୍ଚିତ୍ର ଅଭିନୟ ଚରିତ୍ର ବ୍ୟାଡମ୍ୟାନ ଅଭିନୟର ସଫଳତା ସମ୍ପର୍କରେ ଉଭୟ କମ୍ପାନୀ କର୍ମଚାରୀ ଓ ଅନ୍ୟମାନଙ୍କ ସହ ଭାବବିନିମୟ କରି ମତପ୍ରକାଶ କରିଥିଲେ। ଅପରପକ୍ଷରେ ଗୁଲସନ ମଧ୍ୟ ବ୍ୟାଡମ୍ୟାନ ପ୍ରଡକ୍ଟର ବ୍ରାଣ୍ଡ ଆମ୍ବାସାଡର ରହିଥିବାରୁ ଉକ୍ତ ପ୍ରଡକ୍ଟର ଲୋକପ୍ରିୟତା ଏବଂ ଚାହିଦା ସମ୍ପର୍କରେ ମଧ୍ୟ କମ୍ପାନୀ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଦିଭିସାର ନୂତନ ଉତ୍ପାଦ ବ୍ୟାଡମ୍ୟାନରେ କୌଣସି ପ୍ରକାରର ତ୍ରୁଟି ଆଜି ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ଫଳରେ ଏହାର ଚାହିଦା ଭଲ ରହିଥିବା ବେଳେ ଏଥିରେ କୌଣସି ପ୍ରକାରର ହାନିକାରକ ଉତ୍ପାଦ ନାହିଁ, ଯାହା ଉଭୟ ରୋଗୀ ଓ ଗ୍ରାହକଙ୍କ ଉପରେ କୁପ୍ରଭାବ ପକାଇବ କିମ୍ବା କମ୍ପାନୀର ପ୍ରତିଷ୍ଠା ଉପରେ ସେଭଳି କିଛି ସମସ୍ୟା ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଅସଲି ଔଷଧ କେବଳ ଫାର୍ମାସିଷ୍ଟ କହିପାରିବେ

**ଭୁବନେଶ୍ୱର,୨୫।୯**

ବାଲକାଟୀସ୍ଥିତ ସାଇ ସବୁରି ହେଲ୍‌ଥ ସାଇନ୍ସ କଲେଜ ପରିସରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡା. ସାରଦା ମିଶ୍ର ଓ ଅଧ୍ୟାପକମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରୋଗୀ ସେବା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଭୂମିକା ବାବଦରେ ବିସ୍ତୃତ ଆଲୋକପାତ କରିଥିଲେ। ଡା. ମିଶ୍ର କହିଥିଲେ, ହସ୍ପିଟାଲରେ ସବୁଠାରୁ ବଡ ଦାୟିତ୍ୱ ଫାର୍ମାସିଷ୍ଟଙ୍କୁ ତୁଲାଇବାକୁ ପଡିଥାଏ। ବିଶେଷ କରି ବହିର୍ବିଭାଗ ରୋଗୀ ପାଇଁ ଔଷଧ ଚୟନ, ଡୋଜ ପ୍ରସ୍ତୁତ କରିବା, ଷ୍ଟୋର ପରିଚାଳନା, ଔଷଧ ବ୍ୟବହାର ଲାଗି ରୁଟ ବାଛିବା, ପାର୍ଶ୍ୱ ପ୍ରତିକ୍ରିୟା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆଦି ଅନେକ କାମ ଫାର୍ମାସିଷ୍ଟମାନଙ୍କୁ କରିବାକୁ ପଡିଥାଏ । ସେହିପରି ଇନ ପେସେଣ୍ଟଙ୍କ ପାଇଁ ସର୍ଜରି ଏବଂ ନିଶ୍ଚେତକ ପରିଚାଳନା ବେଳେ ଡାକ୍ତରଙ୍କୁ ପୂର୍ଣ୍ଣ ସହଯୋଗ କରିବା, ରୋଗୀଙ୍କ ଶଯ୍ୟା ନିକଟରେ ଠିକ ମେଡିସିନ ପହଞ୍ଚାଇବା, ଅମ୍ଳଜାନ ଗ୍ୟାସ ତିଆରି ଓ ମହଜୁଦ ରଖିବା ଏବଂ ଡିସଚାର୍ଜ ସମୟରେ ରୋଗୀ ଓ ସମ୍ପର୍କୀୟଙ୍କୁ ଔଷଧ ବ୍ୟବହାର ବାବଦରେ ଭଲ ଭାବେ ବୁଝାଇବା ଭଳି ଅତି ଗୁରୁତ୍ୱପୂର୍ଣ୍ଣ କାମ ଫାର୍ମାସିଷ୍ଟମାନେ କରିଥାନ୍ତି। ସବୁଠାରୁ ଗୁରୁତ୍ୱର ବିଷୟ ହେଲା କିଡ୍‌ନୀ, ଯକ୍ଷ୍ମା, ଲିଭର ଆଦି ରୋଗୀଙ୍କୁ ଡାକ୍ତର ପ୍ରେସକ୍ରିପସନରେ ଅନେକ ମେଡିସିନ ଲେଖିଥାନ୍ତି । ଉକ୍ତ ରୋଗୀମାନଙ୍କୁ ଔଷଧର ଠିକ ବ୍ୟବହାର ପାଇଁ ଫାର୍ମାସିଷ୍ଟଙ୍କ ସହଯୋଗ ବିଶେଷ ମହତ୍ତ୍ୱ ରଖିଥାଏ । ଏହା ବ୍ୟତୀତ ଗୁଣ ଚିହ୍ନେ ଗୁଣିଆ ପରିକା ଜଣେ ଫାର୍ମାସିଷ୍ଟ ଲେଭଲ ଦେଖି ସହଜରେ ଅସଲି ଓ ନକଲି ଔଷଧ ଚିହ୍ନିପାରେ। ଉକ୍ତ ଉତ୍ସବରେ କଲେଜର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

## ଫୁର୍‌ସତ୍

# ଦିନମଜୁରିଆ ତିଆରି କଲେ ରୋବୋ

**ପଣଜୀ:** ରୁଗ୍ଣ ସ୍ତ୍ରୀ ପକ୍ଷେ ଦିବ୍ୟାଙ୍ଗ ଝିଅଙ୍କୁ ଖାଦ୍ୟ ଖୁଆଇବା କଷ୍ଟକର ହୋଇ ପଡ଼ିଥିବାବେଳେ ଗୋଆର ଦିନମଜୁରିଆ ବିପିନ କଦମ ଝିଅ ପାଇଁ ଏକ ରୋବୋ ତିଆରି କରିଛନ୍ତି। ଏ ନେଇ ବିପିନ କୌଣସି ତାଲିମ ନେଇ ନାହାନ୍ତି। ଏକ ସ୍ୱତନ୍ତ୍ର ପ୍ରକାର ରୋବୋ ତିଆରି କରିଥିବାରୁ ରାଜ୍ୟ ଇନୋଭେଶନ୍ କାଉନ୍‌ସିଲ୍ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯାଇଛି। ତେବେ ଏହି ରୋବୋର ନାମ ହେଉଛି 'ମା ରୋବୋ'। ଝିଅ ପାଇଁ ତିଆରି କରିଥିବା ଏହି ସ୍ୱତନ୍ତ୍ର ପ୍ରକାର ରୋବୋ ଖାଦ୍ୟ ବାଢ଼ି ପ୍ଲେଟ୍‌ରେ ରଖିପାରିବ। ମା' ରୋବୋ ଝିଅର ଇଚ୍ଛା ଅନୁସାରେ ଭଏସ୍ କମାଣ୍ଡ ଜରିଆରେ ଭାତ, ଡାଲି, ତରକାରିକୁ ଗୋଟି ଗୋଟି କରି ଖୁଆଇ ଦେଇପାରିବ। ୪୦ ବର୍ଷୀୟ ବିପିନଙ୍କ ଘର ଗୋଆର ବେଥୋରା ଗ୍ରାମରେ। ପେସାରେ ସେ ଜଣେ ଦିନ ମଜୁରିଆ। ତାଙ୍କ ୧୪ ବର୍ଷୀୟା ଦିବ୍ୟାଙ୍ଗ ଝିଅ ହାତ ଅଚଳ




## ଦିବ୍ୟାଙ୍ଗ ଝିଅଙ୍କୁ ଖୁଆଇଦେବ ମା' ରୋବୋ

ହୋଇଥିବାରୁ ସେ ନିଜ ଖାଦ୍ୟ ନିଜେ ଖାଇପାରନ୍ତି ନାହିଁ। ଖାଇବା ଲାଗି ସେ ତାଙ୍କ ମା'ଙ୍କ ଉପରେ ନିର୍ଭର କରନ୍ତି। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଯିବା ପରେ ସେ ଶଯ୍ୟାଶାୟୀ ହୋଇପଡ଼ିଲେ। ଦିବ୍ୟାଙ୍ଗ ଝିଅ ଖାଦ୍ୟ ନ ଖାଇ ସନ୍ଧ୍ୟା ପର୍ଯ୍ୟନ୍ତ ବାପାଙ୍କ ଆସିବା ବାଟକୁ ଚାହିଁ ବସୁଥିଲା। ଝିଅଙ୍କ ଏ ପ୍ରକାର ଅସୁବିଧାର ସ୍ଥାୟୀ ସମାଧାନ ବାହାର କରିବା ପାଇଁ ବିପିନ ଏକ ରୋବୋ ତିଆରି କରିବାର ନିଷ୍ପତ୍ତି ନେଲେ। ଖାଇବା ବାଢ଼ି ଖୁଆଇ ଦେଲା ଭଳି ରୋବୋ ତାଙ୍କୁ କେଉଁଠାରେ ନ ମିଳିବାରୁ ସେ ନିଜେ ଏକ ରୋବୋ ତିଆରି କଲେ। କିଛିଦିନ ରୋବୋ



ତିଆରି ପ୍ରଣାଳୀ ବିଷୟରେ ଜାଣିବା ପରେ ସ୍ୱତନ୍ତ୍ର ପ୍ରକାର ରୋବୋ ପାଇଁ ସେ ଏକ ଡିଜାଇନ୍ ପ୍ରସ୍ତୁତ କଲେ, ଯେଉଁଥିପାଇଁ ତାଙ୍କୁ ପାଖାପାଖି ୪ ମାସ ଲାଗିଥିଲା। ବିନା କୌଣସି ପ୍ରଶିକ୍ଷଣରେ ବିପିନ ରୋବୋ ତିଆରି କରିବାରେ ସଫଳ ହୋଇଛନ୍ତି। ଏବେ ସେ ଅନ୍ୟ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ରୋବୋ ତିଆରି କରିବାକୁ ମନ ବଳାଇଛନ୍ତି। ତେବେ ଏ ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥା ସବୁ ବିପିନଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦେବେ ବୋଲି କହିଛନ୍ତି।

# ପିଲାଙ୍କୁ ନେଇ ଯତ୍ନବାନ୍

**ମୁମ୍ବାଇ**

ନିଜ ତିନି ପିଲାଙ୍କୁ ନେଇ ଖୁବ୍ ଯତ୍ନବାନ ବଲିଉଡ୍ ଅଭିନେତ୍ରୀ ତଥା ଟେଲି ଜଗତର ଜଣାଶୁଣା ହୋଷ୍ଟ ସନୀ ଲେଓନ୍। ସେଥିପାଇଁ ତ ସେ ଘରେ ଥିବା ସମୟରେ ଆଦୌ ସୋସିଆଲ ମିଡିଆ ବ୍ୟବହାର କରନ୍ତି ନାହିଁ ବୋଲି କହିଛନ୍ତି। ଅନେକ ସମୟରେ ସୋସିଆଲ ମିଡିଆ ୟୁଜର୍ ସନୀଙ୍କ ତିନି ସନ୍ତାନଙ୍କୁ ନେଇ ଖରାପ କମେଣ୍ଟ ଦେଉଥିବାର ଦେଖିବାକୁ ମିଳିଛି। ପିଲାମାନଙ୍କୁ ଏ ପ୍ରକାର ବିବାଦରୁ ଦୂରରେ ରଖିବା ପାଇଁ ସନୀ ଘରେ ସୋସିଆଲ ମିଡିଆ ବ୍ୟବହାର କରନ୍ତି ନାହିଁ। ବର୍ତ୍ତମାନ ସେମାନଙ୍କ ବୟସ ୪ରୁ ୬ ବର୍ଷ ହୋଇଥିବାବେଳେ ସେମାନେ ଏ ପ୍ରକାର ନକାରାତ୍ମକ ଜିନିଷଠାରୁ ଦୂରରେ ରହିବା ଆବଶ୍ୟକ। ବର୍ତ୍ତମାନ ସମୟ ସେମାନଙ୍କ ପାଇଁ ଖେଳିବା, ପାଠ ପଢ଼ିବା ଓ ମା'ବାପାଙ୍କ ସହ ସମୟ କାଟିବାର ବେଳ। ସନୀ ବିଗ୍‌ବସ୍ ରିଆଲିଟି ଶୋ'ରେ ପ୍ରଥମେ ଅଂଶ ଗ୍ରହଣ କରିଥିଲେ। ଏହାପରେ ବଲିଉଡ୍‌ରେ କାମ କରିବା ପାଇଁ ତାଙ୍କୁ ବହୁ ଅଫର୍ ମିଳିବା ଆରମ୍ଭ ହୋଇଥିଲା। ଥ୍ରୀଲର ଫିଲ୍ମ 'ଜିସ୍ମ ୨'ରେ ସନୀ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ତାଙ୍କ ଅଭିନୀତ ବହୁଚର୍ଚ୍ଚିତ ବେବୀ ଡଲ୍ ଗୀତ ଲୋକଙ୍କ ବେଶ୍ ପସନ୍ଦକୁ ଆସିଥିଲା।



ସନୀ ଲେଓନ୍

# ମା'ଙ୍କ ସୁରକ୍ଷା ଅପରିହାର୍ଯ୍ୟ

ପରିବାରର ମେରୁଦଣ୍ଡ ହେଉଛନ୍ତି ମା'। ତାଙ୍କ ଉପରେ ସମସ୍ତ ବୋଝ ପଡ଼ିଥାଏ। ମା' ସୁସ୍ଥ ରହିଲେ ପରିବାର ସୁଖୀ ହୋଇଥାଏ। ମା'ଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁରକ୍ଷିତ ପ୍ରଜନନ ବ୍ୟବସ୍ଥା ଜରୁରୀ। ଏ କ୍ଷେତ୍ରରେ ଗର୍ଭ ନିରୋଧକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ମହିଳା ଅଧିକାର ଏବଂ ସେମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ବିଶ୍ୱ ଗର୍ଭ ନିରୋଧକ ଦିବସ ପାଳନ କରାଯାଇଥାଏ। ଜାତିସଂଘ ଅନୁସାରେ ପ୍ରତ୍ୟେକ ମହିଳା ଏବଂ କିଶୋରୀଙ୍କର ଗର୍ଭନିରୋଧକ ତଥା ପରିବାର ଯୋଜନା ସେବା, ସୂଚନା ଏବଂ ଶିକ୍ଷା ପାଇବାକୁ ଅଧିକାର

## ବିଶ୍ୱ ଗର୍ଭ ନିରୋଧକ ଦିବସ

ରହିଛି। ଅନ୍ତର୍ଜାତୀୟ ମାନବିକ ଅଧିକାର ଆଇନ ଅନୁଯାୟୀ, ଯୌନ ତଥା ପ୍ରଜନନ ସ୍ୱାସ୍ଥ୍ୟ ସେବାକୁ ନିଶ୍ଚିତ କରିବା ଜରୁରୀ। ଏହି ଦିବସର ପାଳନ ୨୦୦୭ରେ ଆରମ୍ଭ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଗର୍ଭ ନିରୋଧକ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଯୁବବର୍ଗମାନଙ୍କୁ ସେମାନଙ୍କର ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଶିକ୍ଷା ପ୍ରଦାନ କରିବା। ବିଗତ ଦଶନ୍ଧି ମଧ୍ୟରେ ପରିବାର ଯୋଜନା ବିସ୍ତାର କରିବାରେ ବହୁତ ଅଗ୍ରଗତି ସତ୍ତ୍ୱେ ଗର୍ଭ ନିରୋଧକ ଔଷଧର ପ୍ରବେଶ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ହୋଇପାରିନାହିଁ।

# ୮ ଦେଶରେ ପାଳନ ହେବ ବାଥୁକମ୍ମା ପର୍ବ

**ହାଇଦ୍ରାବାଦ:** ନବରାତ୍ରି ଅବସରରେ ତେଲଙ୍ଗାନାରେ ପାଳନ ହେଉଥିବା ଫୁଲର ପର୍ବ ବାଥୁକମ୍ମା ଚଳିତ ବର୍ଷ ୮ଟି ଦେଶରେ ପାଳନ ହେବ। ତେଲଙ୍ଗାନାର ଏକ ଅଣଲାଭକାରୀ ସଂଗଠନ ଜାଗୃତି ପକ୍ଷରୁ ଏହାର ଆରମ୍ଭ କରାଯାଇଛି। ଏହି ପର୍ବ ଚଳିତମାସ ୨୫ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଉକ୍ତ ପର୍ବରେ ଫୁଲର ଏକ ବିରାଟ ତୋଡ଼ା ପ୍ରସ୍ତୁତ କରାଯାଏ। ଗତବର୍ଷ ବିଶ୍ୱର ସବୁଠାରୁ ବଡ଼ ବିଲ୍ଡିଂ କୁହାଯାଉଥିବା ଦୁବାଇର ବୁର୍ଜ୍ ଖଲିଫାରେ ଏହି ବାଥୁକମ୍ମା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେଲଙ୍ଗାନାରେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖରଙ୍କ ଝିଅ ଏମ୍‌ଏଲ୍‌ସି କବିତା ବାଥୁକମ୍ମାର ପୋଷ୍ଟର ଉନ୍ମୋଚନ



କରିଥିଲେ। ଯେଉଁସବୁ ଜିନିଷ ଆମକୁ ପ୍ରକୃତିଠାରୁ ମିଳେ, ସେ ସବୁ ପୁଣିଥରେ ପ୍ରକୃତି ନିକଟକୁ ଫେରିଯାଏ, ଯାହା ହେଉଛି ଏହି ପର୍ବ ପାଳିବାର ମୂଳ ଉଦ୍ଦେଶ୍ୟ। ବାଥୁ ଶବ୍ଦର ଅର୍ଥ ଜୀବନ ଓ ଆମ୍ମା ମାନେ ମା'। ବିଶେଷ କରି ହିନ୍ଦୁ ସମ୍ପ୍ରଦାୟର ଲୋକେ ଏହି ପର୍ବକୁ ପାଳନ କରୁଥିବାବେଳେ ଏଥିରେ ବହୁ ଦେବା ଦେବୀ ପୂଜା ପାଇଥାନ୍ତି। ଜମିରେ ଭଲ ଫସଲ ସାଙ୍ଗକୁ ଖାଦ୍ୟ ଓ ଜଳକଷ୍ଟ ଦୂର କରିବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଇଥାଏ।

# ଓଜନ କମାଇଲେ ମିଳିବ ୧୦ ଲକ୍ଷ

**ନୂଆଦିଲ୍ଲୀ:** ଶରୀରକୁ ଫିଟ୍ ରଖିବା ଜରୁରୀ। ସେଥିପାଇଁ ଅନ୍‌ଲାଇନ୍ ବ୍ରୋକରେଜ୍ କମ୍ପାନୀ ଜେରୋଧା ନିଜ କର୍ମଚାରୀଙ୍କ ପାଇଁ ଏକ ରୋଚକ ଚ୍ୟାଲେଞ୍ଜ ନେଇ ଆସିଛି। ୱାର୍କ ଫ୍ରମ୍ ହୋମ୍ ଦ୍ୱାରା କର୍ମଚାରୀମାନେ ମେଦବହୁଳତାର ଶିକାର ହେବା ସହ ମାନ୍ଦା ହୋଇପଡ଼ିଛନ୍ତି। ସେମାନଙ୍କୁ ଆକ୍ଟିଭ୍ କରିବା ଲାଗି କମ୍ପାନୀ ସିଇଓ ନୀତୀନ କମାଥ ଏକ ଚ୍ୟାଲେଞ୍ଜ ଆଣିଛନ୍ତି। ଯେଉଁ କର୍ମଚାରୀ ଶରୀରର ଓଜନ କମାଇବେ ସେମାନଙ୍କ ଦରମା ବଢ଼ିବା ସହ ଜଣେ ଭାଗ୍ୟଶାଳୀ ପ୍ରତିଯୋଗୀ ୧୦ ଲକ୍ଷ ଟଙ୍କାର ପୁରସ୍କାର ଜିତି ପାରିବେ ବୋଲି ସେ କହିଛନ୍ତି। ଚ୍ୟାଲେଞ୍ଜର ନିୟମାବଳୀ ଅନୁସାରେ ପ୍ରତିଯୋଗୀଙ୍କୁ ପ୍ରତ୍ୟେକ ଦିନ



ଶରୀରରୁ ୩୫୦ କ୍ୟାଲୋରୀ କମାଇବାକୁ ପଡ଼ିବ। ଚଳିତ ବର୍ଷ ଏପ୍ରିଲରେ ଜେରୋଧା ପକ୍ଷରୁ କର୍ମଚାରୀଙ୍କ ପାଇଁ ଏକ ୱେଟ୍ ଲସ୍ କମ୍ପିଟିଶନ୍‌ର ଆୟୋଜନ କରାଯାଇଥିଲା। ଓଜନ କମାଇଥିବା କର୍ମଚାରୀଙ୍କୁ ମାସିକ ଦରମାର ଅଧା ବୋନସ୍ ଆକାରରେ ମିଳିଥିଲା।

## ଥୁ. ରାମପୁର ବ୍ଲକରେ ଝାଡ଼ାବାନ୍ତି, ୨ ମୃତ

ଭବାନୀପାଟଣା,୨୫ା୯(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଥୁଆମୂଳ ରାମପୁର ବ୍ଲକ ନାକୁରୁଣ୍ଡି ପଞ୍ଚାୟତ ଅଧୀନ କେଲୁଆ, ଖଜୁରଗୁଡ଼ା ଓ ଆମଝୋଲା ଗାଁରେ ଝାଡ଼ାବାନ୍ତିର ପ୍ରଭାବ ଦେଖିବାକୁ ମିଳିଛି। କେଲୁଆ ଗାଁର ୨ଜଣଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ୨ ମୃତକ ହେଲେ ଚଞ୍ଚଳ ମାଝି (୩୨) ଓ ଚନଦେଈ ମାଝି (୩୫)। ବର୍ତ୍ତମାନ ଅନେକ ଆକ୍ରାନ୍ତ ଥିବାରୁ ଗାଁରେ ଆତଙ୍କ ଖେଳିଯାଇଛି। ମୃତ ଚଞ୍ଚଳଙ୍କ ବାପା ସଦନ ମାଝି (୫୮)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାବେଳେ ହର୍ଷ ମାଝି (୪୫) ଏବଂ ସୁରେନ୍ଦ୍ର ମାଝି (୨୭) ଆକ୍ରାନ୍ତ ହୋଇଛନ୍ତି। ସେହିଭଳି ଖଜୁରଗୁଡ଼ା ଗାଁର ଫଗୁନଦେଈ ମାଝି ଆକ୍ରାନ୍ତ ହୋଇଛନ୍ତି। ଦୁର୍ଗମ କେଲୁଆ ଗାଁକୁ ଗମନାଗମନର କୌଣସି ସୁବିଧା ନ ଥିବାରୁ ଲୋକେ ମଧ ରୋଗୀଙ୍କୁ ଡାକ୍ତରଖାନା ଆଣି ପାରୁନାହାନ୍ତି।

# ଫୋରେନ୍‌ସିକ୍ ଲ୍ୟାବ୍‌କୁ ଗଲା ଜବତ ମୋବାଇଲ

### ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା

- ସ୍କାନରରେ ଉପର ମହଲାରେ ରହୁଥିବା ରୋଷେୟା
- ପରିବାର ଲୋକଙ୍କୁ ପଚରାଉଚରା କଲା ୭ ଜଣିଆ ପୋଲିସ ଟିମ୍
- ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବିକଲେ କଂଗ୍ରେସ, ଭାଜପା

ଭୁବନେଶ୍ୱର,୨୫ା୯ (ବ୍ୟୁରୋ)

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଭୁବନେଶ୍ୱରରେ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ରବିବାର ୨ଦିନ ବିତିଛି। ମୃତ୍ୟୁକୁ ନେଇ ରହସ୍ୟ ଲାଗି ରହିଥିବାବେଳେ ଏହା ଆତ୍ମହତ୍ୟା ନା ହତ୍ୟା ସେନେଇ ପୋଲିସ ଏଯାଏ କିଛି ସ୍ପଷ୍ଟ କରିନାହିଁ। ଧଉଳି ଥାନାରେ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲାରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଘଟଣା ପଛରେ ରାଜନୈତିକ ଲିଙ୍କ୍ ପ୍ରସଙ୍ଗ ଉଠୁଥିବାରୁ କମିଶନରେଟ ପୋଲିସ ଏହାକୁ ଗୁରୁତ୍ୱ ସହ ନେଇଛି। ରବିବାର ଜବତ ହୋଇଥିବା ୨ଟି ମୋବାଇଲ ଫୋନ୍‌କୁ ଯାଞ୍ଚ ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଛି। ଏଥିସହ ଘଟଣାସ୍ଥଳରେ ଲାଗିଥିବା ସିସିଟିଭିକୁ ମଧ୍ୟ ଜବତ କରି ଯାଞ୍ଚ ଚାଲିଛି। ଘର ଉପର ମହଲାରେ ରହୁଥିବା ରୋଷେୟା ସନ୍ଦେହଘେରରେ ଥିବାରୁ ପୋଲିସ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିଛି।

ଏ ପରିସ୍ଥିତିରେ ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ବିରୋଧୀ ଭାଜପା ଓ କଂଗ୍ରେସ ଦାବି କରି ରାସ୍ତାକୁ ଓହ୍ଲାଇଥିବାରୁ ପୋଲିସ ଉପରେ ଚାପ ବଢ଼ିବାରେ ଲାଗିଛି।

ତେବେ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଛି। ଋଣ ଟଙ୍କାର ଚାପ ଓ ପାରିବାରିକ ବିବାଦରୁ ଧର୍ମେନ୍ଦ୍ର ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ ଏହାର ପ୍ରମାଣ ପାଇବାକୁ ପୋଲିସ ଲାଗି ପଡ଼ିଛି। '୨ଟି ଫୋନ୍‌ରେ ସବୁ ଭିଡିଓ ରହିଛି, ତାକୁ ଲୋକଲୋଚନକୁ ଆଣିବେ' ବୋଲି ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ନିଜ ଫେସ୍‌ବୁକ ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଥିଲେ। ତେଣୁ ଉକ୍ତ ୨ଟି ମୋବାଇଲରେ ମୃତ୍ୟୁ ରହସ୍ୟ ସହ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥିବା ସ୍ପଷ୍ଟ ଜଣାପଡୁଛି। ଅପରପକ୍ଷରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ଆଉ ଏକ ବଡ଼ କଥା ସାମ୍ନାକୁ ଆସୁଛି। ଗତ ପଞ୍ଚାୟତ ନିର୍ବାଚନରେ ଧର୍ମେନ୍ଦ୍ର ନିମାପଡ଼ା ନିର୍ବାଚନମଣ୍ଡଳୀର ଜଣେ ବରିଷ୍ଠ ନେତାଙ୍କଠାରୁ ୮୦ ଲକ୍ଷ ଟଙ୍କା ଆଣି ଖର୍ଚ୍ଚ କରିଥିଲେ ବୋଲି ଚର୍ଚ୍ଚା ହେଉଛି। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କା ସେ ଦେଇ ନ ପାରି ଚାପରେ ଥିବା ମଧ ଶୁଣାଯାଉଛି। ତେଣୁ ଉଭୟଙ୍କ ମଧ୍ୟରେ ବିଶୃଙ୍ଖଳା ହେବା ସହ ଏହାକୁ ନେଇ ପରିବାରରେ ମଧ ଝଡ଼ ସୃଷ୍ଟି ହେଉଥିବା କୁହାଯାଉଛି। ତେଣୁ ପୋଲିସ ଏସବୁ ପ୍ରସଙ୍ଗକୁ ନେଇ ଖୋଳତାଡ଼ ଆରମ୍ଭ କରିଛି। ରବିବାର ସନ୍ଧ୍ୟାରେ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲଙ୍କ ସମେତ ୭ ଜଣିଆ ପୋଲିସ ଟିମ୍ ଧର୍ମେନ୍ଦ୍ରଙ୍କ ଘରକୁ ଯାଇଥିଲା। ସେଠାରେ ପୋଲିସ ଟିମ୍ ବିଭିନ୍ନ ଦିଗକୁ ନେଇ ପରିବାର ଲୋକଙ୍କୁ ପଚରାଉଚରା ସହ ବହୁ ତଥ୍ୟ ହାସଲ କରି ଫେରିଛି।

ଧର୍ମେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ତାଙ୍କ ବାସଭବନ ସାମ୍ନା ସ୍ୱଟିକରୁ ଝୁଲନ୍ତା ଅବସ୍ଥାରେ ମିଳିଥିବାବେଳେ ତାଙ୍କ ମୋବାଇଲ ଆଉ ଏକ ସ୍ଥାନରୁ ମିଳିଲା କେମିତି? ଶୁକ୍ରବାର ରାତି ୧୨ଟା୧୩ରେ ଧର୍ମେନ୍ଦ୍ରଙ୍କ ଘରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଉକ୍ତ ବ୍ୟକ୍ତି ଜଣକ କିଏ? ୮୦ ଲକ୍ଷ ଟଙ୍କା ଦେଇଥିବା ଉକ୍ତ ନେତା ଜଣକ କିଏ ଓ ଏହାକୁ ନେଇ ଉଭୟଙ୍କ ଭିତରେ କେଉଁ ପ୍ରକାର ବିବାଦ ଥିଲା? ଏଭଳି ବିଭିନ୍ନ ଦିଗକୁ ନେଇ ଏକାଧିକ ପ୍ରଶ୍ନର ଉତ୍ତର ଜାଣିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଧର୍ମେନ୍ଦ୍ରଙ୍କ ଶ୍ୱଶୁର ଦୁଃଶାସନ ସ୍ୱାଇଁ ଗଣମାଧ୍ୟମକୁ କହିଛନ୍ତି, ଧର୍ମେନ୍ଦ୍ରଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ପୁତୁରା କାହିଁକି ଘର ଛାଡ଼ିଥିଲେ ତାହାର ତଦନ୍ତ ହେଉ। କଲ୍ ରେକର୍ଡ ଯାଞ୍ଚ କରାଯାଉ। ସିସିଟିଭି ଫୁଟେଜରେ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ଉକ୍ତ ଯୁବକଙ୍କୁ ସାମ୍ନାକୁ ଅଣାଯାଉ ବୋଲି ସେ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ଡିସିପି ପ୍ରତୀକ ସିଂ କହିଛନ୍ତି, ତଦନ୍ତ ଚାଲୁ ରହିଛି। ଲ୍ୟାବ୍‌କୁ ପଠାଯାଇଥିବା ଧର୍ମେନ୍ଦ୍ରଙ୍କ ୨ଟି ମୋବାଇଲକୁ ସେଠାରେ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି।

# ସମ୍ବଲପୁରରୁ ଢେଙ୍କାନାଳ ଦେଇ କୋଲକାତାକୁ ଗଡ଼ିବ ଟ୍ରେନ୍

- ନୂଆ ରୂପ ନେବ ଐତିହ୍ୟସମ୍ପନ୍ନ ଢେଙ୍କାନାଳ ରେଳଷ୍ଟେଶନ
- ଢେଙ୍କାନାଳ, ଅନୁଗୋଳ ଜିଲାରେ ୨୫୦୦ କୋଟିର କାମ ଚାଲିଛି

ଢେଙ୍କାନାଳ ଅଫିସ, ୨୫ା୯

ଖୁବ୍‌ଶୀଘ୍ର ସମ୍ବଲପୁରରୁ ଅନୁଗୋଳ-ତାଳଚେର-ଢେଙ୍କାନାଳ ଦେଇ କୋଲକାତାକୁ ଦୈନିକ ଯାତ୍ରୀବାହୀ ଟ୍ରେନ୍ ଚାଲିବ। ଏଥିସହ ଢେଙ୍କାନାଳ ରେଳଷ୍ଟେଶନର ନବକଳେବର ହେବ। ଅବିଭକ୍ତ ଢେଙ୍କାନାଳ ଜିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ବଡ଼ ଉପହାର। କେନ୍ଦ୍ର ରେଳମନ୍ତ୍ରୀ ଏହାର ଶୁଭାରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ଅପରାହ୍ନ ପ୍ରାୟ ୪ଟା ୫୦ରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରେଲୱେର ପଦସ୍ଥ ଅଧିକାରୀଙ୍କ ସହ ଢେଙ୍କାନାଳରେ ପହଞ୍ଚି ଏହି ଐତିହାସିକ ରେଳଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର। ଏ ସମ୍ପର୍କରେ ସୂଚନା ଦେଇ ସେ କହିଲେ, ସମ୍ବଲପୁରରୁ କୋଲକାତାକୁ ନୂତନ ଟ୍ରେନ୍ ଚାଲିବା ଦ୍ୱାରା ଅଞ୍ଚଳବାସୀଙ୍କ ଅର୍ଥନୀତିର ବିକାଶ ହେବ। ଦଶହରା, ଲକ୍ଷ୍ମୀପୂଜା ଭଳି ପ୍ରସିଦ୍ଧ ପର୍ବପର୍ବାଣି ଦେଖିବା ପାଇଁ ବହୁ ଲୋକ ଆସିବେ। ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ୨୫୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ତାଳଚେର, ତାଳଚେର ରୋଡ୍, ଅନୁଗୋଳ, ଢେଙ୍କାନାଳ ରେଳଷ୍ଟେଶନର ପୁନରୁଦ୍ଧାର କାମ ଚାଲିଛି। ଏଥିସହ ରେଳପଥ ଦୋହରୀକରଣ, ୩ୟ ଓ ୪ର୍ଥ ଲାଇନ କାମ ଜାରି ରହିଛି। ଖୁବଶୀଘ୍ର ତାଳଚେରରୁ ଅନୁଗୋଳ ପର୍ଯ୍ୟନ୍ତ ଗୋଟିଏ ପାସେଞ୍ଜର ଏବଂ ୨ଟି ମାଲବାହୀ ଟ୍ରେନ୍ ଟ୍ରାକ୍ କାମ ଶେଷ ହେବ। ପ୍ରାୟ


ଢେଙ୍କାନାଳ ରେଳଷ୍ଟେଶନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

୫୦୦ କୋଟି ଟଙ୍କା ବ୍ୟୟରେ ତାଳଚେରରୁ ଭାୟା ଏଫ୍‌ସିଆଇ ଓ ନାଲ୍‌କୋ ଦେଇ ଅନୁଗୋଳ ପର୍ଯ୍ୟନ୍ତ ଯାତ୍ରୀବାହୀ ରେଳଲାଇନ କାମ ଆସନ୍ତା ନଭେମ୍ବର ସୁଦ୍ଧା ସରିବ। ୧୯୩୨ରେ ଢେଙ୍କାନାଳ ଜିଲା ମେରାମଣ୍ଡଳୀ ରେଳ ଷ୍ଟେଶନରୁ ଜାତିର ପିତା ମହାତ୍ମା ଗାନ୍ଧୀ ଏହି ବାଟ ଦେଇ ଟ୍ରେନ୍‌ରେ ପୁରୀ ଯାଇଥିଲେ। ତେଣୁ ସମ୍ପୃକ୍ତ ଷ୍ଟେଶନଗୁଡ଼ିକର ଗୁରୁତ୍ୱ ରହିଛି। ଅନୁଗୋଳ, ତାଳଚେର ଓ ଢେଙ୍କାନାଳର ଶିଳ୍ପାନୁଷ୍ଠାନ ବୃଦ୍ଧି ଓ କୋଇଲା ଖଣି ଯୋଗୁ ସରକାର ଅଧିକ ରାଜସ୍ୱ ପାଉଛନ୍ତି। ତଦନୁଯାୟୀ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା, ସୁନୀଲ ଶର୍ମା, ନବକିଶୋର ଗୁରୁ, ରାମଚନ୍ଦ୍ର ପାତ୍ର ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଧର୍ମେନ୍ଦ୍ର ମେରାମଣ୍ଡଳୀ, ହିନ୍ଦୋଳ ରୋଡ୍, ସଦାଶିବପୁର, ଶ୍ୟାମାଚରଣପୁର, ଯୋରନ୍ଦା ରୋଡ୍ ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ପୂର୍ବତଟ ରେଲୱେ ଜିଏମ୍ ଶରତ କୁମାର ଶ୍ରୀବାସ୍ତବ, ଖୋର୍ଦ୍ଧାରୋଡ୍ ଡିଆରଏମ୍ ରିଙ୍କେଶ ରାୟ, ଢେଙ୍କାନାଳ ରେଳଷ୍ଟେଶନ ମ୍ୟାନେଜର ମନୋଜ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟର ସହ ଲଢ଼ିବାକୁ ଆହ୍ୱାନ

### ଶିଶୁ ସାମ୍ବାଦିକତା କର୍ମଶାଳା ଉଦ୍‌ଯାପିତ

ଭୋଗରାଇ, ୨୫ା୯(ଡି. ଏନ.ଏ.)




ସଫଳତାର ଶୀର୍ଷରେ ପହଞ୍ଚିବା ନିମନ୍ତେ ଦୃଢ଼ ମନୋବଳ ଆବଶ୍ୟକ। ପ୍ରତିକୂଳ ପରିସ୍ଥିତିରେ ଧୈଯ୍ୟର ସହ ଲଢ଼ି ସଫଳ ହୋଇପାରିଲେ ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି ହୋଇପାରିବ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଧରିତ୍ରୀ, ୟୁନିସେଫ ଓ ପିପୁଲ କଲଚରାଲ ସେଣ୍ଟର (ପିକକ୍) ମିଳିତ ସହଯୋଗରେ ଆୟୋଜିତ ଶିଶୁ ସାମ୍ବାଦିକତା ସମ୍ପର୍କିତ କର୍ମଶାଳାର ଉଦ୍‌ଯାପନୀ ଦିବସରେ ମତପ୍ରକାଶ ପାଇଛି।

ରବିବାର ପ୍ରଥମ ଅଧିବେଶନରେ ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁ ସାମ୍ବାଦିକମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ କିପରି ରିପୋର୍ଟ ପ୍ରସ୍ତୁତ କରିବେ, ସେଥିପାଇଁ କେଉଁ କେଉଁ ଦିଗ ପ୍ରତି ଧ୍ୟାନଦେବେ ସେ ସମ୍ପର୍କରେ ୟୁନିସେଫ୍‌ର କମ୍ୟୁନିକେଶନ କନ୍‌ସୁଲେଟର ସାରଦା ଲାହାଙ୍ଗୀର ଏବଂ ଖବରଦାତା ସି. ଏଚ. ଶାନ୍ତାକାର, ପିକକ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁରାଧା ମହାନ୍ତି ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ୪ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୪ଟି ଗ୍ରୁପରେ ବିଭକ୍ତ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପରିବେଶ ସମ୍ପର୍କିତ ବିଷୟବସ୍ତୁ ଉପରେ ରିପୋର୍ଟ ପ୍ରସ୍ତୁତ କରି ପ୍ରଶିକ୍ଷକମାନଙ୍କୁ ଅବଗତ କରାଇଥିଲେ। ପ୍ରସଙ୍ଗଭିତ୍ତିକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ସୁବ୍ରତ ଖଟୁଆ, ଇପ୍‌ସିତା ମହାନ୍ତି, ଗୀତାରାଣୀ ଦାସ, ସୁପ୍ରଭା କର, ଶୁଭମ୍ ବେହେରା, ଗୋପାଳକୃଷ୍ଣ ଗିରି, ରଞ୍ଜିତା ଦେ ପ୍ରମୁଖ ଛାତ୍ରୀଛାତ୍ର ମୁଖ୍ୟଅତିଥି ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀଙ୍କୁ ୧୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କର୍ମଶାଳାରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ଶିଶୁମାନଙ୍କ ସୁରକ୍ଷା ସମ୍ପର୍କରେ ସୂଚନା ଦେଇଥିବା ବେଳେ ପିକକ୍‌ର ସମର ଦାସ, ଜିଲା ସଂଯୋଜକ ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। କର୍ମଶାଳାରେ ବଡମନ୍ଦାରୁଣୀ, ନହରା, ବାଲିମ ହାଇସ୍କୁଲ ଓ ସାତସୁଳିଆ ନୋଡାଲ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଶାଖା ତତ୍ତ୍ୱାବଧାରକ ବହିଷ୍କୃତ

### ଚାଷୀଙ୍କ ଟଙ୍କା ଆତ୍ମସାତ ଘଟଣା

ମାଲକାନଗିରି,୨୫ା୯(ସ୍ୱ.ପ୍ର.)

ଚାଷୀଙ୍କ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ମାଲକାନଗିରି ଜିଲା ମାଥିଲି ଲ୍ୟାମ୍ପରେ କାର୍ଯ୍ୟରତ ଶାଖା ତତ୍ତ୍ୱାବଧାରକ ସତ୍ୟ ନାରାୟଣ ସ୍ୱାଇଁଙ୍କୁ ବହିଷ୍କୃତ କରାଯାଇଛି। ମାଥିଲି ଏମ୍‌ଡି ସନ୍ତୋଷୀ ପରିଡାଙ୍କ ଚିଠି ନଂ. ୬୦/୨୨ ଆଧାରରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି। ଖବରରୁ ପ୍ରକାଶ, ସ୍ୱାଇଁ ଚାଷୀମାନଙ୍କୁ ଋଣ ଦେବା ଆଳରେ ସେମାନଙ୍କ ଟଙ୍କା ଆତ୍ମସାତ କରିଥିଲେ । ଏନେଇ ଚାଷୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ କେହି ଗୁରୁତ୍ୱ ଦେଉ ନ ଥିଲେ। ଏହି ଅଭିଯୋଗକୁ କୋରାପୁଟ କେସିସି ସମ୍ପାଦକ କୃଷ୍ଣଚନ୍ଦ୍ର ଜାନି ଗୁରୁତର ସହ ନେଇ ମାଥିଲି କେସିସି ବ୍ୟାଙ୍କ ମ୍ୟାନେଜର ବିଦ୍ୟାଧର ପ୍ରଧାନଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ଘଟଣାର ତଦନ୍ତ କରି ଅଭିଯୋଗର ସତ୍ୟତା ଥିବା ନେଇ ରିପୋର୍ଟ ଦେଇଥିଲେ। ପରେ ମାଥିଲି ଲ୍ୟାମ୍ପର ବୋର୍ଡ ବୈଠକ ବସି ତାଙ୍କୁ ଚାକିରିରୁ ବହିଷ୍କାର କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ ଟଙ୍କା ତାଙ୍କଠାରୁ ଆଦାୟ କରାଯିବ ନ ହେଲେ ଆଇନର ଆଶ୍ରୟ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ଅକ୍ଟୋବର ୨ରୁ ବିଜେଡି ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର,୨୫ା୯(ବ୍ୟୁରୋ)

ଅକ୍ଟୋବର ୨ରୁ ବିଜେଡି ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିବାକୁ ଯାଉଛି। ମାସେବ୍ୟାପୀ ଚାଲିବାକୁ ଥିବା ଏହି ଯାତ୍ରାରେ ଦଳ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ସଫଳ କାର୍ଯ୍ୟକ୍ରମ ନେଇ ଲୋକଙ୍କ ନିକଟରେ ପହଞ୍ଚିବେ। ନିର୍ବାଚନମଣ୍ଡଳ ୱାରୀ ଏହାକୁ ପାଳନ କରିବା ପାଇଁ ଦଳ ତରଫରୁ ରଣନୀତି ପ୍ରସ୍ତୁତ ହୋଇଥିବା ବେଳେ ଆସନ୍ତା ୨୯ ତାରିଖରେ ଏନେଇ ଚୂଡ଼ାନ୍ତ ବୈଠକ ବସିବ। ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅକ୍ଟୋବର ୧୬ରେ ପଡୁଛି। ଏହି ଜନସମ୍ପର୍କ ଯାତ୍ରା ଚାଲିଥିବା ସମୟରେ ନବୀନଙ୍କ ଜନ୍ମଦିନ ପଡୁଥିବାରୁ ଏହାକୁ ଭଲଭାବେ ପାଳନ କରିବାକୁ ଦଳ ଚିନ୍ତା କରୁଛି।


ବାସୁଦେବପୁର ବ୍ଲକ ସାନଜଗନ୍ନାଥପୁର ଗ୍ରାମବାସୀ ପୋଲ ନିର୍ମାଣ କରୁଛନ୍ତି।

### ପ୍ରଶାସନ ଉପରୁ ଭରସା ଉଠିଗଲା

# ପୋଲ ତିଆରି କଲେ ଗାଁ ଲୋକେ

ପଦ୍ମପୁର,୨୫ା୯(ଡି.ଏନ.ଏ.)

ବାରମ୍ବାର ଗୁହାରି ସତ୍ତ୍ୱେ ପ୍ରଶାସନ ଶୁଣିଲାନି। ଯିବା ଆସିବାରେ ଅସୁବିଧା ଭୋଗୁଥିବା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତର ସାନଜଗନ୍ନାଥପୁର ଗ୍ରାମବାସୀ ଆଉ ପ୍ରଶାସନ ଉପରେ ଭରସା ନ କରି ନିଜ ସମସ୍ୟା ନିଜେ ସୁଧାରିବାକୁ ନିଷ୍ପତ୍ତି ନେଲେ। ସେମାନେ ନିଜ ଖର୍ଚ୍ଚରେ ସ୍ଥାନୀୟ କୋଷ୍ଟ କେନାଲ ଉପରେ ଏକ କାଠ ପୋଲ ତିଆରି କରିବାରେ ସଫଳ ହୋଇଛନ୍ତି।

ପ୍ରକାଶ ଯେ, ଏହି ଗ୍ରାମରେ ୭୦ରୁ ଉର୍ଦ୍ଧ୍ୱ ପରିବାରର ୭ଶହରୁ ଅଧିକ ଲୋକ ବାସବାସ କରନ୍ତି। ବିଭିନ୍ନ କାମରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ଲୋକଙ୍କୁ ସାନକୃଷ୍ଣପୁର ଦେଇ ପ୍ରାୟ ୫ କି.ମି. ରାସ୍ତା ବୁଲିବାକୁ ପଡୁଥିଲା। ଅପରପକ୍ଷେ ଗ୍ରାମଠାରୁ ମାତ୍ର ୮ଶହ ମିଟର ପରେ କୋଷ୍ଟକେନାଲ ରାସ୍ତା ଅଛି। ହେଲେ ସେହି ରାସ୍ତାକୁ ଯିବା ପାଇଁ କେନାଲ ପାରି ହେବାକୁ ପଡ଼ିବ। କେନାଲ ଉପରେ ଏକ ପୋଲ ଏବଂ ଗ୍ରାମ ସଂଲଗ୍ନ ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମବାସୀ ବିଭିନ୍ନ ସମୟରେ ବ୍ଲକ ପ୍ରଶାସନକୁ ଅନୁରୋଧ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏଣୁ ସମସ୍ତ ଗ୍ରାମବାସୀ ଚଳିତବର୍ଷ ନିଜ ଖର୍ଚ୍ଚରେ ରାସ୍ତା ଓ ପୋଲ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ମେ'ରେ ଗ୍ରାମଠାରୁ କୋଷ୍ଟକେନାଲ ପର୍ଯ୍ୟନ୍ତ ୮ଶହ ମିଟର ରାସ୍ତାରେ ବାହାରୁ ଟ୍ରାକ୍ଟର ସାହାଯ୍ୟରେ ମାଟି ବୋହି ଆଣି ପକାଇ ୧୮ଫୁଟ ଚଉଡ଼ା ରାସ୍ତା ନିର୍ମାଣ କରିଥିଲେ। ଏହାପରେ ଜୁଲାଇରେ କାଠ ଖୁଣ୍ଟ କରି କେନାଲରେ ପୋତିଥିଲେ। ଚଳିତମାସରେ ଆବଶ୍ୟକ କାଠ ପଟା ତିଆରି କରି ଶନିବାର ପୋଲ ନିର୍ମାଣ ସାରିଛନ୍ତି। ଗ୍ରାମବାସୀ ଶ୍ରମଦାନ ସହ ୩୫ ଫୁଟ୍ ଲମ୍ବର ଏହି ପୋଲ ପାଇଁ ୫୦ ହଜାର ଓ ରାସ୍ତା ଲାଗି ୨ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ବଳରାମ ମହାନ୍ତି, ବ୍ରଜକିଶୋର ନାୟକ, ଅଲେଖ କୁମାର ଲେଙ୍କା, ସହଦେବ ନାୟକ, କମଳାକାନ୍ତ ନାୟକ, ରତିକାନ୍ତ ଜେନା, ପ୍ରମୋଦ ଜେନାଙ୍କ ସମେତ ସମସ୍ତ ଗ୍ରାମବାସୀ ପୋଲ ନିର୍ମାଣ କାର୍ଯ୍ୟରେ ସହଯୋଗ କରିଥିଲେ। ଏବେ ସେମାନଙ୍କୁ ଆଉ ପଞ୍ଚାୟତ କିମ୍ବା ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ବୁଲିବାକୁ ପଡ଼ିବ ନାହିଁ। କମ୍ ସମୟରେ ଓ ସ୍ୱଳ୍ପ ଖର୍ଚ୍ଚରେ ସିଧାସଳଖ କୋଷ୍ଟ କେନାଲ ରାସ୍ତାକୁ ଯାଇପାରିବେ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ମଉଜ ମାନସିକତାରେ ଶିଳ୍ପୀ ଗଢ଼ିଥିଲେ ବିଶ୍ୱର ବିସ୍ମୟ

ଐତିହ୍ୟର ଓଡ଼ିଶା

- ଦାୟିତ୍ୱ ପ୍ରତି ସଭିଏଁ ସଚେତନ ଥିଲେ
- ସମସ୍ତଙ୍କ ପାଇଁ ଯୋଗାଯାଉଥିଲା ପାଣି, ପାନ

ଡ. ସୁରେନ୍ଦ୍ର କୁମାର ମିଶ୍ର

ନମସ୍ୟା ସେଇ ନାରୀ ଶ୍ରମିକମାନେ। ପିଲା ପରିବାରଙ୍କୁ ଛାଡ଼ି ଯେମିତି ସମୟକୁ ଖାତିର ନ କରି ଶ୍ରମଦାନ କରିଥିଲେ ତାହା ଜାଣିବା ପରେ ମନରେ ବିସ୍ମୟ ସୃଷ୍ଟି ହୁଏ। ଆମେ 'ଦାନ' ଶବ୍ଦ ଲେଖିଲୁ ସେଥିପାଇଁ ମନକୁ ପ୍ରଶ୍ନ ଆସିବ ବର୍ତ୍ତନ ତ ନେଉଥିଲେ, ଶ୍ରମର ପାଉଣା ତ ନେଉଥିଲେ, ପୁଣି ଶ୍ରମଦାନ କ'ଣ କଲେ! ଆମେ ତନ୍ନ ତନ୍ନ କରି ଅନୁସନ୍ଧାନ କରିଛୁ ଏହା ଉପରେ। କାରଣ ପାଉଣା ତ ନେଉଥିଲେ! ମନ୍ଦିର ନିର୍ମାଣ ଏପରି କାମ, ନିର୍ଦ୍ଦିଷ୍ଟ କାମକୁ ସାରିବାକୁ ହେବ। ଚୂନପଥର ଅଧା ପକାଇ ଯାଇ ହେବ ନାହିଁ, ଭାଟିରେ ଲୁହା ତରଳିବାର ସମୟ ଅଛି। ତରଳିବା ପର୍ଯ୍ୟନ୍ତ ତେଲ ଢାଳିବାକୁ ହେବ। ଗାଇଦୁହାଁ ସରିବା ପରେ ଜଣେ ଯିବ। ଅଧା ଦୁହାଁ ହେଇଥିବ, ସୂର୍ଯ୍ୟ ନଇଁଲେଣି କହି କାମ ଛାଡ଼ି ଯାଇ ହେବନି। କାମ ସାରିବାକୁ ହେବ। ଏଇ ଯେଉଁ ମାନସିକତା, ତ୍ୟାଗ, ନିଷ୍ଠା, ତା'ର ପାଉଣା ଅଛି କି ! ଠିକା ଛିଡ଼ିଲା ଛ' ମାସରେ ଦ୍ୱାରବନ୍ଧ କାମ ସରିବ। ଚାରିଜଣ ଶିଳ୍ପୀ ଓ ୩ଜଣ ସୁଆଁସିଆ ଏହି ଦଳରେ ଥିଲେ। ନା ଶିଳ୍ପୀ ନା ଶ୍ରମିକ, ଛ' ମାସ ଧରି ଗାଁକୁ ଯାଇ ହେନଟେନ କରିପାରିବେ କି? ହିଙ୍ଗିଳିମିଠେଇ ଖାଇ ହେକୁଟି ମାରି ପଶାପାଲି ଖେଳିପାରିବେ କି? ସେମାନେ ନିଜ ତରଫରୁ ଛ' ମାସ ସମୟ ଧାର୍ଯ୍ୟ କରିଛନ୍ତି। କାମ ସାରିବାକୁ ହେବ। ଦାୟିତ୍ୱ ତୁଲାଇବାକୁ ହେବ। ସେହିପରି ପଥରରେ ଶତାଧିକ ଶିଳ୍ପୀ ସୂଚୀକାମ କରୁଥିଲେ। ଏକାଗ୍ରତା ଜରୁରୀ। ମନ-ମଉଜ ବି ଜରୁରୀ। ଶିବିରରୁ ଖାଦ୍ୟ ଖାଇ କାମକୁ ଆସିଲେ, ମଝିରେ ପାଣି, ପାନ ବି ଦରକାର। ସେତେବେଳେ ପାଣି ବୋତଲ ମିଳୁ ନ ଥିଲା କି ପାନଦୋକାନ କୋଣାର୍କ ବାଲିପନ୍ତରା ଝାଉଁ ଜଙ୍ଗଲରେ ନ ଥିଲା। ଗଜପତି ଏ କଥା ବୁଝିଥିଲେ। କାମ ଆରମ୍ଭ ଦିନରୁ ବିଶେଷ ଯାନିଯାତ୍ରାରେ ଆଉରି କେତେଖଣ୍ଡ ଅଧିକ ପାନ ମହାପ୍ରଭୁଙ୍କୁ ସମର୍ପଣ ହୁଏ। ମହାପ୍ରଭୁଙ୍କୁ ସମର୍ପଣ କରାଯାଉଥିବା ପାନରେ ଚୂନ ଲଗାଯାଏ ନାହିଁ। ତେଣୁ ଆମେ ବିଚାର କରିବା କଥା ଗଜପତିଙ୍କ ଗୋଚରରେ ପାଣି ଓ ପାନ ଯୋଗାଇବା ବ୍ୟବସ୍ଥା ହୋଇଥିଲା।



ପଥରବୁହା ନଦୀରୁ ଉଦ୍ଧାର ଶ୍ରୀହନୁମାନ ରୁପାସ- ଗଡ଼ ଶିଳ୍ପୀ ଶିବିରରେ ଉପାସିତ ହେଉଥିଲେ(ବାମ)। ଗଡ଼ ଶିବିରରୁ ମିଳିଥିବା ଗଡ଼ ସାଆନ୍ତଙ୍କ ଖଣ୍ଡା।

କେତୋଟି ନାଟକ କୋଣାର୍କକୁ ନେଇ ଲେଖାଯାଇଛି। ନାଟ୍ୟକାରମାନେ ଶିଳ୍ପୀଙ୍କ ଉପରେ ଅକଥନୀୟ ଅତ୍ୟାଚାରର ଦୃଶ୍ୟ ଦର୍ଶକଙ୍କ ଭାବାବେଗ ଜିତିବାକୁ ରୂପ ଦେଇଛନ୍ତି। ଆମେ ତ ପୋଥି ବର୍ଣ୍ଣନା ଦେଖୁଛେ। ଏହା ଅକଥନୀୟ ଅତ୍ୟାଚାରର ନମୁନା ନା ଗେଲବସରର ନମୁନା! ପାଉଣା ନେବେ, ଜଳଖିଆ ସହିତ ଦୁଇ ବେଳା ଖାଇବେ, ଦୁଧ, ଦହି, ଛେନା ଓ ଘିଅର ବ୍ୟବସ୍ଥା ହୋଇଛି, କାମ ଉପରେ ପାଣି ଓ ପାନ ଯୋଗାଇ ଦିଆଯିବ, ଇୟେ କ'ଣ ଅତ୍ୟାଚାର! ଆମେ ଆଗକୁ ଆହୁରି ଦେଖିବା ପୂନିଅଁ ପର୍ବରେ ଭୋଜିଭାତ ଓ ଜନ୍ତାଳର ବ୍ୟବସ୍ଥା କିପରି ଗଜପତି ନିଜେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଆ ଜାତି ମଉଜିଆ ଜାତି। ଭୋଜି ଭାତ ମଉଜର ତାଳେ ତାଳେ ବିଶ୍ୱର ବିସ୍ମୟପୂର୍ଣ୍ଣ କଳାକୃତି ଗଢ଼ିଦେଇଥିଲେ। ଅତ୍ୟାଚାରରେ ନୁହେଁ। କାମ ସମୟରେ ଅଘଟଣ ବି ଘଟିଛି। ମୁଖ୍ୟ ମନ୍ଦିରର ପଶ୍ଚିମପଟେ ସୂର୍ଯ୍ୟଙ୍କର ଏକ ପ୍ରତିମା ସ୍ଥାପନ ହେବାର ସ୍ଥିର ହୋଇଥିଲା। ପ୍ରତିମାଙ୍କୁ ଫାଶିକାଠର ମଞ୍ଚା ଉପରକୁ ୧୭ଜଣ ଶ୍ରମିକ ଉଠାଇଲାବେଳେ ଦାମ ଜେନା ମଞ୍ଚାରୁ ଖସିପଡ଼ିଥିଲେ। ମୁଣ୍ଡ ମାଡ଼ ହୋଇଗଲା। ସେ ଚାଲିଗଲେ। ଡକାହେଲା ତାଙ୍କ ପୁଅ ରଘୁଆ ଜେନାଙ୍କୁ। ଜୀବନସାରା ଚଳିବା ପାଇଁ 'ଘଟ-ପୋଷାକ' ଦିଆଗଲା। ଆଦେଶ ହେଲା— ବାଲି ନୂଆଗାଁରେ ଦଶଗୁଣ୍ଠ ଜମି ଦିଅ ରଘୁଆକୁ। ଅଘଟଣକୁ ଅବହେଳା କରାଯାଇ ନାହିଁ। ଦାୟିତ୍ୱର ସହ ନିର୍ବାହ କରାଯାଇଛି। ପିଇବା ପାଣି ଯୋଗାଇବା ପାଇଁ ଶ୍ରମିକ ନିଯୁକ୍ତ କରିଥିଲେ। କାମ ସୁରୁଖୁରୁରେ ସମ୍ପନ୍ନ ହେଉ, ପାଣି ପିଇବା ପାଇଁ ଥରକୁ ଥର କାମରୁ ଶିଳ୍ପୀ ନ ଉଠନ୍ତୁ, ତାଙ୍କର ଏକାଗ୍ରତା ନଷ୍ଟ ନ ହେଉ, ଏୟା ହିଁ ଚିନ୍ତାଧାରା। କାମ ବିକ୍ଷିପ୍ତ ଭାବରେ ବ୍ୟାପକ ଅଞ୍ଚଳରେ ହେଉଥିଲା। ତେଣୁ ପାଣି ସହିତ ପାନ ଯୋଗାଇବା ପାଇଁ ମଧ ସ୍ୱତନ୍ତ୍ର ସୁଆଁସିଆଙ୍କୁ ନିଯୁକ୍ତ କରାଯାଇଥିଲା। କେବଳ ରୂପାସ-ଗଡ଼ ଶିବିରରେ ୩୧୨ଜଣ ସୁଆଁସିଆ ରହୁଥିଲେ, ଦୁଆଇ ଶିବିରରେ ୧୦୮ ଜଣ ରହୁଥିଲେ। ହଜାର ହଜାର ଲୋକ କାମରେ ଲାଗିଥିଲେ। ପାଣି ଯୋଗାଇବା ଓ ପାନ ଭାଙ୍ଗି ଯୋଗାଇବା ସହଜ କଥା ନୁହେଁ। ଆମେ ଏଥିରୁ ବୁଝୁଛେ ଶିଳ୍ପୀ ନିଶ୍ଚୟ ଓଡ଼ିଆ ଥିଲେ। ଓଡ଼ିଆ ଯେପରି ପାନ ଖାଆନ୍ତି ଏବଂ ଆପଣାର ମହାପ୍ରଭୁଙ୍କୁ ପାନ ଖୁଆନ୍ତି ତାହା ଭାରତରେ ବିରଳ। ପ୍ରତିଦିନ ବଲ୍ଲଭ ପୂଜାପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ୨ଟି ଲେଖାଏଁ ୬ଟି ପାନ, ସକାଳ ଧୂପ ପରେ ୬ଟି ପାନ, ଦ୍ୱିପ୍ରହର ଧୂପ ପରେ ୬ଟି ପାନ, ସନ୍ଧ୍ୟା ଧୂପ ପରେ ୬ଟିପାନ, ବଡ଼ସିଂହାର ବେଶ ପରେ ୬ଟି ପାନ, ପହୁଡ଼ ପରେ ପଲଙ୍କ ତଳେ ରଖାଯାଏ ୬ଟି ପାନ, ଚନ୍ଦନଯାତ୍ରା ସମୟରେ ଚନ୍ଦନ ମଣ୍ଡପରେ ୫୦ ଖଣ୍ଡ ପାନ ଏପରି ମୋଟ ୮୬ ଖଣ୍ଡ ଠାକୁରଙ୍କୁ ଲାଗି କରାଯାଏ।

# ଭାରତର ରୋମାଞ୍ଚକ ବିଜୟ



ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ସିରିଜ୍ ବିଜୟୀ ଭାରତୀୟ କ୍ରିକେଟ ଦଳ।

**ହାଇଦ୍ରାବାଦ, ୨୫।୯**

ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ଫଳରେ ଭାରତ ୨-୧ରେ ସିରିଜ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ପ୍ରଥମ ଟି୨୦ ଜିତିଥିବାବେଳେ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମ୍ୟାଚରେ ଭାରତ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ କରିଥିଲା। ଜବାବରେ ଭାରତ ୧୯.୫ ଓଭରରେ ୪ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରି ନେଇଥିଲା। ଶେଷ ଓଭରରୁ ବିଜୟ ପାଇଁ ୧୧ ରନ ଆବଶ୍ୟକ ଥିବାବେଳେ ଡାନିଏଲ ସାମ୍ସଙ୍କ ପ୍ରଥମ ବଲ୍‌କୁ ଛକା ମାରିବା ପରେ ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ ବିରାଟ। ସେ ୪୮ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା, ୪ ଛକା ସହ ୬୩ ରନ କରିଥିଲେ। ୩ୟ ବଲ୍‌ରୁ ଦୀନେଶ କାର୍ତ୍ତିକ ୧ ରନ କରିଥିବାବେଳେ ୪ର୍ଥ ବଲ୍‌କୁ ଡକ୍ ଖେଳିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଫଳରେ ଉତ୍କଣ୍ଠା ବଢ଼ିଥିଲା। ମାତ୍ର ୫ମ ବଲ୍‌କୁ ଚୌକାରେ ପରିଣତ କରି ହାର୍ଦ୍ଦିକ ଭାରତକୁ ରୋମାଞ୍ଚକ ବିଜୟ ଦେଇଥିଲେ। ହାର୍ଦ୍ଦିକ ୨୫ (୧୬ ବଲ, ୨ ଚୌକା, ୧ ଛକା) ଓ କାର୍ତ୍ତିକ ୧ ରନକରି ଅପରାଜିତ ରହିଥିଲେ।

ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କାମେରନ ଗ୍ରୀନ୍ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଟପ୍ ଅର୍ଡରରେ ଅଧିନାୟକ ଆରୋନ ଫିଞ୍ଚ୍ (୭), ଷ୍ଟିଭ୍ ସ୍ମିଥ (୯) ଓ ଗ୍ଲେନ ମ୍ୟାକ୍ସୱେଲ(୬)ଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଗିଲ୍ ୨୧ ବଲ୍‌ରୁ ୭ ଚୌକା ଓ ୩ ଛକା ସହାୟତାରେ ୫୨ ରନ କରିଥିଲେ। ମିଡିଲ ଅର୍ଡରରେ ଜୋଶ୍ ଇଙ୍ଗଲିଶ୍ ୨୪ ରନର ଉପଯୋଗୀ ଇନିଂସ ଖେଳିଥିଲେ। ତେବେ ୭ମ ଉଇକେଟରେ ଟିମ୍ ଡାଭିଡ ଓ ଡାନିଏଲ ସାମ୍ସଙ୍କ ୩୪ ବଲ୍‌ରୁ ୬୮ ରନର ଭାଗୀଦାରି ବଳରେ ଅଷ୍ଟ୍ରେଲିଆ ୧୮୬ ରନ କରିବାକୁ ସକ୍ଷମ ହୋଇଥିଲା। ଡାଭିଡ ୨୭ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୫୪ ରନକରି ଆଉଟ ହୋଇଥିବାବେଳେ ସାମ୍ସ ୨୦ ବଲ୍‌ରୁ ୧ ଚୌକା, ୨ ଛକା ସହ ୨୮ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଅକ୍ଷର ପଟେଲ ୩ଟି ଏବଂ ଭୁବନେଶ୍ୱର କୁମାର, ୟୁଜବେନ୍ଦ୍ର ଚହଲ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ଲୋକେଶ ରାହୁଲ ୧ ଓ ଅଧିନାୟକ ରୋହିତ ଶର୍ମା ୧୭ ରନକରି ଆଉଟ ହୋଇଯିବାରୁ ଭାରତ ୩୦ ରନରେ ୨ଟି ଉଇକେଟ ହରାଇଥିଲା। ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ଦୁହେଁ ତୃତୀୟ ଉଇକେଟରେ ୬୨ ବଲ୍‌ରୁ ୧୦୪ ରନ ସଂଗ୍ରହ କରିଥିଲେ। ୩୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସୂର୍ଯ୍ୟକୁମାର ୩୬ଟି ବଲ୍‌ର ସମ୍ମୁଖୀନ ହୋଇ ୫ଟି ଲେଖାଏ ଚୌକା ଓ ଛକା ସହାୟତାରେ ୬୯ ରନ ସ୍କୋର କରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୧୧ ରନ ଆବଶ୍ୟକ ଥିବାବେଳେ ଡାନିଏଲ ସାମ୍ସଙ୍କ ପ୍ରଥମ ବଲ୍‌କୁ ଛକା ମାରିବା ପରେ ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ ବିରାଟ। ସେ ୪୮ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା, ୪ ଛକା ସହ ୬୩ ରନ କରିଥିଲେ। ୩ୟ ବଲ୍‌ରୁ ଦୀନେଶ କାର୍ତ୍ତିକ ୧ ରନ କରିଥିବାବେଳେ ୪ର୍ଥ ବଲ୍‌କୁ ଡକ୍ ଖେଳିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ମାତ୍ର ୫ମ ବଲ୍‌କୁ ଚୌକାରେ ପରିଣତ କରି ହାର୍ଦ୍ଦିକ ଭାରତକୁ ରୋମାଞ୍ଚକ ବିଜୟ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୬/୭ (ଟିମ୍ ଡାଭିଡ-୫୪, କାମେରନ ଗ୍ରୀନ୍-୫୨, ଡାନିଏଲ ସାମ୍ସ-୨୮*, ଜୋଶ୍ ଇଙ୍ଗଲିଶ୍-୨୪, ଅକ୍ଷର ପଟେଲ-୩/୩୩, ଭୁବନେଶ୍ୱର କୁମାର-୧/୩୯, ୟୁଜବେନ୍ଦ୍ର ଚହଲ-୧/୨୨, ହର୍ଷଲ ପଟେଲ-୧/୧୮)। ଭାରତ ୧୯.୫ ଓଭରରେ ୧୮୭/୪ (ସୂର୍ଯ୍ୟକୁମାର ଯାଦବ-୬୯, ବିରାଟ କୋହଲି-୬୩, ହାର୍ଦ୍ଦିକ ପାଣ୍ଡ୍ୟା-୨୫*, ଡାନିଏଲ ସାମ୍ସ-୨/୩୩, ଜୋଶ୍ ହାଜେଲଉଡ୍-୧/୪୦, ପ୍ୟାଟ୍ କୁମିନ୍ସ-୧/୪୦)।

## ଭାରତ 'ଏ' ସିରିଜ ବିଜୟୀ

■ କୁଲ୍‌ଦୀପ ଯାଦବଙ୍କ ହ୍ୟାଟ୍ରିକ୍
■ ଶ'ଙ୍କ ଦ୍ରୁତ ଅର୍ଦ୍ଧଶତକ

**ଚେନ୍ନାଇ, ୨୫।୯ (ପି.ଟି.):** ବାମହାତୀ ରିଷ୍ଟ ସ୍ପିନର କୁଲ୍‌ଦୀପ ଯାଦବ (୪/୫୧)ଙ୍କ ହ୍ୟାଟ୍ରିକ୍ ଓ ପୃଥ୍ୱୀ ଶ'ଙ୍କ ଦ୍ରୁତ ଅପରାଜିତ ଅର୍ଦ୍ଧଶତକ (୪୮ ବଲ୍‌ରୁ ୭୭ରନ) ସହାୟତାରେ ଭାରତ 'ଏ' ଏଠାରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ୪ ଉଇକେଟରେ ଜିତିନେଇଛି। ଏଥି ସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଏ' ୪୭ ଓଭରରେ ୨୧୯ରନ କରି ଅଲ୍‌ଆଉଟ ହୋଇଯାଇଥିଲା। କୁଲ୍‌ଦୀପ ହ୍ୟାଟ୍ରିକ୍ ସହ ଶେଷ ୪ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚରେ କୁଲଦୀପଙ୍କ ପ୍ରଥମ ଶିକାର ହୋଇଥିଲେ ସିନ୍ ସୋଲିଆ। ପରେ ସେ ଲୋଗାନ ଭାନ୍ ବିକ୍, ଜୋ ୱାକର ଓ ଜାକବ ଡଫିଙ୍କ ଉଇକେଟ ନେଇ ସେ ତାଙ୍କର ସ୍ମରଣୀୟ ହ୍ୟାଟ୍ରିକ କରିଥିଲେ। ଭାରତ 'ଏ' ୧୬ ଓଭର ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ୩୪ ଓଭରରେ ୬ଉଇକେଟ ବିନିମୟରେ ୨୨୨ରନ କରିଥିଲା। ଘରୋଇ ଦଳ ଗତ ଗୁରୁବାର ପ୍ରଥମ ମ୍ୟାଚ ୭ଉଇକେଟରେ ଜିତିନେଇଥିଲା। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ମ୍ୟାଚ ମଙ୍ଗଳବାର ଖେଳାଯିବ।


**ଜନ୍ମଦିନ ଶୁଭେଚ୍ଛା**



ଶ୍ରୀ ଅମୀୟ ପ୍ରସାଦ ପ୍ରିୟଦର୍ଶୀ (ସିଲୁ)
ପ୍ରହରାଜପୁର, ମଣ୍ଡାସାହି, ଜଗତ୍‌ସିଂହପୁର
ମୋର ଜନ୍ମଦିନର ଶୁଭେଚ୍ଛା ସହ ମୋତେ ୧୭ବର୍ଷ ଚାଲିଲା । ଆଶୀର୍ବାଦ ସହ ବାପା, ଆଈ, ବିଦୂର ଅଙ୍କଲ, ଆଣ୍ଟି, ମୋର ବଡ଼ଭାଇ ତପୁ, ଲିସି, ରାଜା, ଆଣ୍ଟି ମୋର ଚଲାପଥ ସୁଖମୟ ହେଉ ମାଆ ତାରିଣୀଙ୍କ ପାଖରେ ମୋର ପ୍ରାର୍ଥନା ।
Mobile No.– 9937796500, 9556972120
ଧ-୧୬୧୫

**ଜନ୍ମଦିନ ଶୁଭେଚ୍ଛା**



ଗୁଡୁଲ୍ (ଶ୍ୱେତା)
Unit–IX, Road–3, Bhubaneswar
ଆଜି ୨୬।୦୯।୨୦୨୨ ସୋମବାର ତୋର ଜନ୍ମଦିନରେ ମାଆ ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡେଇ ରଖନ୍ତୁ, ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ, ଭଲ ମଣିଷଟିଏ କରନ୍ତୁ ।
ଶୁଭେଚ୍ଛା ସହ ତୋର ଅଜା: (ଧତ୍ତୁ), ଆଈ: (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା, ମାମା, ମାଉସୀ (କୁଙ୍ଗାମା), ଗେହ୍ଲୁ ସାନଭାଇ (ଆଶୁ) ଓ ସାନ ଭଉଣୀ (ସାନୁ) ।
ଧ-୧୫୬୦

**୧୮ତମ ଜନ୍ମ ଦିବସ**



Ayush Pratik Mishra
BJB Nagar, Bhubaneswar
ଆଜି ତୋର ୧୮ତମ ଜନ୍ମ ଦିବସ ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ ସେ ତୋର ଚଲାପଥ ସଦା ସର୍ବଦା କୁସୁମିତ ଓ ସୁରକ୍ଷିତ କରନ୍ତୁ। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଅନ୍ୟାନ୍ୟ ଶୁଭେଚ୍ଛୁ ପରିବାର ପରିଜନ ବୃନ୍ଦ।
ଧ-୭୩୭୨୦


## ପୁଣି ଚର୍ଚ୍ଚାରେ ଦୂତୀ-ସରସ୍ୱତୀ କଳି

**ଭୁବନେଶ୍ୱର, ୨୫।୯(ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟର ଦୁଇ ତାରକା ଆଥଲେଟ୍ ତଥା ଦୁଇ ଭଉଣୀ ଦୂତୀ ଚାନ୍ଦ ଓ ସରସ୍ୱତୀ ଚାନ୍ଦଙ୍କ ମଧ୍ୟରେ ସୋସିଆଲ ମିଡିଆରେ କଳି ଏବେ ପୁଣି ଚର୍ଚ୍ଚାରେ ରହିଛି। ବ୍ୟକ୍ତିଗତ ଏବଂ ପାରିବାରିକ କାରଣରୁ ଦୁଇଜଣଙ୍କ ମଧ୍ୟରେ କଳି ଯଦିଓ ନୂଆ କଥା ନୁହେଁ, ତେବେ ଏଥର ଅତ୍ୟନ୍ତ ଅରୁଚିକର ପୋଷ୍ଟ ୱାର ଏବଂ ଚରିତ୍ର ସଂହାର ସାନି ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି। ଦୂତୀ ଏବେ ଏକ ଜାତୀୟ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ 'ଝଲକ ଦିଖ୍‌ଲାଜା' ଶୋ'ରେ ଅଂଶଗ୍ରହଣ କରି ଜଜ୍‌ଙ୍କ ମନ ଜିତିଛନ୍ତି ଏବଂ ପ୍ରଶଂସା ମଧ୍ୟ ସାଉଁଟିଛନ୍ତି। ଏହାକୁ କିନ୍ତୁ ଟାର୍ଗେଟ କରିଛନ୍ତି ବଡ଼ ଭଉଣୀ ସରସ୍ୱତୀ। ନାଚରୁ ଦୂତୀକୁ କ'ଣ ମିଳିଲା, ଓଡ଼ିଶା ସ୍ପୋର୍ଟ୍ସକୁ କ'ଣ ମିଳିଲା, ଦୂତୀଙ୍କ କୋଚ୍‌ଙ୍କୁ କ'ଣ ମିଳିଲା। ଦୂତୀ କେତେମାସ ଧରି ନାଚ ଅଭ୍ୟାସ କରୁଥିଲା, ସେହି ସମୟ ମଧ୍ୟରେ ଅଭ୍ୟାସ କିପରି କରୁଥିଲା, ଏଥିରୁ କେତେଟଙ୍କା ମିଳିଲା ଆଦି ପୋଷ୍ଟ କରିବା ସହ ଦୂତୀଙ୍କ ସ୍ପୋର୍ଟ୍ସ କ୍ୟାରିୟର ଶେଷ ହୋଇଗଲା। ଶସ୍ତା ଲୋକପ୍ରିୟତା ପାଇଁ ସେ ଏବେ ମନି ଓ ମୋନାଲିସାଙ୍କ ପଛରେ ପଡ଼ିଛନ୍ତି। ବାପା-ମା'ଙ୍କ ମଥା ଛୋଟ କରିବାକୁ ଚେଷ୍ଟା କରିବୁ ତ.. ତୋତେ ସ୍ୱାଏଲ୍ କରିଦେବି ବୋଲି ଉଲ୍ଲେଖ କରିଛନ୍ତି। ଜବାବରେ ଦୂତୀ ସରସ୍ୱତୀଙ୍କ ଚରିତ୍ର ସଂହାର କରିବା ସହ 'ତୁ ବହୁତ କହିଲୁଣି, ମୁଁ ବହୁ ସହିଲିଣି, ଯଦି ଖୁସିରେ ବଞ୍ଚିବାର ଅଛି ତେବେ ସୁଧୁରିଯା, ନ ହେଲେ ତୋର କ'ଣ କରିବି ଭଲଭାବେ ଜାଣିଛୁ' ବୋଲି ଉତ୍ତର ରଖିଛନ୍ତି। ଦୂତୀ ଓ ସରସ୍ୱତୀ ରାଜ୍ୟର ଯେ ଦୁଇଜଣ ତାରକା ଆଥ୍‌ଲେଟ ଏଥିରେ ଦ୍ୱିମତ ନାହିଁ। ଦୂତୀ ୨ ଥର ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ ସହ ଏସିଆନ ଗେମ୍ସ ସମେତ ଅନ୍ତର୍ଜାତୀୟସ୍ତରରେ ଅନେକ ପଦକ ହାସଲ କରି ରାଜ୍ୟର ଗୌରବ ବଢ଼ାଇଛନ୍ତି।





ଦୂତୀ ଚାନ୍ଦ ଓ ସରସ୍ୱତୀ ଚାନ୍ଦ।

## ଜାତୀୟ ମହିଳା ଫୁଟ୍‌ବଲ କମିଟିରେ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର, ୨୫।୯ (କ୍ରୀଡ଼ା ପ୍ରତିନିଧି):** ଦେଶରେ ମହିଳା ଫୁଟ୍‌ବଲର ବିକାଶ ପାଇଁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଓଡ଼ିଶାରୁ ଜାତୀୟ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସ୍ଥାନ ପାଇଛନ୍ତି। ନିକଟରେ ଏଆଇଏଫ୍‌ଏଫ୍‌ର ନବନିର୍ବାଚିତ ସଭାପତି ଓ ସମ୍ପାଦକ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିଥିଲେ। ଏହି ଅବସରରେ ମହିଳା ଫୁଟ୍‌ବଲର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟ କ୍ରୀଡ଼ା ପରି ଓଡ଼ିଶା ସରକାର ମହିଳା ଫୁଟ୍‌ବଲକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଏଆଇଏଫ୍‌ଏଫ୍ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ପଶ୍ଚିମାଞ୍ଚଳକୁ ଦୁଲୀପ୍ ଟ୍ରଫି ଟାଇଟଲ

**କୋଏମ୍ବାଟୁର,୨୫।୯(ପି.ଟି.)**

ଦକ୍ଷିଣାଞ୍ଚଳକୁ ୨୯୪ ରନ୍‌ରେ ହରାଇବା ସହିତ ଦୁଲୀପ୍ ଟ୍ରଫି ହାତେଇ ନେଇଛି ପଶ୍ଚିମାଞ୍ଚଳ। ରବିବାର ଅନ୍ତିମ ଦିନରେ ପଶ୍ଚିମାଞ୍ଚଳକୁ ବିଜୟ ପାଇଁ ୪ ଉଇକେଟ ଆବଶ୍ୟକ ଥିଲା। ସ୍ପିନର ସାମ୍ସ ମୁଲାନୀଙ୍କ ୪/୫୧ ବୋଲିଂ ବଳରେ ମ୍ୟାଚ୍‌କୁ ପ୍ରଥମ ଦୁଇ ସେସନ ମଧ୍ୟରେ ଜିତି ନେଇଥିଲା ପଶ୍ଚିମାଞ୍ଚଳ। ଦକ୍ଷିଣାଞ୍ଚଳ ସମ୍ମୁଖରେ ଅସମ୍ଭବ ୫୨୯ ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ଦଳ ୭୧.୨ ଓଭରରେ ୨୩୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୫୪/୬ରୁ ଖେଳ ଆରମ୍ଭ କରିଥିଲା ଦକ୍ଷିଣାଞ୍ଚଳ। ୪ର୍ଥ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣାଞ୍ଚଳର ଟପ୍ ଅର୍ଡର ବ୍ୟାଟର ଅତୀତ ସେଠ୍ ଜୟଦେବ ଉନାଡ଼କଟଙ୍କ ଶିକାର ହୋଇଥିଲେ। ତେବେ ଦୁଇ ଅପରାଜିତ ବ୍ୟାଟର ଟି. ରବି ତେଜା ଓ ଆର. ସାଇ କିଶୋର ପ୍ରାୟ ଦୁଇ ଘଣ୍ଟା ଧରି ପଶ୍ଚିମାଞ୍ଚଳ ବୋଲରଙ୍କ ମୁକାବିଲା କରିଥିଲେ। ରବି ତେଜା ୯୮ ବଲ ଖେଳି ୫୩ ରନ୍ କରିଥିବା ବେଳେ ସାଇ କିଶୋର ୭ ରନ୍ କରିଥିଲେ। ମାତ୍ର ସାଇ କିଶୋର ୮୨ ବଲ୍ ଖେଳି ପଶ୍ଚିମାଞ୍ଚଳ ବୋଲରଙ୍କ ଦୃଢ଼ ମୁକାବିଲା କରିଥିଲେ। ସାମ୍ସ ମୁଲାନୀ ଅନ୍ତିମ ଦିନରେ ୩ଟି ଉଇକେଟ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରବି ତେଜା ଓ ସାଇ କିଶୋର ୫୭ ରନ୍ ଯୋଡ଼ିଥିଲେ। ପେସର ଚିନ୍ତନ ଗଜାଙ୍କ ବଲରେ ସାଇ କିଶୋର ପ୍ରିୟଙ୍କ ପାଞ୍ଚାଲଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ପରବର୍ତ୍ତୀ ୩ ଉଇକେଟ ନେବା ସହିତ ସାମ୍ସ ମୁଲାନୀ ମ୍ୟାଚ୍ ସମାପ୍ତ କରିଥିଲେ। କ୍ରିଷ୍ଣାପ୍ପା ଗୋଥାମ୍ ୧୭ ରନ୍ କରିଥିବା ବେଳେ ଏହା କେବଳ ପରାଜୟ ବ୍ୟବଧାନ ହ୍ରାସ କରିଥିଲା। ଦ୍ୱିଶତକୀୟ ଇନିଂସ ପାଇଁ ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଜୟଦେବ ଉନାଡକଟଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଛି। ଏହାକୁ ମିଶାଇ ୧୯ ଥର ପାଇଁ ଦୁଲୀପ୍ ଟ୍ରଫି ଟାଇଟଲ ହାସଲ କରିଛି ପଶ୍ଚିମାଞ୍ଚଳ। ଉତ୍ତରାଞ୍ଚଳ ୧୮ ଥର ଟାଇଟଲ ବିଜୟୀ ହୋଇଥିବା ବେଳେ ଏହି ରେକର୍ଡ ସହିତ ପୂର୍ବରୁ ସମକକ୍ଷ ଥିଲା ପଶ୍ଚିମାଞ୍ଚଳ। ପ୍ରଥମ ଇନିଂସରେ ଦକ୍ଷିଣାଞ୍ଚଳ ୫୭ ରନ୍‌ରେ ଅଗ୍ରଣୀ ହାସଲ କରି ଦୃଢ଼ ସ୍ଥିତିରେ ଥିଲା। ତେବେ ଦ୍ୱିତୀୟ ଇନିଂସ୍‌ରେ ପଶ୍ଚିମାଞ୍ଚଳ ଓପ୍‌ନର ଯଶସ୍ୱୀ ଜୟସ୍ୱାଲ ୨୬୫ ଓ ସର୍ଫରାଜ ଖାନ୍‌ଙ୍କ ୧୨୭ ରନ୍ ବଳରେ ଦଳ ୫୨୮ ରନ୍‌ର ଅଗ୍ରଣୀ ହାସଲ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୭୦/୧୦ (ହିତ୍ ପଟେଲ-୯୮, ଜୟଦେବ ଉନାଡକଟ-୪୭, ଆର. ସାଇ କିଶୋର-୫/୮୬, ବାସିଲ ଥାମ୍ପି-୨/୪୨)। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ:୩୨୭/୧୦ (ବାବା ଇନ୍ଦ୍ରଜିତ-୧୧୮, ମନୀଷ ପାଣ୍ଡେ-୪୮, ଜୟଦେବ ଉନାଡକଟ-୪/୫୨, ଅତୀତ ସେଠ-୩/୫୧)। ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସ: ୫୮୫/୪ (ଯଶସ୍ୱୀ ଜୟସ୍ୱାଲ-୨୬୫, ସର୍ଫରାଜ ଖାନ୍-୧୨୭, ଆର. ସାଇ କିଶୋର-୨/୧୫୭, କ୍ରିଷ୍ଣାପ୍ପା ଗୋଥାମ-୨/୨୩୫)। ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ: ୨୩୪/୧୦ (ରୋହନ୍ କୁନ୍ନୁମଲ-୯୩, ଟି. ରବି ତେଜା-୫୩, ସାମ୍ସ ମୁଲାନୀ-୪/୫୧, ଜୟଦେବ ଉନାଡକଟ-୨/୨୮)।





ଟ୍ରଫି ସହ ପଶ୍ଚିମାଞ୍ଚଳ ଦଳ।

## ବିଶ୍ୱ ରେକର୍ଡ କଲେ କିପ୍‌ଚୋଗେ

**ବର୍ଲିନ, ୨୫।୯(ଏପି):** ଦୁଇଥର ଅଲିମ୍ପିକ ଚାମ୍ପିୟନ ଏଲିଉଡ୍ କିପ୍‌ଚୋଗେ ବର୍ଲିନ ମାରାଥନରେ ନିଜ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। କେନିଆର ଏହି ଷ୍ଟାର ଧାବକ ୨ ଘଣ୍ଟା ୧ ମିନିଟ ୯ ସେକେଣ୍ଡରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। ଏହାଦ୍ୱାରା ସେ ୨୦୧୮ରେ ସମାନ ଇଭେଣ୍ଟରେ ୨:୦୧:୩୯ ଟାଇମିଂରେ ଯେଉଁ ବିଶ୍ୱ ରେକର୍ଡ କରିଥିଲେ ତାହାକୁ ଭଙ୍ଗ କରିଦେଇଛନ୍ତି। ୩୭ ବର୍ଷୀୟ କିପ୍‌ଚୋଗେ କହିଛନ୍ତି ନିଜର ମାନସିକତା ପରେ ସବୁକିଛି ନିର୍ଭର କରୁଛି। ତାଙ୍କ ଗୋଡ଼ ଓ ଶରୀର ଯୁବକ ମନେ କରୁଛନ୍ତି। ବିଶ୍ୱ ରେକର୍ଡ ଭଙ୍ଗ କରିଥିବାରୁ ସେ ଖୁସି ଅନୁଭବ କରୁଛନ୍ତି। ଇଥିଓପିଆର ଟିଗିଷ୍ଟ ଆସେଫା କୋର୍ସ ରେକର୍ଡ ୨:୧୫:୩୪ ଟାଇମିଂରେ ମହିଳା ରେସ୍ ଜିତିଥିଲେ। ତାଙ୍କର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନଠାରୁ ସେ ଏଠାରେ ୧୮ ମିନିଟ ଶୀଘ୍ର ରେସ୍ ଶେଷ କରିଛନ୍ତି। ୨୬ ବର୍ଷୀୟ ଆସେଫା କହିଛନ୍ତି ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତି ତାଙ୍କର ଭୟ ନ ଥିଲା, ଯେଉଁମାନଙ୍କର କି ଏହି ଇଭେଣ୍ଟ ପୂର୍ବରୁ ତାଙ୍କଠାରୁ ଉନ୍ନତ ଶ୍ରେଷ୍ଠ ଟାଇମିଂ ରହିଥିଲା।

## ଦେବାଶିଷ ଷ୍ଟ୍ରଙ୍ଗ୍‌ମ୍ୟାନ, ସୁଷମା ଷ୍ଟ୍ରଙ୍ଗ୍‌ଓମ୍ୟାନ୍





କର୍ମକର୍ତ୍ତାଙ୍କ ଗହଣରେ ଦେବାଶିଷ ମହାନ୍ତି ଓ ସୁଷମା ରାୟ ।

**ଭୁବନେଶ୍ୱର, ୨୫।୯ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଦେବାଶିଷ ମହାନ୍ତି ଷ୍ଟ୍ରଙ୍ଗ୍‌ମ୍ୟାନ୍ ଏବଂ ମୟୂରଭଞ୍ଜର ସୁଷମା ରାୟ ଷ୍ଟ୍ରଙ୍ଗ୍‌ଓମ୍ୟାନ୍ ବିବେଚିତ ହୋଇଛନ୍ତି। ଖୋର୍ଦ୍ଧା ସର୍ବାଧିକ ୬୨ ସ୍ୱର୍ଣ୍ଣ ପଦକ ସହ ଚାମ୍ପିୟନ ହୋଇଥିବା ବେଳେ ମୟୂରଭଞ୍ଜ ୧୨ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ କଟକ ୧୧ ସ୍ୱର୍ଣ୍ଣ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ବିରଜା ପ୍ରସାଦ ଦାସ, ମହମ୍ମଦ ସୟଦ ଜବାର, ଗୌରୀ ମହାନ୍ତି, ଅନୁପମା ସ୍ୱାଇଁ, ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଦୀପ ପାତ୍ର, ଶକ୍ତି ବାରିକ, ସମରେନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏଥର ମହିଳା ପ୍ରତିଯୋଗୀଙ୍କ ସଂଖ୍ୟା ବଢ଼ିଛି ବୋଲି ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ କହିଛନ୍ତି।


CLASSIFIED DISPLAY
MORE SPACE • SAME PRICE

**ଧନ କୁବେର ଫାଇନାନ୍ସ**
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ହକିର ପୁରୁଣା ଗଡ଼ ଉପରେ ଦିଲୀପଙ୍କ ନଜର

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)**

ହକି ଇଣ୍ଡିଆର ନବନିର୍ବାଚିତ ସଭାପତି ଅଲିମ୍ପିଆନ ଦିଲୀପ ତିର୍କୀଙ୍କୁ ରବିବାର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୪୧୨ ଆନ୍ତର୍ଜାତିକ ହକି ମ୍ୟାଚ୍ ଖେଳିବାର ରେକର୍ଡ ରଖିଥିବା ଦିଲୀପ ନିକଟରେ ଅନୁଷ୍ଠିତ ନିର୍ବାଚନରେ ନିର୍ବିବାଦରେ ସଭାପତି ନିର୍ବାଚିତ ହୋଇଥିଲେ। ତାଙ୍କ ବାସଭବନରେ ଓସ୍‌ଜାର ସଦସ୍ୟମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ଉପହାର ପ୍ରଦାନ କରିଥିଲେ। ରାଜ୍ୟ ଓ ଦେଶରେ ହକି ପ୍ରସାର ବାବଦରେ ସଓଜାର ସଦସ୍ୟମାନଙ୍କ ସହ କଥା ହୋଇଥିଲେ ଦିଲୀପ। ଜାନୁଆରୀ ମାସରେ ଓଡ଼ିଶାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଆୟୋଜନ ତାଙ୍କ ପାଇଁ ପ୍ରଥମ ବଡ଼ ଆହ୍ୱାନ। ଭାରତୀୟ ହକିର ପୁରୁଣା ଗଡ଼ ଭୋପାଳ, ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ଆଦିରୁ ପୁଣି ଭଲ ପ୍ରତିଭା ବାହାରନ୍ତି ସେଦିଗରେ ତାଙ୍କ ବିଶେଷ ଦୃଷ୍ଟି ରହିବ ବୋଲି ଦିଲୀପ କହିଥିଲେ। ରବିବାର ବହୁ ରାଜନେତା ଓ ଖେଳାଳି ଦିଲୀପଙ୍କ ବାସଭବନକୁ ଯାଇ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କ ଭିତରେ ସାମିଲ ଥିଲେ ଭାରତୀୟ ହକି ଦଳର ଦୁଇ ସଦସ୍ୟ ଅମିତ ରୋହିଦାସ ଓ ଦିପସାନ ତିର୍କୀ, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ତାଙ୍କ ଝିଅ ଜୁନିୟର ଆଥଲେଟ୍ ଆଶିଂକା। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି କେ. ରବିଙ୍କ ସହ ସୁରେଶ ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ସସ୍ମିତ ମହାପାତ୍ର, ତପନ ସ୍ୱାଇଁ, ତନ୍ମୟ ଦାସ, ବେଣୁଧର ଦାସ, ରଞ୍ଜନ ରାୟ, ଚକ୍ରଧର ମାଝି, କୁମାର ବିମଳ ଏବଂ ମହେନ୍ଦ୍ର ସାହୁ ଦିଲୀପଙ୍କୁ ଭେଟିଥିଲେ।

**ହକି ଇଣ୍ଡିଆ ସଭାପତିଙ୍କୁ ସମ୍ବର୍ଦ୍ଧିତ କଲା ଓସ୍‌ଜା**



ଦିଲୀପ ତିର୍କୀଙ୍କ ସହ ଓସ୍‌ଜା ସଦସ୍ୟଗଣ।


**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶାରଦା ପ୍ରସାଦ ସେନ୍
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ୍ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୬୨୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ଜୟକୃଷ୍ଣ ପଣ୍ଡା
ପ୍ଲଟ୍ ନମ୍ବର-୩୨, ସେକ୍ଟର-୪, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ-୧୪।୦୧।୧୯୩୮
ତିରୋଧାନ- ୦୮।୧୦।୨୦୨୧
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମମାନଙ୍କ ଜୀବନର ମାର୍ଗ ଦର୍ଶକ ହେଉ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୬୦୬

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୭୩୭୨୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଅଜିତ୍ କୁମାର ପଟ୍ଟନାୟକ
ଠିକଣା- ଜାଗମରା, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୬୨
ତିରୋଧାନ: ୦୭।୧୦।୨୦୨୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର: ଆଶୁତୋଷ ପଟ୍ଟନାୟକ, ଅଭିଷେକ ପଟ୍ଟନାୟକ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୬୨୫

# ସୌରଜଗତରେ ବୁଦ୍ଧିମାନ ଜୀବ ସନ୍ଧାନ


ଇଂ. ମାୟାଧର ସ୍ୱାଇଁ

''ଅନ୍ୟ ଗ୍ରହରେ ବୁଦ୍ଧିମାନ ଜୀବ ସନ୍ଧାନର ଗବେଷଣା ପାଇଁ ଅନେକ ବୈଜ୍ଞାନିକ ଓ ଅନୁଷ୍ଠାନ ଆକୃଷ୍ଟ ହେଲେ। ୧୯୭୫ରେ 'ସାଇକ୍ଲୋପ୍ ପ୍ରକଳ୍ପ' ଅଧୀନରେ ସୌରଜଗତରେ ଜୀବର ସନ୍ଧାନ ପାଇଁ ଅଧ୍ୟୟନ କରାଗଲା। ଫ୍ରାଙ୍କ୍ ଡ୍ରେକ୍‌ଙ୍କ ଲିଖିତ ପୁସ୍ତକ 'ମହାକାଶ ବୁଦ୍ଧିମାନ ଜୀବ'ର ମୂଳ ବିଷୟବସ୍ତୁ ଥିଲା ବିଶ୍ୱରେ ବୁଦ୍ଧିମାନ ଜୀବଙ୍କୁ ଖୋଜିବା ପାଇଁ। 'ନାସା' ୧୦୦ମିଟର ବ୍ୟାସ ବିଶିଷ୍ଟ ୧୦୦୦ଟି ରେଡିଓ ଦୂରବୀକ୍ଷଣ ଯନ୍ତ୍ରର ଏକ ସମାହାର ଯୋଜନା କରିଥିଲା ଏବଂ ଆମଠାରୁ ୧୦୦୦ ଆଲୋକବର୍ଷ ଦୂରତା ପର୍ଯ୍ୟନ୍ତ ବିଶ୍ୱକୁ ଏହାଦ୍ୱାରା ପର୍ଯ୍ୟବେକ୍ଷଣ କରିବା ପାଇଁ ଡିଜାଇନ୍ ହୋଇଥିଲା।''



କୋଟି କୋଟି ଗାଲାକ୍ସିକୁ ନେଇ ବିଶ୍ୱ ଗଠିତ ଏବଂ ପ୍ରତ୍ୟେକ ଗାଲାକ୍ସିରେ କୋଟି କୋଟି ନକ୍ଷତ୍ର ଅଛନ୍ତି। ଆମ ସୌରଜଗତର ମୁଖ୍ୟ ସୂର୍ଯ୍ୟ ଆକାଶଗଙ୍ଗା ଗାଲାକ୍ସିରେ ଥିବା ଅନେକ ନକ୍ଷତ୍ର ମଧ୍ୟରୁ ଗୋଟିଏ। ସୂର୍ଯ୍ୟଠାରୁ ଅନୁକୂଳ ଦୂରତାରେ ଅବସ୍ଥାନ କରିଥିବାରୁ ପୃଥିବୀରେ ଜୀବଜଗତ ଗଢ଼ିଉଠିଛି। ବିଶ୍ୱର ଅସଂଖ୍ୟ ନକ୍ଷତ୍ର ମଧ୍ୟରେ ପୃଥିବୀ ଭଳି ଗ୍ରହ ମଧ୍ୟ ଥାଇପାରେ ଏବଂ ସେଠାରେ ମଧ୍ୟ ଆମ ଭଳି ଉନ୍ନତ ସଭ୍ୟତା ଥାଇପାରେ। କିନ୍ତୁ ଅତ୍ୟଧିକ ଦୂରତା ଏବଂ ବିଜ୍ଞାନ ବିକାଶ ସୀମିତତା ହେତୁ ଆମେ ସେମାନଙ୍କ ସମ୍ବନ୍ଧରେ ଜାଣିପାରୁନାହୁଁ। ସେମାନଙ୍କର ସନ୍ଧାନ ନେବା ପାଇଁ କିଛି ବର୍ଷ ତଳୁ ଚେଷ୍ଟା ଆରମ୍ଭ ହୋଇଛି। ଏହାର ନାମ ଦିଆଯାଇଛି Search for Extraterrestrial Intelligence ବା ସଂକ୍ଷେପରେ 'ସେଟି'। ଏହାର ଅର୍ଥ ହେଉଛି 'ପୃଥିବୀ ବାହାରେ ବୁଦ୍ଧିମାନ ଜୀବର ସନ୍ଧାନ'।

ପୃଥିବୀ ବାହାରେ ବୁଦ୍ଧିମାନ ଜୀବର ସମ୍ଭାବନା ସମ୍ପର୍କରେ ମତ ଦେଇଥିବା ବୈଜ୍ଞାନିକମାନଙ୍କ ମଧ୍ୟରେ ଆମେରିକାର ଜ୍ୟୋତିର୍ବିଦ୍ ଫ୍ରାଙ୍କ ଡ୍ରେକ୍ ହେଉଛନ୍ତି ଅନ୍ୟତମ। ସେମାନଙ୍କୁ ଅନ୍ୱେଷଣ କରିବାର ପ୍ରୟାସ ସେ ହିଁ ପ୍ରଥମେ ଆରମ୍ଭ କରିଥିଲେ। ସେ ଗାଣିତିକ ଉପାୟରେ ଆକାଶଗଙ୍ଗା ଗାଲାକ୍ସିରେ ଥିବା ଉନ୍ନତ ସଭ୍ୟତା ସଂଖ୍ୟାର ଏକ ଆକଳନ କରିଥିଲେ। ଏଥିପାଇଁ ସେ ପ୍ରକାଶ କରିଥିବା ସମୀକରଣକୁ ତାଙ୍କ ନାମ ଅନୁସାରେ 'ଡ୍ରେକ୍ ସମୀକରଣ' କୁହାଯାଏ।

ଫ୍ରାଙ୍କ୍ ଡ୍ରେକ୍ ୧୯୩୦ ମେ ୨୮ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ସିକାଗୋଠାରେ ଭୂମିଷ୍ଠ ହୋଇଥିଲେ। ତିନି ଭାଇଭଉଣୀଙ୍କ ମଧ୍ୟରେ ସେ ଜ୍ୟେଷ୍ଠ ଥିଲେ। ତାଙ୍କର ପିତା ରିଚାର୍ଡ ଜଣେ ରାସାୟନିକ ଇଞ୍ଜିନିୟର ଓ ମା' ଉଇନଫ୍ରେଡ୍ ଜଣେ ସଙ୍ଗୀତ ଶିକ୍ଷୟିତ୍ରୀ ଥିଲେ। ପିଲାଦିନୁ ତାଙ୍କର ଜ୍ୟୋତିର୍ବିଜ୍ଞାନ ପ୍ରତି ଆଗ୍ରହ ଥିଲା। ସେ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରୁ ୧୯୫୨ରେ ଇଞ୍ଜିନିୟରିଂ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତିନି ବର୍ଷ ନୌବାହିନୀରେ ଇଲେକ୍ଟ୍ରୋନିକ୍ସ ଅଧିକାରୀ ଭାବରେ କାର୍ଯ୍ୟ କରିବା ପରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ସେଠାରୁ ୧୯୫୮ରେ ଜ୍ୟୋତର୍ବିଜ୍ଞାନରେ ସ୍ନାତକୋତ୍ତର ଓ ପି.ଏଚଡି ଡିଗ୍ରୀ ଲାଭ କରିଥିଲେ।

ଡ୍ରେକ୍ ଏହାପରେ ହାର୍ଭାର୍ଡ ଗ୍ରୀନବ୍ୟାଙ୍କଠାରେ ଥିବା 'ଜାତୀୟ ରେଡିଓ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣାଗାର'ରେ କାର୍ଯ୍ୟ କଲେ। ସେଠାରେ ସେ 'ଓଜ୍‌ମା' ନାମକ ପ୍ରକଳ୍ପରେ ବାହ୍ୟଜଗତରେ ବୁଦ୍ଧିମାନ ଜୀବର ସନ୍ଧାନ ପାଇଁ କାର୍ଯ୍ୟକଲେ। ଆମଠାରୁ ୧୧ ଆଲୋକବର୍ଷ ଦୂରରେ ଥିବା ସୂର୍ଯ୍ୟଭଳି ଦୁଇଟି ନକ୍ଷତ୍ର 'ଟାଉସେଟି' ଏବଂ 'ଏପାଲିସନ ଇରିଡାନି'କୁ ଦୂରବୀକ୍ଷଣ ଯନ୍ତ୍ରରେ ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ କରିଥିଲେ। ଏହାର ଏକ ବର୍ଷ ପରେ କାର୍ଲ ସାଗନ, ଜନ୍ ଲିଲି ଓ ଅନ୍ୟ କେତେକ ଜ୍ୟୋତିର୍ବିଦ୍‌ଙ୍କ ସହିତ ମିଶି ସେ 'ସେଟି' ସମ୍ବନ୍ଧରେ ଆଲୋଚନା କଲେ।

ଏଭଳି ଏକ ଉଦ୍ଭଟ କଳ୍ପନା କରିଥିବାରୁ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବା ଭୟରେ ସେ ଏହାକୁ ଗୁପ୍ତ ରଖିଥିଲେ। ଡ୍ରେକ୍ ଏହି ପର୍ଯ୍ୟବେକ୍ଷଣଗାରରେ ତାଙ୍କର ପ୍ରସିଦ୍ଧ ସମୀକରଣକୁ ପ୍ରକାଶ କରିଥିଲେ। ଆଇନଷ୍ଟାଇନଙ୍କ ଶକ୍ତି–ବସ୍ତୁତ୍ୱ ସମୀକରଣ ପରେ ଏହାକୁ ବିଜ୍ଞାନରେ ଦ୍ୱିତୀୟ ଶ୍ରେଷ୍ଠ ସମୀକରଣର ଆଖ୍ୟା ଦିଆଯାଏ।

ଡ୍ରେକ୍ ଏହାପରେ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦରେ ଯୋଗଦେଲେ ଏବଂ ପରେ ପରେ ଜାତୀୟ ଜ୍ୟୋତିର୍ବିଜ୍ଞାନ ଓ ଆୟନମଣ୍ଡଳ କେନ୍ଦ୍ରର ନିର୍ଦ୍ଦେଶକ ହୋଇଥିଲେ। ଏହି କେନ୍ଦ୍ରରେ ଥିବା ବୃହତ୍ ୩୦୦ ମିଟର ଏଣ୍ଟିନା ପୃଥିବୀର ଶ୍ରେଷ୍ଠ 'ସେଟି ଯନ୍ତ୍ର' ଥିଲା। ସେଠାରେ ଥିବାବେଳେ ଡ୍ରେକ୍ ବୃହସ୍ପତି ଗ୍ରହ ଆୟନମଣ୍ଡଳ ଓ ଚୁମ୍ବକମଣ୍ଡଳ ଆବିଷ୍କାର କରିଥିଲେ। ସେ ମଧ୍ୟ ଶୁକ୍ର ଗ୍ରହର ବାୟୁମଣ୍ଡଳ ଉପରେ ବିଷଦ ଅଧ୍ୟୟନ କରିଥିଲେ।





ଫ୍ରାଙ୍କ୍ ଡ୍ରେକ୍

ଅନ୍ୟଗ୍ରହରେ ବୁଦ୍ଧିମାନ ଜୀବର ସନ୍ଧାନର ଗବେଷଣା ପାଇଁ ଅନେକ ବୈଜ୍ଞାନିକ ଓ ଅନୁଷ୍ଠାନ ଆକୃଷ୍ଟ ହେଲେ। ୧୯୭୫ରେ 'ସାଇକ୍ଲୋପ୍ ପ୍ରକଳ୍ପ' ଅଧୀନରେ ସୌରଜଗତରେ ଜୀବର ସନ୍ଧାନ ପାଇଁ ଅଧ୍ୟୟନ କରାଗଲା। ଡ୍ରେକ୍‌ଙ୍କ ଲିଖିତ ପୁସ୍ତକ 'ମହାକାଶ ବୁଦ୍ଧିମାନ ଜୀବ'ର ମୂଳ ବିଷୟବସ୍ତୁ ଥିଲା ବିଶ୍ୱରେ ବୁଦ୍ଧିମାନ ଜୀବଙ୍କୁ ଖୋଜିବା ପାଇଁ। 'ନାସା' ୧୦୦ ମିଟର ବ୍ୟାସବିଶିଷ୍ଟ ୧୦୦୦ଟି ରେଡିଓ ଦୂରବୀକ୍ଷଣ ଯନ୍ତ୍ରର ଏକ ସମାହାର ଯୋଜନା କରିଥିଲା ଏବଂ ଆମଠାରୁ ୧୦୦୦ ଆଲୋକବର୍ଷ ଦୂରତା ପର୍ଯ୍ୟନ୍ତ ବିଶ୍ୱକୁ ଏହାଦ୍ୱାରା ପର୍ଯ୍ୟବେକ୍ଷଣ କରିବା ପାଇଁ ଡିଜାଇନ୍ ହୋଇଥିଲା। ଦଶ ବିଲିୟନ ଡଲାରର ଏହି ପ୍ରକଳ୍ପ ପାଇଁ ଅର୍ଥ ଦେବାକୁ ସରକାର ମନା କରିଦେବାରୁ ଏହା ବନ୍ଦ ହୋଇଗଲା। ମାତ୍ର 'ସେଟି' ପ୍ରତି ଲୋକଙ୍କର ଆଗ୍ରହ ବଢ଼ିଲା। ଅନେକ ବେସରକାରୀ ସଂସ୍ଥା ମଧ୍ୟ ଏଥିପାଇଁ ଆଗେଇ ଆସିଲେ। 'ସେଟି ଇନ୍‌ଷ୍ଟିଚ୍ୟୁଟ୍' ସ୍ଥାପିତ ହୋଇ ଏହା ସମ୍ବନ୍ଧରେ ଅଧ୍ୟୟନ ଓ ଗବେଷଣା ହେଉଛି। 'ନାସା' ମହାକାଶକୁ ୧୯୭୨ ଓ ୧୯୭୩ରେ ଯଥାକ୍ରମେ 'ପାଇଓନିୟର–୧୦' ଏବଂ 'ପାଇଓନିୟର–୧୧' ଯାନ ପ୍ରେରଣ କରିଥିଲା। ଡ୍ରେକ୍ ଓ କାର୍ଲ ସାଗନ୍ ଡିଜାଇନ୍ କରିଥିବା ଗୋଟିଏ ଫଳକ ଏଥିରେ ଥିଲା। ଏଥିରେ ଜଣେ ପୁରୁଷ ଓ ମହିଳାର ନଗ୍ନ ଚିତ୍ର ସହିତ ଏହା କେଉଁଠାରୁ ଯାଇଛି ତାହାର ମାନଚିତ୍ର ଥିଲା। ସେହିପରି ୧୯୭୭ରେ 'ନାସା'ର 'ଭୋୟେଜର–୧' ଏବଂ 'ଭୋୟେଜର–୨' ଯାନରେ ମଧ୍ୟ ଡ୍ରେକ୍ ଓ ସାଗନ ୧୨ ଇଞ୍ଚର ସୁନା ପ୍ରଲେପିତ ତମ୍ବା ରେକର୍ଡ ଥାଳିଆ ଖଞ୍ଜିଥିଲେ, ଯେଉଁଥିରେ ପୃଥିବୀ ପୃଥିବୀବାସୀଙ୍କ ଶବ୍ଦ ଓ ଦୃଶ୍ୟ ଥିଲା। ଡ୍ରେକ୍ ୧୯୭୪ ନଭେମ୍ବର ୧୬ରେ 'ଏମ୍–୧୩' ନକ୍ଷତ୍ରମଣ୍ଡଳ ଆଡ଼କୁ ୨୦ ଟ୍ରିଲିୟନ ୱାଟ୍ କ୍ଷମତାର ଏକ ବାର୍ତ୍ତା ପଠାଇଥିଲେ। ଉଦ୍ଦେଶ୍ୟ ଥିଲା ଯଦି ପୃଥିବୀ ବାହାରର ବୁଦ୍ଧିମାନ ଜୀବନ ଏସବୁକୁ ପାଇବେ, ତାହାହେଲେ ସେମାନେ ଆମର ଅନେଷ୍ୱଣ କରି ଆମ ସହିତ ସମ୍ପର୍କ ସ୍ଥାପନ କରିପାରିବେ।

ଡ୍ରେକ୍ ୧୯୮୪ରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ ଏବଂ 'ସେଟି' ଇନ୍‌ଷ୍ଟିଚ୍ୟୁଟର ସଭାପତି ମଧ୍ୟ ହେଲେ। ସେହି ବର୍ଷ ସେପ୍ଟେମ୍ବର ୨ ତାରିଖରେ ସେ ୯୨ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ସମ୍ମାନରେ ଗୋଟିଏ ଗ୍ରହାଣୁର ନାମ '୪୭୭୨ ଫ୍ରାଙ୍କ୍ ଡେଡ୍' ରଖାଯାଇଛି। ସେଟି ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିବର୍ଷ ସେଟି ସମ୍ବନ୍ଧରେ ଉନ୍ନତ ଗବେଷଣା କରିଥିବା ବୈଜ୍ଞାନିକଙ୍କୁ 'ଡ୍ରେକ୍ ପୁରସ୍କାର' ପ୍ରଦାନ କରୁଛି।

–୭୦, ଲକ୍ଷ୍ମୀବିହାର, ଫେଜ୍–୧,
ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# ଜାଣି ରଖନ୍ତୁ



ହୃଦ୍‌ଘାତ(ହାର୍ଟ ଆଟାକ୍) ବର୍ତ୍ତମାନ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି। ତେବେ ଯଦି ଆମେ ଏହାର ଲକ୍ଷଣ ବିଷୟରେ ଅବଗତ ହେବା ତେବେ ତାହାର ଚିକିତ୍ସା ଠିକ୍ ସମୟରେ କରାଇପାରିବା। ଆଜିକାଲି ହୃଦ୍‌ଘାତର ଚିକିତ୍ସା ପାଇଁ ଅନେକ ପ୍ରକାର ନୂତନ ପ୍ରଣାଳୀ ଅନୁସରଣ କରାଯାଉଛି। ଫଳରେ ଏଥିଜନିତ ମୃତ୍ୟୁହାର କେତେକାଂଶରେ କମିପାରିଛି। ହୃଦ୍‌ଘାତର କେତୋଟି ଲକ୍ଷଣ ବିଷୟରେ ଜଣେ ବ୍ୟକ୍ତି ଜାଣିବା ନିହାତି ଦରକାର। ଛାତିରେ ହଠାତ୍ ଖୁବ୍ ଯନ୍ତ୍ରଣା ହେବା, ଝାଳ ବୋହିବା, ଧଇଁ ସଇଁ ହେବା ଏହାର ପ୍ରମୁଖ ଲକ୍ଷଣ। କିନ୍ତୁ କେତେକ ଏହା ଅନ୍ୟ କାରଣରୁ ଯଥା–ଗ୍ୟାଷ୍ଟ୍ରିକ୍ କିମ୍ବା ଡାଇବେଟିସ୍ ପାଇଁ ହେଉଛି ଭାବି ସେତେଟା ଗୁରୁତ୍ୱ ଦେଇନଥାନ୍ତି। କିନ୍ତୁ ଏଭଳି ଲକ୍ଷଣ ବିଷୟରେ ସୂଚନା ପାଇବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଦରକାର। ଯେଉଁମାନଙ୍କର ଡାଇବେଟିସ୍, ବ୍ଲଡପ୍ରେସର କିମ୍ବା ଅଧିକ କୋଲେଷ୍ଟରଲ ଥାଏ, ସେମାନେ ହୃଦ୍‌ଘାତର ଶିକାର ହେବାର ଆଶଙ୍କା ଅଧିକ ରହିଛି। ଆଉ ଏକ କଥା ହେଲା ନିଶାଦ୍ରବ୍ୟ ସେବନ। ଏଭଳି ଅଭ୍ୟାସଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ବେଳେବେଳେ ହୃଦ୍‌ରୋଗ ଆମ ଶରୀରକୁ ଜିନ୍ ମାଧ୍ୟମରେ ବାପା, ମା' ଜେଜେଙ୍କଠାରୁ ବି ଆସିପାରେ। ତେଣୁ ନିଜକୁ ହୃଦ୍‌ଘାତରୁ ରକ୍ଷା କରିବା ପାଇଁ ଉପରୋକ୍ତ ବିଷୟରେ ଜାଣି ରଖନ୍ତୁ।

## ରୋଗପ୍ରତିରୋଧକ ଶକ୍ତି ଓ ଗାଜର



ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ହାଡ଼, ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ଦୃଷ୍ଟି ଶକ୍ତିକୁ ଆହୁରି ମଜଭୁତ କରିଥାଏ। ଏଥିରେ ଥିବା ଭିଟାମିନ୍–ସି ଶରୀରରେ ଆଣ୍ଟିବଡ଼ି ଗଠନ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳନ ରଖିବା ସହ ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିଥାଏ। ଏଥିରେ ଥିବା ଫାଇବର ତତ୍ତ୍ୱ ଓଜନକୁ ସନ୍ତୁଳିତ ରଖେ। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

## ରୋଟାଭାଇରସ୍ ଇନ୍‌ଫେକ୍‌ଶନ



ଆଜିକାଲି ଡାଇବେଟିସ୍ ବା ମଧୁମେହ ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ପୁଣି ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବେଶି ଯେ ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି କୁହାଯାଇଥାଏ। ତେବେ ଡାଇବେଟିସ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ, ଯଥା: ଟାଇପ୍–୧ ଡାଇବେଟିସ୍ ଏବଂ ଟାଇପ–୨ ଡାଇବେଟିସ୍। ଏକ ସର୍ଭେରୁ ଜଣାପଡ଼ିଛି ଯେ, ରୋଟାଭାଇରସ ଇନ୍‌ଫେକ୍‌ଶନ ଯୋଗୁ ଟାଇପ–୧ ଡାଇବେଟିସ୍ ଆଶଙ୍କା ଅଧିକ ରହିଛି। ଏଭଳି ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ରୋଟାଭାଇରସ ଇନ୍‌ଫେକ୍‌ଶନ ଥିବା ବ୍ୟକ୍ତିଙ୍କଠାରେ ଟାଇପ–୧ ଡାଇବେଟିସର ଲକ୍ଷଣ ଅଧିକ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ହେଲେ ଏହି ରୋଗୀଙ୍କ ପାଇଁ ଏକ ଖୁସି ଖବର– ଏଥିପାଇଁ ଟିକା ରହିଛି, ଯାହାକୁ ନେଇଥିଲେ ଏଭଳି ଆଶଙ୍କା କେତେକାଂଶରେ କମ୍ ରହିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# କାର୍ଯ୍ୟଶୈଳୀକୁ ପ୍ରଭାବିତ କରେ ନିଦ୍ରାହୀନତା

କୌଣସି କାମକୁ ସୁଚାରୁ ରୂପେ ସମ୍ପାଦନ କରିବା ନିଜର ଦକ୍ଷତା ଏବଂ ପ୍ରସ୍ତୁତ ଯୋଜନା ଉପରେ ନିର୍ଭର କରେ। ହେଲେ ନିଦ୍ରାହୀନତା ପରି ସମସ୍ୟା ଏ କ୍ଷେତ୍ରରେ ଅସୁବିଧା ସୃଷ୍ଟି କରିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'କାର୍ଯ୍ୟଶୈଳୀ ଏବଂ ନିଦ୍ରାହୀନତା' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିଦ୍ରାହୀନତା ପରି ସମସ୍ୟାର ସମ୍ମୁଖୀନ ହେଉଥିଲେ ସେମାନଙ୍କର କାର୍ଯ୍ୟଶୈଳୀକୁ ତନ୍ନ ତନ୍ନ କରି ସେମାନେ ସମୀକ୍ଷା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର କାର୍ଯ୍ୟଶୈଳୀରେ ତାରତମ୍ୟ ଲକ୍ଷ୍ୟ କରାଯାଇଥିଲା। ଆଉ ଏହାର କାରଣ କ'ଣ ଥିଲା ଜାଣନ୍ତି ? ସେମାନେ ରାତିରେ ଠିକ୍ ଭାବରେ ଶୋଇ ପାରୁ ନ ଥିଲେ, ଯାହାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଥିଲା। ଫଳରେ ସେମାନେ ନିଜ କାମକୁ ଠିକ୍ ଭାବରେ ତୁଲାଇ ପାରୁ ନ ଥିଲେ। ତେଣୁ ଜଣେ ବ୍ୟକ୍ତି ରାତିରେ ଅତିକମ୍‌ରେ ୬–୭ ଘଣ୍ଟା ଭଲ ଭାବରେ ଶୋଇବା ଦରକାର ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



# ଇନ୍‌ସୁଲିନର ଆବିଷ୍କାର: ସ୍ୱପ୍ନରୁ ସୂଚନା

(ଶେଷ ଭାଗ)

ସମ୍ପୂର୍ଣ୍ଣ ଅନଭିଜ୍ଞ ଏ ଗବେଷକର କଥା ଶୁଣି ମ୍ୟାକ୍‌ଲିଓଡଙ୍କର ପ୍ରତ୍ୟୟ ଜନ୍ମିଲା। ସେ ନିଜ ବିଭାଗରେ ବ୍ୟାଣ୍ଟିଙ୍ଗଙ୍କ ଗବେଷଣା ପାଇଁ ଜାଗାର ବ୍ୟବସ୍ଥା କରିଦେଲେ। ଦଶଟି କୁକୁର ଦେଲେ ଏବଂ ସହକାରୀ ହିସାବରେ ଜଣେ ଛାତ୍ରକୁ ଦେବାର ପ୍ରତିଶ୍ରୁତି ଦେଲେ। ଦୁଇ ସହପାଠୀ ଏଡ୍‌ୱାର୍ଡ କ୍ଲାର୍କ ନୋବେଲ ଏବଂ ଚାର୍ଲସ ବେଷ୍ଟ ନିଜ ଭିତରେ ଟସ୍ କରି ଠିକ୍ କଲେ, ବ୍ୟାଣ୍ଟିଙ୍ଗଙ୍କ ସହକାରୀ ହେବେ ବେଷ୍ଟ। ତାଙ୍କୁ ସାଙ୍ଗରେ ନେଇ ୧୯୨୧ ମସିହାରେ ଗ୍ରୀଷ୍ମରେ ବ୍ୟାଣ୍ଟିଙ୍ଗ୍ କାମ ଆରମ୍ଭ କଲେ। ଦେଖାଗଲା, ବ୍ୟାଣ୍ଟିଙ୍ଗଙ୍କ ପରିକଳ୍ପନା ସମ୍ପୂର୍ଣ୍ଣ ନିର୍ଭୁଲ। ସେହି କୁକୁରଟିର ରକ୍ତରେ ଗ୍ଲୁକୋଜର ମାତ୍ରା ସ୍ୱାଭାବିକ ହୋଇଗଲା। ୭୦ଦିନ ପରେ ନିର୍ଯ୍ୟାସର ଭଣ୍ଡାର ଶେଷ ହୋଇଯିବାରୁ ଚିକିତ୍ସିତ ହୋଇ ନ ପାରି କୁକୁରଟି ମରିଗଲା। ଲିୟୋନାର୍ଡ ଟମ୍‌ସନ୍ ନାମକ ଏକ ୧୪ବର୍ଷ ବୟସ୍କ ବାଳକ ଟମ୍‌ସନ୍ ଯିଏ ଥିଲା ଜଣେ ଟାଇପ୍–୧ ଡାଇବେଟିସ୍ ରୋଗୀ। ୧୯୨୨ ମସିହା ଜାନୁୟାରୀ ୧୧ ତାରିଖରେ ତା' ଉପରେ ପରୀକ୍ଷାମୂଳକ ଭାବରେ ପ୍ରୟୋଗ କରାହେଲା କୁକୁରର ଇନ୍‌ସୁଲିନ୍। ଟମ୍‌ସନ୍‌ଠାରେ ସାମାନ୍ୟ ଆଲର୍ଜି ଲକ୍ଷଣ ପ୍ରକାଶ ପାଇଲା। ଏହାର କିଛିଦିନ ପରେ ତା'ର କିଡ୍‌ନୀ ମଧ୍ୟ ଫେରିଲା ସୁସ୍ଥତା ଆଡ଼କୁ।

ଇନ୍‌ସୁଲିନ୍ ଆବିଷ୍କାରର ମାତ୍ର ଗୋଟିଏ ବର୍ଷ ପରେ ସୁଇଡିଶ୍ ଏକାଡେମୀ ବ୍ୟାଣ୍ଟିଙ୍ଗ ଏବଂ ମ୍ୟାକ୍‌ଲିଓଡ୍‌ଙ୍କୁ ୧୯୨୩ ମସିହାର ଚିକିତ୍ସାବିଜ୍ଞାନ ନୋବେଲ ପୁରସ୍କାରରେ ଭୂଷିତ କଲେ। ଏହାର ପରବର୍ତ୍ତୀ ଏକଶହ ବର୍ଷ ଧରି ଇନ୍‌ସୁଲିନ୍‌ର ଦୀର୍ଘ ଯାତ୍ରାପଥ ମଧ୍ୟମିଆଦୀ ଏବଂ ଦୀର୍ଘମିଆଦୀ। କ୍ରିୟାଶୀଳ ଇନ୍‌ସୁଲିନ୍ ପ୍ରାୟତଃ ଯନ୍ତ୍ରଣାବିହୀନ। ସେସବୁର ବିସ୍ତାରିତ ଆଲୋଚନା ଭିତରକୁ ନ ଯାଇ କୁହାଯାଇପାରେ ଯେ ଆବିଷ୍କୃତ ହେବାର ପରଠାରୁ ଡାଇବେଟିସ୍ ଚିକିତ୍ସାରେ ଇନ୍‌ସୁଲିନ୍‌ର ଉପଯୋଗିତା କ୍ରମବର୍ଦ୍ଧମାନ। ନିତ୍ୟ ପରିବର୍ତ୍ତନଶୀଳ ଔଷଧ–ଦୁନିଆରେ ଏକଶହ ବର୍ଷ ଧରି କୌଣସି ଔଷଧର ପ୍ରାସଙ୍ଗିକତା ଅତୁଟ ରହିଥିବାର ବିରଳ କୃତିତ୍ୱ କେବଳ ହୁଏତ ଇନ୍‌ସୁଲିନ୍‌ର!

–ଡା. ନିତ୍ୟାନନ୍ଦ ସ୍ୱାଇଁ
'ଅଭୀପ୍‌ସା', ସେକ୍ଟର–୭, ପ୍ଲଟ ନଂ. ୧୧୩୧, ସିଡିଏ, କଟକ–୧୪

# ଜଳାତଙ୍କ: କିଛି କଥା

ଡାକ୍ତରୀ ଭାଷାରେ ଜଳାତଙ୍କ ରୋଗକୁ 'ହାଇଡ୍ରୋଫୋବିଆ' କିମ୍ବା 'ରାବିଜ୍' ବୋଲି କହିଥାଆନ୍ତି। ଏକ ଭୂତାଣୁ ଦ୍ୱାରା ଏହି ରୋଗ ବ୍ୟାପିଥାଏ ଏବଂ ତାହା ରୋଗୀର ମସ୍ତିଷ୍କ ଏବଂ ସୁଷୁମ୍ନାକାଣ୍ଡକୁ ଆକ୍ରାନ୍ତ କରିଥାଏ। ଏହି ଭୂତାଣୁ ଦ୍ୱାରା ସଂକ୍ରମିତ କୁକୁର, ବିରାଡ଼ି, ବିଲୁଆ, ଗଧିଆ, ମାଙ୍କଡ଼, ବାଦୁଡ଼ି, ଗୋରୁ, ଘୋଡ଼ା, ମେଣ୍ଢା, ଛେଳି ଏବଂ ମୂଷାମାନଙ୍କ ଲାଳରେ ନିଷ୍କାଷିତ ହୋଇଥାଏ।



ଏହି ଜନ୍ତୁମାନେ କାମୁଡ଼ିଲେ ହିଁ ଜଳାତଙ୍କ ରୋଗ ବ୍ୟାପିଥାଏ। ବିଶେଷଭାବରେ ପାଗଳା କୁକୁର କାମୁଡ଼ିବା ଦ୍ୱାରା ଉକ୍ତ ରୋଗର ଆଶଙ୍କା ଅଧିକ ରହିଛି। ଏହା କାମୁଡ଼ିବାର ୨୦–୬୦ଦିନ ମଧ୍ୟରେ ଲକ୍ଷଣ ପ୍ରକାଶ ପାଇଥାଏ। ଦେହହାତ ଘୋଳାବିନ୍ଧା ହେବା, ତଣ୍ଟିରେ ଘାଆ, ସାମାନ୍ୟ ଜ୍ୱର ହେଉଛି ଏହାର ପ୍ରମୁଖ ଲକ୍ଷଣ। ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ବ୍ୟବସ୍ଥା ନାହିଁ। ରୋଗୀକୁ ଟିଟାନସ ଟିକା ଏବଂ ଆଣ୍ଟିବାୟୋଟିକ୍ ଔଷଧ ଦିଆଯାଇଥାଏ। କୌଣସି ବ୍ୟକ୍ତିଙ୍କୁ କୁକୁର କାମୁଡ଼ିଦେଲେ ସେହି ସ୍ଥାନକୁ ପରିଷ୍କାର ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ। ତାହାକୁ ସାବୁନ୍ ମାରି ପରିଷ୍କାର କରିଦିଅନ୍ତୁ। ତା'ପରେ ତାଙ୍କୁ ତୁରନ୍ତ ହସପିଟାଲ ନେଇଯାଆନ୍ତୁ। ଜଳାତଙ୍କ ରୋଗ ଅତିମାତ୍ରାରେ ସଂକ୍ରାମକ। ତେଣୁ ଏପରି ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଏବଂ ନର୍ସ ମାସ୍କ, ଗ୍ଲୋଭ୍‌ସ, ରଙ୍ଗିନ ଚଷମା ଓ ଆପ୍ରନ ପିନ୍ଧିବା ଦରକାର। ଏହି ରୋଗ ବିଷୟରେ ଜନସାଧାରଣଙ୍କୁ ସତର୍କ କରାଇବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ବା ୱାର୍ଲ୍ଡ ରାବିଜ୍ ଡେ' ଭାବରେ ପାଳନ କରାଯାଇ ଆସୁଅଛି।

# ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ଏକ ରୁଟିନ୍ ଲାଇଫ ବିତାଇବାକୁ ଚେଷ୍ଟା କରନ୍ତୁ। ପ୍ରତିଦିନ କ'ଣ କରିବେ ପୂର୍ବଦିନ ଏ ନେଇ ପ୍ରସ୍ତୁତ ହୁଅନ୍ତୁ।
- ସାଧାରଣତଃ ବୟସ୍କ ବ୍ୟକ୍ତିମାନେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ନିୟମିତ ସମୟ ଅନ୍ତରାଳରେ ନିଜ ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ।
- ଯଦି ଡାକ୍ତର ଆପଣଙ୍କୁ କୌଣସି ଔଷଧ ମାସାଧିକ ଖାଇବାକୁ ପରାମର୍ଶ ଦେଇଛନ୍ତି ତେବେ ତାହାକୁ ମଝିରେ ବନ୍ଦ କରନ୍ତୁ ନାହିଁ। କିଛି ସମସ୍ୟା ହେଲେ ବିଳମ୍ବ ନ କରି ସଂପୃକ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଦାନ୍ତ ଘଷିବାର ଏକ ସମୟ ଅବଧି ରହିଛି। ଆପଣ ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ। ପ୍ରତି ଛଅ ମାସରେ ଥରେ ଟୁଥ୍ ବ୍ରଶ ବଦଳାନ୍ତୁ। ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥ୍‌ପେଷ୍ଟ ବ୍ୟବହାର କରନ୍ତୁ।



- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ସେଥିପାଇଁ ଖାଦ୍ୟପେୟ ପ୍ରତି ସତର୍କ ରହିବା ସହ ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ।
- ଯେ କୌଣସି କାର୍ଯ୍ୟ କଲାବେଳେ ଖୁସି ମନରେ କରନ୍ତୁ। ଚିନ୍ତାଠାରୁ ମଧ୍ୟ ଯେତେ ସମ୍ଭବ ନିଜକୁ ଦୂରେଇ ରଖନ୍ତୁ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ ଅବସରରେ ରବିବାର ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଖେଳାଳି ଓ କର୍ମକର୍ତ୍ତା। ନିକଟରେ ଅଛନ୍ତି ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି।



ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଖେଳାଳିମାନଙ୍କୁ ଉପହାର ଦେଇ ସ୍ୱାଗତ କରୁଛନ୍ତି।

# ବାରବାଟୀରେ ଆଜି କିଙ୍ଗ୍ସ-ଟାଇଗର୍ସ ଲଢ଼େଇ

**ଭୁବନେଶ୍ୱର, ୨୫।୯ (କ୍ରୀଡ଼ା ପ୍ରତିନିଧି)**

ଅନେକ ଜାତୀୟ ଅନ୍ତର୍ଜାତୀୟ କ୍ରିକେଟର ମୂକସାକ୍ଷୀ ପାଲଟିଥିବା କଟକର ବାରବାଟୀ ଷ୍ଟାଡିୟମରେ ପ୍ରଥମଥର ପାଇଁ ହେବାକୁ ଯାଉଛି ଲିଜେଣ୍ଡ୍ସ ଲିଗ୍ କ୍ରିକେଟ। ସୋମବାର ଏହି ଗ୍ରାଉଣ୍ଡରେ ଭିଲ୍ୱାରା କିଙ୍ଗ୍ସ ଓ ମଣିପାଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହା ବ୍ୟତୀତ ୨୭ରେ ଗୁଜରାଟ ଜାଏଣ୍ଟ୍ସ-ଭିଲ୍ୱାରା କିଙ୍ଗ୍ସ ଏବଂ ୨୯ରେ ଇଣ୍ଡିଆ କ୍ୟାପିଟାଲ୍ସ-ମଣିପାଲ ଟାଇଗର୍ସ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବ। ଏହାପରେ ୨ଟି ଲିଗ୍ ମ୍ୟାଚ୍ ଏବଂ ପ୍ଲେ-ଅଫ୍ ଯୋଧପୁରରେ ଅନୁଷ୍ଠିତ ହେବାପରେ ଅକ୍ଟୋବର ୫ରେ ଫାଇନାଲ ପୁଣି ବାରବାଟୀରେ ଅନୁଷ୍ଠିତ ହେବ। ମ୍ୟାଚ୍ ଖେଳିବା ପାଇଁ ଭିଲ୍ୱାରା କିଙ୍ଗ୍ସ ଓ ମନିପାଲ ଟାଇଗର୍ସ ଦଳ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅଭ୍ୟାସ ପାଇଁ ସମୟ ନ ଥିବାରୁ ଏହି ଦୁଇ ଦଳ ସିଧାସଳଖ ମ୍ୟାଚ୍ ଖେଳିବାକୁ ବାରବାଟୀ ଯିବେ। ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର ଇର୍‌ଫାନ ପଠାନ ଭିଲ୍ୱାରା କିଙ୍ଗ୍ସ ଦଳର ନେତୃତ୍ୱ ନେଉଛନ୍ତି। ସେହିପରି ମଣିପାଲ ଟାଇଗର୍ସ ଦଳର ଅଧିନାୟକ ହେଉଛନ୍ତି ପୂର୍ବତନ ତାରକା ସ୍ପିନର ହରଭଜନ ସିଂ।




ଭିଲ୍ୱାରା କିଙ୍ଗ୍ସ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ଗେମ୍‌ରେ ବିଜୟ ଓ ପରାଜୟ ସ୍ୱାଦ ଚାଖିଥିବାବେଳେ ଅନ୍ୟ ମ୍ୟାଚ୍‌ଟି ବର୍ଷା ଯୋଗୁ ବାତିଲ ହୋଇଛି। ଫଳରେ ଏହି ଦଳ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ମଣିପାଲ ଟାଇଗର୍ସ ୩ଟି ମ୍ୟାଚ୍ ଖେଳିସାରିଥିବାବେଳେ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିନାହିଁ। ୨ଟି ମ୍ୟାଚ୍‌ରେ ପରାଜିତ ହୋଇଥିବାବେଳେ ଅନ୍ୟ ମ୍ୟାଚ୍‌ଟି ବାତିଲ ହୋଇଥିବାରୁ ଦଳ ମାତ୍ର ୧ ପଏଣ୍ଟ ପାଇ ଟେବୁଲର ନିମ୍ନରେ ରହିଛି। ପ୍ରଥମ ରାଉଣ୍ଡରେ କିଙ୍ଗ୍ସ ଓ ଟାଇଗର୍ସ ମଧ୍ୟରେ ସେପ୍ଟେମ୍ବର ୧୮ରେ ଲକ୍ଷ୍ନୌରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିଲ୍ୱାରା କିଙ୍ଗ୍ସ ୩ ଉଇକେଟରେ ବିଜୟୀ ହୋଇଥିଲା। ମହମ୍ମଦ କୈଫ୍‌ଙ୍କ ଦ୍ରୁତ ୭୩ ରନ୍ ସତ୍ତ୍ୱେ ମଣିପାଲ ଟାଇଗର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୫୩ ରନ୍ କରିଥିଲା। ବିପକ୍ଷ ଦଳର ଫିଦେଲ ଏଡ୍‌ୱାର୍ଡ୍ସ ୪ ଉଇକେଟ ସଫଳତା ପାଇଥିଲେ। ଜବାବରେ ଭିଲ୍ୱାରା କିଙ୍ଗ୍ସ ୧୯.୪ ଓଭରରେ ୭ ଉଇକେଟ ହରାଇ ୧୫୬ ରନ୍ ସଂଗ୍ରହ କରି ନେଇଥିଲା। କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ହେଁ ୟୁସୁଫ୍ ପଠାନ ୨୮ ବଲ୍‌ରୁ ୪୪ ରନ୍ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହାପରେ ଗୁଜରାଟ ଜାଏଣ୍ଟ୍ସଠାରୁ ମଣିପାଲ ଟାଇଗର୍ସ ଏବଂ ଇଣ୍ଡିଆ କ୍ୟାପିଟାଲ୍ସଠାରୁ ଭିଲ୍ୱାରା କିଙ୍ଗ୍ସ ଦଳ ପରାଜିତ ହୋଇଥିଲେ। ଜାଏଣ୍ଟ୍ସ-ଟାଇଗର୍ସ ଏବଂ କ୍ୟାପିଟାଲ୍ସ-କିଙ୍ଗ୍ସ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ତେଣୁ ଆଗାମୀ ମ୍ୟାଚ୍ ପାଇଁ ଭିଲ୍ୱାରା କିଙ୍ଗ୍ସ ଫେଭରାଇଟ ବିବେଚିତ ହେଉଛି। ଅନ୍ୟପକ୍ଷରେ କିଙ୍ଗ୍ସକୁ ହରାଇ ପରାଜୟର ମଧୁର ପ୍ରତିଶୋଧ ନେବାକୁ ଟାଇଗର୍ସ ନିକଟରେ ସୁଯୋଗ ରହିଛି।

**ଭିଲ୍ୱାରା କିଙ୍ଗ୍ସ ଦଳ:** ଇର୍‌ଫାନ ପଠାନ (ଅଧିନାୟକ), ଟିନୋ ବେଷ୍ଟ, ରାଜେଶ ବିଷ୍ଣୋଇ, ଟିମ୍ ବ୍ରେସନାନ, ନିକ୍ କମ୍ପଟନ, ଫିଦେଲ ଏଡ୍‌ୱାର୍ଡ୍ସ, ନମନ ଓଝା, ମଣ୍ଟି ପନିସର, ସ୍ମିତ ପଟେଲ, ୟୁସୁଫ୍ ପଠାନ, ୱିଲିୟମ ପୋର୍ଟରଫିଲ୍ଡ, ମ୍ୟାଟ୍ ପ୍ରାୟର, ଦୀନେଶ ସାଲୁଙ୍ଖେ, ଓ୍ୱାଇସ୍ ଶାହ, ଏସ୍. ଶ୍ରୀସନ୍ଥ, ତନ୍ମୟ ଶ୍ରୀବାସ୍ତବ, ସୁଦୀପ ତ୍ୟାଗୀ, ଶେନ୍ ୱାଟ୍‌ସନ।

**ମଣିପାଲ ଟାଇଗର୍ସ ଦଳ:** ହରଭଜନ ସିଂ (ଅଧିନାୟକ), କୋରେ ଆଣ୍ଡରସନ, ସ୍ୱପ୍ନିଲ ଅସନୋଦକର, ପରବିନ୍ଦର ଅୱାନା, ଇମ୍ରାନ୍ ତାହିର, ମହମ୍ମଦ କୈଫ, ମୁଥୟା ମୁରଲୀଧର, ରମେଶ କାଲୁୱିଥରଣା, ଲାନ୍ସ କ୍ଲୁଜନର, ବ୍ରେଟ୍ ଲୀ, ଦିମିତ୍ରି ମାସ୍କରହାନ୍ସ, କ୍ରିସ୍ ମୋପୋଫୁ, ଫିଲ୍ ମଷ୍ଟାର୍ଡ, ରିକାର୍ଡୋ ପାୱେଲ, ରବିକାନ୍ତ ଶୁକ୍ଳା, ପ୍ରଦୀପ ସାହୁ, ଡାରେନ ସାମି, ର୍ୟାନ ସାଇଡ୍‌ବଟମ, ଟାଟେଣ୍ଡା ଟାଇବୁ।

# ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଖେଳାଳିଙ୍କୁ ସ୍ୱାଗତ

**ଭୁବନେଶ୍ୱର, ୨୫।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଖେଳିବା ପାଇଁ ରବିବାର ଓଡ଼ିଶାରେ ପହଞ୍ଚିଥିବା ଭିଲ୍ୱାରା କିଙ୍ଗ୍ସ ଓ ମଣିପାଲ ଟାଇଗର୍ସ ଦଳର ଖେଳାଳିମାନଙ୍କୁ ସ୍ୱାଗତ କରାଯାଇଛି। ମେ' ଫେୟାରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉଭୟ ଦଳର ଖେଳାଳିଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। ଭିଲ୍ୱାରା କିଙ୍ଗ୍ସର ଅଧିନାୟକ ଇରଫାନ ପଠାନ ଏହି ସମାରୋହର ଶୋଭାବର୍ଦ୍ଧନ କରିଥିବା ବେଳେ ମଣିପାଲ ଟାଇଗର୍ସ ଅଧିନାୟକ ହରଭଜନ ସିଂ ଅନୁପସ୍ଥିତ ରହିଥିଲେ। ଇରଫାନଙ୍କ ବ୍ୟତୀତ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଏସ୍. ଶ୍ରୀସନ୍ଥ, ୟୁସୁଫ୍ ପଠାନ୍, ଭି.ଆର.ଭି. ସିଂ, ପରବିନ୍ଦର ଆୱାନା, ମୁଥୟା ମୁରଲୀଧରନ, ମ୍ୟାଟ ପ୍ରାୟର, ଟିମ୍ ବ୍ରେସନାନ୍, ର୍ୟାନ୍ ସାଇଡବଟମ୍, ରମେଶ କାଲୁୱିଥରଣା, କୋରି ଆଣ୍ଡରସନ୍ ଓ ଜେସ ରାଇଡର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଘରୋଇ ଖେଳାଳିମାନଙ୍କ ମଧ୍ୟରେ ସ୍ୱପ୍ନିଲ ଅସ୍ନୋଦକର, ରବିକାନ୍ତ ଶୁକ୍ଳା, ସୁଦୀପ ତ୍ୟାଗୀ ମଧ୍ୟ ଉପହାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ଲିଜେଣ୍ଡ୍ସ ଲିଗ୍ ପରାମର୍ଶଦାତା ବାସୁଦେବ ଭଟ୍ଟାଚାର୍ଯ୍ୟ ଓ ବରିଷ୍ଠ ଡାକ୍ତର ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଏକ ଶାନ୍ତିପ୍ରିୟ ସ୍ଥାନ, ଆଉ ମନ୍ଦିରମାଳିନୀ ସହର ଭୁବନେଶ୍ୱର ମୋର ବେଶ୍ ପସନ୍ଦ ବୋଲି କହିଥିଲେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଏସ୍. ଶ୍ରୀସନ୍ଥ। ଅନ୍ୟପକ୍ଷରେ ଇଂଲଣ୍ଡ ଦଳର ପୂର୍ବତନ ଅଲ୍‌ରାଉଣ୍ଡର ଟିମ୍ ବ୍ରେସନାନ୍ ହିନ୍ଦୀରେ ସମସ୍ତଙ୍କୁ ନମସ୍କାର ଓ ଧନ୍ୟବାଦ ବୋଲି କହିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ**

ଖୋର୍ଦ୍ଧା ଅଫିସ: ଭାରତୀୟ ଜନସଂଘର ପ୍ରତିଷ୍ଠାତା ସଦସ୍ୟ ତଥା ଏକାତ୍ମ ମାନବବାଦ ଓ ରାଷ୍ଟ୍ରବାଦୀ ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୭ତମ ଜୟନ୍ତୀ ଅବସରରେ ଭାଜପା ଜିଲା ସଭାପତି ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଜିଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ରୋଜୀନା ରାଣୀ ଦାଶ, ଶକ୍ତି ମିଶ୍ର, ପ୍ରଦୀପ୍ତ ପାଣି, ସୁଚିସ୍ମିତା ରାୟ, କାଉନସିଲର ଲିନା ସ୍ୱାଇଁ, ସୃଷ୍ଟି ମାଝୀ, ଶୁଭଲକ୍ଷ୍ମୀ ମହାରଣା, ଗୁଣନିଧି ମହାପାତ୍ର, କୃଷ୍ଣ ଚନ୍ଦ୍ର ଦାଶ, ଗଗନ ବିହାରୀ ନାୟକ, ବଟକୃଷ୍ଣ ସାହୁ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଜୀବ ଲୋଚନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ‘ଗୁଣାତ୍ମକ ଶିକ୍ଷା ଏକ ପ୍ରବହମାନ ଧାରା’

**ଖୋର୍ଦ୍ଧା ଅଫିସ,୨୫।୯**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଓ ମିଳିତ ଶିକ୍ଷକ କ୍ରିୟାନୁଷ୍ଠାନ କମିଟି ଖୋର୍ଦ୍ଧା ବ୍ଲକର ମିଳିତ ଆନୁକୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଡ. ଗୌରହରି ମିଶ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଭା ସଦସ୍ୟ ମୁନା ଖାଁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ପୌରାଧ୍ୟକ୍ଷା କନକଲତା ମହାନ୍ତି ଓ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଗୁଣାତ୍ମକ ଶିକ୍ଷା ଏକ ପ୍ରବହମାନ ଧାରା। ଦେଶରେ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଶିକ୍ଷାର ସଙ୍ଗଠନ, ପରିଚାଳନା ତଥା ଗୁଣାତ୍ମକ ସମାନତା ଆଣିବା ପାଇଁ ୨୦୦୫ ମସିହାରେ ଜାତୀୟ ପାଠ୍ୟକ୍ରମ ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଶିକ୍ଷାକୁ ଲୋକାଭିମୁଖୀ କରିବା ପାଇଁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ। ବରିଷ୍ଠ ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀ ଓ ଖୋର୍ଦ୍ଧା ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନର ସମ୍ବର୍ଦ୍ଧନା ସଭାରେ ଡ. ଗୌରହରି ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଅମିୟ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୂର୍ବତନ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବାନ ଶ୍ରୀଚନ୍ଦନଙ୍କ ‘ଭିନ୍ନ ଏକ ବ୍ୟକ୍ତିତ୍ୱ’ ପୁସ୍ତକ ଉନ୍ମୋଚନ କରିଥିଲେ। ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମିୟ କୁମାର ଦାଶ, ଉପସଭାନେତ୍ରୀ



କାର୍ଯ୍ୟକ୍ରମରେ ଅତିଥିମାନେ ‘ଭିନ୍ନ ଏକ ବ୍ୟକ୍ତିତ୍ୱ’ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ୮୭ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ

ସଙ୍ଗୀତା ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ହୃଷୀକେଶ ବେହେରା, ମନସ୍ୱିନୀ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଯୁଧିଷ୍ଠିର ସାହୁ ସ୍ୱାଗତ ଭାଷଣ, ଅମିୟ କୁମାର ପରିଡ଼ା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ୮୭ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ପଣ୍ଡା, ଜିତ୍ ରଞ୍ଜନ ମହାପାତ୍ର, ଦିବ୍ୟସିଂହ ସୁବୁଦ୍ଧି, ରେବତୀ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ସୁଧାକର ମହାପାତ୍ର, ଶରତ ଚନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧା: ଗୁଣାତ୍ମକ ଶିକ୍ଷାର ଆଲୋଚନାଚକ୍ର ଏବଂ ସମ୍ବର୍ଦ୍ଧନା ଉତ୍ସବରେ ରବିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ବନଦୁର୍ଗା



ନିରାକାରପୁର,୨୫।୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ମା’ ବନଦୁର୍ଗାଙ୍କ ପୀଠରେ ଷୋଡ଼ଶ ପର୍ବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ତଥା ନବମ ଦିବସରେ ମା’ ବନଦୁର୍ଗା ରାଜରାଜେଶ୍ୱରୀ ବେଶ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମା’ଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଛି ବୋଲି ତପନ କୁମାର ମହାପାତ୍ର ଓ କୃପାସିନ୍ଧୁ ପଣ୍ଡା କହିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

#### ମହାଳୟାରେ ଅଘଟଣ

ନିରାକାରପୁର,୨୫।୯(ଡି.ଏନ୍.ଏ.): ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ପଞ୍ଚାୟତର ବୋଡ଼ଙ୍ଗରାପାଟଣା ବିନ୍ଧାଣି ସାହିରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରୀତା ମହାପାତ୍ର। ସୂଚନା ମୁତାବକ, ମହାଳୟା ଅବସରରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ପାଇଁ ରୀତା ଘର ଧୋଇଥିଲେ। ସେଠାରେ ଥିବା ଏକ ଟେବୁଲ ଫ୍ୟାନ୍‌କୁ ଓଦା କପଡ଼ାରେ ସଫା କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅଧ୍ୟାପକଙ୍କ ପରଲୋକ



ଟାଙ୍ଗୀ(ଖୋର୍ଦ୍ଧା), ୨୫।୯ (ଡି.ଏନ୍.ଏ.): ପୁରୀ ସାମନ୍ତ ଚନ୍ଦ୍ର ଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟର ଅଧ୍ୟାପକ ତଥା ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ୧୯୮୨ ମସିହା ମାଟ୍ରିକ ବ୍ୟାଚର ଛାତ୍ର କେଶବ ବିଶ୍ୱାଳଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଛାତ୍ର ଜୀବନରେ ସେ ଜଣେ ଫୁଟବଲ ଖେଳାଳି ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁଇମିଂ ପ୍ରତିଯୋଗିତାରେ ଭାଗ ନେଇ ସେ ସଫଳତା ହାସଲ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଜଣେ ସୁସଂଗଠକ ଭାବେ ସମସ୍ତ ସାମୂହିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ। ସ୍ଥାନୀୟ ସରପଞ୍ଚ କିଶୋର ବେହେରାଙ୍କ ସମେତ ବହୁ ପୁରାତନ ଛାତ୍ର ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଯୁବରାଜ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

### ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ

**ବୋଲଗଡ଼,୨୫।୯(ଡି.ଏନ୍.ଏ.)**

ମହାଳୟାରେ ପିତୃପୁରୁଷଙ୍କ ଆତ୍ମାର ସଦ୍‌ଗତି କାମନା କରି ବୋଲଗଡ଼ ଅଞ୍ଚଳରେ ଗୃହସ୍ଥମାନେ ପିଣ୍ଡଦାନ କରିଛନ୍ତି। ହିନ୍ଦୁ ଧର୍ମ ଅନୁସାରେ, ପିତୃପୁରୁଷଙ୍କ ଶ୍ରାଦ୍ଧ ଦେବାକୁ ମହାଳୟା ଶ୍ରେଷ୍ଠ ଦିନ। ଏହି ଦିନ ଶ୍ରାଦ୍ଧ ଦେଲେ ପିତୃପୁରୁଷ ତୃପ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ପିତୃପକ୍ଷ ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଆରମ୍ଭ ହୋଇ ମହାଳୟାରେ ଶେଷ ହୋଇଥାଏ। ଏହି ପିଣ୍ଡ ପିତୃକୁଳର ୩ ପୁରୁଷ ପିତା, ପିତାମହ ଏବଂ ପ୍ରପିତାମହ ତଥା ମାତୃକୁଳର ମାତାମହ, ପ୍ରମାତାମହ ଏବଂ ବୃଦ୍ଧ ପ୍ରମାତାମହଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥାଏ। ଗୃହସ୍ଥମାନେ ସ୍ୱଗୃହରେ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣରେ ତର୍ପଣ କରିବା ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥାନ୍ତି। ଅନେକ ଶ୍ରଦ୍ଧାଳୁ ମହାଳୟାରେ ପୁରୀ ଏବଂ ଭୁବନେଶ୍ୱରର ବିନ୍ଦୁସାଗରରେ ପିଣ୍ଡଦାନ କରିଛନ୍ତି।

### ପୋଖରୀରେ ଗୋଡ଼ ଖସି ଗାଡ଼ି ଚାଳକଙ୍କ ମୃତ୍ୟୁ

**ବାରଙ୍ଗ,୨୫।୯(ଡି.ଏନ୍.ଏ.)**

ପୋଖରୀରେ ଗାଧୋଇବା ବେଳେ ଗୋଡ଼ ଖସି ପଥରରେ ମାଡ଼ ହେବାରୁ ରବିବାର ଜଣେ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ବାଇଗଣ ବାଡ଼ିଆ ଗ୍ରାମର ଧନୁର୍ଜୟ ମହନ୍ତ। ସୂଚନା ମୁତାବକ, ଚନ୍ଦକା ଥାନା ଅଧୀନ ଭୋଲା ଗ୍ରାମ ନିକଟ ଏକ ଆପାର୍ଟମେଣ୍ଟରେ ଜଣଙ୍କ ଘରେ ଧନୁର୍ଜୟ ରହି ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ସକାଳେ ସେ ଏହି ଗ୍ରାମ ନିକଟ ପୋଖରୀରେ ଗାଧୋଇବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ପଡ଼ିଯିବାରୁ ତାଙ୍କ ମୁଣ୍ଡ ପଥରରେ ମାଡ଼ ହୋଇ ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଚନ୍ଦକା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୨/୨୨)ରୁଜୁ ହୋଇଛି।

### ଗୋପାଳକୃଷ୍ଣ ସଭାପତି, ବିଭୁପ୍ରସାଦ ସମ୍ପାଦକ

**ଖୋର୍ଦ୍ଧା ଅଫିସ,୨୫।୯**

ସାଂସ୍କୃତିକ ଅନୁଷ୍ଠାନ ଖୋରଧା ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ନିର୍ବାଚନ ଅଧିବକ୍ତା ବିଧାନଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ଭାବେ ଡ.ପଦ୍ମଜ ପାଲ, ପ୍ରଫେସର ଡ. ନାରାୟଣ ରାଓ, ଡ. ଦିଲୀପ ଶ୍ରୀଚନ୍ଦନ, ଭୀମସେନ ପ୍ରଧାନ, ବିଧାନ ମହାନ୍ତି, ସତ୍ୟବାଦୀ ବଳିୟାରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ମନୋନୀତ ହୋଇଛନ୍ତି। ସଭାପତି ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଉପସଭାପତି ଭାବେ ଡ. ଯୋଗେନ୍ଦ୍ର ଚନ୍ଦ୍ର ରଥ, ଇତିଶ୍ରୀ ସାହୁ, ସମ୍ପାଦକଭାବେ ବିଭୁ ପ୍ରସାଦ ହରିଚନ୍ଦନ, ଯୁଗ୍ମ ସମ୍ପାଦକ ଭାବେ ଡ.କୈଳାସ ଚନ୍ଦ୍ର ମହାରଣା, ସଙ୍ଗଠନ ସମ୍ପାଦକ ରାମଶଙ୍କର, ପାଠାଗାର ସମ୍ପାଦକ ବାସୁଦେବ ସାହୁ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ହରିଚନ୍ଦନ ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ନିରଞ୍ଜନ ମହାନ୍ତି, ବନୋଜ ତ୍ରିପାଠୀ, ଡ.ଧିରେନ୍ଦ୍ର ନନ୍ଦ, ଡ.ସସ୍ମିତା ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତାମାନେ ଚଳିତ ବର୍ଷ ବାର୍ଷିକ ଉତ୍ସବ ମୁଖପତ୍ର ପ୍ରକାଶନ, ସଭାଗୃହ ନିର୍ମାଣ ନିମିତ୍ତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଗାଳ୍ପିକ ତପନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ନୂଆ ରୂପ ପାଇବ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ

**ଖୋର୍ଦ୍ଧା ଅଫିସ, ୨୫।୯**

ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ଟ୍ରଷ୍ଟ ଓ ଟାଟା ମୋଟର୍ସ ଫାଇନାନ୍ସ ମିଳିତ ଆନୁକୂଲ୍ୟରେ ରବିବାର ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ସ୍ଥାନରେ ବୃକ୍ଷରୋପଣ ଉତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ସଞ୍ଜୟ ପଟ୍ଟନାୟକ ସଭାପତିତ୍ୱ କରି କହିଥିଲେ, ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ୪ ଏକର ପରିମିତ ଜମିରେ ଉଦ୍ୟାନ ଗଢ଼ି ଉଠିଛି। ରାଜ୍ୟ ଓ କେନ୍ଦ୍ର ସରକାର ତଥା ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ଖୋର୍ଦ୍ଧା ଜନସାଧାରଣଙ୍କ ସହଯୋଗରେ ଏହି ଉଦ୍ୟାନ ନିର୍ମାଣ କରାଯିବା ସହ ସ୍ୱର୍ଗତ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି ସ୍ଥାନ ପାଇଛି। ଉଦ୍ୟାନର ସମ୍ପ୍ରସାରଣ ନିମନ୍ତେ ସଂଲଗ୍ନ ଥିବା ଆଉ ୫ ଏକର ଜାଗାକୁ ସମ୍ପ୍ରସାରଣ କରାଯାଇ ଇତିମଧ୍ୟରେ ଅତ୍ୟାଧୁନିକ ଶିଶୁକ୍ରୀଡ଼ା ଉପକରଣ, ସଂଗ୍ରହାଳୟ, ରେଷ୍ଟୁରାଣ୍ଟ, ବ୍ୟାୟାମଶାଳା, ପକ୍ଷୀଗୃହ ସମେତ ଖୋର୍ଦ୍ଧାର ଐତିହ୍ୟ ଓ ସଂସ୍କୃତି ସ୍ଥାନ ପାଇବ। ଏହାର ବ୍ୟୟ ଅଟକଳ ୮ କୋଟି ଟଙ୍କା ପରିଯୋଜନା କରାଯିବା ସହ ଏହି ପ୍ରକଳ୍ପକୁ ଦୁଇ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ଅବଗତ କରାଇଥିଲେ।

### ସବୁଜିମା ସୃଷ୍ଟି ପାଇଁ ବୃକ୍ଷରୋପଣ ଉତ୍ସବ

କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁଜିବୁଲା ଖାଁ ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହ ଉଦ୍ୟାନର ଉନ୍ନତିକରଣ ନିମନ୍ତେ ତାଙ୍କ ପାଣ୍ଠିରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ନୂତନ ପ୍ରକଳ୍ପର ଉନ୍ନତୀକରଣ ନିମନ୍ତେ ଏହାର ପାଚେରି, ଜମି ଉନ୍ନତୀକରଣ ପାଇଁ ୬୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ଓ ଆଗାମି ଦିନରେ ସହଯୋଗ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ନାରାୟଣ ମହାନ୍ତି, ଏକ ଘରୋଇ ଫାଇନାନ୍ସର ଆଞ୍ଚଳିକ ମୁଖ୍ୟ ମନୋଜ ଜେନ୍, ଜୋନାଲ ମୁଖ୍ୟ ସମ୍ବିତ୍ ପଣ୍ଡା, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ତଥା ସ୍ମୃତି କମିଟିର କୋଷାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜ, ଅଧ୍ୟାପିକା କବିତାରାଣୀ ମିଶ୍ର, ଗାନ୍ଧିବାଦୀ ନେତା ରାମ ନାରାୟଣ, ଆଇନ୍‌ଜୀବୀ ଶିଶିର ପରିଡ଼ା, ନୃସିଂହ ମିଶ୍ର, ନିବେଦିତା ପଟ୍ଟନାୟକ, କେଫାତୁଲ୍ଲା ଖାଁ, ପ୍ରଫୁଲ୍ଲ ସାମନ୍ତରାୟ ସମେତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କମିଟିର ସଦସ୍ୟ ପ୍ରଦୋଷ ସାହୁ, ପ୍ରଦୋଷ ହରିଚନ୍ଦନ, ସ୍ମିତ ରଞ୍ଜନ ବଳିଆରସିଂହ, ପୁଲିନ୍ ବିହାରୀ ଦାସ, ବିଶ୍ୱ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ଶାନ୍ତନୁ ମାଝି ଜିଲା ଛାତ୍ର ବିଜେଡି ଉପସଭାପତି

**କୃଷ୍ଣପ୍ରସାଦ, ୨୫।୯(ଡି.ଏନ୍.ଏ)**

ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସମସ୍ତ ଦଳ ସଜବାଜ ହେଲେଣି। ବିଶେଷ ଭାବେ ନିର୍ବାଚନ ପୂର୍ବରୁ ଶାସକ ବିଜେଡି ପକ୍ଷରୁ ଦଳକୁ ତୃଣମୂଳସ୍ତରରେ ସଜାଡ଼ି ଦୃଢ଼ ଓ ମଜଭୁତ କରିବା ପାଇଁ ଯୁବ ଏବଂ ଛାତ୍ର ବିଜେଡିର କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ପୁରୀ ଜିଲା ଛାତ୍ର ବିଜେଡିର ବରିଷ୍ଠ-ଉପସଭାପତି ଭାବେ ଶାନ୍ତନୁ ମାଝିଙ୍କୁ ମନୋନୀତ କରାଯାଇଛି। ବିଜେଡିର ଜଣେ ଦକ୍ଷ କର୍ମକର୍ତ୍ତା ଭାବେ କୃଷ୍ଣପ୍ରସାଦ ଅଞ୍ଚଳରେ ବେଶ୍ ଜଣାଶୁଣା ଥିବା ଶାନ୍ତନୁ ପୂର୍ବରୁ ଏହି ଉପସଭାପତି ଦାୟିତ୍ୱ ବହନ କରିଥିଲେ। ତାଙ୍କର ନେତୃତ୍ୱ ନେବାର ଦକ୍ଷତା, କାମ କରିବାର ଇଚ୍ଛାଶକ୍ତି ପାଇଁ ତାଙ୍କୁ ଏହି ପଦବୀ ମିଳିଛି ବୋଲି ନିଜର ପ୍ରତିକ୍ରିୟାରେ ଶାନ୍ତନୁ କହିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୁରୀ ଜିଲା ସଭାପତି ରାଜେଶ ରଥଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଦାବି ପୂରଣ ନ ହେଲେ ଆନ୍ଦୋଳନ



**କୃଷ୍ଣପ୍ରସାଦ,୨୫।୯(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚୁଦୋଳ ମେଳଣ ପଡ଼ିଆରେ କୁକୁଡ଼ା ଚାଷୀଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲା କୁକୁଡ଼ା ଚାଷୀ ସଂଘର ଉପସଭାପତି ବିଜୟ କୁମାର ଗୌଡ଼ଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଶିକ୍ଷାବିତ୍ ପ୍ରବୀର କୁମାର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଶତାଧିକ କୁକୁଡ଼ା ଚାଷୀ ଯୋଗଦେଇଥିଲେ। ବହୁ ଶିକ୍ଷିତ ଯୁବକ କାମଧନ୍ଦା ନ ପାଇ ପରିବାର ପ୍ରତିପୋଷଣ ପାଇଁ କୁକୁଡ଼ା ଚାଷ କରୁଛନ୍ତି। ହେଲେ ଚାଷରେ କ୍ଷତି ସହୁଥିବା ବେଳେ ଚିଆଁ ଦେଉଥିବା କମ୍ପାନୀ ଚାଷୀଙ୍କ ସମସ୍ୟା ଦିଗରେ ପଦକ୍ଷେପ ନେଉ ନ ଥିବା ଯୋଗୁ ଏହାର ପ୍ରତିବାଦରେ ଚାଷୀମାନେ କମ୍ପାନୀ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସଭାରେ ସ୍ଥିର ହୋଇଛି। ଚାଷୀମାନେ କୁକୁଡ଼ା ଚାଷ ସମ୍ପର୍କିତ ୧୧ ଦଫା ଦାବି ନେଇ ବୈଠକରେ ଆଲୋଚନା କରିଥିଲେ। ସଙ୍ଗଠନକୁ ସୁଦୃଢ଼ କରିବାକୁ ଚାଷୀ ନିଷ୍ପତ୍ତି ନେଇଥିଲେ। ବୈଠକରେ ଗଞ୍ଜାମ ଜିଲାର ବ୍ଲକ ସମନ୍ୱିତ କର୍ମଚାରୀ ସତ୍ୟନାରାୟଣ ବେହେରା, ସଞ୍ଜୟ କୁମାର ପଲେଇ, ସରୋଜ କୁମାର ପ୍ରଧାନ, ରଞ୍ଜୀବ କୁମାର ନାୟକ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ କୁକୁଡ଼ା ଚାଷ ସମ୍ପର୍କରେ ସଚେତନ କରାଇଥିଲେ। ବୈଠକରେ କୃଷ୍ଣପ୍ରସାଦ ଅଞ୍ଚଳର କୁକୁଡ଼ା ଚାଷୀ ବିଜୟ କୁମାର ଗୌଡ଼, ବିନାୟକ ଭୁଜବଳ, ଜଗନ୍ନାଥ ଦଳେଇ, ପ୍ରମୋଦ ତରେଇ, ସୁନୀଲ ନାୟକ, ବିଭୂତି ତରେଇ, ବ୍ରଜ ସାହୁ, ଭଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

#### କୁକୁଡ଼ା ଚାଷୀଙ୍କ ବୈଠକ

## କନ୍ଧାଖାଇ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**କୃଷ୍ଣପ୍ରସାଦ, ୨୫।୯(ଡି.ଏନ୍.ଏ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଧାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପ୍ରଥମ ବର୍ଷ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଆସିଥିବା ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପୁଷ୍ପ ଚନ୍ଦନ ଲଗାଇ ଶ୍ରୀଗଣେଶଙ୍କ ମୂର୍ତ୍ତି ପାଖରେ ପ୍ରଣାମ କରାଇ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ରାଜକିଶୋର ସାମନ୍ତରାୟ, ଚନ୍ଦ୍ରଶେଖର ମହାନ୍ତି, ଅଧ୍ୟାପିକା ସ୍ମିତା ମହାରଣା, ଡ. ପ୍ରଭାତ ଆଚାର୍ଯ୍ୟ, କୈଳାସ ଚନ୍ଦ୍ର ବାରିକ, ଦିନେଶ ରଥ, ମଧୁସୂଦନ ସାହୁ, ଚନ୍ଦନା ନାୟକ, ରମେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ‘ରାଷ୍ଟ୍ର ନିର୍ମାଣରେ ପୋଲିସର ଭୂମିକା’ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ।

**ଖୋର୍ଦ୍ଧା ଅଫିସ,୨୫।୯**

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଖୋର୍ଦ୍ଧା ଆଦର୍ଶ ଥାନାରେ ‘ରାଷ୍ଟ୍ର ନିର୍ମାଣରେ ପୋଲିସର ଭୂମିକା’ ଶୀର୍ଷକ ଉପରେ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଡିପିଓ ଦିଲୀପ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଖୋର୍ଦ୍ଧାରେ ଶିଶୁଙ୍କ ସୁରକ୍ଷାରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ସେମାନଙ୍କ ସୁରକ୍ଷାରେ ପୋଲିସ ସଦାସର୍ବଦା ଜାଗ୍ରତ ଅଛି ବୋଲି ଥାନା ଅଧିକାରୀ ତାରିକ ଆଜେମେଦ କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଯୋଗଦେଇଥିବା ବେଳେ ମନସ୍ୱିନୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବର୍ଷକରେ ୧୩.୫ ଟନ୍ ଗୋ’ମାଂସ ଜବତ

- ଖୋର୍ଦ୍ଧା ଦେଇ ବାହାର ରାଜ୍ୟକୁ ଚାଲାଣ
- ୭ ଗିରଫ, ରାକେଟ ସକ୍ରିୟ

**ଖୋର୍ଦ୍ଧା ଅଫିସ,୨୫।୯**

ଗୋ ଚାଲାଣ ପରେ ଏବେ ଗୋ’ମାଂସ ଚାଲାଣ ବଢ଼ିବାରେ ଲାଗିଛି। ଭୁବନେଶ୍ୱର-ଚେନ୍ନାଇ ୧୬ ଏବଂ ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥରେ ଦୈନିକ ଏକାଧିକ କଣ୍ଟେନରରେ ଗୋରୁଙ୍କୁ ବାହାର ରାଜ୍ୟ ଦେଇ ବାଂଲାଦେଶ ଚାଲାଣ କରାଯାଉଛି। ଖୋର୍ଦ୍ଧାରେ ଏକ ରାକେଟ ସକ୍ରିୟ ରହି ବାହାର ରାଜ୍ୟର ବେପାରୀଙ୍କୁ ସହଯୋଗ କରୁଛି। ଗତ ଏକ ବର୍ଷ ମଧ୍ୟରେ ଖୋର୍ଦ୍ଧା ପୋଲିସ ମୋଟ୍ ୧୩.୫ ଟନ୍ (୧୩୫ କୁଇଣ୍ଟାଲ) ଗୋ’ମାଂସ ଜବତ କରିଥିବା ବେଳେ ୭ ଜଣଙ୍କୁ ଗିରଫ କରିଛି। ତେବେ ୨୦୨୧ ସେପ୍ଟେମ୍ବରରେ ଜଟଣୀ ଏବଂ ଖୋର୍ଦ୍ଧା ଟାଉନ ପୋଲିସ ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗୋମାଂସ ଜବତ କରିବା ସହ ୫ ଚାଲାଣକାରୀଙ୍କୁ ଗିରଫ କରିଥିଲା। ସେହିପରି ଶନିବାର ଓଡ଼ିଶାରୁ ହାଇଦ୍ରାବାଦ ଚାଲାଣ ହୋଇଥିବା ୧୨୦ କୁଇଣ୍ଟାଲ ଗୋ’ମାଂସ ବୋଝେଇ ଟ୍ରକ୍ ଜବତ କରିବା ସହ ବେଗୁନିଆ ପୋଲିସ ୨ ଜଣଙ୍କୁ ଗିରଫ କରିଛି।

ଖୋର୍ଦ୍ଧା ଜିଲାର ଜଟଣୀ, ଚିଲିକା, ବାଣପୁର, ଟାଙ୍ଗୀ, ବୋଲଗଡ଼, ବେଗୁନିଆ ଏବଂ ଖୋର୍ଦ୍ଧା ଅଞ୍ଚଳରୁ ଦୁର୍ବୃତ୍ତମାନେ ଟ୍ରକ୍‌ରେ ଦୟନୀୟ ଭାବେ ବାହାର ରାଜ୍ୟ ଦେଇ ବାଂଲାଦେଶକୁ ଗୋଚାଲାଣ ପରେ ଏବେ ଥର୍ମୋକୁଲର ପେଟିରେ ବରଫ ଦେଇ ଗୋମାଂସ ଚାଲାଣ କରୁଛନ୍ତି। ଖୋର୍ଦ୍ଧା ଅଞ୍ଚଳରେ ଏମାନଙ୍କ ଏଜେଣ୍ଟ କାମ କରୁଥିବା ଜଣାପଡ଼ିଛି। ବିଶେଷକରି ଖୋର୍ଦ୍ଧା ଉପକଣ୍ଠ ତରତୁଆ ଏବଂ ଜଟଣୀ ବେଣାପଞ୍ଜୁରୀ ଅଞ୍ଚଳରେ ଗୋଚାଲାଣକାରୀ ସକ୍ରିୟ ରହିଛନ୍ତି। ଏଠାରୁ ଅନେକ ସମୟରେ ଚାଲାଣକାରୀଙ୍କୁ ପୋଲିସ ଗିରଫ କରିଥିବା ନଜିର ରହିଛି। ପୂର୍ବରୁ ମଧ୍ୟ ବେଣାପଞ୍ଜୁରୀରେ ଶତାଧିକ ଗୋରୁ କଟାଯାଇଥିବା ଚର୍ଚ୍ଚା ଜୋର୍ ଧରିଥିଲା। ଏପରି କି ତରତୁଆ, ଶରଧାପୁର ଗ୍ରାମ ନିକଟ ଜଙ୍ଗଲରେ ଶତାଧିକ ଗୋରୁଙ୍କୁ ଚାଲାଣ, ଗୋମାଂସ ପାଇଁ ଏକାଠି କରାଯାଇଥିବା ଜଣାପଡ଼ିବା ପରେ ଖୋର୍ଦ୍ଧା ଟାଉନ ପୋଲିସ ବାରମ୍ବାର ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲା। ୨୦୨୧ ସେପ୍ଟେମ୍ବର ୧୪ରେ ଜଟଣୀ ବ୍ଲକ ବେଣାପଞ୍ଜୁରୀ ଅଞ୍ଚଳରୁ ଏକ ଟ୍ରକ୍‌ରେ ଗୋମାଂସ ଚାଲାଣ ହେଉଥିଲା। ଗାଡ଼ି ଚକା ମାଟିରେ ଦବିଯିବାରୁ ଘଟଣା ପଦାକୁ ଆସିଥିଲା। ଖବରପାଇ ଜଟଣୀ ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ଗାଡ଼ି ସହ ୨୪ ପେଟି ଗୋମାଂସ ଜବତ ପରେ ଏହାକୁ ପୋତି ଦେଇଥିଲା। ଏହି ଗୋମାଂସ ଜଟଣୀରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ସେହିପରି ଖୋର୍ଦ୍ଧା ଟାଉନ ପୋଲିସ ୨୦୨୧ ସେପ୍ଟେମ୍ବର ୧୬ରେ ତରତୁଆ କବରସ୍ଥାନ ନିକଟରେ ଆଇଚର ଗାଡ଼ିରେ ଗୋମାଂସ ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ସେଠାରୁ ୭ କୁଇଣ୍ଟାଲ ଗୋମାଂସ ଜବତ କରି ଜଙ୍ଗଲରେ ପୋତିଥିଲା। ପୋଲିସ ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ପରେ ପୋଲିସ ଏହି ଘଟଣାରେ ଆଉ ୨ଜଣଙ୍କୁ ଗିରଫ କରିଛି। ଏଠାରୁ ଗୋମାଂସ ହାଇଦ୍ରାବାଦ ଚାଲାଣ ହେଉଥିବା ପୋଲିସ ଆଗରେ ଅଭିଯୁକ୍ତ ସ୍ୱୀକାର କରିଥିଲେ। ଅନ୍ୟପକ୍ଷରେ ଗତ କିଛିମାସ ମଧ୍ୟରେ ଚାଲାଣ ବେଳେ ୫ଶହରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୋମାଂସ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଗୋ’ପ୍ରେମୀମାନେ ଦାବି କରିଛନ୍ତି।

## ବଟି ମାଗି ୨ ଗିରଫ: ଛୁରି, ଟଙ୍କା ଜବତ

ପୁରୀ ଅଫିସ: ବଳିଆପଣ୍ଡା ଥାନା ଅଞ୍ଚଳରେ ପର୍ଯ୍ୟଟକଙ୍କଠାରୁ ବଟି ଆଦାୟ ଅଭିଯୋଗରେ ରବିବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସେହି ଥାନା ଅନ୍ତର୍ଗତ କଳିଙ୍ଗ ବିହାରର କେଶବ ପରିଡ଼ା ଏବଂ ମଙ୍ଗଳା ସାହିର ବସନ୍ତ ବେହେରା। ଦୁଇ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଛୁରି ଏବଂ ନଗଦ ୩୦୦ ଟଙ୍କା ଜବତ ହୋଇଛି। ପୋଲିସ ଏକ କେସ୍ (ନଂ. ୧୨୪/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ରବିବାର ଦିନ ପ୍ରାୟ ୧ଟା ୪୫ମିନିଟ୍‌ରେ ଦୁଇଜଣ ବ୍ୟକ୍ତି ରାଘବ ମହାରାଜା ଲେନ୍ ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ପର୍ଯ୍ୟଟକ ଓ ଗାଡ଼ିଗୁଡ଼ିକରୁ ବଟି ଆଦାୟ କରୁଥିବା ପୋଲିସ ଖବର ପାଇ ଚଢାଉ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ଗିରଫ କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୯।୨୦୨୨

| | |
|---|---|
| ୬,୧୬,୫୧୦ ଟଙ୍କା | |
| ସୁନା | ୩.୭୦୦ ଗ୍ରାମ |
| ରୁପା | ୧୪୨.୯୦୦ ଗ୍ରାମ |

# ପୁଣି ଧୋଇଗଲା ଅସ୍ଥାୟୀ ସୁରକ୍ଷା ବାଡ଼

କୋଣାର୍କ,୨୫।୯(ଡି.ଏନ୍.ଏ):



ପୁରୀ-କୋଣାର୍କ ବେଳାମାର୍ଗର ସାହୁଖଣତାଠାରେ ହୋଇଥିବା ଅସ୍ଥାୟୀ ସୁରକ୍ଷା ବାଡ଼ ସମୁଦ୍ର ଜୁଆର ମାଡ଼ରେ ପୁଣି ଧୋଇଯାଇଛି। ବାଲିବସ୍ତା ଓ କାଠବହ୍ଲା ମଧ୍ୟ ଭାସିଯାଇଛି। ଚନ୍ଦ୍ରଭାଗାରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ୩ କିମିର ଏହି ରାସ୍ତା ସମୁଦ୍ର ଗର୍ଭରେ ଲୀନହେବାକୁ ବସିଲାଣି। ସୂଚନାଥାଉ କି, ଗତ ୧୧ ତାରିଖରେ ଉଚ୍ଚ ଜୁଆର ମାଡ଼ରେ ରାମଚଣ୍ଡୀ ମୁହାଣ ନିକଟ ବେଳାମାର୍ଗ ସୁରକ୍ଷା ପାଚେରି ଧସିଯାଇଥିଲା। ପାଚେରି ଭାଙ୍ଗି ପଥର ବେଳାଭୂମିରେ ପଡ଼ିରହିଥିଲା। ପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ବାଲିବସ୍ତା, ବହ୍ଲାରେ ଅସ୍ଥାୟୀ ସୁରକ୍ଷା ବାଡ଼ ନିର୍ମାଣ ହୋଇଥିଲା। ତେବେ ପୁଣି ଏହି ଅସ୍ଥାୟୀ ସୁରକ୍ଷା ବାଡ଼ ଧୋଇଯାଇଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ପର୍ଯ୍ୟଟକ, ସ୍ଥାନୀୟ ଗ୍ରାମବାସୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଚନ୍ଦ୍ରଭାଗାରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ରାସ୍ତାରେ ତୁରନ୍ତ ଜିଓ ସିନ୍ଥେଟିକ୍ ୱାଲ୍ ତଥା ସୁରକ୍ଷା ପାଚେରିର ଆବଶ୍ୟକତା ରହିଛି।

# ପ୍ରତିଭା ରାୟଙ୍କୁ କୁମାର କବି ସମ୍ମାନ



କୁମାର କବି ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ପୁରୀ ଅଫିସ, ୨୫।୯:

### କୁମାର କବି ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହ

କବି, ସାହିତ୍ୟିକ, ପ୍ରବଚକ ଓ ସଂସ୍କୃତି ଗବେଷକ କୁମାର କବି ଅରକ୍ଷିତ ପ୍ରଧାନଙ୍କ ସ୍ମୃତିରେ ଦ୍ୱାଦଶ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହ ରବିବାର କୁମାର କବି ଫାଉଣ୍ଡେଶନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲା ସଂସ୍କୃତି ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଲେଖିକା ଏବଂ ପଦ୍ମଭୂଷଣ ଡ. ପ୍ରତିଭା ରାୟ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ରାଜେନ୍ଦ୍ର ପ୍ରସାଦ ଜାତୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ. କୁମ୍‌କୁମ୍ ମହାନ୍ତି ଓ ଉତ୍ତରପୂର୍ବ ରାଜ୍ୟର ଅବସରପ୍ରାପ୍ତ ସଂସ୍କୃତି ନିର୍ଦ୍ଦେଶକ ପ୍ରଫେସର ମାନସରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ଫାଉଣ୍ଡେଶନର ସଭାପତି ଅଧ୍ୟାପକ ବସନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସମ୍ପାଦକ ଅଧିବକ୍ତା ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଡ. ପ୍ରତିଭା ରାୟଙ୍କୁ କୁମାର କବି ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। ଡ. ରାୟ କହିଥିଲେ, କୁମାର କବି ଥିଲେ ମା' ମାଟି ଓ ମଣିଷର ମହାକବି। ତାଙ୍କ ସମ୍ପର୍କରେ ବ୍ୟାପକ ଆଲୋଚନା, ଗବେଷଣା ସହିତ ତାଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ପ୍ରକାଶ ପାଇବା ଉଚିତ। ମୁଖ୍ୟ ଅତିଥି ପ୍ରଫେସର ମିଶ୍ର କୁମାର କବି ଙ୍କ ସମଗ୍ର ସାହିତ୍ୟସୃଷ୍ଟିକୁ କୁମାର କବି ଗ୍ରନ୍ଥାବଳୀ ଆକାରରେ ସାହିତ୍ୟ ଏକାଡେମୀ ପ୍ରକାଶ କରିବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ମଲ୍ଲିକ କହିଥିଲେ, ଭାରତୀୟ ସଂସ୍କୃତି, ଜଗନ୍ନାଥ ସଂସ୍କୃତି ଓ ଲୋକ ବୋଧଗମ୍ୟ ସାହିତ୍ୟ ସୃଷ୍ଟିରେ କୁମାର କବି ଥିଲେ ସକ୍ଷମ ଓ ସମର୍ଥ। ପ୍ରଫେସର ମାନସରଞ୍ଜନ ମହାପାତ୍ର ଜାତୀୟସ୍ତରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। କୁମାର କବି ଫାଉଣ୍ଡେସନ ଦ୍ୱାରା ପ୍ରକାଶିତ ପୁସ୍ତକ କବି କସ୍ତୁରୀ, ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଦ୍ୱାରା ରଚିତ ଅମୃତ ଉତ୍ତରଣ ଓ ତରୁଣ କବି ଦାମୋଦର ପରିଡ଼ାଙ୍କ ଋତୁ ସଂହାର ପୁସ୍ତକର ଲୋକାର୍ପଣ କରାଯାଇଥିଲା। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ସୁବାସ ଦାସଙ୍କ ଭଜନ ସିଡି ମୋ ଆଖିର ଲୁହ ବେଶି ଲୋକାର୍ପଣ ହୋଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ଉତ୍କଳ ନୃତ୍ୟରତ୍ନ, କଣ୍ଠଶିଳ୍ପୀ ଦିବାକର ମହାନ୍ତିଙ୍କୁ ଉତ୍କଳ ସଙ୍ଗୀତରତ୍ନ, ଇଂ ବେଣୁଧର ମିଶ୍ରଙ୍କୁ ଉତ୍କଳ ସଂସ୍କୃତିରତ୍ନ, କାନାଡ଼ା ବ୍ୟାଙ୍କର କେନ୍ଦ୍ରୀୟ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ଙ୍କୁ ଉତ୍କଳ ବାଣିଜ୍ୟ ରତ୍ନ, ପୁଷ୍ପଲତା ବେହେରାଙ୍କୁ ଉତ୍କଳ ଯୁବରତ୍ନ, ଗାୟକ ଲକ୍ଷ୍ମୀଧର ଦାଶଙ୍କୁ ଉତ୍କଳ ଗାୟକ ଶିରୋମଣି, ଲକ୍ଷ୍ମୀନାରାୟଣ ମେହେରଙ୍କୁ ବୟନକଳାରତ୍ନ, ପ୍ରକାଶଚନ୍ଦ୍ର ସାମଲଙ୍କୁ ସମରକଳା ରତ୍ନ ଏବଂ ମା' ଦୁଆରଶୁଣି ପାଇକ ଆଖଡ଼ା ସଂଘଙ୍କୁ ଉତ୍ତରାଷ୍ଟ୍ର ସମରକଳାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଦିବ୍ୟଜ୍ୟୋତି ପ୍ରଧାନ, ଶୁଭଶ୍ରୀ ପ୍ରଧାନ ଏବଂ ସମ୍ପୂର୍ଣ୍ଣା ଜେନାଙ୍କୁ କୁମାର କବି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। କିଡ୍ସ ପବ୍ଲିକ୍ ସ୍କୁଲ ଓ ଦୁହିତା ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସହୋଗ କରିଥିଲେ। ପୂର୍ବାହ୍ନରେ ସାହିତ୍ୟିକ ବିପିନ ବିହାରୀଙ୍କ ସଂଯୋଜନାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ହରେକୃଷ୍ଣ ଶତପଥୀ, ସାହିତ୍ୟିକ ବଦ୍ରି ମିଶ୍ର, କୈଳାସ ଚନ୍ଦ୍ର ଟିକାୟତରାୟ, ବାସନ୍ତୀ ଦେବୀ, ରକ୍ଷକ ନାୟକ, ହରପ୍ରିୟା ସାହୁ, ଉମାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ୪୦ଜଣ କବିଙ୍କୁ ଫାଉଣ୍ଡେସନ ତରଫରୁ ଶ୍ରୀକ୍ଷେତ୍ର କବି ସମ୍ମାନରେ ସମ୍ମାନିତ କରାଇଥିଲା। ସାହିତ୍ୟିକ ସୁନୀଲ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ସୁଶାନ୍ତ କୁମାର ପ୍ରଧାନ, ଆଲୋକ କୁମାର ପ୍ରଧାନ, ପ୍ରଜ୍ଞା ପଟ୍ଟନାୟକ, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି ଓ ଜ୍ଞାନାନନ୍ଦ ସାଗର ସଂଚାଳନା କରିଥିଲେ।

## ସଂକ୍ଷେପରେ

### ଖନନ ସମୟରେ ଡ୍ରେଜର ଜଳିଗଲା

କଣାସ,୨୫।୯(ସ୍ୱ.ପ୍ର.)- କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଶଯ୍ୟା ପୋତି ହୋଇପଡିଥିଲା। ଏଥିନେଇ ରାଜ୍ୟ ସରକାର ଡ୍ରେଜର ମେଶିନ୍ ସାହାଯ୍ୟରେ ନଦୀ ଖନନ କାର୍ଯ୍ୟ କିଛିଦିନ ଆରମ୍ଭ କରିଛନ୍ତି। ରବିବାର ଅପରାହ୍ନରେ ନଦୀ ଖନନ କାର୍ଯ୍ୟ ଚାଲିଥିବା ସମୟରେ ହଠାତ୍ ଡ୍ରେଜରରେ ନିଆଁ ଲାଗିଯାଇଥିଲା। ଖବରପାଇ କଣାସରୁ ୨ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଚେଷ୍ଟା ପରେ ନିଆଁ ଲିଭାଇଥିଲେ। ଡ୍ରେଜରର ଅଧିକାଂଶ ଅଂଶ ପୋଡିଯାଇଥିବାବେଳେ ସେଥିରେ କିପରି ନିଆଁ ଲାଗିଲା ତାହାର କାରଣ ଜଣାପଡିନାହିଁ।

### ଶିକ୍ଷା ଅଧିକାରୀଙ୍କ ୫-ଟି ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ

ବଲଙ୍ଗା, ୨୫।୯(ଡି.ଏନ୍.ଏ.)- ବିଦ୍ୟାଳୟ ରୂପାନ୍ତରଣ ଯୋଜନାରେ ସାମିଲ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ପରିଦର୍ଶନ କରି ଶନିବାର ସ୍ଥିତି ସମୀକ୍ଷା କରିଛନ୍ତି। ଶିକ୍ଷକଙ୍କ ଅନୁପସ୍ଥିତିରେ ଛାତ୍ରୀଛାତ୍ର ବିଶୃଙ୍ଖଳିତ, ଇ-ପାଠାଗାର ବନ୍ଦ, ଇ- କାର୍ଯ୍ୟସୂଚୀ ଅନୁଯାୟୀ ଶିକ୍ଷାଦାନ ହେଉ ନ ଥିବା, ସ୍ୱଚ୍ଛତା ପ୍ରଭୃତି ୫-ଟି ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଗୁରୁତର କାର୍ଯ୍ୟ ନିର୍ବାହ ଅବହେଳା ଆଧାରରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ସହକାରୀ ଶିକ୍ଷା ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରେ ନୋଟିସ ଜାରି କରାଯାଇଥିବା ପ୍ରକାଶ କରିଛନ୍ତି।

### ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଚାରାରୋପଣ

ପୁରୀ ଅଫିସ, ୨୫।୯:- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉପଲକ୍ଷେ ରବିବାର ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତାଳବଣିଆର ଭୂଦାନ ଖେଳପଡ଼ିଆ ନିକଟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ୍ବ, ପଣସ, ନଡ଼ିଆ, ପିଜୁଳି ଏବଂ ସଜନା ଇତ୍ୟାଦି ବିଭିନ୍ନ ପ୍ରକାରର ୧୦୦ ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ପୁରୀ ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ଜିଲା ସ୍କୁଲ୍ ଆଥଲେଟିକ୍ସ ଗୁରୁ ଜୟନ୍ତ କୁମାର ବେହେରା ଓ ବିକ୍ରମ ରୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବକ ସାମିଲ ହୋଇଥିଲେ। ଭାଜପା ଶରଧାବାଲି ସଭାପତି ସଞ୍ଜୀବ ମୁଖାର୍ଜୀ, ଜିଲା ଭାଜପା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଉପସଭାପତି ଦିଗ୍‌ଦର୍ଶନ ପଟ୍ଟନାୟକ, ଅନିତା ପଟ୍ଟନାୟକ, ସଂଗ୍ରାମ କାନୁନଗୋ, ସୌମ୍ୟ ଲେଙ୍କା, ଚିତ୍ତ ବିଶ୍ୱାଳ, ଭାସ୍କର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜସେବାରେ ଯୁବପିଢ଼ି ସାମିଲ ହେବାକୁ ଆହ୍ୱାନ

ପୁରୀ ଅଫିସ, ୨୫।୯

### ତ୍ରିରଙ୍ଗା ସମ୍ମାନ ସମାରୋହ

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ 'ଜୟହିନ୍ଦ୍ ଭାରତ ଓଡ଼ିଶା ପରିବାର' ପକ୍ଷରୁ ଚକ୍ରତୀର୍ଥ ରୋଡ଼ସ୍ଥିତ ପୁରୀ ଜିଲା ସଂସ୍କୃତି ଭବନରେ ରବିବାର ତ୍ରିରଙ୍ଗା ସମ୍ମାନ ସମାରୋହ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଓଡ଼ିଶା ଖୋଖୋ ସଂଘ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ନେତା ଭବାନୀ ଦାସମହାପାତ୍ର, ମଧୁସୂଦନ ସିଂହାରୀ, ଜିଲା ଭାଜପା ସଭାନେତ୍ରୀ ଜ୍ୟୋତି ମହାପାତ୍ର ଏବଂ ସାମାଜିକ କର୍ମୀ ସୂର୍ଯ୍ୟ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜସେବାରେ ଯୁବତୀଯୁବକମାନେ ସାମିଲ ହୋଇ ସମାଜର ଉନ୍ନତିରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରବି ଦାସ, ଉମାକାନ୍ତ ନାୟକ, ପରେଶ ମିଶ୍ର, ଶକ୍ତି ପ୍ରସାଦ ନାୟକ, ରିଜିୱାନ ମହମ୍ମଦ, ମହେନ୍ଦ୍ର ମହାପାତ୍ର, ରଙ୍କନିଧି ସାସମଲ, ଦୀନବନ୍ଧୁ ମାଛୁଆ, ବିରଞ୍ଚି ନାରାୟଣ ପାଇକରାୟ, ହରପ୍ରସାଦ ସାବତ, ବଟକୃଷ୍ଣ ପୁଷ୍ପାଳକ ଏବଂ ଦୀପକ କୁମାର ସ୍ୱାଇଁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ରଥଶର୍ମା ପରିଚାଳନା କରିଥିଲେ।




'ଜୟହିନ୍ଦ୍ ଭାରତ ଓଡ଼ିଶା ପରିବାର' ପକ୍ଷରୁ ଜିଲା ସଂସ୍କୃତି ଭବନରେ ରବିବାର ତ୍ରିରଙ୍ଗା ସମ୍ମାନ ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ନିମାପଡ଼ା/କଣାସ, ୨୫।୯(ଡି.ଏନ୍.ଏ./ସ୍ୱ.ପ୍ର.)

ନିମାପଡ଼ା ଭାଜପା ପକ୍ଷରୁ ଭାଜପା ପ୍ରତିଷ୍ଠାତା ସଭାପତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଓ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦଳୀୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦଳ କାର୍ଯ୍ୟକାରିଣୀ ସଦସ୍ୟ, ବରିଷ୍ଠ ନେତା ଦିଲ୍ଲୀପ ନାୟକ, ଦିଲ୍ଲୀପ ପାତ୍ର, ମାନସ ପ୍ରଧାନ, ଜାନକୀ ନାଥ ଜେନା, ନିରଞ୍ଜନ ନାୟକ, ସନ୍ତୋଷ ପରିଡା, ମୀନଲତା ମହାନ୍ତି, ଝିଲିଲତା ଦାସ, ଦିଲ୍ଲୀପ ପରିଡା ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ଉପାଧ୍ୟାୟଙ୍କ ବିଚାରଧାରାରେ ବିଶ୍ୱାସ ରଖୁଥିବା ଭାରତୀୟ ଜନତା ପାର୍ଟି 'ରାଷ୍ଟ୍ର ସର୍ବୋପରି' ଭାବନାରେ କାର୍ଯ୍ୟ କରେ। ପାର୍ଟିର ଆଦର୍ଶ ଓ ଆମର ମୂଳ ଦର୍ଶନ 'ଏକାତ୍ମ ମାନବବାଦ'ର ପ୍ରଣେତା ଦୀନଦୟାଲ ଉପାଧ୍ୟାୟଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବର୍ତ୍ତମାନର ଯୁବ ଗୋଷ୍ଠୀ ଦଳକୁ ସଶକ୍ତ କରିବାକୁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାରୋହରେ ଦଳର ସମସ୍ତ ମଣ୍ଡଳର କାର୍ଯ୍ୟକର୍ତ୍ତା, ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସେହିପରି କଣାସ ବ୍ଲକ ଅନ୍ତର୍ଗତ ବକୁସ୍ଥିତ ମହାବୀର ଦେବଙ୍କ ପୀଠରେ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ଓ ପ୍ରୟାସର ମିଳିତ ଆନୁକୂଲ୍ୟରେ ସକାଳେ ଯୋଗ, ପ୍ରାଣାୟାମ, ସ୍ୱଚ୍ଛତା ଅଭିଯାନ ଦିନଦୟାଲ ଉପାଧ୍ୟାୟ ପ୍ରଣିତ ଅନ୍ତୋଦୟ ସମୟର ଆହ୍ୱାନ ବିଚାରସଭା ଏବଂ ମଦ ବିରୋଧୀ ଅଭିଯାନ ଆୟୋଜିତ ହୋଇଥିଲା। ସଂସଦ ସଭାପତି କୃଷ୍ଣଚନ୍ଦ୍ର ଜଗଦେବଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ମହିଳା, ଯୁବକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଯୋଗଦେଇ ନିଶା ନିବାରଣ ପାଇଁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ୍ ବଡ଼ଜେନା, ବିଷ୍ଣୁଜୟ ମତଗଜସିଂ, ଆଦିକନ୍ଦ ଶ୍ରୀଚନ୍ଦନ, ରାମଚନ୍ଦ୍ର ପରିଡା, ନିମାଇଁ ଚରଣ ହରିଚନ୍ଦନ, କିଶୋର ମାର୍ଥା, ବିଶ୍ୱଜିତ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାଉନ ସୁଗାର ଜବତ, ଯୁବକ ଗିରଫ

ପୁରୀ ଅଫିସ, ୨୫।୯:

ବଳିଆପଣ୍ଡା ଥାନା ଅଞ୍ଚଳରେ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ରବିବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ମଙ୍ଗଳା ସାହିର ସନାତନ ଜେନା (୩୨)। ପୋଲିସ ତାଙ୍କ ନିକଟରୁ ୯ ଗ୍ରାମ ବ୍ରାଉନ ସୁଗାର ସହ ୪୦୦ ଟଙ୍କା ଜବତ କରିଛି। ଏନେଇ ଏକ କେସ୍ (ନଂ. ୧୨୩ /୨୨) ରୁଜୁ କରାଯାଇଛି।

# ନାରାୟଣୀ ମନ୍ଦିରକୁ ବିଜେ କଲେ ଦୁର୍ଗାମାଧବ

ପୁରୀ ଅଫିସ, ୨୫।୯:

### ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା

ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରରେ ମା' ବିମଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବା ସହ ଦୁର୍ଗାମାଧବ ଉପାସନା ଚାଲିଛି। ରବିବାରଠାରୁ ଶ୍ରୀକ୍ଷେତ୍ରରେ 'ଗୁପ୍ତ ଗୁଣ୍ଡିଚା' ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନାର ପ୍ରତୀକ ସ୍ୱରୂପ ଶ୍ରୀଜଗନ୍ନାଥ ମା' ମହାଲକ୍ଷ୍ମୀ ସ୍ୱରୂପା ମା' ଦୁର୍ଗାଙ୍କୁ ନେଇ ନାରାୟଣୀ ମନ୍ଦିରକୁ ବିଜେ କରିଥିଲେ। ଏହାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଆଶ୍ୱିନ ମାସରେ ଷୋଳପୂଜା ସମୟରେ ପ୍ରଥମ ୮ଦିନ ଦୁର୍ଗାମାଧବ ବିମଳାଙ୍କ ମନ୍ଦିର ଜଗମୋହନରେ ଏବଂ ଶେଷ ୮ଦିନ ଅର୍ଥାତ ନବମୀ ତିଥି ପର୍ଯ୍ୟନ୍ତ ନାରାୟଣୀ ମନ୍ଦିରରେ ପୂଜା ପାଇଥାନ୍ତି। ଶାରଦୀୟ ଦୁର୍ଗାପୂଜା ଅବସରରେ ଗଇଁଠାଳ ପଡ଼ି ଦୁର୍ଗାମାଧବ ଓ ମା' ଦୁର୍ଗା ଏକତ୍ର ପୂଜା ପାଇବା ଏହି ମନ୍ଦିର ଭିନ୍ନ ଅନ୍ୟ କେଉଁଠାରେ ଦେଖିବାକୁ ମିଳେ ନାହିଁ। ସେଥିପାଇଁ ଏହା ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା ଭାବେ ଅଭିହିତ।

ପରମ୍ପରା ଅନୁଯାୟୀ ରବିବାର ଶ୍ରୀମନ୍ଦିରରେ ସକାଳ ଧୂପ ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ଦୁର୍ଗାମାଧବ ବିମାନକୁ ବିଜେ ହୋଇଥିଲେ। ପରେ ଘଣ୍ଟ ଛତା କାହାଳି ସହ ନାରାୟଣ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ରୁପା ପିଙ୍ଗଳରେ କର୍ପୂର ଜଳ ଲାଗି ଓ ଶୀତଳ ଭୋଗ ମଣୋହି କରାଯାଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ର ଚନ୍ଦନଲାଗି ସମ୍ପନ୍ନ ହେବା ପରେ ପାଲିଙ୍କିରେ ଦୁର୍ଗାମାଧବ ବାହୁଡ଼ା ବିଜେ କରିଥିଲେ। ଲୋକକଥା ଅନୁଯାୟୀ, ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରଥାରୁଢ଼ ହୋଇ ଗୁଣ୍ଡିଚା ଯାତ୍ରା କରିଥାନ୍ତି। ଏହି ସମୟରେ ମହାଲକ୍ଷ୍ମୀଙ୍କୁ ସାଥିରେ ନେଇ ନ ଥାନ୍ତି। ରାଗ ଜର୍ଜରିତ ମହାଲକ୍ଷ୍ମୀ ହେରାପଞ୍ଚମୀରେ ନନ୍ଦିଘୋଷ ରଥ ଭାଙ୍ଗିବା ସହ ମହାପ୍ରଭୁଙ୍କ ଉପରେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ପ୍ରବେଶ ବେଳେ ମହାଲକ୍ଷ୍ମୀ ରୋଷ କରିଥାନ୍ତି। ମହାଲକ୍ଷ୍ମୀଙ୍କୁ ଶାରଦୀୟ ପୂଜାରେ ନିଜ ସହ ନେବାକୁ ମହାପ୍ରଭୁ ସେତେବେଳେ ପ୍ରତିଶ୍ରୁତି ଦିଅନ୍ତି। ପରେ ମହାପ୍ରଭୁ ସେହି ପ୍ରତିଶ୍ରୁତି କରିଥାନ୍ତି।



ଦୁର୍ଗାମାଧବଙ୍କୁ ନାରାୟଣୀ ମନ୍ଦିରକୁ ବିଜେ କରାଯାଉଛି।

# ସଚେତନତା କାର୍ଯ୍ୟକ୍ରମ, ବକ୍ତୃତା ପ୍ରତିଯୋଗିତା

ପୁରୀ ଅଫିସ, ୨୫।୯:

ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ ତରଫରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ସମାଜରେ ଫାର୍ମାସିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା, କରୋନା ମହାମାରୀ ଓ ବିଭିନ୍ନ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଉକ୍ତ ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିରଠାରୁ ବାହାରି ବଳଗଣ୍ଡି ଛକ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଅତିଥିଭାବେ ଚକ୍ଷୁ ବିଶେଷଜ୍ଞ ଡା. ବରେନ୍ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏପିଟିଆଇର ପୂର୍ବାଞ୍ଚଳ ଉପସଭାପତି ମିହିର ରଞ୍ଜନ କର ଏବଂ କଲେଜର ଚେୟାରମ୍ୟାନ ଅନିମା ଦାସ ପ୍ରମୁଖ ଯୋଗଦେଇଥିଲେ। କଲେଜର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। 'ଏକ ସୁସ୍ଥ ବିଶ୍ୱ ଗଠନ କାର୍ଯ୍ୟରେ ଫାର୍ମାସିଷ୍ଟ ଏକଜୁଟ ହେବା ଆବଶ୍ୟକ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଏବଂ ବାଲିଗୁଆଳିସ୍ଥିତ ବାଲିପାଟଣା ସ୍କୁଲରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ, ଅଧ୍ୟାପକ ଡ. ନିକୁଞ୍ଜ କିଶୋର ମିଶ୍ର, ଡ. ଚିନ୍ମୟ କେଶରୀ ସାହୁ, ସହକାରୀ ଅଧ୍ୟାପକ ଭକ୍ତବନ୍ଧୁ ଜେନା, ଅସିତ୍ କୁମାର ଷଡଙ୍ଗୀ, ଅନୁ କୁମାର ପାତ୍ର ଓ କର୍ମଚାରୀ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବନଦୁର୍ଗା ବେଶରେ ମା' ରାମଚଣ୍ଡୀ

କୋଣାର୍କ,୨୫।୯(ଡି.ଏନ୍.ଏ.)

ଶାରଦୀୟ ପାର୍ବଣରେ ଷୋଡ଼ଶ ଉପଚାର ଅବସରରେ କୋଣାର୍କ ନିକଟ ମା' ରାମଚଣ୍ଡୀ ପୀଠ ଚଳଚଞ୍ଚଳ ହୋଇଉଠିଛି। ମୂଳାଷ୍ଟମୀଠାରୁ ପ୍ରତ୍ୟେକ ଦେବୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥାଏ। ଏହି ସମୟରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥାଏ। ଶାରଦୀୟ ଦୁର୍ଗା ପୂଜା ସମୟରେ ୧୬ ଦିନ ଧରି ଏହି ସ୍ୱତନ୍ତ୍ର ପୂଜା ଶକ୍ତିପୀଠଗୁଡ଼ିକରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ଷୋଳପୂଜା ତଥା ଷୋଡ଼ଶ ଉପଚାର ପୂଜା କୁହାଯାଏ। ଏହି ପୂଜା ଅବସରରେ ମା' ରାମଚଣ୍ଡୀ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ। ମୂଳାଷ୍ଟମୀ ଅବସରରେ ମା'ଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜା ପାରମ୍ପରିକ ରୀତିରେ ଆରମ୍ଭ ହୋଇ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଚାଲେ।



ପୁରାଣମତ ଅନୁଯାୟୀ, ପ୍ରଭୁ ରାମଚନ୍ଦ୍ର ଲଙ୍କା ଯିବା ବାଟରେ କୋଣାର୍କ ବେଳାଭୂମି

### ମୁଖ୍ୟ ଆକର୍ଷଣ ମାଛ ବେସର, ମାଛ ପୋଡାବଳି

ପାର୍ଶ୍ୱରେ ଥିବା କୁଶଭଦ୍ରା ନଦୀ ମୁହାଣର ଝାମୁ ଜଙ୍ଗଲରେ ଚଣ୍ଡୀ ପୂଜା କରିଥିଲେ। ସେହିଦିନରୁ ମା' ରାମଚଣ୍ଡୀ ଦେବୀ ସେଠାରେ ପୂଜା ପାଉଛନ୍ତି। ଷୋଳପୂଜାରେ ମା'ଙ୍କ ଭୋର ୪ରୁ ମଙ୍ଗଳ ଆଳତି, ସ୍ନାନ, ସୂର୍ଯ୍ୟ ପୂଜା, ଖେଚୁଡ଼ି ଭୋଗ, ଦି' ପ୍ରହର ଭୋଗ ଅନୁଷ୍ଠିତ ହୋଇଥିଲା। ଏହାପରେ ମା' ବନଦୁର୍ଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପରେ ସନ୍ଧ୍ୟା ଆଳତି, ସ୍ନାନ କାର୍ଯ୍ୟ ଶେଷ କରାଯାଇ ଚଣ୍ଡୀପାଠ କରାଯାଇଥିଲା। ମାଛ ବେସର ଓ ମାଛ ପୋଡାବଳି ମା'ଙ୍କ ନିକଟରେ ଭୋଗ ଲାଗି କରାଯିବା ଏଠାର ମୁଖ୍ୟ ଆକର୍ଷଣ ବୋଲି ମନ୍ଦିର ପୂଜକ ପ୍ରକାଶ ଚନ୍ଦ୍ର ପଣ୍ଡା କହିଛନ୍ତି।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ

ଗୋପ,୨୫।୯(ଡି.ଏନ୍.ଏ.):

### ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା

- ସମ୍ପୃକ୍ତି ଅଭିଯୋଗ ଆଣି ଦାବି କଲେ ଭାଜପା, କଂଗ୍ରେସ
- ଥାନା ଆଗରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଝୁଲନ୍ତା ମୃତଦେହ ଶନିବାର ଜବତ ହୋଇଥିଲା। ତେବେ ଏହି ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଏହି ଘଟଣାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମ୍ପୃକ୍ତି ଥିବା ନେଇ ରବିବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୋପ ଥାନାରେ ଅଭିଯୋଗ କରାଯାଇଛି। ଭାଜପା ପକ୍ଷରୁ ଥାନା ସମ୍ମୁଖରେ ମନ୍ତ୍ରୀ ଦାଶଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି ହୋଇଛି। ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଯୁବନେତା ଦିଲୀପ କୁମାର ନାୟକଙ୍କ ନେତୃତ୍ୱରେ ୫୦ଜଣ ଭାଜପା କର୍ମୀ ଏକ ଶୋଭାଯାତ୍ରାରେ ଗୋପ ବଜାର ଛକରୁ ବାହାରି ଥାନା ସମ୍ମୁଖରେ ପହଞ୍ଚିଥିଲେ। ଏହି ଅବସରରେ ଗୋପ ଭାଜପା ମଣ୍ଡଳ ସଭାପତି ରାଜକିଶୋର ନାୟକ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପୋଲିସ ଏହାକୁ ଏକ ଡାଏରି କରିଥିବା ବେଳେ ଏହି ଘଟଣା ଘଟିଥିବା ସ୍ଥାନରେ ସ୍ଥାନୀୟ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ପ୍ରଧାନ କହିଥିଲେ। ସେହିପରି ଗୋପ କଂଗ୍ରେସ ପକ୍ଷରୁ ଅନୁରୂପଭାବେ ଅଭିଯୋଗପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଚାଲିଥିବାରୁ କୌଣସି ମତାମତ ଦେବାକୁ ମନା କରିବା ସହ ଖୁବ୍‌ଶୀଘ୍ର ସତ୍ୟତା ଜଣାପଡ଼ିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୋପ ଥାନାରେ ଅଭିଯୋଗ ପତ୍ର ଦିଆଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୬ ସେପ୍ଟେମ୍ବର, ୨୦୨୨

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

